NITIDIN
# ନିତିଦିନ

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 | 8 PAGES ● | ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

TUESDAY
23 JUNE 2026

ମଙ୍ଗଳବାର
୨୩ ଜୁନ୍ ୨୦୨୬

NEW AGE MEDIA & PUBLICATIONS PVT. LTD. | PRINTED AT BHUBANESWAR | VOLUME 12 ● ISSUE 23 | BHUBANESWAR I BERHAMPUR I SAMBALPUR I BALASORE I JAJPUR | ବର୍ଷ ୧୨ ● ସଂଖ୍ୟା ୨୩ | ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର


ତାମିଲନାଡୁ ଗ୍ୟାସ୍ ଟ୍ରାଜେଡି

## ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ସଂଖ୍ୟା ୫କୁ ବୃଦ୍ଧି

### ମୁଖ୍ୟମନ୍ତ୍ରୀଙ୍କ ଶୋକପ୍ରକାଶ, ସିଏମ୍‌ଆରଏଫ୍‌ରୁ ୪ ଲକ୍ଷ ଲେଖାଏଁ ସହାୟତା

**ଭୁବନେଶ୍ୱର,୨୨।୬/ଏନ୍‌ଏନ୍‌ଏସ୍:**

ପରିବାର ପୋଷିବାକୁ କେନ୍ଦୁଝର ତେଲକୋଇରୁ ଧାଇଁ ଯାଇଥିଲେ ତାମିଲନାଡୁ। ଚିଙ୍ଗୁଡି ଫ୍ୟାକ୍ଟ୍ରିରେ କାମ କରୁଥିଲେ। ହେଲେ ଆମୋନିଆ ଗ୍ୟାସ୍ ଲିକ୍ ହୋଇ ଚାଲିଯାଇଛି ୫ ଓଡ଼ିଆଙ୍କ ଜୀବନ। ତାମିଲନାଡୁ ତିରିଭଲ୍ଲୁର ଜିଲ୍ଲା ପେରିୟାପାଲିଆମର ସିଫୁଡ୍ ଫ୍ୟାକ୍ଟ୍ରିରେ ଶ୍ରମିକମାନେ କାମ କରୁଥିବା ବେଳେ ହଠାତ୍ ପ୍ଲାଣ୍ଟରୁ ଲିକ୍ ହୋଇଥିଲା ଆମୋନିଆ ଗ୍ୟାସ୍। ଚାହୁଁ ଚାହୁଁ ପୂରା ପରିବେଶ ହୋଇଯାଇଥିଲା ଧୂଆଁମୟ। ଆଉ ତାରି ଭିତରେ ଛଟପଟ ହେଉଥିଲେ ଶ୍ରମିକ। ପରେ ନିଶ୍ୱାସ ନେଇ ନପାରି ସେଠାରେ ହିଁ ଚେତା ହରାଇଥିଲେ। ସ୍ଥାନୀୟ ପ୍ରଶାସନ ଓ ଉଦ୍ଧାରକାରୀ ଦଳ ତୁରନ୍ତ ଉଦ୍ଧାର କରି ମେଡିକାଲ୍ ନେଇଥିଲେ ବି ଏଯାଏଁ ଆଖି ବୁଜି ସାରିଲେଣି ୭ ଜଣ। ଆହୁରି ୬୦ରୁ ଅଧିକ ବଞ୍ଚିବାକୁ ସଂଘର୍ଷ କରୁଛନ୍ତି। ବଡ଼ କଥା ହେଉଛି ଯେ, ଗ୍ୟାସ ଟ୍ରାଜେଡିରେ ମୃତକଙ୍କ ଭିତରେ ଅଛନ୍ତି ୫ ଓଡ଼ିଆ। ଜିମାଣି ଜୁଆଙ୍ଗ, ଗୀତା ଜୁଆଙ୍ଗ, ଭୂମିଆ ଜୁଆଙ୍ଗ, ଶିବାନୀ ଜୁଆଙ୍ଗ ଏବଂ ଫୁଲମଣି ଜୁଆଙ୍ଗ। ସମସ୍ତଙ୍କ ଘର କେନ୍ଦୁଝର ଜିଲ୍ଲାରେ।

ଗ୍ୟାସ୍ ଟ୍ରାଜେଡିରେ ୫ ଜଣ ଓଡ଼ିଆ ଶ୍ରମିକ ପ୍ରାଣ ହରାଇଥିବା ଓଡ଼ିଶାର ଶ୍ରମ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ସୂଚନା ଦେଇଛନ୍ତି। ମୃତାହତଙ୍କୁ ଓଡ଼ିଶା ଆଣିବା ପାଇଁ ବ୍ୟବସ୍ଥା କରାଯାଉଛି। ସେହିପରି ଆହତଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇ ଦିଆଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଏକ ୩ ଜଣିଆ ଟିମ୍ ତାମିଲନାଡୁ ଗସ୍ତ କରି ଥିବା ମଧ୍ୟ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ

▶▶ ୫



ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି

## ବଢ଼ିଲା ଆଇନଜୀବୀଙ୍କ ସହାୟତା ରାଶି

### ଅବସର ଓ ଦେହାନ୍ତ କ୍ଷେତ୍ରରେ ସହାୟତା ରାଶିରେ ୪୦ ପ୍ରତିଶତ ବୃଦ୍ଧି

**ଭୁବନେଶ୍ୱର,୨୨।୬/ଏନ୍‌ଏନ୍‌ଏସ୍:**

ରାଜ୍ୟରେ କାର୍ଯ୍ୟରତ ଆଇନଜୀବୀମାନଙ୍କ ସହାୟତା ପାଇଁ ଥିବା ରାଜ୍ୟ କଲ୍ୟାଣ ପାଣ୍ଠିରୁ ଆଇନଜୀବୀମାନଙ୍କୁ ଅବସର କିମ୍ବା ଦେହାନ୍ତ କ୍ଷେତ୍ରରେ ତାଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଇନଜୀବୀ ମାନଙ୍କ ପାଇଁ ଏହି ସହାୟତା ରାଶିର ପରିମାଣ ୪୦ ପ୍ରତିଶତ ବୃଦ୍ଧି କରିଛନ୍ତି। ଏହାଦ୍ୱାରା ରାଜ୍ୟର ବିଭିନ୍ନ କୋର୍ଟରେ କାର୍ଯ୍ୟରତ ହଜାର ହଜାର ଆଇନଜୀବୀ ଉପକୃତ ହୋଇପାରିବେ।

ସୂଚନାଯୋଗ୍ୟ ଯେ, ଶେଷଥର ପାଇଁ ଆଇନଜୀବୀମାନଙ୍କର ଏହି ସହାୟତା ରାଶି ୨୦୨୧ ମସିହାରେ ବୃଦ୍ଧି ପାଇଥିଲା। ଏହି ସହାୟତା ରାଶି ବୃଦ୍ଧିଦ୍ୱାରା ୫ ବର୍ଷ ବା ଏଥିରୁ କମ୍ ସମୟ ପାଇଁ କାର୍ଯ୍ୟରତ ଆଇନଜୀବୀମାନଙ୍କୁ କେବଳ ଦେହାନ୍ତ କ୍ଷେତ୍ରରେ ପରିବାରର ନିକଟତମ ଆତ୍ମୀୟଙ୍କୁ ୧,୦୫,୦୦୦ ଟଙ୍କା ସହାୟତା ଦିଆଯିବ। ଏହାପରେ ପ୍ରତ୍ୟେକ ଅଧିକ ବର୍ଷର ଅଭିଜ୍ଞତା ପାଇଁ ସହାୟତା ରାଶି ପରିମାଣ ବୃଦ୍ଧି ପାଇବ। ଅବସର ଓ ଦେହାନ୍ତ କ୍ଷେତ୍ରରେ ଏହି ସହାୟତା ମିଳିବ। ୩୦ ବର୍ଷ କାର୍ଯ୍ୟରତ ଥିଲେ, ଅବସର କ୍ଷେତ୍ରରେ ସମ୍ପୃକ୍ତ ଆଇନଜୀବୀଙ୍କୁ କିମ୍ବା ଦେହାନ୍ତ କ୍ଷେତ୍ରରେ ତାଙ୍କ ପରିବାରର ନିକଟତମ ଆତ୍ମୀୟଙ୍କୁ ୬,୩୦,୦୦୦ ଟଙ୍କା ସହାୟତା ପ୍ରଦାନ କରାଯିବ। ଏହା ସର୍ବାଧିକ ସହାୟତା ପରିମାଣ ବୋଲି ଜଣାଯାଇଛି।

## ଭୟାବହ ଅଗ୍ନିକାଣ୍ଡ

# ୧୫ ମୃତ



**ଲକ୍ଷ୍ନୌ,୨୨।୬/ଏଜେନ୍ସି:**

ଉତ୍ତରପ୍ରଦେଶର ରାଜଧାନୀ ଲକ୍ଷ୍ନୌରେ ସୋମବାର ଅପରାହ୍ନ ୨:୧୫ ସମୟରେ ଏକ ବିଲ୍ଡିଂରେ ଭୟାବହ ଅଗ୍ନିକାଣ୍ଡ ଘଟିଥିବା ସମ୍ପର୍କରେ ସୂଚନା ମିଳିଛି। ଅନ୍ୟପକ୍ଷେ ଏହି ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୧୫ ଜଣଙ୍କର ମୃତ୍ୟୁ ହୋଇସାରିଥିବା ବେଳେ ଅନେକ ଆହତ ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଆହତଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ଆଗକୁ ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ମୃତକଙ୍କ ମଧ୍ୟରେ ମଧ୍ୟରେ ୩ଜଣ ମହିଳା ଏବଂ ୧୨ ଜଣ (ଅଧିକାଂଶ ଛାତ୍ରଛାତ୍ରୀ) ପୁରୁଷ ଅଛନ୍ତି। ସର୍ଟ ସର୍କିଟ୍ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ସୂଚନାରେ କୁହାଯାଉଥିବା ବେଳେ ଘଟଣାର ତଦନ୍ତ ନିର୍ଦ୍ଦେଶ ରାଜ୍ୟ ସରକାର ଦେଇଛନ୍ତି।

ଲକ୍ଷ୍ନୌର ଉତ୍ତର-ପଶ୍ଚିମ ଭାଗ ଅଲିଗଞ୍ଜର ପୁରନିଆ ଭଳି ଏକ ବ୍ୟବସାୟିକ ଅଞ୍ଚଳରେ ଥିବା ଏହି କୋଚିଂ ସେଣ୍ଟରରେ ସୋମବାର ଏହି ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡ ପରେ କୋଠା ଧୂଆଁରେ ପରିପୂର୍ଣ୍ଣ ହୋଇଯାଇଥିଲା, ଫଳରେ ଭିତରେ ଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦଳାଚକଟା ହୋଇଥିଲା। ଅନେକ ଛାତ୍ରଛାତ୍ରୀ ନିଜ ଜୀବନ ବଞ୍ଚାଇବା ପାଇଁ ପ୍ରଥମ ମହଲାରୁ ଡେଇଁ ପଡ଼ି ଆହତ ମଧ୍ୟ ହୋଇଛନ୍ତି। ସେହିପରି ଆଉ କିଛି ଛାତ୍ରଛାତ୍ରୀ ଜୀବନ ବିକଳରେ ନିଜକୁ ବଞ୍ଚାଇବା ପାଇଁ ବାଥ୍‌ରୁମ୍‌ରେ ନିଜକୁ ବନ୍ଦ କରିନେଇଥିଲେ। ଅଗ୍ନିକାଣ୍ଡ ସମ୍ପର୍କରେ ଅଗ୍ନିଶମ ବିଭାଗକୁ ସୂଚନା ମିଳିବା ପରେ ତୁରନ୍ତ ନିଆଁଲିଭା କାର୍ଯ୍ୟ ସାଙ୍ଗକୁ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ଜିଲ୍ଲା ମାଜିଷ୍ଟ୍ରେଟ ଏବଂ ପ୍ରଶାସନିକ ଦଳ, ପୁଲିସ ସହିତ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି। ରିପୋର୍ଟ ଲେଖାହେବା ବେଳକୁ ମଧ୍ୟ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ପାଖ ଘରର ଛାତରୁ କୋଚିଂ ସେଣ୍ଟରର କାନ୍ଥ କାଟି ଉଦ୍ଧାର କାର୍ଯ୍ୟ ଚାଲିଛି। ଏପର୍ଯ୍ୟନ୍ତ ୧୦ ଜଣଙ୍କୁ ଉଦ୍ଧାର କରାଯାଇ ଟ୍ରମା ସେଣ୍ଟରକୁ ପଠାଯାଇଛି।

ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ ଉଦ୍ଧାର କାର୍ଯ୍ୟର ତଦାରଖ କରିବା ପାଇଁ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଘଟଣାକୁ ନେଇ ସେ ଗଭୀର ଦୁଃଖ ପ୍ରକାଶ କରିବା ସହ କହିଛନ୍ତି ଯେ, ନିଆଁ ଲାଗିଥିବା ଏହି ବିଲ୍ଡିଂରେ ବେସ୍‌ମେଣ୍ଟ ବା ଗ୍ରାଉଣ୍ଡଫ୍ଲୋର ଏବଂ ପ୍ରଥମ ମହଲାରେ ଏକ ପୋଷା ଜୀବଜନ୍ତୁଙ୍କ ଦୋକାନ ତଥା କ୍ଲିନିକ୍ ରହିଛି। ସେହିପରି ଦ୍ୱିତୀୟ ମହଲାରେ ଲର୍ଣ୍ଣ ସ୍ପେସ୍' ନାମକ ଏକ ଲାଇବ୍ରେରୀ (କୋଚିଂ ସେଣ୍ଟର) ଏବଂ 'ହେଡ୍ ହପର୍ ଷ୍ଟୁଡିଓ' ଚାଲୁଥିଲା, ଯେଉଁଠାରେ ୩ଡି ଆର୍ଟ ପ୍ରଡକ୍ସନ ଏବଂ ଗେମ୍ ଆସେଟ୍ ଆଉଟସୋର୍ସିଂର କାମ କରାଯାଉଥିଲା। ସେହିପରି ଏହି ବିଲ୍ଡିଂରେ ଅନ୍ୟାନ୍ୟ କିଛି ଦୋକାନ ସବୁ ମଧ୍ୟ ରହିଛି। ଏହି କାରଣରୁ ଅଗ୍ନିକାଣ୍ଡ ସମୟରେ ବିଲ୍ଡିଂରେ ବେଶ୍ ଗହଳି ରହିଥିଲା। ତେବେ ଏହି ଘଟଣାରେ ଉଚ୍ଚସ୍ତରୀୟ ତଦନ୍ତ କରାଯିବ ଏବଂ ତଦନ୍ତ ରିପୋର୍ଟ ଆସିବା ପରେ ହିଁ ସବୁକିଛି ସ୍ପଷ୍ଟ ହେବ ତଥା ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଦାୟୀ ଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, କୌଣସି କୋହଳ ମନୋଭାବ ଦେଖାଯିବ ନାହିଁ। ସରକାର ପ୍ରଭାବିତ ପରିବାରଗୁଡ଼ିକୁ ସମ୍ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି ଏବଂ ସମସ୍ତ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯିବ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ଘଟଣାକୁ 'ହୃଦୟ ବିଦାରକ' ବୋଲି ଅଭିହିତ କରିଛନ୍ତି। ସେ ଏକ୍ସ'ରେ ଲେଖିଛନ୍ତି, 'ଲକ୍ଷ୍ନୌରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡରେ ଅନେକ ଲୋକଙ୍କ ମୃତ୍ୟୁ ଖବର ଅତ୍ୟନ୍ତ ହୃଦୟ ବିଦାରକ। ମୁଁ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ଆନ୍ତରିକ ସମବେଦନା ଜଣାଉଛି। ଆହତମାନଙ୍କ ଶୀଘ୍ର ଆରୋଗ୍ୟ ପାଇଁ ମୁଁ ପ୍ରାର୍ଥନା କରୁଛି।' ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ଏବଂ ପ୍ରଧାନମନ୍ତ୍ରୀ ରିଲିଫ୍ ଫଣ୍ଡରୁ ପ୍ରତ୍ୟେକ ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କା ଓ ପ୍ରତ୍ୟେକ ଆହତମାନଙ୍କ ପାଇଁ ୫୦,୦୦୦ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସୋମବାର ସରକାରୀ କାର୍ଯ୍ୟକ୍ରମ ଉପଲକ୍ଷେ ଆଲିଗଡ଼ ଗସ୍ତରେ ଥିବା ବେଳେ ଘଟଣା ସମ୍ପର୍କରେ ସୂଚନା ମିଳିବା ମାତ୍ରେ ସେ ନିଜର ସମସ୍ତ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ବାତିଲ କରି ତୁରନ୍ତ ଲକ୍ଷ୍ନୌ ଅଭିମୁଖେ ଯାତ୍ରା କରିଥିବା ଜଣାପଡିଛି। ମୁଖ୍ୟମନ୍ତ୍ରୀ ଯୋଗୀ ନିଜର ସମବେଦନା ପ୍ରକାଶ କର ପ୍ରଭାବିତ ପରିବାରଗୁଡ଼ିକ ସହ ଯୋଗାଯୋଗ ସ୍ଥାପନ କରିବାକୁ ଏବଂ ସମସ୍ତ ସମ୍ଭବ ସହାୟତା ଯୋଗାଇଦେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

- ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଶୋକ
- ପିଏମ୍ ରିଲିଫ୍ ଫଣ୍ଡ୍‌ରୁ ସହାୟତା ଘୋଷଣା କଲେ ମୋଦୀ
- ମୃତକଙ୍କ ମଧ୍ୟରେ ୩ ମହିଳା ଓ ୧୨ ପୁରୁଷ
- ଜୀବନବିକଳରେ ତଳକୁ ଡେଇଁପଡ଼ିଲେ ଛାତ୍ରଛାତ୍ରୀ

## ଜଳିଗଲେ ଦମ୍ପତି

### ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**ବ୍ରହ୍ମପୁର,୨୨।୬/ଏନ୍‌ଏନ୍‌ଏସ୍:**

ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ମଥୁରା ଗ୍ରାମରେ ରବିବାର ବିଳମ୍ବିତ ରାତିରେ ନିଆଁରେ ପୋଡ଼ି ହୋଇ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବାବେଳେ ସ୍ୱାମୀଙ୍କ ଅବସ୍ଥା ଗୁରୁତର ରହିଛି। ସେମାନେ ହେଲେ ମଥୁରା ଗ୍ରାମର ରମେଶ ପ୍ରଧାନ ଓ ତାଙ୍କ ସ୍ତ୍ରୀ ଅନିତା ପ୍ରଧାନ। ଦୁହିଁଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ଦୁହିଁଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସୋମବାର ଭୋର ସମୟରେ ଚିକିତ୍ସାଧୀନ ଅବସ୍ଥାରେ ସ୍ତ୍ରୀ ଅନିତାଙ୍କ ମୃତ୍ୟୁ ଘଟିଥିବା ବେଳେ ରମେଶ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷେ

▶▶ ୫

## ଯୁକ୍ତ ପ୍ରଥମ ମେଧା ତାଲିକା: ରେଭେନ୍ସା ଆଗରେ

**ଭୁବନେଶ୍ୱର,୨୨।୬/ଏନ୍‌ଏନ୍‌ଏସ୍:**

ଶିକ୍ଷାବର୍ଷ ୨୦୨୬-୨୭ ସ୍ନାତକ ପାଠ୍ୟକ୍ରମ ନାମଲେଖାର ପ୍ରଥମ ମେଧା ତାଲିକା ସୋମବାର ପ୍ରକାଶିତ ହୋଇଛି। ପ୍ରଥମ ମେଧା ତାଲିକାରେ ରାଜ୍ୟର ୧,୭୮,୭୮୨ ଜଣ ଛାତ୍ରଛାତ୍ରୀ ନାମଲେଖା ପାଇଁ ମନୋନୀତ ହୋଇଛନ୍ତି। ତେବେ ଅଧିକାଂଶ ଷ୍ଟ୍ରିମ୍‌ରେ ରେଭେନ୍ସା ବିଶ୍ୱ ବିଦ୍ୟାଳୟ ଆଗରେ ରହିଛି। କଳା ପାଠ୍ୟକ୍ରମରେ ରାଜନୀତି ବିଜ୍ଞାନ ପାଇଁ ରେଭେନ୍ସା ବିଶ୍ୱ ବିଦ୍ୟାଳୟର ୯୪.୫୦% ପ୍ରତିଶତ କଟ୍ ଅଫ ମାର୍କ ରହିଛି। ସେହିପରି ଫିଜିକାଲ ସାଇନ୍ସରେ ଫିଜିକ୍ସ ପାଇଁ ରେଭେନ୍ସା ବିଶ୍ୱ ବିଦ୍ୟାଳୟର ୯୬.୫୦% ପ୍ରତିଶତ ଏବଂ ବାୟୋଲୋଜିକାଲ ସାଇନ୍ସରେ ଜୁଲୋଜି (ପ୍ରାଣୀ ବିଜ୍ଞାନ) ପାଇଁ ରେଭେନ୍ସା ବିଶ୍ୱ ବିଦ୍ୟାଳୟର ୯୪.୮୩% ପ୍ରତିଶତ କଟ୍ ଅଫ ମାର୍କ ରହିଛି। ବାଣିଜ୍ୟରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ପାଇଁ ୮୯.୧୭%, ଶାସ୍ତ୍ରୀ ପାଠ୍ୟକ୍ରମରେ ବ୍ରଜକିଶୋର ସଂସ୍କୃତି ଡିଗ୍ରୀ ମହାବିଦ୍ୟାଳୟ, ଗଡ଼ବିଷ୍ଣୁପୁର ପାଇଁ ୬୭.୫୭%, ସେଲ୍ଫ ଫାଇନାନ୍‌ସିଂ ପାଠ୍ୟକ୍ରମରେ କମ୍ପ୍ୟୁଟର ସାଇନ୍ସ ପାଇଁ ବକ୍ସି ଜଗବନ୍ଧୁ ବିଦ୍ୟାଧର (ସ୍ୱୟଂ ଶାସିତ) ମହାବିଦ୍ୟାଳୟ ପାଇଁ ୯୨%, ଲ' (ଆଇନ) ପାଠ୍ୟକ୍ରମରେ ମଧୁସୂଦନ ଆଇନ ବିଶ୍ୱ ବିଦ୍ୟାଳୟର ୫ ବର୍ଷିଆ ଇଣ୍ଟିଗ୍ରେଟେଡ୍ ବିଏ ଏଲ୍‌ଏଲ୍‌ବି ପାଠ୍ୟକ୍ରମ ପାଇଁ ୮୯.୪୦% କଟ୍ ଅଫ ମାର୍କ ରହିଛି।

ରାଜ୍ୟର ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନରେ ସ୍ନାତକ ପାଠ୍ୟକ୍ରମ ପାଇଁ ମୋଟ୍ ୨,୮୭,୩୨୭ଟି ଆସନ ରହିଥିବାବେଳେ ୨,୩୭,୨୦୦ ଜଣ ଛାତ୍ରଛାତ୍ରୀ ଆବେଦନ କରିଥିଲେ। ସେଥିମଧ୍ୟରୁ ପ୍ରଥମ ମେଧା ତାଲିକାରେ ୧,୭୮,୭୮୨ ଜଣ ଛାତ୍ରଛାତ୍ରୀ ନାମଲେଖା ପାଇଁ ମନୋନୀତ ହୋଇଛନ୍ତି। ମନୋନୀତ ହୋଇଥିବା ଛାତ୍ରଛାତ୍ରୀଙ୍କମାନଙ୍କ ମଧ୍ୟରେ ୬୯,୧୮୨ ଜଣ ପୁଅ, ୧,୦୯,୫୯୧ ଜଣ ଝିଅ ଏବଂ ୯ ଜଣ ଟ୍ରାନ୍ସଜେଣ୍ଡର ଛାତ୍ରଛାତ୍ରୀ ଅଛନ୍ତି। ପ୍ରଥମ ମେଧା ତାଲିକାରେ କଳାରେ ୧,୧୨,୮୨୨ ଜଣ, ବିଜ୍ଞାନରେ ୪୩,୬୯୩ ଜଣ, ବାଣିଜ୍ୟରେ ୧୫,୬୨୪ ଜଣ, ଶାସ୍ତ୍ରୀ ପାଠ୍ୟକ୍ରମରେ ୩,୩୭୧ଜଣ, ସେଲ୍ଫ ଫାଇନାନ୍‌ସିଂ ପାଠ୍ୟକ୍ରମରେ ୩,୨୪୫ଜଣ ଏବଂ ଲ' (ଆଇନ) ପାଠ୍ୟକ୍ରମ ପାଇଁ ୧୬୭ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି। ପ୍ରଥମ ମେଧା ତାଲିକାରେ ଚୟନୀତ ଏବଂ 'ଫ୍ରିଜ୍' ବିକଳ୍ପ ବାଛିଥିବା ଛାତ୍ରଛାତ୍ରୀ ଜୁନ୍ ୨୩ ତାରିଖରୁ ଜୁନ୍ ୨୫ ତାରିଖ ମଧ୍ୟରେ ଉଚ୍ଚ ଶିକ୍ଷାନୁଷ୍ଠାନକୁ ଯାଇ ନିଜର ନାମଲେଖା ପ୍ରକ୍ରିୟା ସମ୍ପନ୍ନ କରିବେ। 'ସ୍ଲାଇଡ୍/ଫ୍ଲୋଟ୍' ବିକଳ୍ପ ବାଛିଥିବା ଛାତ୍ରଛାତ୍ରୀ ନିଜର ଆବଣ୍ଟିତ ଆସନ ପାଇଁ ନାମଲେଖା ଶୁଳ୍କ ଜମା କରି ଦ୍ୱିତୀୟ ପର୍ଯ୍ୟାୟ ଚୟନ ତାଲିକାକୁ ଅପେକ୍ଷା କରିବେ। ପ୍ରଥମ ପସନ୍ଦର ଅନୁଷ୍ଠାନରେ ଆସନ ପାଇଥିଲେ ମଧ୍ୟ ନାମ ଲେଖାଇବାକୁ ଇଚ୍ଛୁକ ନଥିବା ଛାତ୍ରଛାତ୍ରୀ ନୂତନ ଭାବେ ପ୍ରଚଳିତ 'ଅଲ୍ଟର' ବିକଳ୍ପ ମାଧ୍ୟମରେ ଓଟିପି ଭିତ୍ତିକ ଯାଞ୍ଚ ଦ୍ୱାରା ନିଜ ପସନ୍ଦ ପରିବର୍ତ୍ତନ କରିପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

କତାର ଗ୍ୟାସ୍ ପ୍ଲାଣ୍ଟରେ ବିସ୍ଫୋରଣ

## ୧୨ ଭାରତୀୟଙ୍କ ସମେତ ୧୩ ମୃତ

**କତାର, ୨୨।୬/ଏଜେନ୍ସି:**

କତାରର ବିଶାଳ ରାସ୍ ଲାଫାନ୍ ଲିକ୍ୱିଫାଏଡ୍ ନ୍ୟାଚୁରାଲ୍ ଗ୍ୟାସ୍ (ଏଲପିଜି) କମ୍ପ୍ଲେକ୍ସରେ ରବିବାର ଦିନ ଏକ ଭୟାବହ ବିସ୍ଫୋରଣ ଘଟିଛି। ଏହି ବିସ୍ଫୋରଣରେ ଅତିକମରେ କିଛି ଭାରତୀୟଙ୍କ ସମେତ ୧୩ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଅନ୍ୟ ୬୬ ଜଣ ଆହତ ହୋଇଛନ୍ତି ବୋଲି କତାର ଶକ୍ତି ମନ୍ତ୍ରୀ ରବିବାର ନିଶ୍ଚିତ କରିଛନ୍ତି। ତେବେ ମୃତକଙ୍କ ମଧ୍ୟରେ ଭାରତୀୟଙ୍କ ସଂଖ୍ୟା କେତେ ରହିଛି ସେସମ୍ପର୍କରେ ଯଦିଓ ସେ କୌଣସି ସ୍ପଷ୍ଟ ସୂଚନା ଦେଇନାହାନ୍ତି, ତଥାପି ଦୈନିକ ଭାସ୍କରର ରିପୋର୍ଟ ଅନୁସାରେ ପ୍ରାୟ ୧୨ ଭାରତୀୟ ଶ୍ରମିକ ପ୍ରାଣ ହରାଇଛନ୍ତି।

କତାରର ଶକ୍ତି ମନ୍ତ୍ରୀ ସାଦ୍ ଅଲ୍-କାବି ସୋମବାର ସାମ୍ବାଦିକମାନଙ୍କୁ କହିଛନ୍ତି, ତାଙ୍କ ପକ୍ଷେ ଭାରତୀୟ ଓ ପାକିସ୍ତାନୀ ନାଗରିକତା ପ୍ରାପ୍ତ ୧୩ ବ୍ୟକ୍ତି ଯେଉଁମାନେ ଏଠାରେ କର୍ମଜୀବୀ ଭାବେ କାର୍ଯ୍ୟରତ ଥିଲେ ସେମାନଙ୍କର ଏକ ଦୁର୍ଭାଗ୍ୟଜନକ ଘଟଣାରେ ମୃତ୍ୟୁ ହେବା ସମ୍ପର୍କରେ ଘୋଷଣା କରିବା ଅତ୍ୟନ୍ତ କଷ୍ଟଦାୟକ। ସେ କହିଛନ୍ତି ଯେ ଏହି ବିସ୍ଫୋରଣରେ ଅନ୍ୟ ୬୬ ଜଣ ଆହତ ହୋଇଛନ୍ତି। ସେ ସୂଚନା ଦେଇ କହିଛନ୍ତି ଏହି କମ୍ପ୍ଲେକ୍ସକୁ ଗତ ମାର୍ଚ୍ଚ ମାସରେ ଇରାନର ଏକ ଆକ୍ରମଣ ପରେ ବନ୍ଦ କରିଦିଆଯାଇଥିଲା। ତେବେ ଏବେ ଏଠାରେ କାର୍ଯ୍ୟକୁ ପୁନର୍ବାର ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯିବା ପରେ ଶ୍ରମିକମାନେ ଏଠାରେ କାମ ଆରମ୍ଭ କରିଥିଲେ। ଏହି ସମୟରେ ହିଁ ଏହି ବିସ୍ଫୋରଣ ଘଟିଛି। ପ୍ଲାଣ୍ଟ ଭିତରେ କେଉଁ ସ୍ଥାନରେ ବିସ୍ଫୋରଣ ଘଟିଲା ସେସମ୍ପର୍କରେ କତାର ଏନର୍ଜି କୌଣସି ସୂଚନା ଦେଇନଥିଲେ ମଧ୍ୟ ବିସ୍ଫୋରଣର କାରଣ ଜାଣିବାକୁ ତଦନ୍ତ ଆରମ୍ଭ ହୋଇଥିବା କହିଛି। ସେହିପରି

▶▶ ୫

## ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଲେ କିର୍ ଷ୍ଟାର୍ମର

**ଲଣ୍ଡନ୍(ବ୍ରିଟେନ୍), ୨୨।୬/ଏଜେନ୍ସି:**



ଆଣ୍ଡି ବର୍ନହାମ୍ ହେବେ ବ୍ରିଟେନ୍‌ର ନୂଆ ଭାଗ୍ୟବିଧାତା !

ଶେଷରେ କିର୍ ଷ୍ଟାର୍ମର୍ ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀ ତଥା ଦଳର ନେତା ପଦରୁ ଇସ୍ତଫା ଦେଇଛନ୍ତି। ସେ ନିଜ ଦଳ 'ଲେବର ପାର୍ଟି' ପକ୍ଷରୁ ତାଙ୍କ ବିରୋଧରେ ସୃଷ୍ଟି ହୋଇଥିବା ବିରୋଧାଭାସ ତଥା ଚାପକୁ ସମ୍ମୁଖୀନ କରିବାରେ ପରାସ୍ତ ହେବା ପରେ ଏହି ନିଷ୍ପତ୍ତି ନେଇଥିବା କହିଛନ୍ତି। ନିଜ ଇସ୍ତଫା ସମ୍ପର୍କରେ ସୂଚନା ଦେବାକୁ ଯାଇ ସେ ୧୦ ଡାଉନିଂ ଷ୍ଟ୍ରିଟ୍‌ରୁ ଦେଶବାସୀଙ୍କୁ ଭାବପୂର୍ଣ୍ଣ ସମ୍ବୋଧିତ ମଧ୍ୟ କରିଛନ୍ତି। ୬୩ ବର୍ଷୀୟ ଷ୍ଟାର୍ମର କହିଛନ୍ତି, ଦେଶବାସୀଙ୍କୁ ସେବା କରିବାର ସୁଯୋଗ ଦେଇଥିବାରୁ ସେ ଅତ୍ୟନ୍ତ କୃତଜ୍ଞ। କିନ୍ତୁ ଏବେ ସମୟ ଆସିଯାଇଛି ସମସ୍ତଙ୍କୁ ଆଗକୁ ବଢ଼ିବାକୁ ହେବ। ବ୍ରିଟେନ୍ ଏବେ ନିଜର ସପ୍ତମ ତଥା ନୂଆ ପ୍ରଧାନମନ୍ତ୍ରୀ ପାଇବା ପଥରେ ଅଗ୍ରସର ହୋଇଛି। ତେବେ ଶାସକ ଦଳ ଦ୍ୱାରା ନୂତନ ନେତା ତଥା ପ୍ରଧାନମନ୍ତ୍ରୀ ଚୟନ ନହେବା ପର୍ଯ୍ୟନ୍ତ ସେ ନିଜ ପଦରେ ରହିବେ ଏବଂ ଆଗାମୀ ନେତାଙ୍କୁ ସମ୍ପୂର୍ଣ୍ଣ ସମର୍ଥନ ଦେବେ। ଷ୍ଟାର୍ମର୍ ସୂଚନା ଦେଇଛନ୍ତି ଯେ ସେ ସୋମବାର ସକାଳେ ରାଜା ଚାର୍ଲ୍ସ ତୃତୀୟଙ୍କ ସହ କଥା ହୋଇ ନିଜ ନିଷ୍ପତ୍ତି ବିଷୟରେ ଜଣାଇଛନ୍ତି। ଆସନ୍ତା ସେପ୍ଟେମ୍ବର ମାସରେ ସଂସଦର

▶▶ ୫

'ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

## ଏଲ୍ ନିନୋ ମୁକାବିଲା ପାଇଁ କଣ୍ଟିନ୍‌ଜେନ୍ସି ଯୋଜନା

**ଭୁବନେଶ୍ୱର,୨୨।୬/ଏନ୍‌ଏନ୍‌ଏସ୍:**

ଏଲ୍ ନିନୋ ସ୍ଥିତି ମୁକାବିଲା ପାଇଁ ପ୍ରସ୍ତୁତ ହେବ କଣ୍ଟିନ୍‌ଜେନ୍ସି ଯୋଜନା। ଏନେଇ କୃଷି ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଚଳିତ ବର୍ଷ ଏଲ୍ ନିନୋ ପ୍ରଭାବ ଯୋଗୁଁ କମ୍ ବୃଷ୍ଟିପାତ ହେବାର ଆଶଙ୍କା ଥିବାରୁ ଖରିଫ ଫସଲ ଯେପରି ପ୍ରଭାବିତ ନହେବ, ସେଥିପାଇଁ କୃଷି, ଜଳସେଚନ ଓ ଅନ୍ୟ ସମ୍ପୃକ୍ତ ବିଭାଗକୁ ସମନ୍ୱୟ ରକ୍ଷା କରି 'ପୂରା ସରକାର' ଆଭିମୁଖ୍ୟରେ କାମ କରିବା ସହ କୃଷି ବିଭାଗକୁ ସ୍ୱତନ୍ତ୍ର 'କଣ୍ଟିନ୍‌ଜେନ୍ସି ପ୍ଲାନ' ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ଲୋକସେବା ଭବନ କନଭେନସନ୍ ସେଣ୍ଟର ଠାରେ ଅନୁଷ୍ଠିତ ରାଜ୍ୟରେ ଆଗାମୀ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ଓ ପ୍ରାକ୍-ପ୍ରସ୍ତୁତି ନିମନ୍ତେ ଗୁରୁତ୍ୱପୂର୍ଣ୍ଣ 'ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ-୨୦୨୬' ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏଭଳି ନିର୍ଦ୍ଦେଶ ଦେଇଛନ୍ତି।

ଏହାଛଡ଼ା ସେ କହିଛନ୍ତି ଯେ, ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଏକ ସମ୍ପୂର୍ଣ୍ଣ 'ଫୁଲ୍ ପ୍ରୁଫ୍' ବ୍ୟବସ୍ଥା ବିକଶିତ କରିଛି। ଏହି ଫୁଲ୍ ପ୍ରୁଫ୍ ବ୍ୟବସ୍ଥାକୁ ବଜାୟ ରଖିବା।



ମୁଖ୍ୟମନ୍ତ୍ରୀଙ୍କ ସହିତ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ଉଚ୍ଚସ୍ତରୀୟ ବୈଠକରେ ରାଜ୍ୟର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏକ ରାଜ୍ୟସ୍ତରୀୟ ମନିଟରିଂ ମେକାନିଜିମ୍ ଜରିଆରେ ବୃଷ୍ଟିପାତ, ଜଳସ୍ତର, କ୍ରପ-ପ୍ଲାନିଙ୍ଗ୍ ଏବଂ ସାର ଓ ବିହନ ଯୋଗାଣର ନିୟମିତ ତଦାରଖ କରାଯାଉଛି। ଚଳିତ ବର୍ଷ ମଧ୍ୟପ୍ରାଚ୍ୟରେ ଅଶାନ୍ତ ପରିବେଶ ଯୋଗୁଁ ବିଶ୍ୱବ୍ୟାପୀ ସାର ସଙ୍କଟ ଦେଖାଦେଇପାରେ। ତେଣୁ ୟୁରିଆ ଓ କମ୍ପ୍ଲେକ୍ସ ସାର ଯୋଗାଣ ଉପରେ ତୀକ୍ଷଣ ନଜର ରଖିବା ସହ ଆବଶ୍ୟକ ସ୍ଥଳେ ପର୍ଯ୍ୟାପ୍ତ 'ନାନୋ ୟୁରିଆ' ମହଜୁଦ ରଖିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି। ବିଶେଷ କରି ସାରର କଳାବଜାରୀ ରୋକିବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ 'ନିରକ୍ଷଣ ସମିତି' ଗଠନ କରାଯାଇଛି । ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକକୁ ସମ୍ବୋଧିତ

▶▶ ୫

'ଜିରୋ କାଜୁଆଲ୍‌ଟି' ଆମର ସଙ୍କଳ୍ପ: ମୁଖ୍ୟମନ୍ତ୍ରୀ

ବିପର୍ଯ୍ୟୟ ପରିଚାଳନାରେ ଶିଥିଳତାକୁ ବରଦାସ୍ତ କରାଯିବନି

୯୧୧ ଆଶ୍ରୟସ୍ଥଳୀର ରକ୍ଷଣାବେକ୍ଷଣ ପାଇଁ ୬ ଲକ୍ଷ ଟଙ୍କା ଲେଖାଏଁ ପାଣ୍ଠି

ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଫୁଲ୍ ପ୍ରୁଫ୍ କରିବା ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

# କ୍ରିମିନାଲ୍ କୋର୍ଟସ ବାର୍ ଆସୋସିଏସନ୍ ପକ୍ଷରୁ ଯୋଗ ଦିବସ



**କଟକ,୨୨।୬/ଏନ୍ଏନ୍ଏସ୍:** କଟକ କ୍ରିମିନାଲ କୋର୍ଟସ ବାର୍ ଆସୋସିଏସନ୍ ପକ୍ଷରୁ ସ୍ୱର୍ଗତ ରଞ୍ଜିତ ରାୟ ସ୍ମୃତି କମିଟି ସହଯୋଗରେ ଅନ୍ତର୍ଜାତୀୟ ଯୋଗ ଦିବସ କ୍ରିମିନାଲ୍ କୋର୍ଟସ ବାର୍ ଆସୋସିଏସନ୍ କନ୍ଫରେନ୍ସ ହଲ୍‌ରେ ପାଳିତ ହୋଇଯାଇଅଛି । ଏହି ଅନ୍ତର୍ଜାତୀୟ ଯୋଗ ଦିବସକୁ କଟକର ଜିଲ୍ଲା ଓ ଦୌରାଜଜ ମାନସ ଚନ୍ଦ୍ର ବାରିକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ସମ୍ମାନୀତ ଅତିଥି ରୂପେ ସିଭିଲ କୋର୍ଟର ରେଜିଷ୍ଟ୍ରର କୃଷ୍ଣଚନ୍ଦ୍ର ନାୟକ, ଓଡିଶା ରାଜ୍ୟ ଆଇନଜୀବୀ ପରିଷଦର ସଦଶ୍ୟ ଅକ୍ଷୟ କୁମାର ପତି,ଏସିବି ମେଡିକାଲ କଲେଜ ଓ ହିସ୍ପିଟାଲର ଶଲ୍ୟା ବିଭାଗର ସହଯୋଗୀ ପ୍ରଫେସର ଡାକ୍ତର ଜ୍ୟୋତିର୍ମୟ ନାୟକ,ସମାଜସେବୀ ଇ.ବଳରାମ ସାହୁ, ଓଡିଶା ପତଞ୍ଜଳି ଯୋଗ ସମିତିର ସଭାପତି ଶିଶିର କୁମାର ଜେନା, ସ୍ଥାନୀୟ କର୍ପୋରେଟର ଆରତୀ ସାହୁ, ସମାଜସେବୀ ସ୍ୱାଗତ ରଞ୍ଜନ ବେହେରା, ସ୍ୱର୍ଗତ ରଞ୍ଜିତରାୟ ସ୍ମୃତି କମିଟିର ସଂଯୋଜକ ଆଇନଜୀବୀ ସ୍ମୃତି ରଞ୍ଜନ ରାଉତ ଉପସ୍ଥିତ ରହି ଯୋଗ ଦିବସର ଉଦ୍ଦେଶ୍ୟ ଓ ସୁସ୍ଥ ସ୍ୱାସ୍ଥ୍ୟ ନିମନ୍ତେ ଯୋଗର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ । କ୍ରିମିନାଲ୍ କୋର୍ଟସ ବାର ଆସୋସିଏସନର ସଭାପତୀ ଆଇନଜୀବୀ ବାଦଲ ଚନ୍ଦ୍ର ରାୟ ଯୋଗ ଶିବିରର ଅଧକ୍ଷତା କରିଥିଲେ ଓ ସମ୍ପାଦକ ଆଇନଜୀବୀ ଗଦାଧର ସାହୁ ସଭା ପରିଚାଳନା କରିଥିଲେ । ଏହି ଯୋଗ ଶିବିରରେ ପାଠାଗାର ସମ୍ପାଦିକା ସନ୍ଧ୍ୟାରାଣୀ ଦାଶ, କାଯ୍ୟକାରୀ ସଭ୍ୟ ବିଜୟୀ କୁମାର ସାହୁ,ଦେବି ପ୍ରସାଦ ଦଳାଇ, ମାନସ ରଞ୍ଜନ ପୃଷ୍ଟି,ପ୍ରଦୀପ୍ତ କୁମାର ମହାନ୍ତି,ପ୍ରତୀକ୍ଷା ରଥ, ବିଚ୍ଛନ୍ଦା ନାୟକ,ବରିଷ୍ଠ ଆଇନଜୀବୀ ପ୍ରଭାତ ରଞ୍ଜନ ବିଶ୍ୱାଳ, ପୂର୍ବତନ ସମ୍ପାଦକ ସୁବାସ ଚନ୍ଦ୍ର ମହାନ୍ତି, ସଞ୍ଜୟ କୁମାର ପଣ୍ଡା, ପୁନିଲ କୁମାର ସ୍ୱାଇଁ,ପୁଷ୍ପମିତ୍ର ମହାପାତ୍ର,ଶୁଭେନ୍ଦୁ ମହାନ୍ତି,ଦିଲ୍ଲୀପ କୁମାର ମହାନ୍ତି, ମୁକ୍ତିକାନ୍ତ ଦାସ, ନରେନ୍ଦ୍ର କୁମାର ସାହୁ, ବାସୁଦେବ ସେଠୀ, ନୀଳାଦ୍ରି ମହାରଣା, ଗଗନ ବାରିକ, ସଂଗ୍ରାମ ଦାସ, ନିରଞ୍ଜନ ବେହେରା, ମହେନ୍ଦ୍ର କୁମାର ସୁବୁଦ୍ଧି, ଜଗନ୍ନାଥ ମହାନ୍ତି, ତାପସ କୁମାର ମହାନ୍ତି, ଶିବୁ ଦାସ, ମାନସ ରଞ୍ଜନ ନାୟକ,ପଙ୍କଜ ଜଟିଙ୍କ ସହ ୨୦୦ରୁ ଊର୍ଦ୍ଧ୍ୱ ଆଇନଜୀବୀ ଅଂଶଗ୍ରହଣ କରିଥିଲେ ।

# ଓଟିଏସ୍‌ର ନୂତନ କର୍ମକର୍ତ୍ତା ନିର୍ବାଚନ



**କଟକ,୨୨।୬/ଏନ୍ଏନ୍ଏସ୍:** ଓଡ଼ିଶା ଟେକ୍ସଟାଇଲସ ଆଣ୍ଡ ଷ୍ଟିଲସ (ଓଟିଏସ୍) ଲିମିଟେଡର ବାର୍ଷିକ ଅଧିବେଶନ ଓ ସାଧାରଣ ନିର୍ବାଚନ ନୂଆବଜାରସ୍ଥିତ ଶ୍ରମିକ କାର୍ଯ୍ୟାଳୟ ପରିସରରେ ଗତ ରବିବାର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ସଭାରେ ଉପସ୍ଥିତ ସମସ୍ତ ସଭ୍ୟଙ୍କ ସର୍ବସମ୍ମତିକ୍ରମେ ଆଗାମୀ ୨୦୨୬-୨୭ବର୍ଷ ପାଇଁ କର୍ମକର୍ତ୍ତା ମନୋନୟନ କରାଯାଇଥିଲା । ସଭାପତି ଭାବେ ଡଃ ସୌମ୍ୟ ରଞ୍ଜନ ମିଶ୍ର, ଉପସଭାପତି ଆଇନଜୀବୀ ତ୍ରିଲୋଚନ ଲେଙ୍କା, କାର୍ଯ୍ୟକାରୀ ସଭାପତି ବାମନ ଚନ୍ଦ୍ର ଦାସ, ସାଧାରଣ ସମ୍ପାଦକ ହୃଦାନନ୍ଦ ପଟ୍ଟନାୟକ, ସହକାରୀ ସମ୍ପାଦକ ହରେକୃଷ୍ଣ ମହାରଣା ଏବଂ କୋଷାଧ୍ୟକ୍ଷ ଭାବେ ମୁରଲୀଧର ସାହୁ ପ୍ରମୁଖ ନିର୍ବାଚିତ ହୋଇଛନ୍ତି । ଏଥିସହିତଚ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଭାବରେ ଦେବେନ୍ଦ୍ର ମହାନ୍ତି, ଅଜୟ କୁମାର ଦାସ, ଅଜୟ କୁମାର ନାୟକ,ପ୍ରଫୁଲ୍ଲ ବେହେରା, ଅବଦୁଲ ଖଲ୍ଲିକ, ବିଜୟ ଦାସ, କେଶବ ବସ୍ତିଆ, ବାନାମ୍ବର ନାୟକ, ପୀତବାସ ଭଞ୍ଜ,ସରୋଜ କୁମାର ସ୍ୱାଇଁ, ରବୀନ୍ଦ୍ର କୁମାର ସାହୁ, ଗୌରାଙ୍ଗ ଦଳାଇ, ସୁକାନ୍ତ ସ୍ୱାଇଁ ଥିବା ବେଳେ ଉପଦେଷ୍ଟା ମଣ୍ଡଳୀରେ ରାମଚନ୍ଦ୍ର ସାମଲ, ନିରୋଦ କୁମାର ଜେନା, ସୁରେନ୍ଦ୍ର ନାଥ ବେହେରା, କିଶୋର ଚନ୍ଦ୍ର ସାହୁ, ନନ୍ଦ କିଶୋର ସେଠୀ, ଚକ୍ରଧର ମହାନ୍ତି, ଚନ୍ଦ୍ରଗୁପ୍ତ ଦାସ ପ୍ରମୁଖ ରହିଛନ୍ତି । ନିର୍ବାଚନ ଅଧିକାରୀ ଭାବେ ନିରଞ୍ଜନ ପରିଜା ଓ ଡଃ ପ୍ରଫୁଲ୍ଲ କୁମାର ନାୟକ ନିର୍ବାଚନ ପରିଚାଳନା କରିଥିଲେ । ସେହିପରି ଏହି ୟୁନିୟନର ସମସ୍ତ ନ୍ୟାୟିକ, ପ୍ରଶାସନିକ ଓ ସାଂଗଠନିକ କାର୍ଯ୍ୟନିର୍ବାହ ନିମନ୍ତେ ସାଧାରଣ ସମ୍ପାଦକ ଶ୍ରୀ ପଟ୍ଟନାୟକଙ୍କୁ ସଭାରେ କ୍ଷମତା ପ୍ରଦାନ କରାଯାଇଛି ।

# ସମୀର ଦେଙ୍କ ଦ୍ୱିତୀୟ ବାର୍ଷିକ ସ୍ମୃତି ସମାରୋହ



**କଟକ,୨୨।୬/ଏନ୍ଏନ୍ଏସ୍:** ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସମୀର ଦେଙ୍କର ସ୍ମୃତିକୁ ଉଜ୍ଜୀବିତ ରଖିବା ନିମନ୍ତେ ସମୀର ଦେ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଦ୍ୱିତୀୟ ବାର୍ଷିକ ସ୍ମୃତି ସମାରୋହ ସିଡ଼ିଏସ୍ଥିତ ଓ୍ୱିଣ୍ଡସର ପ୍ୟାଲେସରେ ପାଳିତ ହୋଇଯାଇଛି । ଟ୍ରଷ୍ଟର ସଭାପତି ସଜ୍ଜନ ଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ସ୍ତ୍ରୀ ଓ ପ୍ରସୂତୀ ବିଭାଗର ସୁନାମଧନ୍ୟ ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ସର୍ଜରି ବିଶେଷଜ୍ଞ ଡ଼ାକ୍ତର ଉମେଶ ରାୟ ଏବଂ ବିଜେପି କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ସମୀର ଦେଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରି ସ୍ମୃତି ସମାରୋହକୁ ଉଦଘାଟନ କରି ସ୍ୱର୍ଗତ ଦାଦାଙ୍କ କଟକ ସହର ଭାଇଚାରାର ବଳିଷ୍ଠ ଦିଗଦର୍ଶନ ଉପରେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ସମୀର ଦେ ସ୍ମୃତି ସ୍ମାରକୀ ସ୍ୱରୁପ ସହରର ବିଭିନ୍ନ ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀଙ୍କୁ ଟ୍ରଷ୍ଟ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ପ୍ରାମ୍ଭରରେ ବିଜେପି ନାରୀନେତ୍ରୀ ସ୍ମୃତି ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ମାନେଜିଂ ଟ୍ରଷ୍ଟି ଦୁର୍ଯୋଧନ ଲେଙ୍କା ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ସମାରୋହରେ ସ୍ୱର୍ଗତ ଦେଙ୍କ ସହଧର୍ମିଣୀ ତଥା ଟ୍ରଷ୍ଟର ସଦସ୍ୟା ଦୀପିକା ଦତ୍ତ ରାୟ, ସଦସ୍ୟ ସୌରଜିତ ଦେ, ଶିଳ୍ପୀ ବୈଷ୍ଣବୀ ଦେ, ଇନ୍ଦ୍ରଜିତ ସେନ ଗୁପ୍ତା (ଜିତୁ), ଦେବାଶିଷ ଘୋଷ, ଦେବଦତ ରାୟ, ଜ୍ୟୋତି ଘୋଷ, ରଜନୀ ଦାସ, ସତ୍ୟ ମହାନ୍ତି, ଦୀପକ ମହାନ୍ତିଙ୍କ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି



**କଟକ,୨୨।୬/ଏନ୍ଏନ୍ଏସ୍:** ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଆଜି ଟିଗିରିଆ ବ୍ଲକ୍ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୯୬ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୮୩ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୩ଟି ସାମୂହିକ ଅଭିଯୋଗ ରହିଥିଲା । ଏହି ଅଭିଯୋଗ ଶୁଣାଣି କାଳରେ ପୁଲିସ ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଉପଜିଲ୍ଲାପାଳ ଆଠଗଡ, ପ୍ରହଲ୍ଲାଦ ନାରାୟଣ ଶର୍ମା ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏଥିସହ ଶିକ୍ଷା,ବିଦ୍ୟୁତ୍, ଭତ୍ତା ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଠାରେ ସୂଚନାଯୋଗ୍ୟ, ଆସନ୍ତା ଜୁନ୍ ୨୯ତାରିଖରେ ନିଆଳି ବ୍ଲକ୍‌ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ।

# ମୋକିମ୍ ଫାଉଣ୍ଡେସନ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ



**କଟକ,୨୨।୬/ଏନ୍ଏନ୍ଏସ୍:** ମୋକିମ୍ ଫାଉଣ୍ଡେସନ ପକ୍ଷରୁ କଟକ ସିଡିଏ ସେକ୍ଟର-୭ ତାରେଣିଗଡ଼ା ସ୍ଥିତ ଅର୍ବାନ ଆଡଭେଞ୍ଚର ଫୁଟବଲ୍ ଖେଳ ପଡ଼ିଆଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ମହାସମାରୋହରେ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ କଟକ ସହରର ବିଭିନ୍ନ ସଂଗଠନର କର୍ମକର୍ତ୍ତା, ବୟୋଜ୍ୟେଷ୍ଠ ନାଗରିକ, ମହିଳା ଓ ଛୋଟ ଛୋଟ ପିଲାମାନେ ସାମିଲ ହୋଇ ସାମୂହିକ ଯୋଗାଭ୍ୟାସ କରିଥିଲେ । ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମ ଯୋଗଦେଇଥିଲେ । ଫାଉଣ୍ଡେସନର ଟ୍ରଷ୍ଟି ତଥା ବିଧାୟିକା ସୋଫିଆ ଫିରଦୋସ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିବା ସହ ଯୋଗର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ସମାରୋହରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣାଶୁଣା ଅଭିନେତା ସୁଭାଶିଷ ଶର୍ମା, ଅଂଶୁମାନ ଆରୋରା, ଅଭିନେତ୍ରୀ ଶୀତଲ ପାତ୍ର, ମେଘନା ମିଶ୍ର ଓ ନିକିତା ମିଶ୍ର ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ ଯୋଗ କରିବା ପାଇଁ ପ୍ରେରଣା ଯୋଗାଇଥିଲେ । ଏହି ଅବସରରେ ଦୀର୍ଘ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ନିୟମିତ ଯୋଗ କରୁଥିବା କେତେକ ବ୍ୟକ୍ତିବିଶେଷଙ୍କୁ ଫାଉଣ୍ଡେସନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଯୋଗ ଗୁରୁ ଦେବାଶିଷ ହଳଦର ଓ ଗାୟତ୍ରୀ ବେଉରା ଉପସ୍ଥିତ ସମସ୍ତଙ୍କୁ ଯୋଗାଭ୍ୟାସ କରାଇଥିଲେ ।

# ପୋଡ଼ାଡିହ ପଞ୍ଚାୟତରେ ବିପର୍ଯ୍ୟୟ ମୁକାବିଲା ତାଲିମ୍

**ଭୁବନେଶ୍ୱର,୨୨।୬/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକର ସାରୁଅ ଓ ପୋଡ଼ାଡିହ ପଞ୍ଚାୟତରେ ବାତ୍ୟା ମୁକାବିଲା ପ୍ରସ୍ତୁତିର ତାଲିମ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ପୋଡାଡିହ ବାତ୍ୟା ଆଶ୍ରୟସ୍ଥଳୀ ଠାରେ ବନ୍ୟା, ବାତ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ପୂର୍ବ ପ୍ରସ୍ତୁତି ଉପରେ ଏକ ସଭା ଆୟୋଜିତ ହୋଇଥିଲା । ଏଥିରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ୍ୱିସ୍ୱର ମମତା ମହାନ୍ତି, ଜିପିଡିଓ ଦୀନବନ୍ଧୁ ଦାସ, ସରପଞ୍ଚ ଲତା ସେଠୀ, ସମ୍ପାଦକ ସୁଦର୍ଶନ ମାଣିକ, ଭିଏଏସ୍ ଡଃ. ଦିନେଶ କୁମାର ବେହେରା, ପିଇଓ ତୁଷାର ସାହୁ ଏବଂ ବାତ୍ୟା ଆଶ୍ରୟସ୍ଥଳୀର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ । ଏଥିରେ ପୋଡାଡିହ ଗ୍ରାମର ବହୁ ସଂଖ୍ୟକ ଲୋକ ଉପସ୍ଥିତ ଥିଲେ । ବେଗୁନିଆ ଓଆଇସି ମୁସ୍ତାକିମ୍ ମହମ୍ମଦଙ୍କ ତତ୍ତ୍ୱାବଧାନରେ ବିପର୍ଯ୍ୟୟ ସମୟରେ ଲୋକଙ୍କ ଧନ ଜୀବନକୁ କିଭଳି ସୁରକ୍ଷିତ ରଖାଯାଇ ପାରିବ ତାହା ଉପରେ ଡେମୋ ଦ୍ୱାରା ଲୋକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଉପସ୍ଥିତ ଲୋକଙ୍କୁ ବିପର୍ଯ୍ୟୟ ମୁକାବିଲା ସମୟରେ କିଭଳି ନିଜେ ସୁରକ୍ଷିତ ହେବା ସହିତ ଅନ୍ୟମାନଙ୍କୁ ସୁରକ୍ଷା ଯୋଗାଇଦେବେ ସେ ସଂକ୍ରାନ୍ତରେ ବିସ୍ତୃତ ଭାବେ ବୁଝାଯିବା ସହିତ ତାଲିମ ପ୍ରଦାନ କରାଯାଇଥିଲା ।

## ଅନନ୍ତ ମହାପାତ୍ର ପାଇବେ କବି ଅନନ୍ତ ପଟ୍ଟନାୟକ ସମ୍ମାନ

**କଟକ,୨୨।୬/ଏନ୍ଏନ୍ଏସ୍:** ଉତ୍କଳ ସାହିତ୍ୟ ସମାଜ ଓ ଅନନ୍ତ ପଟ୍ଟନାୟକ ସ୍ମୃତି ସଂସଦ ପକ୍ଷରୁ କବି ଅନନ୍ତ ପଟ୍ଟନାୟକ ସ୍ମୃତିସଂଧ୍ୟା ଆସନ୍ତା ୨୫ ତାରିଖରେ ଅନୁଷ୍ଠାନର ଶ୍ରୀରାମଚନ୍ଦ୍ର ଭବନରେ ଆୟୋଜନ କରାଯାଇଛି । ଏହି ଅବସରରେ ବିଶିଷ୍ଟ ନାଟ୍ୟ ବ୍ୟକ୍ତିତ୍ୱ ଉତ୍କଳ ରଙ୍ଗମଞ୍ଚର ପ୍ରତିଷ୍ଠାତା ଅନନ୍ତ ମହାପାତ୍ରଙ୍କୁ କବି ଅନନ୍ତ ପଟ୍ଟନାୟକ ସୃଜନୀ ସମ୍ମାନ-୨୦୨୬ ପ୍ରଦାନ କରାଯିବ । ଏହି ଉତ୍ସବରେ ସମ୍ବାଦ-ଆମ ଓଡ଼ିଶାର ଅଧକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ । 'କବି ଅନନ୍ତ ପଟ୍ଟନାୟକଙ୍କ ଦୃଷ୍ଟିରେ କବିତା' ଶୀର୍ଷକ ସ୍ମାରକୀ ବକ୍ତୃତା ପ୍ରଦାନ କରିବେ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ଓଡ଼ିଆ ଭାଷା-ସାହିତ୍ୟ ବିଭାଗର ମୁଖ୍ୟ ଡକ୍ଟର ସଞ୍ଜିତ ମିଶ୍ର । ଏଥିରେ କବି ପିନାକୀ ସିଂହ, ସୁଶାନ୍ତ ମହାପାତ୍ର, ସଞ୍ଜୟ ପରିଜା, ସୁଚେତା ନନ୍ଦ କବିତା ପାଠ କରିବେ ବୋଲି ଉତ୍କଳ ସାହିତ୍ୟ ସମାଜର ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀ ଏବଂ କବି ଅନନ୍ତ ପଟ୍ଟନାୟକ ସ୍ମୃତି ସଂସଦର ସଂପାଦକ ବିଜୟ କୁମାର ପଢ଼ିହାରୀ ଓ ମୈତ୍ରେୟୀ ପଟ୍ଟନାୟକ ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି ।

# ବିନୋଦ କାନୁନ୍‌ଗୋଙ୍କ ଶ୍ରାଦ୍ଧବାର୍ଷିକୀ



**କଟକ,୨୨।୬/ଏନ୍ଏନ୍ଏସ୍:** ଓଡ଼ିଆ ବିଶ୍ୱକୋଷ 'ଜ୍ଞାନମଣ୍ଡଳ'ର ରଚୟିତା, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋଙ୍କ ୩୬ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଅଛି । ସତୀଚଉରା ଶ୍ମଶାନଠାରେ ଥିବା ସ୍ମୃତିସ୍ତମ୍ଭଠାରେ ଡାକ୍ତର ରବି ରଞ୍ଜନ ସାହୁଙ୍କ ଅଧତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ପ୍ରଶାନ୍ତ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ବିନୋଦ କାନୁନ୍‌ଗୋ ଶିଶୁ ସାହିତ୍ୟକୁ ନୂଆଧାରା ଦେଇଥିଲେ । ନିରକ୍ଷରତା ଓ ଅଜ୍ଞତା ବିରୋଧରେ ନିରନ୍ତର ସଂଗ୍ରାମ ଚଳାଇଥିଲେ । ଏକ ସମ୍ବେଦନଶୀଳ, ଅନୁଭୂତି ସ୍ୱପ୍ନ ଓ ମାନବବାଦୀ ଚିନ୍ତାଧାରାର ସେ ଥିଲେ ବାହକ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଡ. ସତ୍ୟ ରାୟ, ଡ. ବାବାଜୀ ପଟ୍ଟନାୟକ, ସୁକାନ୍ତ କୁମାର ମହାନ୍ତି, ଶିବ ଚରଣ ଦାସ, ପ୍ରମୋଦ କୁମାର ମହାନ୍ତି, ଶାନ୍ତନୁ କୁମାର ମଲ୍ଲିକ, ପ୍ରଶାନ୍ତ କୁମାର ମହାନ୍ତି, ଡଃ ହେମନ୍ତ କୁମାର ପରିଡ଼ା, ଶ୍ରୀମନ୍ତ ମହାନ୍ତି, ଶ୍ରଦ୍ଧାନନ୍ଦ ଧଳ, ଦୀପକ କାନୁନ୍‌ଗୋ, ଡା. ଆଲୋକ କାନୁନ୍‌ଗୋ, ପ୍ରବୀର କୁମାର ମହାନ୍ତି, ଭାବଗ୍ରାହୀ ପରିଡ଼ା, ନୟନ ମହାନ୍ତି, ଅଶୋକ ମହାନ୍ତି, ନିହାର ମହାନ୍ତି ପ୍ରମୁଖ ସ୍ମୃତିଚାରଣ କରିଥିବା ବେଳେ ବିଭୂଦତ ଖଣ୍ଡାୟତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ନାବାଳିକା ଦୁଷ୍କର୍ମ ମାମଲା, ଅଭିଯୁକ୍ତକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

**କଟକ,୨୨।୬/ଏନ୍ଏନ୍ଏସ୍:** ଏକ ନାବାଳିକା ଦୁଷ୍କର୍ମ ମାମଲାରେ କଟକର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଆସାମୀ ପ୍ରଶାନ୍ତ କୁମାର ମହନ୍ତକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ପ୍ରଦାନ କରିଛନ୍ତି । ଏଥିସହିତ କୋର୍ଟ ଆସାମୀକୁ ୨୦ ହଜାର ଟଙ୍କା ଜରିମାନା ରାଶି ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ଜରିମାନା ନ ଦେଇପାରିଲେ ଆସାମୀକୁ ଆଉ ଅଧିକ ଏକବର୍ଷ ଅଧିକ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ କହିଛନ୍ତି । ସେହିପରି ପୀଡ଼ିତା ନାବାଳିକାକୁ କ୍ଷତିପୂରଣ ରାଶି ବାବଦକୁ ୪ ଲକ୍ଷ ଟଙ୍କା ପ୍ରଦାନ କରିବାକୁ କୋର୍ଟ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି । ମାମଲାରୁ ପ୍ରକାଶ ଯେ, ଗତ ୨୦୨୪ ମସିହା ନଭେମ୍ବର ୩ ତାରିଖ ସକାଳ ୭ଟା ସମୟରେ କଟକ ଜିଲ୍ଲାର ମାହାଙ୍ଗା ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଥିଲା । ଆସାମୀ ଜଣକ ପୀଡ଼ିତା ନାବାଳିକାକୁ ଗାଁ ଟିଓ୍ୱେଲ ମୂଳରୁ ଟେକି ନେଇ ନିକଟସ୍ଥ ଜଙ୍ଗଲରେ ବଳାତ୍କାର କରିଥିଲା । ନାବାଳିକା ଜଣକ ଘର ପାଖ ଟିଓ୍ୱେଲକୁ ପାଣି ଆଣିବା ପାଇଁ ଯାଇଥିବାବେଳେ ଆସାମୀ ତାକୁ ଟେକି ନେଇ ଏପରି କାଣ୍ଡ କରିଥିଲା । ଘଟଣା ସମ୍ପର୍କରେ ପୀଡ଼ିତା ନାବାଳିକା ତାର ଅଭିଭାବକ ନିକଟରେ ପ୍ରକାଶ କରିଥିଲା । ଏହାପରେ ପୀଡ଼ିତାର ପରିବାର ପକ୍ଷରୁ ମାହାଙ୍ଗା ଥାନାରେ ଏତଲା ରୁଜୁ କରାଯାଇଥିଲା । ଉକ୍ତ ଏତଲା ଆଧାରରେ ପୁଲିସ୍ ମାମଲା ରୁଜୁ କରି ଆସାମୀକୁ ଗିରଫ କରିଥିଲା । ପରବର୍ତ୍ତୀ ସମୟରେ ପୁଲିସ୍ ଏହି ମାମଲାରେ ଆସାମୀ ବିରୋଧରେ କୋର୍ଟରେ ଅଭିଯୋଗପର୍ତ୍ତ୍ର ଦାଖଲ କରିଥିଲା । କଟକର ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ ଏହି ମାମଲାର ଶୁଣାଣି ଚାଲିଥିଲା । ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର କୃଷ୍ଣ ଚନ୍ଦ୍ର ମହାପାତ୍ର ପରିଚାଳନା କରୁଥିଲେ ।

## ପଲ୍ଲୀ ପ୍ରତିଭା ସାହିତ୍ୟ ଓ ସଂସ୍କୃତି ସଂସଦର ସାରସ୍ୱତ ସମ୍ମିଳନୀ

**କଟକ,୨୨।୬/ଏନ୍ଏନ୍ଏସ୍:** ସାରସ୍ୱତ ଅନୁଷ୍ଠାନ ପଲ୍ଲୀ ପ୍ରତିଭା ସାହିତ୍ୟ ଓ ସଂସ୍କୃତି ସଂସଦର କବି ସମ୍ମିଳନୀ ଏବଂ ସାହିତ୍ୟ ଆଲୋଚନା ସଭା ଗତିରାଉତ ପାଟଣା ସ୍ଥିତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉଦଘାଟକ ଭାବରେ ଡାକ୍ତର କମଳାକାନ୍ତ ନାୟକ ,ମୁଖ୍ୟ ଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ, ସମ୍ମାନୀତ ଅତିଥି ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର ସଭାପତି କୈଳାସ ଚନ୍ଦ୍ର ଜେନା, ଶ୍ରୀଦୁର୍ଗା ସାହିତ୍ୟ ସଂସଦର ସଭପତି ଚୈତନ୍ୟ କୁମାର ସାହୁ, ମୁଖ୍ୟ ବକ୍ତା ଭାବରେ ଆଷାଢ଼ ସାହିତ୍ୟ ସଂସଦର ସଭାପତି ପୀତାମ୍ବର ମହାପାତ୍ର, ସୁବାସ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ୪୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ । ଏହି ଅବସରରେ ବିଶିଷ୍ଟ ସାମ୍ବାଦିକ କମଳା କାନ୍ତ ଦାଶଙ୍କୁ 'ପଲ୍ଲୀ ପ୍ରତିଭା ସାମ୍ବାଦିକ ସମ୍ମାନ ୨୦୨୫' ରେ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ପାଦିକା ଗୀତାଞ୍ଜଳି ପୃଷ୍ଟି ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ କବି ମନୋରଞ୍ଜନ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ । ଶକ୍ତି ସ୍ୱରୂପ ରାଉତ ଏବଂ ଅଭିଜିତ ଜେନା କାର୍ଯ୍ୟକ୍ରମରେ ସହାୟତା କରିଥିଲେ ।

# ପ୍ରେମରୂପୀ ଭକ୍ତି ଭଗବତ୍ ପ୍ରାପ୍ତିର ମାର୍ଗ



**କଟକ,୨୨।୬/ଏନ୍ଏନ୍ଏସ୍:** ପ୍ରେମରୂପୀ ଭକ୍ତି ହିଁ ଭଗବତ୍ ପ୍ରାପ୍ତିର ଉତ୍କୃଷ୍ଟ ମାର୍ଗ । କେବଳ ଭଗବତ୍ ଶରଣ ସଂସାର ରୂପୀ ମହାଭାରତରେ ବିଜେତାର ସାମର୍ଥ୍ୟ ପ୍ରଦାନ କରିଥାଏ ବୋଲି ବିଶିଷ୍ଟ ଭାଗବତ କଥା ପ୍ରବଚକ ପୂଜ୍ୟ ଇନ୍ଦ୍ରେଶ ଜି ଉପାଧ୍ୟାୟ ମହାରାଜ କହିଛନ୍ତି ।କଟକର ସନସାଇନ ପଡ଼ିଆରେ ଚାଲିଥିବା ଭାଗବତ ସପ୍ତାହର ତୃତୀୟ ଦିବସରେ ଭକ୍ତ, ଭକ୍ତି ଓ ଭଗବାନ୍‌ଙ୍କର ଉପରେ ଆଲୋଚନା ପ୍ରସଙ୍ଗରେ ଇନ୍ଦ୍ରେଶ ଜି ଏହା କହିଥିଲେ । ମହାରାଜ ଆଜି ବ୍ୟାସ ପୀଠରେ ପଦାର୍ପଣ କରି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବଡସିଂହାର ବେଶ ଦର୍ଶନ କରିଥିଲେ । ପୁରୀ ଶଙ୍କରାଚାର୍ଯ୍ୟ ମଠରୁ ଆସିଥିବା ବିଶ୍ୱରଞ୍ଜନ ତ୍ରିପାଠୀ, ଶ୍ରୀ ଲିଙ୍ଗରାଜ ମନ୍ଦିର ସେବାୟତ ରାଜକିଶୋର ମହାପାତ୍ର, ନୀଳମାଧବ ମନ୍ଦିରରୁ ଆସିଥିବା ମୃତ୍ୟୁଞ୍ଜୟ ମିଶ୍ର ଓ ନୀଳମାଧବ ମିଶ୍ର, ଗୁପ୍ତା ପାରିବାର, ରବି ବଜାଜ ଓ ରାଜେନ୍ଦ୍ର କୁମାର ବଜାଜ ପ୍ରମୁଖ ଭାଗବତ କଥାର ବ୍ୟାସ ଇନ୍ଦ୍ରେଶ ଜିଙ୍କୁ ଭବ୍ୟ ସ୍ୱାଗତ ଜଣାଇଥିଲେ । ମହାଭାରତରେ ଅର୍ଜୁନଙ୍କ ବିଜୟ ଉପାଖ୍ୟାନ ବର୍ଣ୍ଣନା କରି ମହାରାଜ କହିଥିଲେ ଯେ ସମସ୍ତଙ୍କ ଜୀବନରେ ମହାଭାରତ ସର୍ବଦା ଚାଲିଛି । ଏଥିରେ ବିଜୟୀ ହେବା ଲାଗି ପ୍ରେମରୂପୀ ଭକ୍ତି ଓ ଭଗବତ୍ ଶରଣ ଏକାନ୍ତ ଆବଶ୍ୟକ । ଈର୍ଷା ଦୋଷ ଭଗବତ୍‌ପ୍ରାପ୍ତି ପଥରେ ସବୁଠାରୁ ବଡ ପ୍ରତିବନ୍ଧକ । ଅତ୍ୟନ୍ତ ଦୋଷୀ ଠାରେ ମାତ୍ର ଗୋଟିଏ ଭଲ ଗୁଣ ଦେଖିବା ହିଁ ଭଗବପ୍ରାପ୍ତିର ପ୍ରକୃତ ସୂଚନା, ମଣିଷକୁ ଅନ୍ୟର ଭଲ ଗୁଣ ଦେଖା ନ ଯିବା ରାକ୍ଷସ ପ୍ରବୃତ୍ତି । ମଣିଷ ଯେତେବେଳେ ରାବଣ ସ୍ୱରୂପକୁ ତ୍ୟାଗ କରି ରାମ ସ୍ୱରୂପକୁ ଆପଣେଇ ନିଏ । ସେତେବେଳେ ଭକ୍ତ ଓ ଭଗବାନଙ୍କ ସମ୍ପର୍କ ଜଗତ କଲ୍ୟାଣ କ୍ଷେତ୍ର ରେ ସମର୍ପିତ ହୋଇଥାଏ । ଭଗବାନ୍ ଭକ୍ତର ପ୍ରକୃତ ରକ୍ଷକ ସାଧନ କରିଥାନ୍ତି । ହୃଦୟରେ ପ୍ରେମ ଭାବ ଜାଗ୍ରତ ହୁଏ ଓ ସଂସାର ରୂପୀ ମହାଭାରତର ବିଜେତା ହେବାର ସୌଭାଗ୍ୟ ଅର୍ଜନ କରେ । ଭାଗବତ ସପ୍ତାହର ଚର୍ତୁଥ ଦିବସରେ ଶ୍ରୀକୃଷ୍ଣ ଜନ୍ମ ଓ ନନ୍ଦୋତ୍ସବ ଉପରେ ଇନ୍ଦ୍ରେଶ ଜି ମହାରାଜ ପ୍ରବଚନ ଦେବାର କାର୍ଯ୍ୟକ୍ରମ ରହିଛି ।

## ଏଆର୍‌ଟି କେନ୍ଦ୍ରରେ ଓସାକ୍‌ସ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ସ୍ୱାଗତ

# ସମୟବଦ୍ଧ ଯୋଜନା ଓ ସମନ୍ୱୟ ରକ୍ଷା ପୂର୍ବକ କ୍ରିୟାନ୍ୱୟନ ଉପରେ ଗୁରୁତ୍ୱ



**କଟକ,୨୨।୬/ଏନ୍ଏନ୍ଏସ୍:** ଏଚଆଇଭି ସଂକ୍ରମିତ ବ୍ୟକ୍ତିମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ସାମଗ୍ରିକ ସ୍ୱାସ୍ଥ୍ୟସେବା ସହିତ ମାଗଣାରେ ଔଷଧ ଉପଲବ୍ଧ କରିବା ଉଦ୍ଦେଶ୍ୟରେ ଏସ୍‌ସିବି ମେଡିକାଲ୍ କଲେଜ୍ ଓ ହସ୍ପିଟାଲ ପରିସରରେ କାର୍ଯ୍ୟ କରୁଥିବା ଆଣ୍ଟି ରେଟ୍ରୋଭାଇରାଲ ଥେରାପି (ଏଆର୍‌ଟି ପ୍ଲସ୍) କେନ୍ଦ୍ରରେ ଓସାକ୍‌ସର ନବନିଯୁକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଡ. ରୂପଭାନୁ ମିଶ୍ରଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଅଛି । କଟକ ଏଆରଟି କେନ୍ଦ୍ରର ନୋଡାଲ ଅଫିସର ଡ. ଜୟନ୍ତ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଡ. ମିଶ୍ରଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା । ଏହି ଅବସରରେ ଡ. ମିଶ୍ର ଉପଯୁକ୍ତ ସମୟବଦ୍ଧ ଯୋଜନା ଓ ସମନ୍ୱୟ ରକ୍ଷା କରି ଯୋଜନାର କ୍ରିୟାନ୍ୱୟନ କଲେ ସରକାରଙ୍କ ଇପ୍ସିତ ଲକ୍ଷ୍ୟ ହାସଲ ସମ୍ଭବ ହୋଇ ପାରିବ ବୋଲି ମତ ପ୍ରଦାନ କରିଥିଲେ । ଏଥି ସହିତ ଜଏଣ୍ଟ ଡାଇରେକ୍ଟର ସିଏସଟି ଡ. ନମିତା ମିଶ୍ର ଏଆର୍‌ଟି କେନ୍ଦ୍ରର କାର୍ଯ୍ୟ ପ୍ରଗତି ସମୀକ୍ଷା କରିବା ସହିତ କେନ୍ଦ୍ରରେ କାର୍ଯ୍ୟରତ ସମସ୍ତ କର୍ମଚାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧିମାନଙ୍କୁ ସୁସଂଯୋଜିତ ଭାବରେ କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଉତ୍କଳ ସେବକ ସମାଜର ସମ୍ପାଦକ ତଥା ଜିଲ୍ଲା ସ୍ୱେଚ୍ଛାସେବୀ ସମନ୍ୱୟ ସମିତିର ଆବାହକ ଆଇନଜୀବୀ ଅମିୟ ଭୂଷଣ ବିଶ୍ୱାଳ ବିଭିନ୍ନ ତଥ୍ୟ ଉପସ୍ଥାପନ କରିବା ସହିତ ଠିକ ସମୟରେ ଅଧିକରୁ ଅଧିକ ଚିହ୍ନଟ, ସଅଳ ଔଷଧ ସେବନ ଆରମ୍ଭ ସହ ସକାରାତ୍ମକ ଜୀବନ ଶୈଳୀକୁ ଆପଣାଇ ପାରିଲେ ଜଣେ ସଂକ୍ରମିତ ବ୍ୟକ୍ତି ଦୀର୍ଘ ସମୟ ଧରି ସୁସ୍ଥ ନିରାମୟ ଜୀବନ ଧାରଣ କରିବା ସହିତ ଜାତୀୟ ପ୍ରଗତିରେ ଯୋଗଦେଇ ପାରିବ ବୋଲି ମତ ପ୍ରଦାନ କରିଥିଲେ । ବୈଠକରେ ଡାକ୍ତର ଅଶୋକ କୁମାର ଦାସ, ଡାକ୍ତର ଦେବଦତ୍ତା ଆଚାର୍ଯ୍ୟ, ଡାକ୍ତର ଦୀପିକା ଦତ୍ତରାୟ, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଦେବବ୍ରତ ଦାସ ପ୍ରମୁଖ ଯୋଗଦାନ କରିଥିଲେ ।

# ପୃଥକ ବଜ୍ରପାତରେ ୩ ମୃତ

**ଦେବଗଡ଼,୨୨।୬/ଏନ୍ଏନ୍ଏସ୍:** ଦେବଗଡ଼ରେ ପୃଥକ ସ୍ଥାନରେ ବଜ୍ରପାତ ଘଟି ୩ ଜଣଙ୍କ ମୃତ୍ୟୁ ଘଟିଛି। ଚଳନ୍ତା ବାଇକ୍ ଉପରେ ବଜ୍ରପାତ ହେବାରୁ ବାଇକ ସହ ୨ ଜଣ ବାଇକ ଆରୋହୀ ଜଳିଯାଇଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଦେବଗଡ଼ ବାରକୋଟ ବ୍ଲକ କାଉଁସିବାହାଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଭାଟସିଂହ ଗ୍ରାମ ନିକଟରେ। ଘଟଣାରେ ଆଉ ୪ ଜଣ ଆହତ ହୋଇଥିବା ମଧ୍ୟ ଜଣାପଡ଼ିଛି। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୋମବାର ସନ୍ଧ୍ୟାରେ ବସାଲଇ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କଟାସାହି ଓ ପିଟାସାହି ଗ୍ରାମର ଛଅ ଜଣ ଯୁବକ ତିନୋଟି ମଟରସାଇକଲ ଯୋଗେ ରେଙ୍ଗାଲୀ ଡ୍ୟାମ ଭିତରେ ରହିଥିବା ବନାକାଲୋ ଗ୍ରାମ ଶିବ ମନ୍ଦିରକୁ ବୁଲିବାକୁ ଯାଇଥିଲେ। ବାରକୋଟ ବ୍ଲକ କାଉଁସିବାହାଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଭାଟସିଂହ ଗ୍ରାମ ନିକଟରେ ସେମାନଙ୍କ ବାଇକ ଉପରେ ବଜ୍ରପାତ ହୋଇଥିଲା। ଏଥିରେ ମୋଟର ସାଇକେଲ ସହ ୨ ଯୁବକ ଜଳିଯାଇଥିଲେ। ଆଉ ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ହୋଇଯାଇଥିଲା। ସେହିଭଳି ଅନ୍ୟ ଚାରି ବାଇକ ଆରୋହୀ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ମୃତ ଦୁଇଜଣ ହେଲେ ବସାଲଇ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କଟାସାହି ଗ୍ରାମର ବୁବୁନ ସାମଲ ଓ ପିଟାସାହି ଗ୍ରାମର ଡୋଳାମଣୀ ପେଣ୍ଟେଇ। ସେହିଭଳି ଦେବଗଡ଼ ସହର ନଅ ନମ୍ବର ୱାର୍ଡ ଅନ୍ତର୍ଗତ ତେନ୍ତୁଳିସାହିରେ ବଜ୍ରାଘାତରେ ଜଣଙ୍କ ମୃତ୍ୟୁ ଘଟିଛି।

# ମାଓବାଦୀ ଡମ୍ପ୍ ଠାବ: ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଜବତ

**ଜୟପୁର ,୨୨।୬/ଏନ୍ଏନ୍ଏସ୍:** କୋରାପୁଟ ଜିଲ୍ଲାର ବୈପାରିଗୁଡ଼ା ଥାନା ଅଧୀନ ବାଦଲିପାହାଡ଼ ଜଙ୍ଗଲ ଅଞ୍ଚଳରେ ଏକ ମାଓବାଦୀ ଡମ୍ପ ଠାବ କରିବାରେ କୋରାପୁଟ ପୋଲିସ ସଫଳ ହୋଇଛି। ଏଥିସହ ସେଠାରୁ ବିପୁଳ ପରିମାଣର ମାଓବାଦୀ ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ପଚରାଉଚରା ବେଳେ ମିଳିଥିବା ସୂଚନା ଆଧାରରେ ଡିଭିଏଫ୍ ପକ୍ଷରୁ ବାଦଲିପାହାଡ଼ ଅଞ୍ଚଳରେ ଯାଞ୍ଚ ଅଭିଯାନ କରାଯାଇଥିଲା। ଏହି ଅଭିଯାନ ସମୟରେ ଏକ ମାଓବାଦୀ ଡମ୍ପ୍ ଠାବ କରାଯାଇଥିବାବେଳେ ସେଠାରୁ ମାଓବାଦୀଙ୍କ ବ୍ୟବହୃତ ବିଭିନ୍ନ ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ଓ ଅନ୍ୟାନ୍ୟ ସାମଗ୍ରୀକୁ ଜବତ କରାଯାଇଛି।ଜବତ ସାମଗ୍ରୀ ମଧ୍ୟରେ ୧ ଟି ଇନସାସ ରାଇଫଲ, ୬ଟି ଦେଶୀ ବନ୍ଧୁକ, ପ୍ରାୟ ୧୮ କିଲୋଗ୍ରାମ ଓଜନର ଏକ କ୍ଲେମୋର ମାଇନ, ପ୍ରାୟ ୧୦ କିଲୋଗ୍ରାମ ଓଜନର ଏକ ଟିଫିନ ବମ୍ ଆଇଇଡି, ପ୍ରାୟ ୪ କିଲୋଗ୍ରାମ ଓଜନର ୬ଟି ଟିଫିନ ବମ୍ ଆଇଇଡି, ଏକ ମାଓବାଦୀ କିଟ୍ ବ୍ୟାଗ ଏବଂ ଅନ୍ୟାନ୍ୟ ଦୈନନ୍ଦିନ ବ୍ୟବହାର ସାମଗ୍ରୀ ରହିଛି। ଜବତ ହୋଇଥିବା ଏହି ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଆନ୍ଧ୍ର-ଓଡ଼ିଶା ସୀମା ଏଓବିଏସ୍‌ଜେଡ଼୍‌ସିର ମାଓବାଦୀ କ୍ୟାଡରଙ୍କର ହୋଇଥିବା ସନ୍ଦେହ କରାଯାଉଛି।

### ରାଜ୍ୟସଭା ନିର୍ବାଚନରେ କ୍ରସ୍‌ଭୋଟିଂ ପ୍ରସଙ୍ଗ

# ବିଜେଡିର ଅଯୋଗ୍ୟତା ଆବେଦନ ଖାରଜ

**ଭୁବନେଶ୍ୱର,୨୨।୬/ଏନ୍ଏନ୍ଏସ୍:** ରାଜ୍ୟସଭା ନିର୍ବାଚନରେ କ୍ରସଭୋଟିଂ କରିଥିବା ନିଜର ୮ଜଣ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ପାଇଁ ବିଜେଡି କରିଥିବା ଆବେଦନକୁ ଅସ୍ପଷ୍ଟ ଓ ଭ୍ରମାତ୍ମକ ଦର୍ଶାଇ ବାଚସ୍ପତି ସୁରମା ପାଢ଼ୀ ଖାରଜ କରିଦେଇଛନ୍ତି। ଗତ ମାର୍ଚ୍ଚରେ ଅନୁଷ୍ଠିତ ହୋଇଥିଲା ରାଜ୍ୟସଭା ନିର୍ବାଚନ। ୮ ବିଧାୟକଙ୍କ ବିରୋଧରେ କ୍ରସ ଭୋଟିଂ ଅଭିଯୋଗ ହୋଇଥିଲା। ଦେବୀ ରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ରମାକାନ୍ତ ଭୋଇ, ନବ ମଲ୍ଲିକ, ସୁବାସିନୀ ଜେନା, ଚକ୍ରମଣି କହଁର, ଅରବିନ୍ଦ ମହାପାତ୍ର ଓ ସନାତନ ମହାକୁଡ଼ଙ୍କ ବିରୋଧରେ ଅଭିଯୋଗ ଆଣିଥିଲା ବିଜେଡି। ସଂପୃକ୍ତ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା ପାଇଁ ଆବେଦନ କରିଥିଲା ବିଜେଡି। ତେବେ ବିଜେଡିର ଆବେଦନକୁ ଖାରଜ କରିଦେଇଛନ୍ତି ବାଚସ୍ପତି।

ବିଧାନସଭା ସଚିବାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ବିଜେଡି ପକ୍ଷରୁ ଦାଏର ହୋଇଥିବା ପିଟିସନଗୁଡ଼ିକରେ ଆଇନଗତ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଭାବେ ପାଳନ କରାଯାଇ ନାହିଁ। ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ଦ୍ୱାରା ଦାଖଲ ହୋଇଥିବା ପିଟିସନ ଓ ଏସଂକ୍ରାନ୍ତ ଦସ୍ତାବିଜଗୁଡ଼ିକ ସିଭିଲ୍ ପ୍ରୋସିଜିଓର କୋଡ୍ (ସିପିସି) - ୧୯୦୮ ଅନୁଯାୟୀ ସଠିକ୍ ଭାବେ ସ୍ୱାକ୍ଷରିତ ଓ ସତ୍ୟପାଠ କରାଯାଇ ନଥିଲା। ଯେଉଁଥିରେ ଦଳବଦଳ ବିରୋଧୀ ଆଇନ-୧୯୮୭ ର ନିୟମ ୬(୬) ଓ ୬(୭)ର ବାଧ୍ୟତାମୂଳକ ସର୍ତ୍ତକୁ ମଧ୍ୟ ପାଳନ କରାଯାଇନାହିଁ। ଏହାସହିତ ପିଟିସନ ସପକ୍ଷରେ ଆବଶ୍ୟକୀୟ ଆଫିଡେଭିଟ୍ ବା ସତ୍ୟପାଠ ଦାଖଲ କରାଯାଇନାହିଁ, ଯାହାକି ଆଇନଗତ ଭାବେ ଏକ ବାଧ୍ୟତାମୂଳକ ପ୍ରକ୍ରିୟା।

> **କଂଗ୍ରେସର ଆବେଦନ ମଧ୍ୟ ଖାରଜ କଲେ ବାଚସ୍ପତି**
>
> **ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଗଣତନ୍ତ୍ରର ହତ୍ୟା: ବିଜେଡି**
>
> **ଦଳ କୋର୍ଟର ଦ୍ୱାରସ୍ଥ ହେବ: କଂଗ୍ରେସ**
>
> **ବିରୋଧୀ ଆଇନ ନବୁଝି ଆବେଦନ କରିଥିଲେ: ବିଜେପି**

ବାଚସ୍ପତି ସୁରମା ପାଢ଼ୀ ତାଙ୍କ ନିର୍ଦ୍ଦେଶରେ ଦର୍ଶାଇଛନ୍ତି ଯେ, ଏହି ଆବେଦନଗୁଡ଼ିକ ଅସ୍ପଷ୍ଟ,ଭ୍ରମାତ୍ମକ ଓ ପ୍ରମାଣବିହୀନ ହୋଇଥିବାରୁ ଏହା ଦଳବଦଳ ବିରୋଧୀ ଆଇନର ନିୟମ ୭(୨) ର ପରିସରଭୁକ୍ତ ହେଉଛି। ଏହି ନିୟମ ୭(୨)ର ପ୍ରାବଧାନ ଓ ପ୍ରଦତ୍ତ କ୍ଷମତା ଅନୁସାରେ ଯଦି କୌଣସି ଆବେଦନ ନିୟମ-୬ର ଆଇନଗତ ପ୍ରକ୍ରିୟା ପୂରଣ କରିନଥାଏ, ତେବେ ଉକ୍ତ ମାମଲାର ଭିତରକୁ ନଯାଇ ତାକୁ ପ୍ରାରମ୍ଭିକସ୍ତରରୁ ହିଁ ବାଚସ୍ପତି ଚାହିଁଲେ ସିଧାସଳଖ ଖାରଜ କରିପାରିବେ।ଜଣେ ଜନପ୍ରତିନିଧିଙ୍କ ସଭ୍ୟପଦ ରଦ୍ଦ ଭଳି ଏକ ସମ୍ବେଦନଶୀଳ ମାମଲାରେ କୌଣସି ପ୍ରକାର ବେପରୁଆ ମନୋଭାବକୁ ପ୍ରଶ୍ରୟ ଦିଆଯାଇପାରିବ ନାହିଁ, ସେଥିପାଇଁ ମାମଲାର ଗୁଣବତ୍ତା ଉପରେ କୌଣସି ମତ ନଦେଇ ବାଚସ୍ପତି ଶ୍ରୀମତୀ ପାଢ଼ୀ ଏହାକୁ ନିୟମ ୭(୨) ଆଧାରରେ ପ୍ରାରମ୍ଭିକସ୍ତରରୁ ହିଁ ସିଧାସଳଖ ଖାରଜ କରି ଦେଇଛନ୍ତି। ସମାନ କାରଣ ଦର୍ଶାଇ କଂଗ୍ରେସର ଆବେଦନକୁ ମଧ୍ୟ ବାଚସ୍ପତି ଖାରଜ କରିଥିବା ଜଣାପଡ଼ିଛି । କଂଗ୍ରେସର ୩ଜଣ ବିଧାୟକ ମଧ୍ୟ କ୍ରସଭୋଟିଂ କରିଥିଲେ।

ବାଚସ୍ପତିଙ୍କ ଏହି ନିଷ୍ପତ୍ତି ଉପରେ ତୀବ୍ର ପ୍ରତିକ୍ରିୟା ବ୍ୟକ୍ତ କରିଛନ୍ତି ବିଜେଡି ଓ କଂଗ୍ରେସ। ରାଜ୍ୟସଭାରେ ଉଭୟ ଦଳ ମିଳିତ ପ୍ରାର୍ଥୀ ଦେଇଥିଲେ। ବିଜେଡି ବିଧାୟକ ପ୍ରଦୀପ ଦିଶାରୀ କହିଛନ୍ତି ଯେ, ବାଚସ୍ପତିଙ୍କ ଏହି ନିଷ୍ପତ୍ତି ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଗଣତନ୍ତ୍ରର ହତ୍ୟା। ଯଦି ତଥ୍ୟରେ କିଛି ତ୍ରୁଟି ଥିଲା, ତେବେ ବାଚସ୍ପତି ପରାମର୍ଶ ଦେଇପାରିଥାନ୍ତେ। ଅନ୍ୟ ରାଜ୍ୟରେ କ୍ରସଭୋଟିଂ କଲେ ଲିଖିତ ଅଭିଯୋଗ



ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବାବେଳେ ଓଡ଼ିଶାରେ ବାଚସ୍ପତି ଭିନ୍ନ ନୀତି ଆପଣାଉଛନ୍ତି, ଯାହାକି ରାଜ୍ୟରେ କ୍ରସଭୋଟିଂ ଓ ଘୋଡ଼ାବେପାରକୁ ବଢ଼ାଇବ ବୋଲି ଶ୍ରୀ ଦିଶାରୀ ଚେତାବନୀ ଦେବା ସହ ବିଜେଡି ଏହା ବିରୁଦ୍ଧରେ ଆଇନର ଆଶ୍ରୟ ନେବ ବୋଲି ସୂଚନା ଦେଇଛନ୍ତି।

ସେହିପରି ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି ଯେ,ଆବେଦନ ଖାରଜ କରିବା ପୂର୍ବରୁ ବାଚସ୍ପତି ଯଦି ଆବଶ୍ୟକୀୟ ନଥିପତ୍ର ମାଗିଥାନ୍ତେ, ତେବେ ଦଳ ପକ୍ଷରୁ ସମସ୍ତ ଦଲିଲ ପ୍ରଦାନ କରାଯାଇଥାନ୍ତା, ମାତ୍ର ସେଭଳି କୌଣସି ସୁଯୋଗ ଦିଆଯାଇ ନାହିଁ।ଏହି ମାମଲାରେ ବରିଷ୍ଠ ନେତାଙ୍କ ସହ ଆଲୋଚନା ପରେ ଦଳ କୋର୍ଟର ଦ୍ୱାରସ୍ଥ ହେବ ବୋଲି ଶ୍ରୀ ଦାସ କହିଛନ୍ତି। ଅନ୍ୟପକ୍ଷରେ ବିଜେପିର ବରିଷ୍ଠ ନେତା ତଥା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସିଧାସଳଖ ବିରୋଧୀ ଦଳଙ୍କୁ କଟାକ୍ଷ କରି କହିଛନ୍ତି ଯେ, ସେମାନଙ୍କୁ ଆଉଥରେ ପାଠ ପଢ଼ିବାର ଆବଶ୍ୟକତା ରହିଛି। ହ୍ୱିପ୍ କ'ଣ,ଦଳବଦଳ ବିରୋଧୀ ଆଇନ କ'ଣ ଓ ଏହା କେଉଁମାନଙ୍କ ବିରୁଦ୍ଧରେ ବ୍ୟବହାର କରାଯାଇପାରିବ, ସେବିଷୟରେ ବିରୋଧୀ ପୁନଃଅଧ୍ୟୟନ ଓ ପୁନଃଚିନ୍ତନ କରନ୍ତୁ। ବିରୋଧୀ ଆଇନ ନବୁଝି ଆବେଦନ କରିଥିଲେ, ଯାହାକୁ ବାଚସ୍ପତି ଖାରଜ କରି ଉଚିତ୍ ପଦକ୍ଷେପ ନେଇଛନ୍ତି ବୋଲି ସେ କହିଛନ୍ତି।

ବିଜେଡିର ନିଲମ୍ବିତ ବିଧାୟକ ଅରବିନ୍ଦ ମହାପାତ୍ର କହିଛନ୍ତି ଯେ, ସେ ନିଜ ଇଚ୍ଛାରେ ଓ ଜଣେ ବ୍ୟକ୍ତିଙ୍କୁ ଦେଖି ଭୋଟ ଦେଇଛନ୍ତି। ଆଇନ ଅନୁସାରେ କ୍ରସଭୋଟିଂ କଲେ ସଭ୍ୟ ପଦ ରଦ୍ଦ ହୁଏନାହିଁ। ବିଜେଡି କିଛି ମୂର୍ଖ ଲୋକଙ୍କ ଦ୍ୱାରା ପରିଚାଳିତ ହେଉଛି। ବିଜେଡି ଚର୍ଚ୍ଚାରେ ରହିବା ପାଇଁ ଏଭଳି କରୁଛି ବୋଲି କହିବା ସହ ଦଳର ପରାମର୍ଶଦାତାମାନଙ୍କୁ ଆଇନ ବହି ପଢ଼ିବାକୁ କଟାକ୍ଷ କରିଛନ୍ତି।

**୨୬ ଜିଲ୍ଲାର ୬୪ ସ୍ଥାନ**

# ଇଂରାଜୀ ବନାନରେ ସଂଶୋଧନ, ବିଜ୍ଞପ୍ତି ଜାରି

**ଭୁବନେଶ୍ୱର,୨୨।୬/ଏନ୍ଏନ୍ଏସ୍:** ସାଧାରଣ ଲୋକଙ୍କ ମତାମତ, ପ୍ରତିଭା ରାୟ କମିଟିଙ୍କ ସୁପାରିଶ ଓ କ୍ୟାବିନେଟ୍ ଅନୁମୋଦନ ପରେ ବ୍ରିଟିଶ ଅମଳର ବନାନଗତ ତ୍ରୁଟିକୁ ସଂଶୋଧନ କରିବା ନିମନ୍ତେ ସୋମବାର ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି ହୋଇଛି। ରାଜ୍ୟର ୨୬ଟି ଜିଲ୍ଲାର ୬୪ଟି ସ୍ଥାନର ବିକୃତ ଇଂରାଜୀ ବନାନକୁ ବଦଳାଇ ପ୍ରକୃତ ଓଡ଼ିଆ ଉଚ୍ଚାରଣ ଅନୁରୂପ କରାଯାଇଛି। ସରକାରୀ ରେକର୍ଡରେ ଔପନିବେଶିକ ସମୟର ବିକୃତ ଇଂରାଜୀ ବନାନ ପରିବର୍ତ୍ତେ ଓଡ଼ିଆ ଭାଷାର କଥନ ଶୈଳୀ ଓ ଶବ୍ଦକୁ ଆଧାର କରି ଏହି ବନାନ ସଂଶୋଧନ ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଭାଗ ପକ୍ଷରୁ ଏହି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି ଯାହାକି ଓଡ଼ିଶା ଗେଜେଟରେ ପ୍ରକାଶ ପାଇବା ଦିନଠୁ ହିଁ ନୂଆ ସଂଶୋଧିତ ବନାନ କାର୍ଯ୍ୟକାରୀ ହେବ ବୋଲି ଉଲ୍ଲେଖ ରହିଛି।

ଏହି ବିଜ୍ଞପ୍ତି ଅନୁସାରେ ରାଜ୍ୟର ୨୬ଟି ଜିଲ୍ଲାର ୬୪ଟି ପ୍ରମୁଖ ସ୍ଥାନର ଇଂରାଜୀ ଉଚ୍ଚାରଣରେ ସଂଶୋଧନ ହୋଇଛି। ସରକାରୀସ୍ତରରେ ବ୍ୟବହାର କରାଯାଉଥିବା ଜିଲ୍ଲା, ସବଡିଭିଜନ, ତହସିଲ, ବ୍ଲକ ଓ ସହରାଂଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକର ପୁରୁଣା ଇଂରାଜୀ ବନାନ ସ୍ଥାନରେ ଏହି ସଂଶୋଧିତ ନୂଆ ବନାନକୁ କାର୍ଯ୍ୟକାରୀ କରାଯିବ।

ଏହି ପରିବର୍ତ୍ତନ କେବଳ ଇଂରାଜୀ ବନାନର ସଂଶୋଧନ ପାଇଁ କରାଯାଇଛି, ଏହାଦ୍ୱାରା ସମ୍ପୃକ୍ତ ପ୍ରଶାସନିକ ଏକକଗୁଡ଼ିକର ମୂଳ ଓଡ଼ିଆ ନାମ କିମ୍ବା ସୀମାରେ କୌଣସି ପ୍ରକାରର ପରିବର୍ତ୍ତନ ହେବ ନାହିଁ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି।

ଏହି ନୂତନ ନିର୍ଦ୍ଦେଶନାମା ଅନୁଯାୟୀ ଓଡ଼ିଶାର ବିଭିନ୍ନ ପ୍ରମୁଖ ସ୍ଥାନର ପରିବର୍ତ୍ତିତ ନାମ ଏଣିକି ଇଂରାଜୀ ଉଚ୍ଚାରଣରେ ଅନୁଗୋଳ ପରିବର୍ତ୍ତେ ଅନୁଗୁଳ, ଖୋରଧା ନୁହେଁ ଖୋର୍ଦ୍ଧା, ଦେଓଗର ପରିବର୍ତ୍ତେ ଦେବଗଡ଼, କେନ୍ଦ୍ରାପରା ବଦଳରେ କେନ୍ଦ୍ରାପଡ଼ା ଭାବେ ସଠିକ୍ ଓଡ଼ିଆ ଉଚ୍ଚାରଣ ସହ ସମ୍ପୂର୍ଣ୍ଣ ସମାନତା ରକ୍ଷା କରି ଏହି ସମସ୍ତ ଇଂରାଜୀ ବନାନକୁ ଚୂଡ଼ାନ୍ତ ରୂପ ଦିଆଯାଇଛି।ଏହି ନିର୍ଦ୍ଦେଶନାମାର ନକଲକୁ ରାଜ୍ୟର ସମସ୍ତ ବିଭାଗ, ଆରଡିସି, ଜିଲ୍ଲାପାଳ, ତହସିଲଦାର ଓ ସମସ୍ତ ସରକାରୀ ସଂସ୍ଥାକୁ ଜରୁରୀ କାର୍ଯ୍ୟାନୁଷ୍ଠାନ ପାଇଁ ପଠାଯାଇଛି। ଏହାସହିତ କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟ, ରେଳ ମନ୍ତ୍ରଣାଳୟ, ଡାକ ବିଭାଗ ଓ ସର୍ଭେୟର ଜେନେରାଲଙ୍କ ଭଳି କେନ୍ଦ୍ରୀୟ ପ୍ରତିଷ୍ଠାନଗୁଡ଼ିକୁ ମଧ୍ୟ ନିଜ ରେକର୍ଡରେ ଏହି ନୂତନ ବନାନକୁ ସାମିଲ କରିବା ପାଇଁ ଅନୁରୋଧ କରାଯାଇଛି, ଯେପରି ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ଓଡ଼ିଶାର ସ୍ଥାନଗୁଡ଼ିକର ସଠିକ୍ ଓଡ଼ିଆ ଉଚ୍ଚାରଣ ପ୍ରତିଫଳିତ ହୋଇପାରିବ। ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଏହି ନାମ ସଂଶୋଧନ ପ୍ରକ୍ରିୟା ପାଇଁ ପଦକ୍ଷେପ ନେଇଥିଲେ। ନିଜ ସରକାରର ଦୁଇବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏହି ପ୍ରସ୍ତାବକୁ ଆନୁଷ୍ଠାନିକ ଅନୁମୋଦନ ମିଳିଥିଲା। ସୋମବାର ଏନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି।

# ଶରଣକୂଳ ପୂର୍ବତନ ଥାନା ଅଧିକାରୀ ନିଲମ୍ବିତ

**ନୟାଗଡ଼,୨୨।୬/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ଶରଣକୂଳ ଥାନାର ପୂର୍ବତନ ଆଇଆଇସି ସୁଜିତ କୁମାର ଦାସଙ୍କୁ ନିଲମ୍ବିତ କରାଯାଇଛି। କର୍ତ୍ତବ୍ୟରେ ଅବହେଳା ଓ ଗୁରୁତର ଶୃଙ୍ଖଳାଭଙ୍ଗ ଅଭିଯୋଗରେ ଡିଜିପି ତାଙ୍କୁ ନିଲମ୍ବନ କରିଛନ୍ତି। ଜଣେ ମହିଳାଙ୍କୁ ଅସଦାଚରଣ ଓ ଗୁରୁତର ଅଭିଯୋଗ ଆଣିବା ପରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପୂର୍ବରୁ ତାଙ୍କୁ ଥାନାରୁ ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିଲା।



ଶରଣକୂଳ ଥାନା ଜାମୁସାହି ଗ୍ରାମର ଜଣେ ମହିଳାଙ୍କ ପରିବାର ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଜମି ବାଡ଼ି ବିବାଦକୁ ନେଇ କିଛିଦିନ ତଳେ ଗଣ୍ଡଗୋଳ ହୋଇଥିଲା। ଏନେଇ ପୀଡିତା ଜଣଙ୍କ ଶରଣକୂଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ସମୟ ଗଡ଼ିବା ସହିତ ପୁଲିସ ନ୍ୟାୟ ଦେଇନଥିଲେ। ମହିଳାଜଣଙ୍କ ବାରମ୍ବାର ଶରଣକୂଳ ଥାନାକୁ ଦୌଡ଼ିବା ପରେ ଥାନା ଅଧିକାରୀ ସୁଜିତ କୁମାର ଦାଶ ତାଙ୍କ ଫୋନ ନମ୍ବର ନେବା ସହିତ ନ୍ୟାୟ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ କିଛି ଦିନ ପରେ ନ୍ୟାୟ ବଦଳରେ ଫୋନ କରି ପ୍ରେମ ନିବେଦନ କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ଏପରିକି ସମ୍ପୃକ୍ତ ମହିଳାଙ୍କୁ କ୍ୱାର୍ଟରକୁ ଡାକି ତାଙ୍କ ଅନିଚ୍ଛା ସତ୍ତ୍ୱେ ଜୋର ଜବରଦସ୍ତ କରି ଶାରୀରିକ ସମ୍ପର୍କ ରଖିଥିଲେ ବୋଲି ମହିଳା ଅଭିଯୋଗ କରିଥିଲେ। ଏପରିକି ଥାନାଅଧିକାରୀ ମିଛ କେଶରେ ମହିଳାଜଣଙ୍କୁ ଜେଲ୍‌କୁ ପଠାଇଦେଇଥିଲେ । ଜେଲ୍‌ରେ ଆସିବାପରେ ମହିଳା ଜଣଙ୍କ ନୟାଗଡ଼ ଏସ୍‌ପିଙ୍କୁ ଭେଟି ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଘଟଣାର ସିଏଡବ୍ଲ୍ୟୁ ଆଣ୍ଡ ସିଡବ୍ଲ୍ୟୁ ତଦନ୍ତ ପାଇଁ ଡିଜିପି ଅଫିସରୁ ନିର୍ଦ୍ଦେଶ ଆସିଥିଲା। ଏହାସହିତ ସୁଜିତଙ୍କୁ ତୁରନ୍ତ ଶରଣକୂଳରୁ ନୟାଗଡ ହେଡକ୍ୱାର୍ଟରକୁ ବଦଳି କରାଯାଇଥିଲା। କ୍ରାଇମବ୍ରାଞ୍ଚ ଟିମ୍ ଘଟଣାର ତଦନ୍ତ କରି ପ୍ରାଥମିକ ରିପୋର୍ଟ ଦେବା ପରେ ସୁଜିତଙ୍କୁ ନିଲମ୍ବନ କରାଯାଇଥିବା ସୂଚନା ମିଳିଛି।

# ୨୯ରୁ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ ଶିମିଳିପାଳ

**ରାଇରଙ୍ଗପୁର,୨୨।୬/ଏନ୍ଏନ୍ଏସ୍:** ଆସନ୍ତା ଜୁନ୍ ମାସ ୨୯ ତାରିଖରୁ ପର୍ଯ୍ୟଟକମାନଙ୍କ ପାଇଁ ଶିମିଳିପାଳ ଅଭୟାରଣ୍ୟ ବନ୍ଦ ରହିବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଭାରପ୍ରାପ୍ତ କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନି ବିଭାଗୀୟ ବିଜ୍ଞପ୍ତି ଜାରି କରିଛନ୍ତି। ପର୍ଯ୍ୟଟକ ମାନଙ୍କ ପାଇଁ ଶିମିଳିପାଳ ଅଭୟାରଣ୍ୟ ମଧ୍ୟକୁ ସାଢେ ଚାରି ମାସ ପର୍ଯ୍ୟନ୍ତ ପ୍ରବେଶ ବନ୍ଦ ରହିବ। ତେବେ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଥିବା ଇକୋ ଟୁରିଜିମ ପର୍ଯ୍ୟଟକଙ୍କ ପାଇଁ ଖୋଲା ରହିବ।

ପ୍ରତି ବର୍ଷ ବର୍ଷା ଋତୁ ପାଇଁ ଶିମିଳିପାଳ ଅଭୟାରଣ୍ୟକୁ ପର୍ଯ୍ୟଟକ ମାନଙ୍କ ପ୍ରବେଶ ବନ୍ଦ ରହିଥାଏ। ସାଧାରଣତଃ ବର୍ଷା ଋତୁରେ ଲଗାତାର ଭାବେ ବର୍ଷା ହେଲେ ରାସ୍ତା ଧୋଇ ଯିବାର ସମ୍ଭାବନା ରହିଥାଏ। ଫଳରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବିପଦ ସଂକୁଳ ରାସ୍ତାରେ ଦୁର୍ଘଟଣାକୁ ଏଡ଼ାଇବା ପାଇଁ ଶିମିଳିପାଳ ପ୍ରବେଶ ବାରଣ କରାଯାଇଥାଏ। ବର୍ଷା ପରେ ପରିସ୍ଥିତିକୁ ଦେଖି ନଭେମ୍ବର ମାସ ପହିଲାରୁ ପର୍ଯ୍ୟଟକଙ୍କ ପାଇଁ ପୁଣି ଶିମିଳିପାଳ ଅଭୟାରଣ୍ୟ ଖୋଲିବା ନେଇ ତାରିଖ ଘୋଷଣା କରାଯିବ ବୋଲି ଶିମିଳିପାଳ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଶିମିଳିପାଳ ବନ୍ଦ ଥିବା ସମୟରେ ଅଭୟାରଣ୍ୟ ଭିତରେ ରାସ୍ତା ସମେତ ଭିନ୍ନ ଭିତ୍ତିଭୂମିର ମରାମତି ମଧ୍ୟ ହୋଇଥାଏ। ତେବେ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଥିବା ଇକୋ ଟୁରିଜିମ ପର୍ଯ୍ୟଟକଙ୍କ ପାଇଁ ଖୋଲା ରହିବ। ଜାମୁଆଣି, ତାଳବନ୍ଧ ଆଦି ଇକୋ ଟୁରିଜିମ ପର୍ଯ୍ୟଟକଙ୍କ ନିମନ୍ତେ ଖୋଲା ରହିବ। ପର୍ଯ୍ୟଟକ ମାନେ ସେଠାରେ ରହିବା ସହିତ ସେଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରି ପାରିବେ। ଉକ୍ତ ସ୍ଥାନକୁ ଯିବାକୁ ଶିମିଳିପାଳକୁ ପ୍ରବେଶ ନିମନ୍ତେ ପର୍ଯ୍ୟଟକଙ୍କୁ ଅନୁମତି ମିଳିବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗୀନେନୀ ସୂଚନା ଦେଇଛନ୍ତି। ପୁନଃ ଅଭୟାରଣ୍ୟ ଖୋଲିବା ନେଇ ଆଗକୁ ସୂଚନା ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

### ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମ ମୃତ୍ୟୁ ମାମଲା

# ପୁଲିସ ରିମାଣ୍ଡରେ ଭୀମସେନ ଟୁଡୁ

**ଭୁବନେଶ୍ୱର,୨୨।୬/ଏନ୍ଏନ୍ଏସ୍:** ବହୁଚର୍ଚ୍ଚିତ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମ ମୃତ୍ୟୁ ମାମଲାରେ ଓଏଏସ ଭୀମସେନ ଟୁଡୁଙ୍କୁ ରିମାଣ୍ଡରେ ନେଲା ପୁଲିସ। ସୋମବାର ଓଏଏସ ଭୀମସେନ ଟୁଡୁଙ୍କୁ ୨ ଦିନିଆ ରିମାଣ୍ଡରେ ନେବାକୁ ଅନୁମତି ଦେଇଛନ୍ତି ଜେଏମଏଫସି-୨ କୋର୍ଟ । ରିମାଣ୍ଡ ମିଳିବା ପରେ ଏବେ ଭୀମସେନଙ୍କୁ ଅଧିକ ପଚରାଉଚରା କରିବ



କମିଶନରେଟ ପୁଲିସ। ଗତ ଜୁନ୍ ୧୨ ତାରିଖ ଦିନ ଭୀମସେନଙ୍କୁ ମୟୂରଭଞ୍ଜରୁ ଗିରଫ କରିଥିଲା ପୁଲିସ। ସୂଚନାଯୋଗ୍ୟ ଯେ , ଚଳିତ ମାସ ୪ ତାରିଖରେ କାଠଯୋଡ଼ି ନଦୀରୁ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ମୃତଦେହ ମିଳିଥିଲା। ହେଲେ ପ୍ରେମ ବ୍ୟାପାରକୁ ନେଇ ପୁରୁଷବନ୍ଧୁ ଭୀମସେନ ଜଣେ ଯୁବତୀଙ୍କ ସହ ମିଶି ଚନ୍ଦ୍ରିକାଙ୍କୁ ହତ୍ୟା କରିଥିବା ଚନ୍ଦ୍ରିକାଙ୍କ ପରିବାର ଲୋକ ଅଭିଯୋଗ କରିଥିଲେ। ପରିବାର ଲୋକେ ଅଭିଯୋଗ କରିଥିଲେ, ଚନ୍ଦ୍ରିକାଙ୍କ ସହ ଦୀର୍ଘ ଦିନର ପ୍ରେମ ସମ୍ପର୍କ ଭିତରେ ଦ୍ୱିତୀୟ ଯୁବତୀ ଆସିବା ପରେ ଓଏଏସ୍ ତାଲିମ ନେଉଥିବା ପୁରୁଷବନ୍ଧୁ ଭୀମସେନ ମାନସିକ ନିର୍ଯାତନା ଦେଇ ଚନ୍ଦ୍ରିକାଙ୍କୁ ଚାପରେ ରଖିବା ଆରମ୍ଭ କରିଥିଲେ। ତେବେ ପୁଲିସ ମାମଲାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଥିଲା। ଚନ୍ଦ୍ରିକାଙ୍କ ବୟଫ୍ରେଣ୍ଡଙ୍କୁ ଧରିବା ପାଇଁ ଏକାଧିକ ଟିମ୍ ମଧ୍ୟ ଗଠନ ହୋଇଥିଲା।

**କଲ୍ୟାଣପୁର ଭିଡ଼ ହିଂସା ଘଟଣା**

# ନିଜ ଆଡୁ ମାମଲା ରୁଜୁ କଲେ ଏନ୍‌ସିଡବ୍ଲ୍ୟୁ

**ଭୁବନେଶ୍ୱର,୨୨।୬/ଏନ୍ଏନ୍ଏସ୍:** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂପୁର ଭିଡ଼ ହିଂସା ଘଟଣାକୁ ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଗୁରୁତ୍ୱର ସହ ନେଇଛନ୍ତି। ଦିଲ୍ଲୀରୁ ଗବେଷଣା ପାଇଁ ଆସିଥିବା ଛାତ୍ରୀ ଓ ଛାତ୍ରଙ୍କୁ ଶିଶୁ ଚୋରି ଅଭିଯୋଗରେ ଆକ୍ରମଣ କରାଯିବା ସମ୍ପର୍କରେ ମହିଳା କମିଶନ ଗଣମାଧ୍ୟମରୁ ଜାଣିବାକୁ ପାଇଛନ୍ତି। ଏହାକୁ ଆଧାର କରି କମିଶନ ସୋମବାର ନିଜ ଆଡୁ ମାମଲା ରୁଜୁ କରିଛନ୍ତି। ଏହି ଚର୍ଚ୍ଚିତ ଘଟଣାକୁ କମିଶନ ତୀବ୍ର ନିନ୍ଦା କରିଛନ୍ତି। ଓଡ଼ିଶା ପୁଲିସ ଡିଜିଙ୍କୁ କମିଶନ ରିପୋର୍ଟ ତଲବ କରିଛନ୍ତି। ୭ ଦିନ ମଧ୍ୟରେ ଏ ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଏଥିସହ କମିଶନ ଏହି ଘଟଣାରେ ରୁଜୁ ଏଫଆଇଆର୍ ଏବଂ ଭାରତୀୟ ନ୍ୟାୟ ସଂହିତା ଅନୁଯାୟୀ ଲଗାଯାଇଥିବା ଦଫା ସମ୍ପର୍କରେ ତଥ୍ୟ ମାଗିଛନ୍ତି। ଏଥିସହ ତଦନ୍ତର ସ୍ଥିତି ଏବଂ ଗିରଫଦାରୀ, ପିଲା ଚୋର ଗୁଜବ ପ୍ରସାରଣ ପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ପୀଡ଼ିତାଙ୍କୁ ଉଦ୍ଧାର ଓ ଥଇଥାନ, ଏନଜିଓ କର୍ମୀଙ୍କ ସୁରକ୍ଷା ନିଶ୍ଚିତ କରିବା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ଏବଂ ଜନସଚେତନତା ଅଭିଯାନ ମାଧ୍ୟମରେ ଭିଡ଼ ହିଂସା ରୋକିବା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ କମିଶନ ବିସ୍ତୃତ ବିବରଣୀ ମାଗିଛନ୍ତି ।

ଅନ୍ୟପକ୍ଷରେ ଏହି ଘଟଣାକୁ ରାଜ୍ୟ ପୁଲିସ ପକ୍ଷରୁ ଗୁରୁତ୍ୱର ସହ ମଧ୍ୟ ତଦନ୍ତ କରାଯାଉଛି। ମାମଲାକୁ ରେଡ୍ ଫ୍ଲାଗ୍ ଶ୍ରେଣୀ ଅନ୍ତର୍ଭୁକ୍ତ କରାଯାଇ କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖାର ତତ୍ତ୍ୱାବଧାନରେ ତଦନ୍ତ କରାଯାଉଛି। ପୀଡ଼ାତାଙ୍କୁ ଓଡ଼ିଶା ପୁଲିସ ପକ୍ଷରୁ ସବୁ ପ୍ରକାର ସହାୟତା ଯୋଗାଇ ଦିଆଯିବ। ଏଥିସହ ସମସ୍ତ ଅଭିଯୁକ୍ତମାନଙ୍କୁ କଠୋର ଦଣ୍ଡ ଦିଆଯିବ ବୋଲି ଏସ୍. ସାଇନି କହିଥିଲେ। ସେହିପରି ଏହି ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ମଧ୍ୟ ପିଟିଶନ ଦାଖଲ ହୋଇଛି।

### ନାଗରିକ-କୈନ୍ଦ୍ରିକ ସହରାଞ୍ଚଳ ଶାସନ ବ୍ୟବସ୍ଥା

# ଗୃହ ନିର୍ମାଣ ଓ ଜମି ପରିଚାଳନା କ୍ଷେତ୍ରରେ ବ୍ୟାପକ ସଂସ୍କାର

**ଭୁବନେଶ୍ୱର,୨୨।୬/ଏନ୍ଏନ୍ଏସ୍:** ଓଡ଼ିଶା ସରକାରଙ୍କ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସ୍ୱଚ୍ଛ, ନାଗରିକ-କୈନ୍ଦ୍ରିକ ଏବଂ ଭବିଷ୍ୟତମୁଖୀ ସହରାଞ୍ଚଳ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଏକାଧିକ ଗୁରୁତ୍ୱପୂର୍ଣ୍ଣ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ସଂସ୍କାରଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ରାଜ୍ୟର ସହରାଞ୍ଚଳ ଗୃହନିର୍ମାଣ, ନଗର ଯୋଜନା ଏବଂ ଜମି ପରିଚାଳନା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା। ବିଗତ କିଛି ମାସ ମଧ୍ୟରେ, ଆପାର୍ଟମେଣ୍ଟ ମାଲିକାନା ଓ ପଞ୍ଜୀକରଣ ପ୍ରକ୍ରିୟାକୁ ସହଜ କରିବା, ଘର କ୍ରେତାମାନଙ୍କ ପାଇଁ ସୁବିଧା, ବିଲ୍ଡରମାନଙ୍କ ମଧ୍ୟରେ ଉତ୍ତରଦାୟିତ୍ୱ ବୃଦ୍ଧି କରିବା, ଯୋଜନା ଓ ବିକାଶ ନିୟମାବଳୀକୁ ସରଳ କରିବା ଏବଂ ଭଡ଼ା ଘର ପାଇଁ ଏକ ଆଧୁନିକ ଆଇନଗତ ବ୍ୟବସ୍ଥା ପ୍ରସ୍ତୁତ କରିବା ପାଇଁ ବିଭାଗ ପକ୍ଷରୁ ପ୍ରମୁଖ ନୀତିଗତ ପଦକ୍ଷେପ ନିଆଯାଇଛି। ଏହି ସଂସ୍କାର କ୍ରମରେ 'ଓଡ଼ିଶା ଆପାର୍ଟମେଣ୍ଟ (ମାଲିକାନା ଓ ପରିଚାଳନା) ଅଧିନିୟମ, ୨୦୨୩'ର ସଫଳ କାର୍ଯ୍ୟକାରିତା ଏକ ପ୍ରମୁଖ ମାଇଲଖୁଣ୍ଟ ସଦୃଶ ହୋଇଛି। ଏହାର ପ୍ରଭାବୀ କାର୍ଯ୍ୟକାରିତା ପାଇଁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଏବଂ କାର୍ଯ୍ୟକାରୀ ଗାଇଡଲାଇନ ଜାରି କରାଯାଇଛି, ଯାହା ଆପାର୍ଟମେଣ୍ଟ ମାଲିକ, ଡେଭଲପର ଏବଂ ନିୟାମକ କର୍ତ୍ତୃପକ୍ଷଙ୍କ ଦୀର୍ଘଦିନର ସମସ୍ୟାକୁ ସମାଧାନ କରିପାରିଛି।

ଏହି ସଂସ୍କାର ସମ୍ପର୍କରେ ସୂଚନା ଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି 'ଏହି ସଂସ୍କାରଗୁଡ଼ିକ ଓଡ଼ିଶାରେ ଏକ ସ୍ୱଚ୍ଛ, ଉତ୍ତରଦାୟୀ ଏବଂ ନାଗରିକ-କୈନ୍ଦ୍ରିକ ସହରାଞ୍ଚଳ ଶାସନ ଢାଞ୍ଚା ଗଠନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ୨୦୨୩ ମସିହାରେ ଆପାର୍ଟମେଣ୍ଟ ଆକ୍ଟ ପ୍ରଣୟନ ହେବା ପରଠାରୁ ଆପାର୍ଟମେଣ୍ଟ ପଞ୍ଜୀକରଣ, ମାଲିକାନା ଅଧିକାର ଓ ହସ୍ତାନ୍ତର ସମ୍ପର୍କିତ ସମସ୍ୟା ଅନେକ ନାଗରିକଙ୍କ ପାଇଁ ଅସମାହିତ ହୋଇ ରହିଥିଲା। ଏହି ସଂସ୍କାର ମାଧ୍ୟମରେ ଆମେ ଆପାର୍ଟମେଣ୍ଟ ମାଲିକ ଓ କ୍ରେତାମାନଙ୍କର ଦୀର୍ଘ ଦିନର ସମସ୍ୟାର ସମାଧାନ କରିବା ସହ ନିୟାମକ ଅନୁପାଳନ ଏବଂ ସେବା ପ୍ରଦାନକୁ ସୁଦୃଢ଼ କରିଛୁ। ଏଥି ସହିତ ଆମେ ଏକ ଆଧୁନିକ ଭଡ଼ା ଘର ବ୍ୟବସ୍ଥାର ମୂଳଦୁଆ ପକାଉଛୁ, ଯାହା ଘର ମାଲିକ ଓ ଭଡ଼ାଟିଆ ଉଭୟଙ୍କ ସ୍ୱାର୍ଥର ସନ୍ତୁଳନ ରକ୍ଷା କରିବ।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି 'ସହରାଞ୍ଚଳ ଶାସନକୁ ଆଧୁନିକ କରିବା ଏବଂ ସରକାରୀ ସେବାଗୁଡ଼ିକୁ ଆହୁରି ନାଗରିକ-କୈନ୍ଦ୍ରିକ, ସ୍ୱଚ୍ଛ ଓ ଦକ୍ଷ କରିବା ପାଇଁ ଏହି ସଂସ୍କାରଗୁଡ଼ିକ ଏକ ବ୍ୟାପକ ଆଭିମୁଖ୍ୟର ଅଂଶବିଶେଷ। ଆପାର୍ଟମେଣ୍ଟ ପଞ୍ଜୀକରଣ ପ୍ରକ୍ରିୟାକୁ ସରଳ କରି, ଛୋଟ ପ୍ଲଟଗୁଡ଼ିକର ସବ୍-ଡିଭିଜନକୁ ନିୟମମୁକ୍ତ କରି ଏବଂ ଯୋଜନା ନିୟମାବଳୀକୁ ସୁଗମ କରି ଆମେ ନାଗରିକମାନଙ୍କ ସମସ୍ୟା ହ୍ରାସ କରୁଛୁ ଏବଂ ସହରଗୁଡ଼ିକର ଶୃଙ୍ଖଳିତ ବିକାଶକୁ ସୁନିଶ୍ଚିତ କରୁଛୁ। ବର୍ତ୍ତମାନ ଆହୁରି ଅନେକ ସଂସ୍କାରମୂଳକ ପଦକ୍ଷେପ ପ୍ରକ୍ରିୟାଧୀନ ରହିଛି, ଯାହା ଆଗାମୀ ଦିନରେ ପ୍ରକ୍ରିୟାକୁ ଆହୁରି ସରଳ କରିବ, ନାଗରିକଙ୍କ ଅଧିକାରକୁ ସୁରକ୍ଷିତ କରିବ ଏବଂ ସହରାଞ୍ଚଳ ଓଡ଼ିଶାରେ ଜୀବନଧାରଣର ମାନକୁ ସହଜ କରିବ।'

ସାମଗ୍ରିକ ଭାବେ, ଏହି ସଂସ୍କାରଗୁଡ଼ିକ ଓଡ଼ିଶାର ସହରାଞ୍ଚଳ ଗୃହ ନିର୍ମାଣ, ଯୋଜନା ଏବଂ ଜମି ପରିଚାଳନା କ୍ଷେତ୍ରରେ ବିଗତ ବର୍ଷଗୁଡ଼ିକ ମଧ୍ୟରେ ସବୁଠାରୁ ବଡ଼ ପରିବର୍ତ୍ତନ। ଆପାର୍ଟମେଣ୍ଟ ପଞ୍ଜୀକରଣର ପୁରୁଣା ସମସ୍ୟାର ସମାଧାନ, ମାଲିକାନା ଅଧିକାରର ସୁଦୃଢ଼ୀକରଣ, ଜମି ନିୟମାବଳୀର ସରଳୀକରଣ, ଭଡ଼ା ଘର ଶାସନ ବ୍ୟବସ୍ଥାର ଆଧୁନିକୀକରଣ ଏବଂ ଯୋଜନା ପରିଚାଳନାରେ ଉନ୍ନତି ମାଧ୍ୟମରେ ଏହି ପଦକ୍ଷେପଗୁଡ଼ିକ ରାଜ୍ୟର ଘର କ୍ରେତା, ଆପାର୍ଟମେଣ୍ଟ ମାଲିକ, ଡେଭଲପର, ଭଡ଼ାଟିଆ ଏବଂ ସାଧାରଣ ନାଗରିକଙ୍କୁ ବହୁଳ ଭାବେ ଉପକୃତ କରିବ।ଏହି ସଂସ୍କାରଗୁଡ଼ିକ ଓଡ଼ିଶାରେ ଏକ ସ୍ୱଚ୍ଛ, ଉତ୍ତରଦାୟୀ ଏବଂ ନାଗରିକ-ଅନୁକୂଳ ସହରାଞ୍ଚଳ ଶାସନ ବ୍ୟବସ୍ଥା ଗଠନ ପ୍ରତି ରାଜ୍ୟର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି, ଯାହା ବାସିନ୍ଦାଙ୍କ ସ୍ୱାର୍ଥ ରକ୍ଷା କରିବା ସହ ସହରାଞ୍ଚଳ ଓଡ଼ିଶାରେ ଜୀବନଧାରଣର ମାନ ବୃଦ୍ଧି ଏବଂ ନିରନ୍ତର ସହରୀ ବିକାଶରେ ସହାୟକ ହେବ।

### ସ୍ୱଚ୍ଛ ଏବଂ ହରିତ୍ ବିଦ୍ୟାଳୟ ମୂଲ୍ୟାଙ୍କନ

# ଓଡ଼ିଶାର ୧୦ ବିଦ୍ୟାଳୟକୁ ଜାତୀୟ ମାନ୍ୟତା

**ଭୁବନେଶ୍ୱର,୨୨।୬/ଏନ୍ଏନ୍ଏସ୍:** ଭାରତ ସରକାରଙ୍କ ସ୍ୱଚ୍ଛ ଏବଂ ହରିତ୍ ବିଦ୍ୟାଳୟ ମୂଲ୍ୟାଙ୍କନ (ଏସଏଚଭିଆର) ୨୦୨୫-୨୬ ପୁରସ୍କାର ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ଅଧିନରେ ଥିବା ୧୦ ଟି ବିଦ୍ୟାଳୟକୁ ଚୟନ କରାଯାଇଛି । ଓଡ଼ିଶାର ପ୍ରାୟ ୨୦ ଟି ବିଦ୍ୟାଳୟକୁ ଜାତୀୟସ୍ତରୀୟ ମୂଲ୍ୟାଙ୍କନ ପାଇଁ ନୋମିନେଟ୍ କରାଯାଇଥିଲା, ଯେଉଁଥିରୁ ୧୦ଟି ବିଦ୍ୟାଳୟକୁ ଏସଏଚଭିଆର ୨୦୨୫-୨୬ ଅନ୍ତର୍ଗତ ଜାତୀୟ ପୁରସ୍କାର ଏବଂ ସ୍ୱୀକୃତି ପାଇଁ ମନୋନୀତ କରାଯାଇଛି।

ଏସଏଚଭିଆର ମୁଖ୍ୟତଃ ପରିମଳ ଏବଂ ପରିଚ୍ଛନ୍ନତା, ନିରାପଦ ପାନୀୟ ଜଳର ଉପଲବ୍ଧତା, ସବୁଜିମା ଏବଂ ଜୈବ ବିବିଧତା, ବର୍ଜ୍ୟବସ୍ତୁ ପରିଚାଳନା ଅଭ୍ୟାସ ଭଳି ପ୍ରମୁଖ ମାନଦଣ୍ଡ ଉପରେ ବିଦ୍ୟାଳୟଗୁଡ଼ିକୁ ମୂଲ୍ୟାଙ୍କନ କରେ। ଏହି ପଦକ୍ଷେପ ବିଦ୍ୟାଳୟଗୁଡ଼ିକୁ ଛାତ୍ରଛାତ୍ରୀଙ୍କ ସୁସ୍ଥ ସ୍ୱାସ୍ଥ୍ୟକୁ ସୁନିଶ୍ଚିତ କରିବା ସହିତ ପରିବେଶ ସୁରକ୍ଷା ଦିଗରେ ଦାୟିତ୍ୱପୂର୍ଣ୍ଣ ଅଭ୍ୟାସଗୁଡ଼ିକୁ ଗ୍ରହଣ କରିବାକୁ ଉତ୍ସାହିତ କରିଥାଏ। ଏହି ଜାତୀୟସ୍ତରୀୟ ମାନ୍ୟତା ଓଡ଼ିଶାର ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ସ୍କୁଲ ପରିଚାଳନା କମିଟି ଏବଂ ସ୍ଥାନୀୟ ସମ୍ପ୍ରଦାୟର ମିଳିତ ପ୍ରୟାସକୁ ପ୍ରତିଫଳିତ କରୁଛି। ଏହି ସ୍ୱୀକୃତି ପାଇବା ପରେ ବିଦ୍ୟାଳୟସ୍ତରରେ ପରିବେଶ ସୁରକ୍ଷାର ବାର୍ତ୍ତା ପହଞ୍ଚାଇବାରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବରେ ଉଭା ହେବ।

ସୂଚନାଯୋଗ୍ୟ, ଜାତୀୟସ୍ତରରେ ୨୯ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରୁ ୧୯୧ ସ୍କୁଲକୁ ଏସଏଚଭିଆର ୨୦୨୫-୨୬ ଅଧୀନରେ ପୁରସ୍କାର ପାଇଁ ମନୋନୀତ କରାଯାଇଛି । ପ୍ରତ୍ୟେକ ବିଜେତା ବିଦ୍ୟାଳୟକୁ ୧ ଲକ୍ଷ ଟଙ୍କା ନଗଦ ପୁରସ୍କାର, ସ୍ୱୀକୃତି ପ୍ରମାଣପତ୍ର ଏବଂ ତିନି ଦିନିଆ ଏକ୍ସପୋଜର ପରିଦର୍ଶନରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିବ।

# ବିଶ୍ୱ ସଙ୍ଗୀତ ଦିବସରେ ବହୁ ପ୍ରତିଭା ସମ୍ବର୍ଦ୍ଧିତ




**ଫୁଲବାଣୀ,୨୨।୬/ଏନ୍ଏନ୍ଏସ୍:** ସ୍ଥାନୀୟ ବନାନୀ କଳା ସଙ୍ଗମ ଠାରେ ସଙ୍ଗୀତ ଅନୁଷ୍ଠାନ ସଙ୍ଗୀତ ସାଧନା ଏବଂ ସାଗର ସଙ୍ଗମର ମିଳିତ ଉଦ୍ୟମରେ ବିଶ୍ୱ ସଙ୍ଗୀତ ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ଲେଖକ ସାମ୍ମୁଖ୍ୟର ସଭାପତି ରବୀନ୍ଦ୍ରନାଥ ମିଶ୍ର ଯୋଗଦେଇଥିବା ବେଳେ ସ୍ୱତନ୍ତ୍ର ଅତିଥିଭାବେ ନବ କିଶୋର ରଥ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧକ୍ଷ ଦୀନବନ୍ଧୁ ମହାନ୍ତି ଓ ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ଜଗନ୍ନାଥ ସାହାଣୀ ଏବଂ ବନ ବିହାରୀ ନନ୍ଦ ଯୋଗଦେଇ ସଙ୍ଗୀତର ସୃଷ୍ଟି ଏବଂ ତାହାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ସେହିଭଳି ଆଲୋଚକ ଭାବେ ପ୍ରାକ୍ତନ ଅଧକ୍ଷ ଡ଼.ପୂର୍ଣ୍ଣେନ୍ଦୁ ତ୍ରିପାଠୀ ଓ ଶିକ୍ଷକ ଯୁଧିଷ୍ଠିର ମହାନ୍ତି ଯୋଗଦେଇ ସଙ୍ଗୀତର ସୃଷ୍ଟି ଓ ବିକାଶ ଉପରେ ଆଲୋଚନା କରିଥିଲେ । ସଙ୍ଗୀତ ସାଧନ ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରସନ୍ନ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଅଧାପିକା ହରପ୍ରିୟା ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଜିଲାର ବିଶିଷ୍ଟ କଳାପ୍ରେମୀ, ଗୀତିକାର ରୂପେ ଅନ୍ୟାନ୍ୟ ପ୍ରତିଭାର ଅଧିକାରୀ ଦିନବନ୍ଧୁ ମହାନ୍ତି , ଗୀତିକାର ଡ଼,ଶଶିକାନ୍ତ ମିଶ୍ର ଓ ସୁଶୀଳ କୁମାର ନାୟକ, ଶ୍ରେଷ୍ଠ ମଂଚ ପରିଚାଳକ ଭାବେ ଅଶୋକ ମହାନ୍ତି, କ୍ଷୀରାବ୍ଧୀ ତନୟା ଦାସ ପ୍ରମୁଖଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ସନ୍ତୋଷ କୁମାର ଦାସ ଓ କିଶୋର କୁମାର ସିଂ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ପରେ ପରେ ବହୁ କଣ୍ଠଶିଳ୍ପୀ ମାନଙ୍କ ଦ୍ୱାରା ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ



**ପୁରୁଷୋତ୍ତମପୁର,୨୨।୬/ଏନ୍ଏନ୍ଏସ୍:** ରାଜ୍ୟ ବିଜେପି ସରକାରଙ୍କ ଦୁଇ ବର୍ଷର ସଫଳ ଶାସନ ପୂର୍ତ୍ତି ହୋଇ ତୃତୀୟ ବର୍ଷରେ ପଦାର୍ପଣ କରିଛି । ଏହି ଦୁଇ ବର୍ଷ ମଧ୍ୟରେ ସମଗ୍ର ରାଜ୍ୟ ସମେତ ବ୍ଲକରେ ହୋଇଥିବା ବିଭିନ୍ନ ଲୋକାଭିମୁଖୀ ଜନ କଲ୍ୟାଣ ଯୋଜନା ଗୁଡ଼ିକର ସଫଳତାକୁ ନେଇ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ପଞ୍ଚାୟତ ସମିତି ପ୍ରଶାସନ ପକ୍ଷରୁ ବିକାଶର ଧାରା ଓଡିଶା ସାରା ଚାରି ଦିବସୀୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମ ବ୍ଲକ ପରିସରରେ ଅଧକ୍ଷା ପିଙ୍କି ବେହେରା ଓ ବିଡ଼ିଓ ଦେବାଶିଷ ସାମଲଙ୍କ ମିଳିତ ସଂଯୋଜନାରେ ଆରମ୍ଭ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ବିଧାୟକ ତଥା ରାଜ୍ୟ ଯୋଜନା ବୋର୍ଡ ଅଧକ୍ଷ ପୂର୍ଣ୍ଣ ଚନ୍ଦ୍ର ସେଠୀ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଯୁବ ନେତା ନିର୍ମଳ ଚନ୍ଦ୍ର ସାହୁ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ଭୁତସରସିଙ୍ଗି ସରପଞ୍ଚ ମନୋଜ କୁମାର ଦାଶ, ଜାମୁନି ସରପଞ୍ଚ ଇନ୍ଦ୍ରଜିତ ନାୟକ, ପାଣ୍ଡିଆ ସରପଞ୍ଚ ପ୍ରତିନିଧି କୈଳାଶ ଚନ୍ଦ୍ର ସେଠୀ, ଅଧକ୍ଷା ପ୍ରତିନିଧି ଜଗତ ବନ୍ଧୁ ପଣ୍ଡା,ସିଡିପିଓ ଲଳିତା ମଲ୍ଲିକ, ଏଇଓ ନାଗ ଭୂଷଣ ଯାଦବ, ସମସ୍ତ ସମନ୍ୱିତ ବିଭାଗ ସୁପର ଭାଇଜର, ସରପଞ୍ଚ, ସମିତି ସଭ୍ୟ, ଏମ୍‌ବିକେ, ସିଆରପି, ମୋହିନୀ ନାୟକ, ଜଗନାଥ ପାଣିଗ୍ରାହୀ, ଅଜିତ କୁମାର ପଣ୍ଡା, ବିପିଏମ ମିନେନ୍ଦ୍ର ଦଳେଇ, ବିପିସି ସାଇଦତ୍ତ ବେହେରା, ସମାଜ ମଙ୍ଗଳ ଅଧିକାରୀ, ଯନ୍ତ୍ରୀ ନର୍ମଦା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ସରକାରଙ୍କ ଶାସନର ୨ ବର୍ଷ ମଧ୍ୟରେ ହୋଇଥିବା ଲୋକାଭିମୁଖୀ ଯୋଜନାଗୁଡିକ ଏଲ୍‌ଇଡି ସ୍କ୍ରିନ୍ ଏବଂ ଷ୍ଟଲ୍‌ଗୁଡିକରେ ପ୍ରଦର୍ଶିତ ହୋଇଥିଲା ।

# ଭିଳାସା ସଙ୍ଗୀତ ଓ ନୃତ୍ୟ ଉତ୍ସବ ଦର୍ଶକଙ୍କ ମନମୋହିଲା



**ବ୍ରହ୍ମପୁର,୨୨।୬/ଏନ୍ଏନ୍ଏସ୍:** ପ୍ରକାଶମ ହଲ ଠାରେ ଲଳିତା କଲ୍ଚରାଲ ଏକାଡେମୀ ତରଫରୁ ଭିଳାସା ନାମରେ ସଙ୍ଗୀତ ଓ ନୃତ୍ୟ ମହୋତ୍ସବ ୨୦୨୬ ଆୟୋଜିତ ହୋଇଯାଇଛି । ହାଉସିଂ ବୋର୍ଡ କଲୋନୀ ଜଗନ୍ନାଥ ବିହାର ସ୍ଥିତ ଲଳିତା କଲଚରାଲ ଏକାଡେମୀ ତରଫରୁ ଏପରି ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏକାଡେମୀର ପ୍ରତିଷ୍ଠାତ୍ରି ଭି. ଚନ୍ଦ୍ରକଳାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଉତ୍ସବର ସଭାପତି ପି .ସତ୍ୟ ନାରାୟଣ, ଦୀନବନ୍ଧୁ ଦୋରା, କଳାପ୍ରେମୀ ଅଜିତ୍ ପାତ୍ର, ରାଜା ସେନାପତି, ଏ.ଜଗଦୀଶ, ବରିଷ୍ଠ ସାମ୍ବାଦିକ ତଥା ଗାୟକ ସୁଦିପ କୁମାର୍ ସାହୁ , ସମାଜସେବୀ ସୁଶାନ୍ତ ସାବତ, ମନୋଜ ମହାପାତ୍ର ପ୍ରମୁଖ ଅତିଥି ରୂପେ ଉପସ୍ଥିତ ଥିଲେ । ସଭାପତି ଦ୍ୱାରିକା ନାଥ, କାମେଶ୍ୱର୍ ଅବିନାଶ, ଲଳିତା ହାସିନି, ସ୍ୱପ୍ନା, ସ୍ୱାତୀ, ଅଜୟ କୁମାର, କିଶୋରଙ୍କ ସମେତ ଏକାଡେମୀର ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ । କାର୍ତ୍ତିକ ପାଣିଗ୍ରାହି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏଠାରେ ଓଡ଼ିଶୀ, ସମ୍ବଲପୁରୀ, ସେମି କ୍ଲାସିକାଲ, ଆଧୁନିକ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା । ସେହିପରି ଲଟେରୀ ଉଠାଣ ସହ ପୁରସ୍କାର ଓ ଅତିଥିମାନଙ୍କୁ ସମ୍ମାନୀତ କରାଯାଇଥିଲା । ତେଲଗୁ ଜଗତର ଖ୍ୟାତନାମା ଗାୟିକା ବିଜୟ ଲକ୍ଷ୍ମୀ ନିଜର ସଙ୍ଗୀତ ମାଧ୍ୟମରେ ସଭିଙ୍କୁ ଉତ୍ସାହିତ କରିଥିଲେ ।

## ବନ୍ଧୁକ ଦେଖାଇ ଡକାୟତି ଘଟଣା

# ୭ ଗିରଫ, ଦେଶୀ ପିସ୍ତଲ ଓ ଗୁଳି ଜବତ



**ବ୍ରହ୍ମପୁର,କବିସୂର୍ଯ୍ୟନଗର,୨୨।୬/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗରରେ ଘଟିଥିବା ଏକ ସଶସ୍ତ୍ର ଡକାୟତି ଘଟଣାର ପର୍ଦ୍ଦାଫାସ କରିଛି ପୁଲିସ । ଫାର୍ମ ହାଉସରେ ପଶି ବନ୍ଧୁକ ଦେଖାଇ ସୁନା ଅଳଙ୍କାର, ନଗଦ ଟଙ୍କା ଓ ମୋବାଇଲ ଫୋନ ଲୁଟ ଘଟଣାରେ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ୍ । ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ରୁଦ୍ରନାରାୟଣ ସେଠୀ, ଶୁଭମ ରାଉତ, ଜିତେନ୍ଦ୍ର ଖଟେଇ ଓରଫ ହିନ, ଦୂତିକୃଷ୍ଣ ନାୟକ, ମନୋରଞ୍ଜନ ଗୌଡ, ସନ୍ତୋଷ ମହାପାତ୍ର ଓ ରାଜୀବ କୁମାର ଦାସ ରହିଛନ୍ତି । ଗିରଫ ଅଭିଯୁକ୍ତଙ୍କ ନିକଟରୁ ଲୁଟ ସାମଗ୍ରୀ ସହ ଦେଶୀ ପିସ୍ତଲ, ଜୀବନ୍ତ ଗୁଳି ଏବଂ ଦୁଇଟି ମୋଟର ସାଇକେଲ ଜବତ କରିଛି । ଘଟଣାରେ ଆଉ ଦୁଇଜଣ ଅଭିଯୁକ୍ତ ଫେରାର ଥିବାବେଳେ ସେମାନଙ୍କୁ ଧରିବା ପାଇଁ ପୁଲିସର ଛାନ୍‌ଭିନ୍ ଜାରି ରହିଛି । ସୂଚନାଥାଉକି ଗତ ୧୯ ତାରିଖ ସନ୍ଧ୍ୟାରେ ଗୋକୁଳପଲ୍ଲୀ ଗ୍ରାମର ରଜନୀକାନ୍ତ ମିଶ୍ରଙ୍କ ଫାର୍ମ ହାଉସରେ ୬ ଜଣ ଦୁର୍ବୃତ୍ତ ପଶିଥିଲେ । ବନ୍ଧୁକ ଦେଖାଇ ରଜନୀକାନ୍ତ ଓ ତାଙ୍କ ସ୍ତ୍ରୀଙ୍କୁ ବାନ୍ଧି ଦେବା ପରେ ଘର ତଲାସି କରି ପ୍ରାୟ ୧୫ ତୋଳା ସୁନା ଅଳଙ୍କାର, ନଗଦ ୧୨ ହଜାର ଟଙ୍କା ଏବଂ ଦୁଇଟି ମୋବାଇଲ ଫୋନ ଲୁଟ୍ କରି ଫେରାର ହୋଇଯାଇଥିଲେ । ଏନେଇ କବିସୂର୍ଯ୍ୟନଗର ଥାନାରେ ମାମଲା ରୁଜୁ ହେବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା । ପୁଲିସ୍ ତଦନ୍ତରୁ ଜଣାପଡ଼ିଥିଲା ଯେ ସନ୍ତୋଷ ମହାପାତ୍ର ଓ ମନୋରଞ୍ଜନ ଗୌଡ଼ ଅଭିଯୋଗକାରୀଙ୍କ ଆର୍ଥିକ ସ୍ଥିତି ସମ୍ପର୍କରେ ଜାଣିଥିବାରୁ ଏହି ଡକାୟତିର ଯୋଜନା କରିଥିଲେ । ପରେ ସେମାନେ ଅନ୍ୟ ସହଯୋଗୀମାନଙ୍କୁ ସାମିଲ କରି ଅପରାଧ ଘଟାଇଥିଲେ । ବିଶ୍ୱସ୍ତ ସୂଚନା ଆଧାରରେ ପୁଲିସ କଙ୍କଣାଦେଇ ମନ୍ଦିର ନିକଟସ୍ଥ ଜଙ୍ଗଲ ଅଞ୍ଚଳରେ ଚଢଉ କରି ରୁଦ୍ରନାରାୟଣ ସେଠୀ, ଶୁଭମ ରାଉତ, ଜିତେନ୍ଦ୍ର ଖଟେଇ ଓରଫ ହିନ, ଦୂତିକୃଷ୍ଣ ନାୟକ, ମନୋରଞ୍ଜନ ଗୌଡ, ସନ୍ତୋଷ ମହାପାତ୍ର ଓ ରାଜୀବ କୁମାର ଦାସଙ୍କୁ ଗିରଫ କରିଥିଲା । ସେମାନଙ୍କ ନିକଟରୁ ଲୁଟ୍ ହୋଇଥିବା ଅଳଙ୍କାର, ୧୨ ହଜାର ୫ ଶହ ଟଙ୍କା ନଗଦ, ମୋବାଇଲ ଫୋନ, ଦୁଇଟି ମୋଟର ସାଇକେଲ ଏବଂ ଏକ ଦେଶୀ ପିସ୍ତଲ ସହ ୩ ରାଉଣ୍ଡ ଜୀବନ୍ତ ଗୁଳି ଜବତ କରିଛି । ଅଭିଯୁକ୍ତ ଜିତେନ୍ଦ୍ର ଖଟେଇ ଅପରାଧରେ ଅସ୍ତ୍ର ବ୍ୟବହାର କରିଥିବା ସ୍ୱୀକାର କରିଥିବା ବେଳେ ପିସ୍ତଲ ଓ ଗୁଳି ଜବତ କରାଯାଇଥିଲା । ଘଟଣାରେ ସମ୍ପୃକ୍ତ ଆଉ ଦୁଇ ଅଭିଯୁକ୍ତ ହିତେଶ ସ୍ୱାଇଁ ଓ ଶ୍ୱେତା ଖଟେଇ ବର୍ତ୍ତମାନ ଫେରାର ଅଛନ୍ତି । ସେମାନଙ୍କୁ ମଧ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୁଲିସ୍ ପକ୍ଷରୁ କୁହାଯାଇଛି । ଗିରଫ ଅଭିଯୁକ୍ତଙ୍କୁ ଆଜି ଅଦାଲତରେ ହାଜର କରାଯାଇ ୧୫ ଦିନିଆ ନ୍ୟାୟିକ ହାଜତ ପାଇଁ ଆବେଦନ କରାଯାଇଥିଲା । ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି ।

## ପାହାଡ଼ରେ ବେଆଇନ୍ ପଥର ବ୍ଲାଷ୍ଟିଂ

# ୪ ଅଭିଯୁକ୍ତ ଗିରଫ, ଡ୍ରିଲିଂ ମେସିନ୍ ଜବତ



**ବ୍ରହ୍ମପୁର,୨୨।୬/ଏନ୍ଏନ୍ଏସ୍:** ପାହାଡରୁ ବେଆଇନ୍ ଭାବେ ପଥର ବ୍ଲାଷ୍ଟି ଅଭିଯୋଗରେ ଚିକିଟି କେ. ନୂଆଗାଁ ଥାନା ପୁଲିସ୍ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫଙ୍କ ମଧ୍ୟରେ ଚିକିଟିଗଡ ବାଉରୀ ସାହିର ରଞ୍ଜନ ବେହେରା(୫୦), ଗୋଳନ୍ଥରା ଭାଲିଆଗଡ ଅଞ୍ଚଳର ସୁରେଶ ପ୍ରଧାନ(୩୮), ଆକାଶ ବିନ୍ଧାଣୀ(୩୦), ଭାଲିଆଗଡ ଅଞ୍ଚଳର ଏମ୍. ମୋହନ ରାଓ(୫୭) ରହିଛନ୍ତି । ଘଟଣାସ୍ଥଳରୁ ପୁଲିସ୍ ଟ୍ରାକ୍ଟର ସହ ଡ୍ରିଲିଂ ମେସିନ୍, ଡ୍ରିଲିଂ ରୋଡ, ବ୍ଲାଷ୍ଟିଂ ହୋଇଥିବା ପଥରର ନମୁନା, ବିସ୍ଫୋରକ ସାମଗ୍ରୀ, ବିଦ୍ୟୁତ୍ ତାର ଆଦି ଜବତ କରିଛି । ପୁଲିସ୍ ୧୩୭/୨୬ରେ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିବା ନେଇ ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି । ମିଳିଥିବା ସୂଚନା ପ୍ରକାରେ ଗତ ୨୧ ତାରିଖ ଦିନ ଚିକିଟିଗଡ ବାଘାପାହାଡରୁ ବିନା ଲାଇସେନ୍ସରେ ବିସ୍ଫୋରକ ସାମଗ୍ରୀ ବ୍ୟବହାର କରି ପଥର ବ୍ଲାଷ୍ଟିଂ କରାଯାଉଥିବା ନେଇ ଚିକିଟି ଏସ୍‌ଆଇ ଗୌତମ ସାହା ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ । କେ. ନୂଆଗାଁ ଥାନା ଅଧିକାରୀ ପୁଲିସ୍ ଟିମ୍ ସହ ଘଟଣାସ୍ଥଳକୁ ଯାଇଥିବା ବେଳେ ପଥର ବିସ୍ଫୋରଣ ଶବ୍ଦ ଶୁଣିଥିଲେ । ଘଟଣାସ୍ଥଳରେ ପୁଲିସ୍‌କୁ ଦେଖି କିଛି କର୍ମଚାରୀ ଦୌଡି ପଳାଇଥିବା ବେଳେ ୪ ଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲେ । ଘଟଣାସ୍ଥଳରୁ ଏକ ଟ୍ରାକ୍ଟର ସହ ଡ୍ରିଲିଙ୍ଗ ମେସିନ୍, ଡ୍ରିଲିଂ ରୋଡ, ବ୍ଲାଷ୍ଟିଂ ହୋଇଥିବା ପଥରର ନମୁନା, ବିସ୍ଫୋରକ ସାମଗ୍ରୀ, ବିଦ୍ୟୁତ୍ ତାର ଆଦି ଜବତ ହୋଇଛି । ସମସ୍ତ ଗିରଫଙ୍କୁ କୋର୍ଟ ଚାଲାଣ କରାଯାଇଛି । ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ନେଇ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ୍ ଏମ୍‌ଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

# ସମବାୟ ଚିନିଶିଳ୍ପ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ



**ଆସିକା,୨୨।୬/ଏନ୍ଏନ୍ଏସ୍:** ଆସିକା ସମବାୟ ଚିନିଶିଳ୍ପ ପକ୍ଷରୁ ଚିନିଶିଳ୍ପ ନୁଆଗାଁ ସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଅନ୍ତର୍ଜାତୀୟ ଯୋଗଦିବସ ୨୦୨୬ ପାଳିତ ହୋଇଯାଇଛି । ଆସିକା ସମବାୟ ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ଡ. ସୁଶାନ୍ତ କୁମାର ପଣ୍ଡାଙ୍କ ପରାମର୍ଶକ୍ରମେ ଅନୁଷ୍ଠିତ ଯୋଗଦିବସ କାର୍ଯ୍ୟକ୍ରମରେ ବରିଷ୍ଠ ଯୋଗ ଗୁରୁ ପ୍ରସନ୍ନ କୁମାର ଦାଶ, ଶିଳ୍ପାନୁଷ୍ଠାନର କର୍ମଚାରୀ ଅନିଲ୍ କୁମାର ଦାଶ, ବାଇଧର ନାହାକ, ପ୍ରଶାନ୍ତ କୁମାର କର, ସୁବାସ ଚନ୍ଦ୍ର ମହାକୁଡ, ଚିନିଶିଳ୍ପ ନୁଆଗାଁ ସୁରକ୍ଷା ମଞ୍ଚର ସଭାପତି ନିରଞ୍ଜନ ନାୟକ, ସମାଜସେବୀ ସମୀର କୁମାର ବେହେରା, ଚିନିଶିଳ୍ପର କର୍ମଚାରୀ ରାଜା ବିଶ୍ୱାଳ, ବସନ୍ତ କୁମାର ସ୍ୱାଇଁ, ରାକେଶ କୁମାର ସିୟ ପ୍ରମୁଖ ଯୋଗଦେଇ ରୋଗମୁକ୍ତ ପାଇଁ ଯୋଗ ମହୌଷଧି ହୋଇଥିଲା ବେଳେ ସଦାସର୍ବଦା ଶରୀରକୁ ସତେଜ ଓ ମନକୁ ଚାପମୁକ୍ତ କରିବା ପାଇଁ ଯୋଗାଭ୍ୟାସର ଆବଶ୍ୟକତା ଉପରେ ଆଲୋକପାତ କରି ଶିଶୁଙ୍କ ଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତ ବର୍ଗର ଜନସାଧାରଣ ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ସାଂପ୍ରତିକ ପରିସ୍ଥିତିରେ ଯୋଗାଭ୍ୟାସ କରିବାକୁ ଆହ୍ୱାନ କରିଥିଲେ । ଆସିକା ସମବାୟ ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ଡଃ ସୁଶାନ୍ତ କୁମାର ପଣ୍ଡାଙ୍କ ପରାମର୍ଶ ସାଙ୍ଗକୁ ଯୋଗପ୍ରେମୀ ବସନ୍ତ କୁମାର ସ୍ୱାଇଁ ଅକ୍ଳାନ୍ତ ପ୍ରଚେଷ୍ଟାରେ ଅନୁଷ୍ଠିତ ହୋଇଥିବା ଏହି ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗଗୁରୁ ପ୍ରସନ୍ନ କୁମାର ଦାଶ ଏବଂ ଯୋଗ ପ୍ରଶିକ୍ଷକ ଗଙ୍ଗାଧର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଉପସ୍ଥିତ ସଚେତନ ନାଗିରକଙ୍କୁ ଯୋଗଶିକ୍ଷା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ସୁଶାନ୍ତ ସେଠୀ, ଶିବରାମ ସିୟ, ଶାଶ୍ୱତ ଚିନ୍ମୟ ସ୍ୱାଇଁ, ସ୍ମୃତିରାଣୀ ସ୍ୱାଇଁ, ଆକୃତୀ ସ୍ୱାଇଁ, ସୁଶାନ୍ତ କୁମାର ଗୌଡ, ଅନିଲ୍ କୁମାର ନାୟକ, ଅଂଶୁମାନ୍ ସ୍ୱାଇଁ, ପ୍ରାରବ୍ଧ ନାୟକଙ୍କ ସମେତ ବହୁ ସଚେତନ ନାଗରିକ, ଯୋଗପ୍ରେମୀ ଯୋଗଦେଇ ଅତ୍ୟନ୍ତ ଆଗ୍ରହର ସହ ଯୋଗଦେଇ ଯୋଗାଭ୍ୟାସ କରିଥିବା ଦେଖିବାକୁ ମିଳିଥିଲା ।

# ୫ ପଞ୍ଚାୟତରେ ମଧୁବାବୁ ପେନ୍‌ସନ୍ କାର୍ଡ଼ ବଣ୍ଟନ

**କୁକୁଡାଖଣ୍ଡି,୨୨।୬/ଏନ୍ଏନ୍ଏସ୍:** କୁକୁଡାଖଣ୍ଡି ବ୍ଲକର ୫ଟି ପଞ୍ଚାୟତ ଲୋଚାପଡା, ନିମଖଣ୍ଡି, ବୋରିଗାଁ, ଗୁରୁଣ୍ଟି ଓ ହୁଗୁଳାପଟ୍ଟାରେ ଆଜି ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ସହ ମଧୁବାବୁ ପେନସନ ଯୋଜନା ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଛି । ଖଣି ଓ ପରିବହନ ମନ୍ତ୍ରୀ ତଥା ଗୋପାଳପୁର ବିଧାୟକ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ରାଜ୍ୟ ସରକାରଙ୍କ ଅନ୍ନପୂର୍ଣ୍ଣା ଯୋଜନା ଅଧୀନରେ ଏନଏଫଏସଏ ଓ ଏସଏଫଏସଏସ ହିତାଧିକାରୀଙ୍କୁ ପ୍ରତି ମାସରେ ମିଳୁଥିବା ୫ କିଲୋ ଚାଉଳ ସହ ଅତିରିକ୍ତ ୫ କିଲୋ ଚାଉଳ ଯୋଗାଇ ଦେବା ପାଇଁ ଘୋଷଣା କରିଥିଲେ । ଏହାଦ୍ୱାରା ହିତାଧିକାରୀମାନେ ବର୍ତ୍ତମାନ ୧୦ କିଲୋ ଚାଉଳ ପାଇପାରିବେ । ସେହିପରି ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ନିର୍ବାଚନ ମଣ୍ଡଳୀର ସମସ୍ତ ଗରିବ ଜନସାଧାରଣଙ୍କୁ ରାସନ କାର୍ଡ ସହ ମଧୁବାବୁ ପେନସନ ଯୋଜନାର ହିତାଧିକାରୀମାନଙ୍କୁ ୫ ମାସର ପେନସନ ଟଙ୍କା ଓ ପେନସନ କାର୍ଡ ବଣ୍ଟନ କରାଯାଇଛି । ମନ୍ତ୍ରୀଙ୍କ କୁକୁଡାଖଣ୍ଡି ପ୍ରତିନିଧି ସୂର୍ଯ୍ୟମଣି ପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ବଣ୍ଟନ କାର୍ଯ୍ୟକ୍ରମରେ ଗୋଷ୍ଠୀ ଯୋଗାଣ ଅଧିକାରୀ ସୁଧାକର ମଲ୍ଲିକ, ଗ୍ରାମ ପଞ୍ଚାୟତ ଅଧିକାରୀ ଅଶୋକ ପଟ୍ଟନାୟକ, ଲୋଚାପଡା ପଞ୍ଚାୟତର ସରପଞ୍ଚ ଏଲ. ମୋହନ ଦାସ, ସମିତିସଭ୍ୟ ଚଣ୍ଡୀଚରଣ ସାହୁ, ପିଇଓ ଚିନ୍ମୟ ବେହେରା, ଯୋଗାଣ ସହାୟକ ସୁଜିତ ପାତ୍ର, ନିମଖଣ୍ଡି ସରପଞ୍ଚ ଶଶୀ ବେହେରା, ସମିତିସଭ୍ୟା ବିଷ୍ଣୁ ବେହେରା, ନିମଖଣ୍ଡି ପିଇଓ ଇତିଶ୍ରୀ ମହାନ୍ତି, ବୋରିଗାଁ ସରପଞ୍ଚ ସସ୍ମିତା ସାହୁ, ପିଇଓ ରାଜେଶ ରାଓ, ଯୋଗାଣ ସହାୟକ ରାଜେଶ୍ୱରୀ ସାହୁ, ସମିତିସଭ୍ୟ ସନ୍ତୋଷ ସାହୁ, ଗୁରୁଣ୍ଟି ସମିତିସଭ୍ୟା କେ. ରାଜଲକ୍ଷ୍ମୀ ଦାସ, ନାଏବ ସରପଞ୍ଚ ବିଷ୍ଣୁ ସେଠି, କେ. ଚନ୍ଦ୍ରଶେଖର ଦାସ, ହୁଗୁଳାପଟ୍ଟା ସରପଞ୍ଚ ବି ବାପେୟା ପାତ୍ର, ପିଇଓ ବିଦୀପ୍ତ ତହଲ, ଯୋଗାଣ ସହାୟକ ଏ ସୁମନ ବାବୁ ରାଓ,ଗଣେଶ ବେହେରା, ଲକ୍ଷ୍ମଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଭାରତୀୟ ଯୋଗ ସଂସ୍ଥାନ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ

**ଛତ୍ରପୁର,୨୨।୬/ଏନ୍ଏନ୍ଏସ୍:** ଭାରତୀୟ ଯୋଗ ସଂସ୍ଥାନ, ନୂଆଦିଲ୍ଲୀର ଛତ୍ରପୁର ଶାଖା ପକ୍ଷରୁ ସ୍ଥାନୀୟ ଷ୍ଟାଡିଅମ ପରିସରସ୍ଥ ଯୋଗ ଶାଳା ଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଛତ୍ରପୁର ପୌରପରିଷଦ ଉପାଧ୍ୟକ୍ଷ ଜି. ପାପା ରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସେ ନିଜ ଅଭିଭାଷଣରେ ନିୟମିତ ଯୋଗାଭ୍ୟାସ ଦ୍ୱାରା ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ହେଉଥିବା ସୁଫଳ ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମକୁ ସଂସ୍ଥାନର କ୍ଷେତ୍ର ପ୍ରଧାନ ଦେବରାଜ ବେହେରା, କ୍ଷେତ୍ର ମନ୍ତ୍ରୀ ଭବାନୀ କାନ୍ତ ପଟ୍ଟନାୟକ ଓ କ୍ଷେତ୍ର ପରିଚାଳକ ରଜାକ୍ ହୋସେନ ପ୍ରମୁଖ ପରିଚାଳନା କରିଥିଲେ । ଶତାଧିକ ଯୋଗ ସାଧକ ଓ ସାଧିକା ଏଥିରେ ସାମିଲ ହୋଇ ଯୋଗାଭ୍ୟାସ କରିଥିଲେ । ଯୋଗ ଓ ପ୍ରାଣାୟାମ ଆଦି ଶେଖ ରାଜାକ ହସେନ ଓ ଦେବରାଜ ବେହେରାଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା । ଏହି ଅବସରରେ ସଂସ୍ଥାନର ଉପଦେଷ୍ଟା ବିଶ୍ୱମ୍ଭର ରଥ, ସଦସ୍ୟ ଭଗବାନ ବେହେରା, ପିତାମ୍ବର ପଣ୍ଡା, ପ୍ରଦୀପ କୁମାର ପାତ୍ର, ଅସିତ କୁମାର ପଟ୍ଟନାୟକ, ବିଜୟ ପାତ୍ର, ତୁଷାର କାନ୍ତି, ପି. ଆଦିତ୍ୟ ରେଡି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ । ରବୀନ୍ଦ୍ର ଦାଶ ଓ ଭବାନୀ କାନ୍ତ ପଟ୍ଟନାୟକଙ୍କ ଦ୍ୱାରା ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

# ସମ୍ଭାବ୍ୟ ଯୁବ ସମୃଦ୍ଧ କାର୍ଯ୍ୟକ୍ରମ



**ଫୁଲବାଣୀ,୨୨।୬/ଏନ୍ଏନ୍ଏସ୍:** ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପ ଠାରେ ବ୍ଲକ ପ୍ରଶାସନ ଏବଂ ଡ଼ି.ଆଇ.ସିର ମିଳିତ ଆନୁକୂଲ୍ୟରେ ବିକାଶର ଧାରା, ଓଡ଼ିଶା ସାରା କାର୍ଯ୍ୟକ୍ରମ ଅବସରରେ ସମ୍ଭାବ୍ୟ ଯୁବ ସମୃଦ୍ଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକଙ୍କ ପ୍ରତିନିଧି ଲଳିତ ଦିଗାଲ, ବ୍ଲକ ଉପାଧକ୍ଷ ଶ୍ରୀନିବାସ ମଲିକ, ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ, ଫୁଲବାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟ ରଂଜନ ପାତ୍ର, ଡ଼ି.ଆଇ.ସି ର ସାଧାରଣ ପରିଚାଳକ, ଏଲ୍.ଡ଼ି.ଏମ୍ ସୁରେନ୍ଦ୍ର କୁମାର ସରାଧି, ଫୁଲବାଣୀ ସି.ଡ଼ି.ପି.ଓ ବୈଜୟନ୍ତୀ ମଲିକ, ଫୁଲବାଣୀ ବ୍ଲକ ମତ୍ସ୍ୟ ଅଧିକାରୀ କାହ୍ନୁ ଚରଣ ମୁଖୀ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାର ଓ ବିଭିନ୍ନ ବିଭାଗ ପକ୍ଷରୁ ଯୁବକ ମାନଙ୍କୁ ରୋଜଗାର କ୍ଷମ କରିବା ସହିତ ବିଭିନ୍ନ ଯୋଜନାରେ କିଭଳି ଭାବେ ସାମିଲ୍ ହୋଇ ପାରିବେ ସେ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଯୁବ ଉଦ୍ୟୋଗୀ ଅନିତା ବେକେରି ସହିତ କମଳିନୀ ସାହାଣୀ, ବିକ୍ରାନ୍ତ ସ୍ୱାଇଁ, ଅନିଷା ଦଳବେହେରା ଏବଂ ସୁମିତ୍ରା ନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ମଧୁସ୍ମିତା ବେହେରା ପରିଚାଳନା କରିଥିବା ବେଳେ ବ୍ଲକର ଜିପିଡ଼ିଓ ପ୍ରମୋଦ କୁମାର ସାହାଣୀ ଏବଂ ଏ.ଆଇ.ଓ ଓ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରକାର ଷ୍ଟଲ ଖୋଲାଯାଇ ଲୋକଙ୍କୁ ସଚେତନ କରାଯାଇଥିଲା । ଏହି ଅବସରରେ ପୋଷଣ ଯୋଜନାରେ ବହୁ ସଂଖ୍ୟାରେ ଅଙ୍ଗନବାଡ଼ି କର୍ମୀଙ୍କୁ ମୋବାଇଲ୍ ଫୋନ୍ ମଧ୍ୟ ବଂଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ବହୁ ସ୍ୱୟଂ ସହାୟକ ଗୋଷ୍ଠିର ସଦସ୍ୟା, ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଆଇ.ଟି.ଆଇ ଆଦିର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

# କୂଅରେ ପଡ଼ି ମହିଳା ମୃତ

**ବୁଗୁଡା,୨୨।୬/ଏନ୍ଏନ୍ଏସ୍:** ବୁଗୁଡ଼ା ଥାନା ଅନ୍ତର୍ଗତ ନଗୁଡୁ ଗ୍ରାମରେ ଜନୈକା ମହିଳା କୂଅରେ ପଡି ମୃତ୍ୟୁବରଣ କରିଥିବା ଜଣାଯାଇଛି । ମୃତା ମହିଳା ଜଣକ ବାସନ୍ତୀ ବେହେରା (୫୫) ବୋଲି ଜଣାପଡିଛି । ଘଟଣାରୁ ପ୍ରକାଶ ଯେ, ଆଜି ସକାଳ ପ୍ରାୟ ୫ଟା ସମୟରେ ବାସନ୍ତୀ ତାଙ୍କର ଘରପାଖ କୂଅରୁ ପାଣି କାଢୁଥିବା ବେଳେ ଅସାବଧାନତା ବଶତଃ ସେଥିରେ ପଡିଯାଇଥିଲେ । ଏନେଇ ଖବର ପାଇବା ପରେ ଦମକଳବାହିନୀ ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ କୂଅରୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବୁଗୁଡା ପୁଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ କେସ୍ ନଂ ୨୨/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାଯାଇଛି ।

# ଖୋଲିଲା ବିଦ୍ୟାଳୟ, ପିଲାଙ୍କ ମୁହଁରେ ହସ



**ବୁଗୁଡା,୨୨।୬/ଏନ୍ଏନ୍ଏସ୍:** ଦୀର୍ଘ ଦୁଇ ମାସ ଗ୍ରୀଷ୍ମକାଳୀନ ଅବକାଶ ପରେ ବିଦ୍ୟାଳୟଗୁଡିକ ଖୋଲିଥିବାରୁ ବିଦ୍ୟାଳୟ ମୁହାଁ ପିଲାଙ୍କ ମୁହଁରେ ହସ ଫୁଟିଛି । ଚଳିତ ଶିକ୍ଷାବର୍ଷର କିଛି ଦିନ ବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ ହୋଇଥିଲା ବେଳେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସରକାର ଏପ୍ରିଲ ୨୧ ତାରିଖରୁ ଆଗୁଆ ଛୁଟି ଘୋଷଣା କରିଥିଲେ । ଗ୍ରୀଷ୍ମ ଅବକାଶରେ ପିଲାଙ୍କ ପାଖରେ ପାଠ୍ୟପୁସ୍ତକର ପୂରା ସେଟ୍ ନଥିବା ବେଳେ ଶିକ୍ଷା ପ୍ରତି ସଚେତନ ଅଭିଭାବକଙ୍କ ସହାୟତାରେ ଶିକ୍ଷା ସମ୍ପର୍କିତ ଆପ୍ ମୋବାଇଲରେ ଡାଉନଲୋଡ କରିବା ସହ ପିଲାଏ ବିଭିନ୍ନ ଅନୁଶିକ୍ଷଣ କେନ୍ଦ୍ରରେ ଅଧ୍ୟୟନରତ ଥିଲେ । ଗ୍ରୀଷ୍ମକାଳୀନ ଛୁଟି ମନାଇବା ପରେ ଛାତ୍ରଛାତ୍ରୀ ବିଦ୍ୟାଳୟରେ ପ୍ରଥମ ଦିନ ଉପସ୍ଥିତ ରହି ଉତ୍ସାହିତ ଥିଲେ । ତେବେ କୌଣସି ପିଲାଙ୍କ ପାଖରେ ପାଠ୍ୟପୁସ୍ତକର ସମ୍ପୂର୍ଣ୍ଣ ସେଟ୍ ନଥିବା ବେଳେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଚତୁର୍ଥ ଓ ପଞ୍ଚମ ପର୍ଯ୍ୟାୟରେ ପାଠ୍ୟପୁସ୍ତକ ଆସି ପହଞ୍ଚିଥିବାରୁ ଏଇ ଅଳ୍ପ ଦିନ ମଧ୍ୟରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ପାଠ୍ୟପୁସ୍ତକ ପ୍ରଦାନ କରାଯିବ ବୋଲି ଜଣାଯାଇଛି ।

# ମାନବସେବା ସମିତି ପକ୍ଷରୁ ପ୍ରତିଭା ସମ୍ମାନ ସମାରୋହ



**ଆସିକା,୨୨।୬/ଏନ୍ଏନ୍ଏସ୍:** ଓଡିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ୨୦୨୪ ବର୍ଷର ଓଡିଶା ପ୍ରଶାସନିକ ସେବା (ଓସିଏସ୍) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଆସିକା ଅଞ୍ଚଳ ପାଇଁ ଗର୍ବ ଆଣିଥିବା ସ୍ନିଗ୍ଧା ସେନାପତି ଏବଂ ଇତିଶ୍ରୀ ଜେନା ଓ ସ୍ମୃତିରଂଜନ ବେହେରାଙ୍କୁ ଏକ ସ୍ୱତନ୍ତ୍ର ମେଧାବୀ ଅଭିନନ୍ଦନ ତଥା ପ୍ରତିଭା ସମ୍ମାନ ସମାରୋହ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଛି । ଆସିକା ମାନବସେବା ସମିତି ଏବଂ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଓ ବରିଷ୍ଠ ନାଗରିକ ସଂଘର ସଭାପତି ତଥା ଅବସରପ୍ରାପ୍ତ ଶିକ୍ଷକ ଗଣେଶ ରଥଙ୍କ ଅଧକ୍ଷତାରେ ବରିଷ୍ଠ ନାଗରିକ ଚିତ୍ତବିନୋଦନ କେନ୍ଦ୍ର ପରିସରରେ ମେଧାବୀ ଅଭିନନ୍ଦନ ଓ ପ୍ରତିଭା ସମ୍ମାନ ସମାରୋହ ଏବଂ ମେଧାରତ୍ନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମାନବସେବା ସମିତିର ସଭାପତି ଗଣେଶ ରଥ ଓ ଆସିକା ପ୍ରେସ୍‌କ୍ଲବର ସଭାପତି ତଥା ବରିଷ୍ଠ ସାମ୍ବାଦିକ ସତ୍ୟ ନାରାୟଣ ରଥ ଏବଂ ଯୋଗଗୁରୁ ପ୍ରସନ୍ନ କୁମାର ଦାଶ ପ୍ରମୁଖ ଯୋଗଦେଇ ଓସିଏସ୍ କୃତି ସ୍ନିଗ୍ଧା ସେନାପତି ଓ ଇତିଶ୍ରୀ ଜେନା ଏବଂ ସ୍ମୃତିରଂଜନ ବେହେରାଙ୍କୁ ପ୍ରଶଂସା ପତ୍ର, ଉପଢୌକନ, ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ସଫଳତାର ଶୀର୍ଷ ସୋପାନରେ ପହଞ୍ଚିବାକୁ ହେଲେ ଦୃଢ ଇଚ୍ଛାଶକ୍ତି ଓ ଆତ୍ମବିଶ୍ୱାସର ଆବଶ୍ୟକତା ଅତ୍ୟନ୍ତ ଜରୁରୀ ବୋଲି ସେମାନେ କହିଥିଲେ । କାର୍ଯ୍ୟକ୍ରମରେ ସମାଜସେବୀ ବିଦେଶୀ ନାହାକ, ସୁଶିଲ୍ କୁମାର ପାତ୍ର, ଡି.ବଦ୍ରିନାଥ ପାତ୍ର, ଏମ୍.ତାରିଣୀ ସେନାପତି, ସନ୍ତୋଷ କୁମାର ପାଣିଗ୍ରାହୀ, ପ୍ରଦୀପ କେଶରୀ ରାଉତ, ଜୟରାମ ନାୟକ, ଭି.କ୍ରିଷ୍ଣାସ୍ୱାମୀ ରାଓ, ଉତ୍ତର ପରିଡା, ଦୁର୍ଗାଚରଣ ମିଶ୍ର, ଅଶୋକ ମହାରଣା, ମନୋଜ କୁମାର ମିଶ୍ର, ଅରବିନ୍ଦ ପାତ୍ର, ପିତବାସ ମୁନି, ବିଜୟ କୁମାର ଜେନା, ରମେଶ ଚନ୍ଦ୍ର ମହାରଣା, ଦେବରାଜ ମିଶ୍ରଙ୍କ ସମେତ କୃତି ଓସିଏସ୍ ପ୍ରତିଭାଧରଙ୍କ ଅଭିଭାବକଙ୍କ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରତିଭାଧାରୀଙ୍କୁ ଖୋଜି ସମ୍ମାନୀତ କରିବା ଆସିକା ମାନବସେବା ସମିତିର ଏହି କଲ୍ୟାଣକାରୀ ପ୍ରୟାସ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ଓ ପ୍ରଶଂସନୀୟ ବୋଲି ସଚେତନ ନାଗରିକ ମହଲରେ ଆଲୋଚିତ ହେଉଛି ।

## ଲକ୍ଷ୍ମୀନାରାୟଣ ମନ୍ଦିର ବିଗ୍ରହ ପ୍ରତିଷ୍ଠା ଉତ୍ସବ



**ନୟାହାଟ,୨୨।୬/ଏନ୍ଏନ୍ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ଯୋଗେଶ୍ୱରପୁରର ଲକ୍ଷ୍ମୀନାରାୟଣ ମନ୍ଦିର ବିଗ୍ରହ ପ୍ରତିଷ୍ଠା ଉତ୍ସବ ସୋମବାର ପୁରୀ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ସେ ଠାକୁରଙ୍କ ଅନୁଷ୍ଠାନକୁ ଗଢି ତୋଳୁଥିବା ଗ୍ରାମବାସୀ ଓ କେତେକ ସମାଜସେବୀଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ତାଙ୍କ ସହିତ ଧୂମାଳ ସରପଞ୍ଚ ମୋନାଲିସା ସିଂହ, ୧୪ନମ୍ବର ଜୁନର ଜିଲ୍ଲା ପରିଷଦ ସଭ୍ୟା ସାଗରିକା ନାୟକ ସମିତି ସଭ୍ୟା ଭାନୁମତୀ ମାଣିକ, ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ପରିଡା ସଭାପତି ଦିଲ୍ଲୀପ ରାୟ ସମାଜସେବୀ ଅଭିମନ୍ୟୁ ସିଂହ, ମହମ୍ମଦ ସମ୍ ସୁଲ ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷ ଯୋତି ରଞ୍ଜନ ଦଳାଇ, ତ୍ରିଥବାସି ଦାସ, ରମେଶ ମୁଦୁଲି, ପ୍ରମୋଦ କୁମାର ଦାସ, ଲାଲୁ ଭାଇନା, ପ୍ରମୋଦ ସ୍ୱାଇଁ ପ୍ରମୁଖ ଉଦ୍‌ଘାଟନ ଉତ୍ସବରେ ଯୋଗଦେଇ ଠାକୁରଙ୍କ କାର୍ଯ୍ୟକ୍ରମକୁ ଲୋକାଭିମୁଖୀ କରିବା ପାଇଁ ସମସ୍ତଙ୍କୁ ପ୍ରେରଣା ଦେଇଥିଲେ।

## ଦୋକାନ ଭିତରେ ଯୁବକଙ୍କ ଆତ୍ମହତ୍ୟା



**ବଳଙ୍ଗା,୨୨।୬/ଏନ୍ଏନ୍ଏସ୍:** ବଳଙ୍ଗା ଥାନା ଅନ୍ତର୍ଗତ ବାୟାବର ଛକରେ ଥିବା ଏକ ଦୋକାନ ଭିତରେ ଜଣେ ଯୁବକ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଯୁବକ ଜଣଙ୍କ ପିପିଲି ମଠସାହିର ଅଭିଜିତ ବେହେରା। ସୂଚନା ମୁତାବକ ଅଭିଜିତ ଗତ ଏକ ବର୍ଷ ହେଲା ବାୟାବର ଛକରେ ପାନଦୋକାନ କରି ରହୁଥିଲା ବେଳେ ତାଙ୍କ ତିନିବର୍ଷ ପୂର୍ବେ ତାଙ୍କ ବାପାଙ୍କ ମୃତ୍ୟୁ ହୋଇଥିଲା। ମା' ଓ ପୁଅ ବଳଙ୍ଗା ବଜାରରେ ଘର ଭଡ଼ାରେ ରହି ଦୋକାନଟିଏ କରି ଚଳୁଥିଲେ। ଅଭିଜିତ ଆଜି ମଧ୍ୟାହ୍ନରେ ଦୋକାନ ବନ୍ଦ କରି ଶୋଇଥିଲେ। ଅଭିଜିତଙ୍କ ଜଣେ ସାଥୀ ଆସି ଦୋକାନ କବାଟ ବାଡ଼େଇଥିଲେ ସୁଦ୍ଧା ଅଭିଜିତ କବାଟ ଖୋଲି ନଥିଲେ। ତାଙ୍କ ସାଥୀ ଜଣକ କବାଟ ଫାଙ୍କରେ ଦେଖିଲା ବେଳକୁ ଅଭିଜିତ ରଶି ଲଗାଇ ଝୁଲୁଥିବା ଦେଖିଥିଲେ। ସେ ସ୍ଥାନୀୟ ଲୋକଙ୍କୁ ଡାକ ପକାଇବାରୁ ଲୋକମାନେ ଆସି କବାଟ ଭାଙ୍ଗି ଗୁରୁତର ଅବସ୍ଥାରେ ମଙ୍ଗଳପୁର ମେଡ଼ିକାଲ ନେଇଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବଳଙ୍ଗା ପୋଲିସ ମେଡିକାଲ୍‌ରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇବା ସହ ଘଟଣାର ତଦନ୍ତ ଚଳାଇଥିବା ସୂଚନା ମିଳିଛି।

## ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



**ଫୁଲନଖରା,୨୨।୬/ଏନ୍ଏନ୍ଏସ୍:** ସଦର ଥାନା ଅଞ୍ଚଳର ପ୍ରସିଦ୍ଧ ତଥା ପୁରାତନ କୁରାଙ୍ଗଶାସନ (ନଡ଼ିଆଗୁରୁଡ଼ି) ରଥଯାତ୍ରା ଆସନ୍ତା ୧୬ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ଶ୍ରୀ ଜଗନ୍ନାଥ ଆଧ୍ୟାତ୍ମିକ ଚେତନା ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଗିରିଧାରୀ ସାହୁ, ସମ୍ପାଦକ କାର୍ତ୍ତିକଚନ୍ଦ୍ର ସାହୁ, ଅଜୟ ପତି, କବିନାରାୟଣ ଜେନା, ସରପଞ୍ଚ ରୋହିଣୀ ଭୋଇ, ଏସିପି ଅମିତାଭ ମହାପାତ୍ର, ଆଇଆଇସି ତୁଷାରକାନ୍ତ ସେଠୀ, ସତ୍ୟ ମହାନ୍ତି, ଅଶ୍ୱିନୀ ମହାପାତ୍ର, ଅରୁଣ ସାହୁ, ମୁରଲୀଧର ବେହେରା, ଅଶୋକ ସାହୁ, ନିରଞ୍ଜନ ମହାନ୍ତି, ସନାତନ ସାହୁ, ବିଜୟ ମଲିକ, ସୁନତ ଭୋଇ, କ୍ଷେତ୍ରବାସୀ ଦାଶ, ବିଜୟ ସାହୁ ପ୍ରମୁଖ ଯୋଗଦେଇ ଶ୍ରୀଗୁଣ୍ଡିଚା ଓ ବାହୁଡ଼ା ଯାତ୍ରା ସୁପରିଚାଳନା ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା କରିଥିଲେ। ଟ୍ରାଫିକ୍ ପରିଚାଳନା ଓ ଶାନ୍ତିଶୃଙ୍ଖଳା ନିମିତ୍ତ ପ୍ରଥମକରି ସ୍ୱେଚ୍ଛାସେବୀଙ୍କୁ ପୁଲିସ ପରିଚୟପତ୍ର ପ୍ରଦାନ କରାଯିବାକୁ ବୈଠକରେ ସ୍ଥିର ହୋଇଥିଲା। ସୁବ୍ରତ ବିଶ୍ୱାଳ, ବିଜୟ ମିଶ୍ର, ଅଶୋକ ଜେନା, କୈଳାସଚନ୍ଦ୍ର ସାହୁ, ପ୍ରକାଶ ନାୟକ, ସୁମିତ୍ରା ସାହୁ ଓ ବିଶ୍ୱଜିତ ବେହେରା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ବଡ଼ବାବୁ, କ୍ୟାସିୟର୍ ଓ ଡେଭେଲପ୍‌ମେଣ୍ଟ କର୍ମଚାରୀଙ୍କ ବଦଳି

# ବ୍ଲକ୍‌ର ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ

**ଓଡ଼ଗାଁ,୨୨।୬/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକର ବଡ଼ବାବୁ,କ୍ୟାସିୟର ଓ ଡେଭଲପମେଣ୍ଟ କର୍ମଚାରୀଙ୍କୁ ବଦଳି କରି ବାହାବା ନେଇଛି ପ୍ରଶାସନ। ବଡ଼ବାବୁଙ୍କର ୮ମାସ ଚାକିରି ଥିବା ବେଳେ ତାଙ୍କୁ ନୟାଗଡ଼ ଜିଲ୍ଲା ଅଫିସକୁ ନିଆଯାଇଛି। ଫଳରେ ଓଡ଼ଗାଁ ବ୍ଲକ୍ ଉନ୍ନୟନମୂଳକ କାର୍ଯ୍ୟ ଏକପ୍ରକାର ଠପ ହୋଇଯାଇଥିବା ଜଣାପଡ଼ିଛି।

ଲୋକଙ୍କ ବିଲ ନହୋଇ ପଡ଼ିରହିଥିବାବେଳେ ଠିକାଦାର ଟଙ୍କା ନପାଇ ହଟହଟା ହେଉଛନ୍ତି। ଏପଟେ ବର୍ଷବର୍ଷ ଧରି ଗାଦି ମାଡ଼ି ବସିଥିବା କର୍ମଚାରୀଙ୍କୁ ହଟାଇବାକୁ ଜିଲ୍ଲା ପ୍ରଶାସନ ଅକ୍ଷମତା ପ୍ରକାଶ କରିଛି। ସରକାରଙ୍କ ନିର୍ଦ୍ଦେଶ ପାଳନ କରିବାକୁ ଯାଇ ଜିଲ୍ଲା ପ୍ରଶାସନ ଓଡ଼ଗାଁ ବ୍ଲକ୍ ବଡ଼ବାବୁ ଗିରିଜା ଦାଶଙ୍କର ଜିଲ୍ଲା ଅଫିସକୁ ବଦଳି କରିଛନ୍ତି। ଚାକିରି କ୍ଷେତ୍ରରେ ୧ବର୍ଷର ଅବସର ପୂର୍ବରୁ ତାଙ୍କ ବଦଳିକରିବାର କୌଣସି ନିୟମ ନଥିବା ବେଳେ ଏଠି ଏହି ନିୟମକୁ ଫୁ କରି ଉଡ଼ାଇ ଦିଆଯାଇଛି। ସେହିପରି ଏକାସଙ୍ଗରେ କ୍ୟାସିୟର୍ ସୁଶାନ୍ତ କୁମାର ନାୟକ, ଡେଭଲପମେଣ୍ଟ କର୍ମଚାରୀ କାହ୍ନୁ ଚରଣ ବେହେରାଙ୍କର ମଧ ବଦଳି ହୋଇଛି। ପ୍ରଶ୍ନଉଠୁଛି ଓଡ଼ଗାଁ ବ୍ଲକରେ ୮ବର୍ଷରୁ ଅଧିକ ଦିନଧରି ଗାଦିମାଡ଼ି ବସିଥିବା କର୍ମଚାରୀଙ୍କ ପ୍ରତି ସହାନୁଭୂତି ଦେଖାଇବା ପଛର କାରଣ କ'ଣ ବୋଲି ପ୍ରଶ୍ନ ଉଠିଛି।




ଜିଲ୍ଲାପାଳ ଏହି ଅଧିକାରୀ ମାନଙ୍କୁ ଜିଲ୍ଲା ମଧ୍ୟରେ ଅଦଳବଦଳ କରିବାର କ୍ଷମତା ଜିଲ୍ଲାପାଳଙ୍କ ରହିଥିଲେ ମଧ୍ୟ ଏଠି ତାହା କରାଯାଉ ନଥିବାରୁ ଦିନକୁଦିନ ଦୁର୍ନୀତି ବଢ଼ିଚାଲିଛି। ଏବେ ଉନ୍ନୟନମୂଳକ କାର୍ଯ୍ୟ କିଭଳି ହେବ, ଜନସାଧାରଣ ଏହାର ସୁବିଧା ପାଇବେକି ନାହିଁ ତାହା ଦେଖିବାକୁ ବାକିରହିଛି।

ସେତିକି ନୁହଁ ଓଡ଼ଗାଁର ତତ୍କାଳୀନ ବିଡିଓ ଜିତେନ୍ଦ୍ର କୁମାର ନାୟକ ପଦୋନ୍ନତି ପାଇ ଅତିରିକ୍ତ ଜିଲ୍ଲାପରିଷଦ ଉନ୍ନୟନ ଅଧିକାରୀ ଭାବେ କେନ୍ଦ୍ରାପଡ଼ା ଜିଲ୍ଲାକୁ ବଦଳି ହୋଇଥିଲା। କିନ୍ତୁ ସେଠାକୁ ନଯାଇ ୭ମାସ ଧରି ଓଡ଼ଗାଁ ବ୍ଲକ୍ ଦାୟିତ୍ୱରେ ରହିଥିଲେ ଏବଂକିପରେ ତାଙ୍କୁ ନୟାଗଡ଼ ଅତିରିକ୍ତ ଜିଲ୍ଲାପରିଷଦ ଉନ୍ନୟନ ଅଧିକାରୀ ଭାବେ ନିଯୁକ୍ତି ମିଳିଥିଲା। ଏବେ ସେ ବର୍ଷକରୁ ଅଧିକ ଦିନ ଧରି କ୍ୱାର୍ଟର୍ସ ମାଡ଼ି ବସିଥିଲେ ମଧ ସେଥିରେ ଟିକେ ବି ସୁଧାର ନଆସିବା ପ୍ରଶାସନର ପାରିବାପଣିଆ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏପଟେ ବିଡିଓ ପ୍ରୀତିବାଳା ରଣା ଗେଷ୍ଟ ହାଉସରେ ରହି ହଇରାଣ ହେଉଥିବା ଜଣାପଡ଼ିଛି।

## ନୟାହାଟରେ ଟ୍ରାଫିକ୍ ସମସ୍ୟା ଜଟିଳ



**ନୟାହାଟ,୨୨।୬/ଏନ୍ଏନ୍ଏସ୍:** ନୟାହାଟ ଏକ ଜନଗହଳି ପୂର୍ଣ୍ଣ ବଜାର। ଉକ୍ତ ବଜାରକୁ ଦୈନିକ ୬ଟି ବ୍ଲକ, ୩ଟି ଜିଲ୍ଲାର ଲୋକମାନେ ସମାବେଶ ହାଇଥାନ୍ତି। ପ୍ରତ ବୁଧବାର ଓ ରବିବାର ହାଟବାରି ମାନଙ୍କରେ ସକାଳ ଓ ସାନ୍ଧ୍ୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥାଏ। ଯାହାଫଳରେ ଉକ୍ତ ସମସ୍ୟାକୁ ଏଡାଇବା ପାଇଁ ସ୍ଥାନୀୟ ପୋଲିସ ପକ୍ଷରୁ ଘଣ୍ଟା ଘଣ୍ଟା ସମୟ ଲାଗିଥାଏ। ବୁଧବାର ସନ୍ଧ୍ୟାରେ ଟ୍ରାଫିକ ସମସ୍ୟା ସିଙ୍ଗପାନିଆ ଗ୍ରାମଠାରୁ ନୟାହାଟ ଫାଣ୍ଡି ପର୍ଯ୍ୟନ୍ତ ୧କିଲୋମିଟର ପର୍ଯ୍ୟନ୍ତ ବସ, ଟ୍ରକ, ବାଇକ୍ ହଜାର ହଜାର ସଂଖ୍ୟାରେ ଅଟକିବା ସହିତ ଆମ୍ବୁଲାନ୍ସ ଗାଡି ମଧ ୧ଘଣ୍ଟା ଧରି ଅଟକି ରହିଥିଲା। ଖବର ପାଇ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲିକ ଘଟଣାସ୍ଥଳରେ ପହଞ୍ଚି ଟ୍ରାଫିକ ସମସ୍ୟା ଦୂରକରିବା ସହିତ ଆମ୍ବୁଲାନ୍ସକୁ ପ୍ରଥମେ ଛାଡିଥିଲେ।

ଏଠି ପୂର୍ତ୍ତବିଭାଗ ଦୁଇ ପାର୍ଶ୍ୱରେ ଜାଗାଥିବାବେଳେ ତାହା ଜବର ଦଖଲ କବଳରେ ଥିବାରୁ ତାହା ଉଛେଦ ନ ହେବା ଫଳରେ ରାସ୍ତା ଉପରେ ବାଇକ୍, ସାଇକେଲ ହାଟବାରୀମାନଙ୍କରେ ଶତାଧିକ ମାତ୍ରାରେ ରଖାଯାଉଥିବା ଫଳରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବାର ମୁଖ କାରଣ ବୋଲି କୁହାଯାଉଛି। ଟ୍ରାଫିକ ସମସ୍ୟା ସବୁଦିନ ସନ୍ଧ୍ୟାରେ ଲାଗିରହିବା ଫଳରେ ସାଧାରଣ ଜନତା ରାସ୍ତାରେ ଚାଲିକି ଯିବା କଷ୍ଟକର ହେଉଛି। ଏ ଦିଗରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇ ଜବରଦଖଲ ହଟାଇବା ପାଇଁ ପୁରୀ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଦାବି କରାଯାଇଛି।

## ବିପଦ ସୃଷ୍ଟି କରୁଛି ମୁକୁଳା ବିଦ୍ୟୁତ୍ ଟ୍ରାନ୍ସଫର୍ମର୍

**କଣ୍ଟିଲୋ,୨୨।୬/ଏନ୍ଏନ୍ଏସ୍:** ଖଣ୍ଡପଡା ବ୍ଲକ ଅନ୍ତର୍ଗତ ସିଧାମୁଳା ଗ୍ରାମପଞ୍ଚାୟତ ଅଧୀନରେ ଥିବା ଗୋକୁଳାନନ୍ଦ ଜିଉ ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରେ ଥିବା ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ବହୁ ବର୍ଷ ହେବ ଖୋଲା ମେଲାରେ ମୁକୁଳା ଭାବେ ଥିବା ଯୋଗୁ ଛାତ୍ରଛାତ୍ରୀ, ସର୍ବ ସାଧାରଣ ଜନତା ଓ ଗୃହ ପାଳିତ ପଶୁ ମାନଙ୍କ ପାଇଁ ବଡ଼ ବିପଦ ସୃଷ୍ଟି କରୁଥିବା ଅଭିଯୋଗ ହେଉଛି। ସୂଚନା ରୁ ପ୍ରକାଶ ଯେ,ଏହି ରାସ୍ତାରେ ସ୍ଥାନୀୟ ବାସିନ୍ଦା,ସାଧାରଣ ଜନତା,ବାଲ୍ ବାଟିକା, ପ୍ରଥମ ଶ୍ରେଣୀଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ଏବଂ ପଥଚାରୀ ନିୟମିତ ଯାତାୟାତ କରୁଥିବା ନଜିର ଅଛି। ଦୀର୍ଘ ଦିନରୁ ସ୍କୁଲ ସାମ୍ନାରେ ଏବଂ ମହାନଦୀ ମାଳବନ୍ଧ ମଧ ଭାଗରେ ଏହି ବିପଦପୂର୍ଣ୍ଣ ବିଦ୍ୟୁତ ଟ୍ରାନ୍ସଫର୍ମରଟି ରହିଛି। କାଳବୈଶାଖୀ ପବନ ଓ ଅତ୍ୟଧିକ ବର୍ଷାରେ ଯଦି ଟ୍ରାନ୍ସଫର୍ମର ଭାଙ୍ଗିଯାଏ ତା'ହେଲେ, ଛାତ୍ରଛାତ୍ରୀ, ସର୍ବସାଧାରଣ ଜନତା ଓ ଗୃହପାଳିତ ପଶୁମାନଙ୍କ ଜୀବନ ପ୍ରତି ଥିବା ଘୋର ବିପଦକୁ ଆଦୌ ଏଡେଇ ହେବ ନାହିଁ। ନୀତି ନିୟମ ଅନୁଯାଇ ଟ୍ରାନ୍ସଫର୍ମର ଚତୁର୍ପର୍ଶ୍ୱରେ ବିଦ୍ୟୁତ୍ ବିଭାଗ ଦ୍ୱାରା ଲୁହା ଜାଲି କିମ୍ବା ପାଚେରୀ ନିର୍ମାଣ କରାଯିବା ପାଇଁ ନିର୍ଦ୍ଦେଶ ଥିଲେ ମଧ, ଦୀର୍ଘ ବର୍ଷ ହେଲା ଗଣିଆ ଟିପିସିଓଡିଏଲ୍ ଏହାକୁ ଆବଦ୍ଧ ନ କରି ମେଲାରେ ମୁକୁଳା କରି ଛାଡିଦେଇ ଅଚିନ୍ତାରେ ନିଘୋଡ଼ ନିଦ୍ରାରେ ଶୋଇଯାଇଥିବା ଅଭିଯୋଗ ହେଉଛି। ଚଳିତ ମାସ ୧୫ ତାରିଖରେ ଟିପିସିଓଡିଏଲର ଦୂରଦୃଷ୍ଟିର ଅଭାବ ଓ ଅବହେଳା ପାଇଁ ପ୍ରାୟ ୧୦ଲକ୍ଷ ଟଙ୍କା ମୂଲ୍ୟର ୭ଟି ମଇଁଷିଙ୍କ ଜୀବନ ଯାଇଥିଲା। ଏ ସମ୍ପର୍କରେ ଗଣିଆ ଟାଟା ପାୱାର ବରିଷ୍ଠ ଯନ୍ତ୍ରୀ ସତ୍ୟଜିତ ମହାନ୍ତିଙ୍କ ମତାମତ ନେବାରେ ଆମେ ତୁରନ୍ତ ଅଫିସକୁ ଏକ ପ୍ରୋଜେକ୍ଟ ରିପୋର୍ଟ ଦେବୁ ଏବଂ ୨୫ ଦିନ ମଧରେ ପାଚେରୀ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରି ସର୍ବସାଧାରଣଙ୍କୁ ସୁରକ୍ଷା ଦେବୁ ବୋଲି ଶ୍ରୀ ମହାନ୍ତି ସୂଚନା ଦେଇଥିଲେ।



## ପଞ୍ଚାୟତରେ 'ପଲ୍ଲୀରେ ପ୍ରଶାସନ'

**ବେଗୁନିଆ,୨୨।୬/ଏନ୍ଏନ୍ଏସ୍:** ବେଗୁନିଆ ବ୍ଲକ ବୋତଲମା ପଞ୍ଚାୟତରେ ପଲ୍ଲୀ ରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ରେ ବେଗୁନିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ଜେନା, ଅତିରିକ୍ତ ତହସିଲଦାର ମୃତ୍ୟୁଞ୍ଜୟ ବରାଳ, ବୋତଲମା ପଞ୍ଚାୟତର ସରପଞ୍ଚ ପ୍ରମୋଦ କୁମାର ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବୋତଲମା ପଞ୍ଚାୟତରୁ ୫୭ଟି ଅଭିଯୋଗ ଆସିଥିଲା। ଲୋକମାନଙ୍କ ପାଖରେ ପହଞ୍ଚି ଅଭିଯୋଗ ଗୁଡ଼ିକ ପଞ୍ଜୀକୃତ କରି ତୁରିତ ସମାଧାନ କରିବା ପ୍ରଶାସନର ମୂଳ ଲକ୍ଷ୍ୟ ଥିଲା। ଏହି ଅଭିଯୋଗଗୁଡ଼ିକ ମଧ୍ୟରେ ଗ୍ରାମୀଣ ଗୃହ ଯୋଜନା, ଭତ୍ତା, ରାସନକାର୍ଡ, ସ୍ୱଚ୍ଛ ଭାରତ ଯୋଜନା ଆଦି ଅନ୍ତର୍ଭୁକ୍ତ ଥିଲା। ବ୍ଲକ୍‌ର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରକାରଙ୍କର ବିଭିନ୍ନ ଜନ କଲ୍ୟାଣ ଯୋଜନାକୁ ନେଇ ଲୋକଙ୍କୁ ସଚେତନ କରିଥିଲେ। ଏହି ଯୋଜନା ଦିନ ୧୦ଟା ଠାରୁ ୨ଟା ପର୍ଯ୍ୟନ୍ତ ଚାଲିଥିଲା। ଉଦ୍ୟାନ କୃଷି ବିଭାଗ, ସମନ୍ୱିତ ଶିଶୁ ବିଭାଗ, ଗୋପାଳନ ପାଇଁ ମୁଖ୍ୟମନ୍ତ୍ରୀଙ୍କ କାମ ଧେନୁ ଯୋଜନା ତଥା ବିଭିନ୍ନ ବିଭାଗ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ସମସ୍ତ ୱାର୍ଡ ମେମ୍ବର, ପଞ୍ଚାୟତ ନିର୍ବାହୀ ଅଧିକାରୀ ସହଯୋଗ କରିଥିଲେ।

## ମାଗଣା ସ୍ୱାସ୍ଥ୍ୟ ସେବା ଶିବିର



**ପୁରୀ,୨୨।୬/ଏନ୍ଏନ୍ଏସ୍:** ଆଶାନୃସିଂହ ଫାଉଣ୍ଡେସନ ଆନୁକୂଲ୍ୟରେ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ମାଟିମଣ୍ଡପ ସାହିସ୍ଥିତ ଜଗତ ପ୍ରତିହାରୀ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରୋଗୀଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଥିଲା ଏବଂ ରୋଗୀ ମାନଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଆଖପାଖ ସାହିରୁ ୧୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଏହି ଚିକିତ୍ସା ଶିବିରରେ ଯୋଗଦେଇ ବିଭିନ୍ନ ଡାକ୍ତରଙ୍କ ଠାରୁ ପରାମର୍ଶ ପାଇ ଚିକିତ୍ସିତ ହୋଇଥିଲେ। କାର୍ଯ୍ୟକ୍ରମକୁ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଉଦଘାଟନ କରିଥିଲେ। ଏଥିରେ ଭୁବନେଶ୍ୱରରୁ ଚକ୍ଷୁ ଡାକ୍ତର ରାଜେଶ ଦାସ, ଶିଶୁରୋଗ ଡାକ୍ତର ସୁଦୀପ୍ତ ନନ୍ଦ, ଆୟୁର୍ବେଦିକ ଚିକିତ୍ସକ ପ୍ରଜ୍ଞାନନ୍ଦ ଶତପଥୀ(ଜ୍ଞାନ ହେଲଥ୍ କେୟାର) ଡାକ୍ତର ଦେବାଶିଷ ସେଠୀ(ସରସ୍ୱତୀ ଡେଣ୍ଟାଲ କେୟାର୍) ସହଯୋଗୀ ଡାକ୍ତର ଅମରନାଥ ରଥ ଉପସ୍ଥିତ ଥିଲେ। ଆଶା ନୃସିଂହ ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ଲଡୁଗୋପଳ ମହାପାତ୍ର ପରିଚାଳନା କରିଥିଲେ।

## ବିଦ୍ୟାମନ୍ଦିରରେ ବିଶ୍ୱ ଯୋଗ ଦିବସ

**ବୟାଳିଶମୌଜା,୨୨।୬/ଏନ୍ଏନ୍ଏସ୍:** କଟକ ସଦର ୪୨ ମୌଜା ଦଧିବାମନପୁର ଗ୍ରାମସ୍ଥ ଶ୍ରୀ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ବିଶ୍ୱ ଯୋଗଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ରୂପେ ବ୍ୟାୟାମ ଗୁରୁ ଅନାମ ଚରଣ ସାମଲ ଯୋଗ ଦେଇ ମା' ବୀଣାପାଣିଙ୍କ ନିକଟରେ ପ୍ରଦୀପ ପଜ୍ୱଳନ କରିଥିଲେ। ଏହାପରେ ବିଦ୍ୟାଳୟର ସଂପାଦକ ରବିନ୍ଦ୍ର ଦେବତା, ସହ ସଂପାଦିକା ସୁମିତା ଦେବତା, ପ୍ରଧାନ ଆଚାର୍ଯ୍ୟ ବିଶ୍ୱରଞ୍ଜନ ତ୍ରିପାଠୀ, ସତ୍ୟଶିବ ବାରିକ ଛାତ୍ରଛାତ୍ରୀ ମାନଙ୍କୁ ଆସନ ଓ ପ୍ରାଣାୟାମ କରାଇଥିଲେ ଓଗୁରୁଜୀ ଗୁରୁମାଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସ୍ୱଚାରୁରୂପେ ପରିଚାଳିତ ହୋଇଥିଲା।

### ନନ୍ଦିଘୋର ଆର୍‌ଆଇ ଅଫିସ୍ ସାଜିଛି ଦୁର୍ନୀତିର ଗନ୍ତାଘର

# ଜମି ପଟ୍ଟା ଦେବାକୁ ମାଗୁଛନ୍ତି ୫ଶହ ଟଙ୍କା

**ଓଡଗାଁ,୨୨।୬/ଏନ୍ଏନ୍ଏସ୍:** ଓଡଗାଁ ତହସିଲ ଅନ୍ତର୍ଗତ ନନ୍ଦିଘୋର ରାଜସ୍ୱ ନିରୀକ୍ଷକ ଆଲୋକ କୁମାର ପଲେଇ ପଟ୍ଟା କରାଇଦେବାକୁ ଲୋକଙ୍କ ଠାରୁ ଅର୍ଥ ଆଦାୟ କରିଥିବା ଅଭିଯୋଗ ହୋଇଛି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ପିତା ଓ ମାତାଙ୍କ ମୃତ୍ୟୁ ପରେ ବିନା ଖର୍ଚ୍ଚରେ ପିଲାମାନେ ନିଜନାମରେ ସରଳ ଓ ସହଜରେ ପଟ୍ଟା କରିପାରିବେ। କିନ୍ତୁ ଏହିପରି କେତେଜଣ ଦୁର୍ନୀତି ସରକାରୀ ବାବୁଙ୍କ ପାଇଁ ଆଜି ସାରା ରାଜସ୍ୱ ବିଭାଗ ବଦନାମ ହେବାକୁ ବସିଲାଣି। ସୂଚନା ଅନୁଯାୟୀ ନନ୍ଦିଘୋର ରାଜସ୍ୱ ଅଧୀନରେ ଥିବା ଗୋଠବଣ ଗ୍ରାମର ଅନେକବ୍ୟକ୍ତି ପଟ୍ଟା ନିମନ୍ତେ ଅନେକ ଦିନ ଆଗରୁ ଆବେଦନ କରିଥିଲେ ଏବଂ ସେମାନଙ୍କ ନାମରେ ପଟ୍ଟା ମଧ ଆସିଥିଲା। ଏହାର ସୁଯୋଗ ନେଇ ନନ୍ଦିଘୋର ରାଜସ୍ୱ ନିରୀକ୍ଷକ ଶ୍ରୀ ପଲେଇ ସେମାନଙ୍କୁ କୁଆଡ଼େ କହିଥିଲେ ୫୦୦ଟଙ୍କା ଦିଅ ଓ ପଟ୍ଟାନିଅ। କିଛିଲୋକ ଏତେ ଟଙ୍କା କାହିଁକି ଦେବୁ ବୋଲି ପଚାରିବାରୁ ସେ କୁଆଡ଼େ କହିଥିଲେ ସରକାର ୮୦ଟଙ୍କା ନେବେ ଆଉ ବାକି ଆମେ ନେବୁ। କେତେଜଣ ୮୦ଟଙ୍କା ଓ କେତେଜଣ ୧୦୦ ଟଙ୍କା ପଟ୍ଟା ପାଇଁ ଦେବାରୁ ନିରୀକ୍ଷକ ସିଧା ସିଧା ନାଟକୀୟ ଭଙ୍ଗୀରେ ଇଛା ପାଉଛି ୫୦୦ ଟଙ୍କା ଦିଅ ଓ ପଟ୍ଟା ନିଅ ନଚେତ ସେତେବେଳେ ଜାଣିବ ବୋଲି କହିଥିବା ଅଭିଯୋଗରୁ ଜଣାଯାଇଛି। ଫଳରେ ଗୋଠବଣ ଗ୍ରାମର ଗଦାଧର ମିଶ୍ର, ରାମପ୍ରସାଦ ଦାଶ, ଦେବରାଜ ମିଶ୍ର, ଲଡୁ ଷଡ଼ଙ୍ଗୀ, ସୁରେଶ ଷଡ଼ଙ୍ଗୀ, ମଧୁସୂଦନ ଦାଶଙ୍କ ଠାରୁ ୫୦୦ ଟଙ୍କା ଲେଖାଏଁ ଓ ମହାଲକ୍ଷ୍ମୀ ଆଚାର୍ଯ୍ୟଙ୍କଠାରୁ ୩୦୦ ଟଙ୍କା ଆଦାୟ କରିଥିଲେ। ଏହିପରି ଅନେକଙ୍କ ଠାରୁ ୫୦୦, ୩୦୦, ୨୦୦ ଟଙ୍କା ଲେଖାଏଁ ଆଦାୟ କରି ନେଇଥିଲେ। ତାଙ୍କ ସହିତ ନନ୍ଦିଘୋର ଗ୍ରାମର ଜଣେ ତହସିଲ କାର୍ଯ୍ୟାଳୟର ଅବସରପ୍ରାପ୍ତ ଚତୁର୍ଥଶ୍ରେଣୀ କର୍ମଚାରୀ ପ୍ରସନ୍ନ କୁମାର ପଟ୍ଟନାୟକ ଆସି ଲୋକମାନଙ୍କୁ ଧମକାଇ ତାଙ୍କୁ ଟଙ୍କା ଆଦାୟ କରିବାରେ ସାହାଯ୍ୟ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଯଦିଓ ସେ ରାଜସ୍ୱ ବିଭାଗରେ କାର୍ଯ୍ୟରତ ନୁହନ୍ତି, ତେବେ ନୂଆ କରି ଖଜଣା ବାନ୍ଧିବାକୁ ଗଲେ ସେ ଜବରଦସ୍ତ ୫୦ ଟଙ୍କା ଲେଖାଏଁ ଆଦାୟ କରିଥାନ୍ତି। ତେବେ ଏହିପରି ବାବୁମାନେ କିପରି ଲୋକଙ୍କୁ ଶୋଷଣ କରୁଛନ୍ତି ଏହାହିଁ ତାହାର ଜ୍ୱଳନ୍ତ ଉଦାହରଣ। ଏ ବିଷୟରେ ରାଜସ୍ୱ ନିରୀକ୍ଷକ ଆଲୋକ କୁମାର ପଲେଇଙ୍କ ସହିତ ଫୋନ୍‌ରେ ଯୋଗାଯୋଗ କରିଥିବାବେଳେ ସେ ଫୋନ୍ ଉଠାଇ ନଥିଲେ। ତହସିଲଦାରଙ୍କୁ ଯୋଗାଯୋଗ କରିବାରୁ ପଲେଇଙ୍କର ଅନ୍ୟତ୍ର ବଦଳି ହୋଇଯାଇଥିବା କହିଥିଲେ ଏବଂ ପଟ୍ଟା ପାଇଁ ସରକାରୀ ଧାର୍ଯ୍ୟ ୮୦ ଟଙ୍କା ରଖାଯାଇଛି ବୋଲି ସୂଚନା ଦେଇଥିଲେ। ପ୍ରସନ୍ନ କୁମାର ପଟ୍ଟନାୟକଙ୍କୁ ରାଜସ୍ୱ ବିଭାଗ ତରଫରୁ ରଖାଯାଇଛି କି ବୋଲି ପଚାରିବାରୁ ସେ ରୋକ୍‌ଠୋକ୍ ମନା କରିଦେଇଥିଲେ। ତେବେ ଏହି ଦୁର୍ନୀତିଗ୍ରସ୍ତ ରାଜସ୍ୱ ନିରୀକ୍ଷକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନସାଧାରଣ ଦାବି ହୋଇଛି।




## ଉପନ୍ୟାସ 'ମାଣିକାଗୋଡ଼ାର ମାଣିକ' ଉନ୍ମୋଚିତ

**ନୟାଗଡ଼,୨୨।୬/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲାର ମୂର୍ଦ୍ଧନ୍ୟ ସାରସ୍ୱତ ସାଧକ ଗାଳ୍ପିକ, ଔପନ୍ୟାସିକ, କାବ୍ୟକାର, କବି ଡ. ସୁରେଶ ଚନ୍ଦ୍ର ବରାଡଙ୍କ ଉପନ୍ୟାସ 'ମାଣିକାଗୋଡାର ମାଣିକ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ବୋଲଗଡ, ହନୁମାନଗଦୀସ୍ଥ ଶ୍ରୀ ଚନ୍ଦ୍ରଶେଖର ହନୁମାନ ଜୀଉ ମନ୍ଦିର ପରିସରରେ ଆୟୋଜିତ 'ଅଞ୍ଜନା' ସାହିତ୍ୟ ଓ ସଂସ୍କୃତି ପରିଷଦ ଦ୍ୱାରା ସାରସ୍ୱତ ସମାରୋହ ଓ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ-୨୦୨୬ ଅବସରରେ ଡଃ. ବରାଡଙ୍କ ପୁସ୍ତକର ଲୋକାର୍ପଣ ହୋଇଯାଇଛି। ଲୋକାର୍ପଣ ଉତ୍ସବ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ ଡ. ନିର୍ମଳ ଶୂରଦେଓ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ରଣପୁରର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ପ୍ରାକ୍ତନ ସଚୀବ ଓଡ଼ିଆ ସାହିତ୍ୟ ଏକାଡେମୀ, ଜୟନ୍ତୀ ରଥ, ପ୍ରାକ୍ତନ ଅଧାପିକା ଡ. କବିତା ବାରିକ ଓ କବି ଶରତ ଆଚାର୍ଯ୍ୟ। ପ୍ରଥମେ ଅତିଥିମାନଙ୍କ ସ୍ୱାଗତ ପରେ ଅତିଥିମାନଙ୍କ ଦ୍ୱାରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅଧାପିକା ନିଳିମା ନନ୍ଦଙ୍କ ପ୍ରାରମ୍ଭିକ ବେଦମନ୍ତ୍ର ଗାନ ପରେ ଅତିଥି ପରିଚୟ ପ୍ରଦାନ ପର୍ବ ଅନୁଷ୍ଠିତ ହୋଇଥିଲା। ମଞ୍ଚାସିନ ଅତିଥିମାନଙ୍କୁ ଅନୁଷ୍ଠାନ ତରଫରୁ ଉତ୍ତରୀୟ ଓ ମେମୋଣ୍ଟୋ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏ ଅବସରରେ ସାହିତ୍ୟିକ ଡ. ବରାଡଙ୍କ ପୁସ୍ତକକୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଉନ୍ମୋଚନ କରିଥିଲେ। ତାପରେ କବିତା ପାଠ ଆୟୋଜନ କରାଯାଇଥିଲା। କବି କୁସୁମ ନିରାକାର ସ୍ୱାଇଁ ପୁସ୍ତକ ସମୀକ୍ଷା କରିଥିଲେ। ଗୋପୀନାଥ ସେଠୀ ଓ ହରପ୍ରିୟା ଦ୍ୱିବେଦୀ କବିତା ପାଠ ସଂଯୋଜନା କରିଥିଲେ। ଅନୁଷ୍ଠାନର ସମ୍ପାଦିକା ଡ. ଗୀତାଞ୍ଜଳି ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



**ନିତି ଭାରତୀ**

ପବନ ସବୁଠି ଥିଲେ ସୁଦ୍ଧା ଯେମିତି ତାକୁ ଅନୁଭବ କରିବା ପାଇଁ ପଙ୍ଖାଟିଏ ଦରକାର, ଠିକ୍ ସେମିତି ଈଶ୍ୱର ସର୍ବବିଦ୍ୟମାନ ହୋଇଥିଲେ ସୁଦ୍ଧା ତାଙ୍କୁ ପୂଜା କରିବା ପାଇଁ ମନ୍ଦିରଟିଏ ତୋଳାଯାଏ। - **ସ୍ୱାମୀ ବିବେକାନନ୍ଦ**

ନିତିଦିନ NITIDIN
ମଙ୍ଗଳବାର, ୨୩ ଜୁନ ୨୦୨୬

# ଇବୋଲା ସଂକ୍ରମଣ ଓ ବିଶ୍ୱ ସ୍ୱାସ୍ଥ୍ୟ ବ୍ୟବସ୍ଥା



ଡାକ୍ତର ରାଜକିଶୋର ପଣ୍ଡା

କଙ୍ଗୋ ନଦୀକୁ ଦୁନିଆର ବିଶାଳତମ ଓ ଗଭୀରତମ ନଦୀମାନଙ୍କ ମଧ୍ୟରେ ଗଣାଯାଇଥାଏ। ଏହାର ଏକ ପାଖରେ ଅଛି କଙ୍ଗୋ ଗଣରାଜ୍ୟର ରାଜଧାନୀ 'ବ୍ରାଜ୍‌ଭିଲ୍' ଓ ଅନ୍ୟ ପାଖରେ ଅଛି କଙ୍ଗୋ ଲୋକତାନ୍ତ୍ରିକ ଗଣରାଜ୍ୟ (ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋ)ର ରାଜଧାନୀ 'କିନ୍‌ଶାସା'। ଦୁନିଆରେ ଏପରି ଦୃଶ୍ୟ ବିରଳ, ଯେଉଁଠାରେ ଦୁଇ ଦେଶର ରାଜଧାନୀ ପରସ୍ପରର ଠିକ୍ ସମ୍ମୁଖରେ ବିଦ୍ୟମାନ ଅଛନ୍ତି। 'କିନ୍‌ଶାସା' ପୃଥିବୀର ସବୁଠାରୁ ଦରିଦ୍ର, ସଂଘର୍ଷରତ ଓ ଅସ୍ଥିର ଦେଶମାନଙ୍କ ମଧ୍ୟରୁ ଗୋଟିଏର ରାଜଧାନୀ ବୋଲି ମଧ୍ୟ ଆମେ କହି ପାରିବା। ଏହି ଦେଶ ଓ ଏହାର ପଡ଼ୋଶୀ ଦେଶ 'ଉଗାଣ୍ଡା'ରେ ପୁଣିଥରେ 'ଇବୋଲା ମହାମାରୀ'ର ପ୍ରତ୍ୟାବର୍ତ୍ତନ ଘଟିଛି, ଯାହାକୁ ଆଧାର କରି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ବର୍ତ୍ତମାନ ଆନ୍ତର୍ଜାତିକ ସାର୍ବଜନୀନ ସ୍ୱାସ୍ଥ୍ୟଗତ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି। ପରିସ୍ଥିତିର ଗୁରୁତ୍ୱ ଏପରି ଯେ କୋଭିଡ୍ ପରେ ଚଳିତ ଶତାବ୍ଦୀରେ ଆମେ ଇବୋଲା ସଂକ୍ରମଣକୁ ଦ୍ୱିତୀୟ ମହାମାରୀ ବୋଲି ବିବେଚନା କରି ପାରିବା। ବର୍ତ୍ତମାନ ଇବୋଲା ଭାଇରସ୍‌ର ସଂକ୍ଷିପ୍ତ ପରିଚୟ, ଲକ୍ଷଣ ଓ ଇତିହାସ ଉପରେ ଆମେ ଆଲୋକପାତ କରିବା। ଇବୋଲା ଗୋଟିଏ ଆର୍‌ଏନ୍‌ଏ ଭାଇରସ୍ ଅଟେ। ଏହା ପଶୁମାନଙ୍କଠାରୁ ମଣିଷକୁ ଆସିଥିବାରୁ ଏହାକୁ ଜୁନୋଟିକ୍ ଡିଜିଜ୍ ବୋଲି କୁହାଯାଇଥାଏ। ଯଦିଓ ଏ ପର୍ଯ୍ୟନ୍ତ ଏହା ସ୍ପଷ୍ଟ ହୋଇନାହିଁ ଯେ କିପରି ଇବୋଲା ପଶୁଠାରୁ ମଣିଷକୁ ଆସିଲା, ଜୀବ ବିଜ୍ଞାନୀମାନଙ୍କ ମତ ଅନୁସାରେ, ମଣିଷ ସହ ଏହି ଭାଇରସ୍ ସଂକ୍ରମିତ ପଶୁର ସିଧାସଳଖ ସ୍ପର୍ଶ ହେତୁ ଏହା ସମ୍ଭବ ହୋଇଛି। ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହେଉଛି, ଏହି ଭାଇରସ୍‌ର ଗୋଟିଏ ପ୍ରାକୃତିକ ଧାରକ ହେଉଛି 'ବାଦୁଡ଼ି'। ବାଦୁଡ଼ି ବିନା ସଂକ୍ରମଣ ଓ ବିନା କୌଣସି ଅସୁସ୍ଥତାରେ ଇବୋଲା ଭାଇରସ୍‌କୁ ଧାରଣ କରିପାରେ। ଅତୀତରେ ଖାଦ୍ୟାଭାବ ହେତୁ କେନ୍ଦ୍ରୀୟ ଆଫ୍ରିକାରେ ସ୍ଥାନୀୟ ଅଧିବାସୀମାନେ ବାଦୁଡ଼ି ଶିକାର କରି ଏହାକୁ ଖାଇଥିଲେ ଏବଂ ଏହା ଇବୋଲା ମହାମାରୀ ସୃଷ୍ଟି କରିଥିଲା। ଏହି ଭାଇରସ୍‌ଟିକୁ ଧାରଣ କରିଥିବା ବାଦୁଡ଼ିଦ୍ୱାରା ଆଂଶିକ ଖିଆ ଯାଇଥିବା ଫଳକୁ ବାବୁନ୍, ସିମ୍ପାଞ୍ଜି ଓ ଗରିଲା ଆଦି ସ୍ତନ୍ୟପାୟୀ ପଶୁମାନେ ସେବନ କରିଥାନ୍ତି। ଏହି ହେତୁ ସଂପୃକ୍ତ ପଶୁମାନେ ଏହି ଭାଇରସ୍ ଦ୍ୱାରା ସଂକ୍ରମିତ ହୋଇଥାନ୍ତି ଓ ଏହା ପରେ ଇବୋଲା ମଣିଷ ଶରୀରକୁ ଆସିଥାଏ। ଏହା ମଧ୍ୟ ଇବୋଲା ମଣିଷକୁ ସଂକ୍ରମିତ କରିବାର ଗୋଟିଏ ପ୍ରମୁଖ କାରଣ ହୋଇପାରେ। ମଣିଷ ଶରୀରରେ ରୋଗ ସୃଷ୍ଟି କରୁଥିବା ଇବୋଲା ଭାଇରସ୍‌ର ଗୋଷ୍ଠୀକୁ ଆମେ ମୁଖ୍ୟତଃ ଚାରୋଟି ପ୍ରଜାତିରେ ବିଭକ୍ତ କରି ପାରିବା। ସେଗୁଡ଼ିକ ହେଉଛି: ବୁଣ୍ଡିବୁଗ୍ୟୋ ଇବୋଲା, ସୁଦାନ ଇବୋଲା, ତାଇ ଫରେଷ୍ଟ ଇବୋଲା ଓ ଜାଇରେ ଇବୋଲା। ଏଥି ମଧ୍ୟରୁ ଜାଇରେ ପ୍ରଜାତିର ସଂକ୍ରମଣ ସବୁଠାରୁ ଭୟଙ୍କର ଅଟେ ଓ ଏହି ପ୍ରଜାତିଟି ସବୁଠାରୁ ବେଶି ସଂଖ୍ୟକ ମହାମାରୀକୁ ସୃଷ୍ଟି କରିଥାଏ। ବର୍ତ୍ତମାନ ଦେଖା ଦେଇଥିବା ସଂକ୍ରମଣଟି ବୁଣ୍ଡିବୋଗ୍ୟୋ ପ୍ରଜାତି ଦ୍ୱାରା ହୋଇଛି।

ଇତିହାସ ଉପରେ ଦୃଷ୍ଟି ପକାଇଲେ ୧୯୭୬ ମସିହାରେ ପ୍ରଥମେ ଇବୋଲା ଭାଇରସ୍‌ର ଆବିର୍ଭାବ ଏକା ସାଙ୍ଗରେ ଦକ୍ଷିଣ ସୁଦାନର 'ଏନ୍‌ଜାରା' ନାମକ ସହର ଓ କଙ୍ଗୋ ଲୋକତାନ୍ତ୍ରିକ ଗଣରାଜ୍ୟର 'ୟାମ୍ବୁକୁ' ନାମକ ଗ୍ରାମରେ ହୋଇଥିଲା। ଏହି 'ୟାମ୍ବୁକୁ' ଗ୍ରାମଟି ଇବୋଲା ନଦୀ କୂଳରେ ଅବସ୍ଥିତ ଥିବାରୁ ନଦୀର ନାମ ଅନୁସାରେ ଭାଇରସ୍‌ଟିର ନାମ 'ଇବୋଲା' ରଖା ଯାଇଥିଲା। ବିଶ୍ୱର ପ୍ରଥମ ଇବୋଲା ସଂକ୍ରମଣ ଉପରୋକ୍ତ ଗ୍ରାମର ଗୋଟିଏ ପୁରୁଷକୁ ହୋଇଥିବାରୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏହାକୁ ଇବୋଲା ସଂକ୍ରମଣର ସର୍ବପ୍ରଥମ କେସ୍ ବା 'ଇଣ୍ଡେକ୍ସ କେସ୍' ବୋଲି ଚିହ୍ନଟ କରିଛି। କୌଣସି ମହାମାରୀରେ ପ୍ରଥମ ରୋଗୀକୁ 'ଇଣ୍ଡେକ୍ସ କେସ୍' ବା 'ପେସେଣ୍ଟ ଜିରୋ' ବୋଲି କୁହାଯାଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ତରଫରୁ ପ୍ରକାଶିତ ତଥ୍ୟ ଅନୁଯାୟୀ, ୧୯୭୬ରୁ ୨୦୧୨ ମଧ୍ୟରେ ଆଫ୍ରିକାରେ ପ୍ରାୟ ଚବିଶ ଥର ଇବୋଲା ମହାମାରୀ ଦେଖା ଦେଇଛି, ଯେଉଁଥିରେ ପାଖାପାଖି ଅଢ଼େଇ ହଜାର ଲୋକ ସଂକ୍ରମିତ ହେବା ସହ ଷୋହଳ ଶହ ଲୋକ ମୃତ୍ୟୁବରଣ କରିଛନ୍ତି। ସବୁଠାରୁ ବଡ଼ ଇବୋଲା ମହାମାରୀ ଦେଖା ଦେଇଥିଲା ପଶ୍ଚିମ ଆଫ୍ରିକାରେ ଡିସେମ୍ବର ୨୦୧୩ରୁ ଜାନୁଆରୀ ୨୦୧୬ ମଧ୍ୟରେ, ଯେଉଁଥିରେ ଅଠେଇଶ ହଜାର ଲୋକ ସଂକ୍ରମିତ ହେବା ସହ ଏଗାର ହଜାର ଲୋକ ମୃତ୍ୟୁବରଣ କରିଥିଲେ। ଜୁଲାଇ ୨୦୧୯ରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ କଙ୍ଗୋର ଇବୋଲା ମହାମାରୀକୁ ଗମ୍ଭୀରତାର ସହ ନେବା ସହିତ ଏହାକୁ ବିଶ୍ୱ ସ୍ୱାସ୍ଥ୍ୟ ନିମନ୍ତେ ଜରୁରୀକାଳୀନ ବୋଲି ଘୋଷଣା କରିଥିଲେ।

ଏବେ ଆସିବା ମଣିଷ ଶରୀରରେ ଏହାର ଲକ୍ଷଣକୁ। ଏହି ଭାଇରସ୍‌ରେ ଆକ୍ରାନ୍ତ ହେଲେ ଯେଉଁ ଯେଉଁ ପ୍ରାରମ୍ଭିକ ଲକ୍ଷଣମାନ ମଣିଷଠାରେ ଦେଖା ଯାଇଥାଏ, ତାହା ହେଉଛି ଜ୍ୱର, ଦୁର୍ବଳତା, ଭୋକ ନହେବା, ମାଂସପେଶୀରେ ପୀଡ଼ା, ଆଣ୍ଠୁ ଗଣ୍ଠିରେ ପୀଡ଼ା, ମୁଣ୍ଡବିନ୍ଧା ଓ ତଣ୍ଟିରେ ବ୍ୟଥା ଇତ୍ୟାଦି। ଉପରୋକ୍ତ ଲକ୍ଷଣଗୁଡ଼ିକ ପରେ ବାନ୍ତି, ଡାଇରିଆ ଆଦି ମଧ୍ୟ ହୋଇଥାଏ ଓ ଏହାଦ୍ୱାରା ଦେହରୁ ଜଳୀୟ ଅଂଶ କମି ଯାଇଥାଏ। ଶରୀରରେ ଏକ ପ୍ରକାରର ଦାଗ ଦେଖା ଯାଇଥାଏ, ଯାହାକୁ ଇଂରାଜୀରେ କୁହାଯାଏ 'ମାକୁଲୋ ପାପୁଲାର୍ ରାସ୍'। ତେବେ ସବୁଠାରୁ ଘାତକ ଲକ୍ଷଣ ଇବୋଲା ସଂକ୍ରମଣର ହେଉଛି 'ଅନ୍ତରୀଣ ଓ ବାହ୍ୟ ରକ୍ତସ୍ରାବ', ଯାହାକି ପ୍ରାରମ୍ଭିକ ଲକ୍ଷଣ ସବୁର ପାଞ୍ଚରୁ ସାତ ଦିନ ମଧ୍ୟରେ ଦେଖା ଯାଇଥାଏ। ଏହାଦ୍ୱାରା ବାନ୍ତି, କଫ ଓ ମଳରେ ରକ୍ତ ପଡ଼ିଥାଏ। ସଂକ୍ରମିତ ରୋଗୀର ରକ୍ତ ଜମାଟ ବାନ୍ଧିବାର କ୍ଷମତାରେ ହ୍ରାସ ଘଟିବାରୁ ଏପରି ହୋଇଥାଏ। ସଂକ୍ରମିତ ତଥା ଲକ୍ଷଣ ଥିବା ବ୍ୟକ୍ତିଙ୍କର ରକ୍ତ, ଲାଳ, ବାନ୍ତି, ଝାଳ, ମଳ, ମୂତ୍ରଦ୍ୱାରା ଏହି ଭାଇରସ୍ ସୁସ୍ଥ ଲୋକଙ୍କୁ ଆକ୍ରାନ୍ତ କରେ। ଇବୋଲା ସଂକ୍ରମଣରେ ମୃତ୍ୟୁ ମୁଖ୍ୟତଃ ଜଳୀୟ ଅଂଶ ହ୍ରାସ ଯୋଗୁଁ ଘଟିଥାଏ, ଯାହାକି ହୋଇଥାଏ ପ୍ରାଥମିକ ଲକ୍ଷଣ ଦେଖାଯିବାର ଦଶରୁ ପନ୍ଦର ଦିନ ମଧ୍ୟରେ। ତେଣୁ ଏହାର ଚିକିତ୍ସାରେ ଶରୀରରେ ଜଳୀୟ ଅଂଶ ବଜାୟ ରଖିବା ଉପରେ ଗୁରୁତ୍ୱ ଦିଆଯାଏ। ବୈଶ୍ୱିକ ମହାମାରୀ ହେବାର ସମ୍ଭାବନା ବର୍ତ୍ତମାନ ପର୍ଯ୍ୟନ୍ତ ଇବୋଲାର ହୋଇନାହିଁ। ଯଦିଓ ଏହା ଗମ୍ଭୀର ରୋଗ, କିନ୍ତୁ ଜଣେ ବ୍ୟକ୍ତିଠାରୁ ଅନ୍ୟ ବ୍ୟକ୍ତିକୁ ସେତେବେଳେ ବ୍ୟାପିଥାଏ, ଯେତେବେଳେ ପ୍ରଥମଠାରେ ଲକ୍ଷଣମାନ ଥାଏ। ତେଣୁ ଭାରତ ତଥା ଅନ୍ୟ ଅପ୍ରଭାବିତ ଦେଶମାନଙ୍କ ପାଇଁ ତତ୍କାଳ କିଛି ବିପଦ ନାହିଁ, ମାତ୍ର ପ୍ରଶ୍ନ ଉଠୁଛି ଯେ ବୈଶ୍ୱିକ ସହଯୋଗ ଓ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ତତ୍ପରତା ସତ୍ତ୍ୱେ ଇବୋଲା ବାରମ୍ବାର ଫେରୁଛି କ'ଣ ପାଇଁ? ଏହାର ଉତ୍ତର କେବଳ ସ୍ୱାସ୍ଥ୍ୟ ବିଜ୍ଞାନରେ ନୁହେଁ, ବରଂ ରାଜନୀତି, ଅର୍ଥ ବ୍ୟବସ୍ଥା ଓ ବୈଶ୍ୱିକ ଅସମାନତାରେ ନିହିତ ଅଛି। କଙ୍ଗୋ ଲୋକତାନ୍ତ୍ରିକ ଗଣରାଜ୍ୟ ପ୍ରାକୃତିକ ସମ୍ପଦ, ଯେପରିକି ଖଣିଜ ଓ ଦୁର୍ଲଭ ଧାତୁରେ ଭରପୂର। ସାମ୍ପ୍ରତିକ ଜଗତର ଇଲେକ୍ଟ୍ରୋନିକ୍ ବ୍ୟବସ୍ଥା ଯେଉଁ ଖଣିଜ ପଦାର୍ଥ ଉପରେ ନିର୍ଭରଶୀଳ, ସେଗୁଡ଼ିକ କଙ୍ଗୋରେ ପ୍ରଚୁର ପରିମାଣରେ ଅଛି। ଏହି ଖଣିଜ ସମ୍ପଦର ମୂଲ୍ୟ କିନ୍ତୁ କଙ୍ଗୋର ସ୍ଥାନୀୟ ଲୋକମାନଙ୍କୁ ଦେବା ପାଇଁ ପଡୁଛି। ଖଣି ଖନନ, ଅରଣ୍ୟ ଧ୍ୱଂସ କରିବା ଦ୍ୱାରା ମନୁଷ୍ୟ ଓ ବନ୍ୟ ଜନ୍ତୁମାନଙ୍କ ମଧ୍ୟରେ ଥିବା ବ୍ୟବଧାନ ହ୍ରାସ ପାଉଛି। ଏହା ଫଳରେ ମନୁଷ୍ୟଠାରେ ଏପରି ସବୁ ରୋଗ ଦେଖାଯାଉଛି, ଯାହାକି ଆଗରୁ କେବଳ ପଶୁମାନଙ୍କ ମଧ୍ୟରେ ସୀମିତ ଥିଲା। ବୈଜ୍ଞାନିକମାନେ ମଧ୍ୟ ଦୀର୍ଘ ସମୟ ଧରି ଚେତାବନୀ ଦେଇ ଆସିଛନ୍ତି କି ପରିବେଶକୁ ବିନାଶ କରିବା ପ୍ରକ୍ରିୟା ନୂଆ ମହାମାରୀକୁ ସୃଷ୍ଟି କରିବାର ପ୍ରମୁଖ କାରଣ ହେବ। ଉଦାହରଣ- ଇବୋଲା।

ଆଫ୍ରିକାର କିଛି ଦେଶ ବିଗତ ବର୍ଷମାନଙ୍କରେ ନୂଆ ସଂକ୍ରମଣର ଉତ୍ପତ୍ତି ସ୍ଥଳ ପାଲଟିଛନ୍ତି। ଏମାନଙ୍କ ମଧ୍ୟରୁ ଇବୋଲା ସବୁଠାରୁ ଭୟାବହ। ଏହା ଏପରି ଏକ ରୋଗ, ଯାହା ପାଇଁ ସବୁଠାରୁ ଅଧିକ ଥର ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି। ତେଣୁ ଏଠାରେ ମଧ୍ୟ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଯଦି ଏତେ ଥର ଇବୋଲାକୁ ନେଇ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି, ତା'ହେଲେ ଏହାର ସ୍ଥାୟୀ ପ୍ରତିକାର କାହିଁକି କରା ଯାଉନାହିଁ? ଏହାର ଉତ୍ତର ହେଉଛି କି ସଙ୍କଟ ଆସିଲେ ବିଶ୍ୱର ସ୍ୱାସ୍ଥ୍ୟ ସଙ୍ଗଠନମାନେ ସକ୍ରିୟ ହୋଇ ଯାଆନ୍ତି, କିନ୍ତୁ ସେମାନେ ସଙ୍କଟର ମୂଳୋତ୍ପାଟନ ପାଇଁ ଆବଶ୍ୟକୀୟ ନିବେଶ କରନ୍ତି ନାହିଁ। ଯେଉଁ ଦେଶରେ ବାରମ୍ବାର ଇବୋଲା ମହାମାରୀ ହେଉଛି, ସେହି ଦେଶଗୁଡ଼ିକ ଅର୍ଥନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଦୁର୍ବଳ। ନା ସେଠାରେ ଅଛି ଅତ୍ୟାଧୁନିକ ପରୀକ୍ଷାଗାର, ନା ଅଛନ୍ତି ଡାକ୍ତରଙ୍କ ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀ। ସେଠାକାର ଗ୍ରାମୀଣ ପରିବେଶରେ ସ୍ୱାସ୍ଥ୍ୟସେବା ନାହିଁ କହିଲେ ମଧ୍ୟ ଅତ୍ୟୁକ୍ତି ହେବନାହିଁ। ଆହୁରି ମଧ୍ୟ ଆଫ୍ରିକାର ଅଧିକାଂଶ ଦେଶ ଜାତୀୟ ସଂଘର୍ଷ ଓ ରାଜନୈତିକ ଅସ୍ଥିରତା ମଧ୍ୟ ଦେଇ ଗତି କରୁଛନ୍ତି। ଇବୋଲା ମହାମାରୀ ଆସିଲେ ସମଗ୍ର ବିଶ୍ୱ ହଠାତ୍ ଚିନ୍ତିତ ହୋଇ ପଡ଼ିଥାଏ; ସଂପୃକ୍ତ ଦେଶକୁ ଆନ୍ତର୍ଜାତିକ ଟିମ୍‌ମାନେ ଯାଇଥାନ୍ତି ଓ ପାଣ୍ଠି ମଧ୍ୟ ଯୋଗାଇ ଦିଆ ଯାଇଥାଏ। ଏହା ପରେ କିନ୍ତୁ ସଂକ୍ରମଣ କମିଲେ ଦୁନିଆର ଧ୍ୟାନ ମଧ୍ୟ କମି ଯାଇଥାଏ। କିଛି ବର୍ଷ ପରେ ପୁନର୍ବାର ଏହି ଚକ୍ର ଆରମ୍ଭ ହୋଇଥାଏ- ସ୍ୱାସ୍ଥ୍ୟଗତ ଜରୁରୀକାଳୀନ ପରିସ୍ଥିତି, ଅସ୍ଥାୟୀ ସକ୍ରିୟତା ଓ ବିସ୍ମୃତି। କେବଳ ଇବୋଲା କ୍ଷେତ୍ରରେ ଏହା ହୋଇନାହିଁ। ଏହା ବୈଶ୍ୱିକ ସ୍ୱାସ୍ଥ୍ୟ ବ୍ୟବସ୍ଥାର ସେହି ପ୍ରବୃତ୍ତିକୁ ଦର୍ଶାଉଛି, ଯେଉଁଥିରେ ଗରିବ ଦେଶମାନଙ୍କୁ ପ୍ରଭାବିତ କରୁଥିବା ରୋଗମାନଙ୍କୁ ସେ ପର୍ଯ୍ୟନ୍ତ ଗମ୍ଭୀରତାର ସହ ନିଆଯାଏ ନାହିଁ, ଯେତେବେଳ ପର୍ଯ୍ୟନ୍ତ ସେମାନେ ଧନୀ ଦେଶମାନଙ୍କ ସୀମାରେ ପହଞ୍ଚି ନଥାନ୍ତି। ଏହାର ସଦ୍ୟ ଉଦାହରଣ- 'ମଙ୍କିପକ୍ସ'। ଦୀର୍ଘ ବର୍ଷ ଧରି ଏହା ଆଫ୍ରିକାରେ ସୀମିତ ଭାବରେ ବ୍ୟାପୁଥିଲା, କିନ୍ତୁ ୨୦୨୨ରେ ଯେବେ ଏହା ୟୁରୋପ୍ ଓ ଆମେରିକାକୁ ପ୍ରବେଶ କଲା, ଏହାକୁ ନେଇ ଆନ୍ତର୍ଜାତିକ ସମୁଦାୟ ଚିନ୍ତିତ ହୋଇ ପଡ଼ିଲା। ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାନଗୁଡ଼ିକ ଏତେ ସମୟ ପର୍ଯ୍ୟନ୍ତ ଅପେକ୍ଷା କଲେ କ'ଣ ପାଇଁ?

ଅନ୍ୟ ଏକ ଚିନ୍ତାଜନକ ପ୍ରସଙ୍ଗ ହେଉଛି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ପାଣ୍ଠି ବ୍ୟବସ୍ଥା। ସାରା ବିଶ୍ୱ ଆଶା କରେ ଯେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ମହାମାରୀର ଉଚିତ୍ ନିୟନ୍ତ୍ରଣ କରୁ। ସଙ୍ଗଠନ ମଧ୍ୟ ମହାମାରୀଗୁଡ଼ିକରେ ସଂକ୍ରମଣ ନିୟନ୍ତ୍ରଣ, ଟିକାର ବିକାଶ ପାଇଁ ପଦକ୍ଷେପମାନ ନେଉଛି, କିନ୍ତୁ ଏଥିରେ ସବୁଠାରୁ ବଡ଼ ପ୍ରତିବନ୍ଧକ ସାଜିଛି ପାଣ୍ଠି। ସାଧାରଣତଃ ବିକଶିତ ଦେଶ, ଯେପରିକି ଯୁକ୍ତରାଷ୍ଟ୍ର ଓ ବ୍ରିଟେନ୍ ହିଁ ଏଥିପାଇଁ ସିଂହଭାଗ ପାଣ୍ଠି ଯୋଗାଇଥାନ୍ତି। ଏବେ କିନ୍ତୁ ଆମେରିକା ଏହି ପାଣ୍ଠିର ପରିମାଣକୁ ହ୍ରାସ କରିଛି, ଯାହାକି ଚିନ୍ତାଜନକ। ଯଦି ବିଶ୍ୱ ବାସ୍ତବରେ ଇବୋଲା ଭଳି ରୋଗମାନଙ୍କୁ ରୋକିବା ପାଇଁ ଚାହୁଁଛି, ତା'ହେଲେ ତା'କୁ ସ୍ୱାସ୍ଥ୍ୟ ବିତ୍ତ ବ୍ୟବସ୍ଥାକୁ ଅଧିକ ସ୍ଥାୟୀ, ପାରଦର୍ଶୀ ଓ ନ୍ୟାୟପୂର୍ଣ୍ଣ କରିବା ପାଇଁ ପଡ଼ିବ।

ପରିଶେଷରେ ଉଲ୍ଲେଖ କରି ପ୍ରବନ୍ଧଟିକୁ ଶେଷ କରିବି ଯେ କୌଣସି ଧନୀ ଦେଶକୁ ପ୍ରଭାବିତ ନ କଲେ ମଧ୍ୟ ଗରିବ ଦେଶମାନଙ୍କରେ ଦେଖା ଯାଉଥିବା ରୋଗମାନଙ୍କୁ ଯଥେଷ୍ଟ ପ୍ରାଥମିକତା ଦିଆଯାଉ। ଇବୋଲାର ବାରମ୍ବାର ଫେରିବା କେବଳ ଭାଇରସ୍‌ଟିର ପ୍ରତ୍ୟାବର୍ତ୍ତନ ମାତ୍ର ନୁହେଁ, ବରଂ ଏହା ପ୍ରମାଣ କରୁଛି କି ଆଜି ମଧ୍ୟ ବୈଶ୍ୱିକ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭେଦଭାବପୂର୍ଣ୍ଣ।




**ମେଡିକାଲ ଅଫିସର**
**ଓଡ଼ିଶା ସ୍ୱାସ୍ଥ୍ୟ ସେବା, ଭୁବନେଶ୍ୱର**
**ମୋ: ୮୧୪୪୦୪୨୯୯୭**

# ନିରାପଦ ପଦଚାରୀ

ପଦାତିକ ବା ପାଦରେ ଚାଲି ଚାଲି ଯାଉଥିବା ଲୋକମାନଙ୍କ ଉପରେ ଅନେକଗୁଡ଼ିଏ ଦେଶରେ ଆଇନମାନ ରହିଛି: ନର୍ଡିକ୍ ଦେଶ (ଉତ୍ତର ୟୁରୋପ୍ ଏବଂ ଉତ୍ତର ଆଟ୍‌ଲାଣ୍ଟିକ୍ କ୍ଷେତ୍ରର ୫ ଗୋଟି ସାର୍ବଭୌମ ରାଷ୍ଟ୍ର ଏବଂ ୩ ଗୋଟି ସ୍ୱାୟତ୍ତ କ୍ଷେତ୍ର)ଗୁଡ଼ିକରେ 'ବିଚରଣ କରିବାର ସ୍ୱାଧୀନତା' ରୂପକ ଅଧିକାର ରହିଛି ଏବଂ ଯୁକ୍ତରାଷ୍ଟ୍ର ଆମେରିକାରେ ରାଜ୍ୟ-ସ୍ତରୀୟ ଯାନବାହନ ଆଇନ ଏବଂ ସହରାଞ୍ଚଳ ଜୋନିଂ ଆଇନମାନ ରହିଛି। ଗତ ଶୁକ୍ରବାର ଦିନ ଭାରତ ପଦଚାରୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ପଥଗୁଡ଼ିକରେ ନିରାପଦରେ ଚାଲିବା ସହିତ ବିନା ପ୍ରତିବନ୍ଧକରେ ଚାଲିବାର ଅଧିକାରକୁ ଅଧିକ ଉନ୍ନତ କରି ଏହାକୁ ଏକ ମୌଳିକ ଅଧିକାରରେ ପରିଣତ କରିଛି, ଯାହା ଅବଶ୍ୟ ଆଗାମୀ ଦିନମାନଙ୍କରେ ଏକ ସର୍ବାଧିକ ଅବହେଳିତ ମାନବୀୟ ଅଧିକାର ସମସ୍ୟାର ସମାଧାନ କରିବାରେ ସହାୟକ ହେବ। ନୀତି ନିର୍ମାତାମାନଙ୍କ ଚିନ୍ତା ଭିତରେ ଏଭଳି ଧାରଣାଗୁଡ଼ିକୁ ଭର୍ତ୍ତି କରାଯିବା ଅତ୍ୟନ୍ତ ଜରୁରୀ, ଯେଉଁମାନେ କି ଏ ବାବଦରେ କଠୋର ନିୟମ ପ୍ରସ୍ତୁତ କରିବାର ସମୟ ଉପଗତ ହୋଇଛି କି ନାହିଁ, ସେ ସମ୍ପର୍କରେ ଉଦାସୀନ ରହିଛନ୍ତି। 'ଯଦି ସଡ଼କଟିଏ ରହିଛି, ତା'ହେଲେ ପାଦରେ ଚାଲି ଚାଲି ଯାଉଥିବା ଲୋକମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଫୁଟ୍‌ପାଥ୍ ରହିଥିବାକୁ ସୁନିଶ୍ଚିତ କରାଯିବା ଉଚିତ। ଏହା ଏକ ଆଇନଗତ କର୍ତ୍ତବ୍ୟ,' କହିଛନ୍ତି କୋର୍ଟ- ସମ୍ବିଧାନର ଧାରା ୧୯(୧)(ଘ)କୁ ସମ୍ପ୍ରସାରଣ କରିବା ଅବସରରେ, ଯାହା ଭାରତର ସବୁ ଅଞ୍ଚଳରେ ସ୍ୱଚ୍ଛନ୍ଦରେ ଯାତାୟାତ କରିବାର ଅଧିକାରକୁ ସୁରକ୍ଷା ପ୍ରଦାନ କରେ। କୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ଯେ ପାଦରେ ଚାଲିକରି ଯିବା ଏହି ଧାରା ଅଧୀନରେ ପ୍ରଦତ୍ତ ସ୍ୱାଧୀନତାର ଏକ ଅଂଶ, ଯେତେବେଳେ ଏହାକୁ ଧାରା ୧୯(୧)(କ), ୧୯(୧)(ଖ), ୧୯(୧)(ଗ) ଏବଂ ଧାରା ୨୧ ସହିତ ଏକାଠି ମିଶାଇ ପାଠ କରାଯାଏ, ଯାହା ଜୀବନକୁ ସୁରକ୍ଷିତ ରଖିବା ଏବଂ ବ୍ୟକ୍ତିଗତ ସ୍ୱାଧୀନତାର ଅଧିକାରକୁ ସୁରକ୍ଷା ପ୍ରଦାନ କରେ।

ଜଣେ ପାଞ୍ଚ ବର୍ଷ ବୟସର ବାଳକ, ଯିଏକି ନିଜର ପିତାଙ୍କ ସହିତ ଚାଲି ଚାଲି ସ୍କୁଲକୁ ଯାଉଥିଲା, ତା'ର ଦୁର୍ଘଟଣାଜନିତ ମୃତ୍ୟୁରେ କୋର୍ଟରେ ଅଧିକ କ୍ଷତିପୂରଣ ପ୍ରଦାନ କରିବାର ଦାବିରେ କରାଯାଇଥିବା ଆବେଦନ ଉପରେ ଆସିଥିବା ଏହି ରାୟ ଅନେକଗୁଡ଼ିଏ ପ୍ରସଙ୍ଗର ସମାଧାନ ନିମନ୍ତେ ଏକ ଉଦ୍ୟମ କରିଛି, ଯାହା ଆମର ଯୋଜନାକୁ ପଙ୍ଗୁ କରି ଦେଉଛି, ବିଶେଷକରି ସହରାଞ୍ଚଳର ଯୋଜନାକୁ। ଭାରତରେ ଉପଯୁକ୍ତ ଯୋଜନାବଦ୍ଧ ସଡ଼କ କଥା ତ ଛାଡ଼, ଉତ୍ତମ ଯୋଜନାବଦ୍ଧ ସହରଟିଏ କ୍ୱଚିତ୍ ଦେଖିବାକୁ ମିଳେ। ଏହି ଉଭୟ ପ୍ରସଙ୍ଗ ଏକାଠି ସାମ୍ନାକୁ ଆସିଥାନ୍ତି ଏବଂ ସେମାନଙ୍କ ନିଜ ନିଜ ବ୍ୟବସ୍ଥା ଉପରେ ସମ୍ପ୍ରସାରିତ ହୋଇଥାନ୍ତି। ସହରଗୁଡ଼ିକରେ ହୁଏତ କେତେକ ଅଞ୍ଚଳ ରହିଛନ୍ତି, ଯେଉଁଗୁଡ଼ିକ ଧନୀ ଏବଂ କ୍ଷମତାଶାଳୀ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ରହିଥାଏ, କିନ୍ତୁ ସେହିସବୁ ସହରରେ ଅନ୍ୟ ଯେଉଁମାନେ ବାସ କରନ୍ତି, ସେମାନଙ୍କ ପାଇଁ ସେଗୁଡ଼ିକର ତଳିପେଟରେ ବଡ଼ ବଡ଼ ଗର୍ତ୍ତମାନ ରହିଛି, ଯେଉଁଗୁଡ଼ିକ ନର୍କର ଦ୍ୱାର ସାବ୍ୟସ୍ତ ହୋଇଥାଏ। ସେହି ଯାନବାହନ ଥିବା ଲୋକମାନଙ୍କ ଦ୍ୱାରା ସହରୀ ସଡ଼କଗୁଡ଼ିକ ଅଧିକତଃ ଅକ୍ତିଆର କରାଯାଇଥାଏ, ଯେତେବେଳେ କି ଯାନବାହନ ନଥିବା ଲୋକମାନେ ସେହିସବୁ ଯାନବାହନର ଚକା ତଳେ ପ୍ରାଣତ୍ୟାଗ କରିବାକୁ ଉନ୍ମୁଖ ରହିଥାନ୍ତି। ପରିସଂଖ୍ୟାନ ଉଲ୍ଲେଖ କରେ ଯେ ବିଗତ ୧୦ ବର୍ଷ ମଧ୍ୟରେ ସଡ଼କରେ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁବରଣ କରୁଥିବା ଲୋକଙ୍କ ସଂଖ୍ୟା ଦୁଇ ଗୁଣ ବୃଦ୍ଧିପାଇଛି। ପ୍ରତି ବର୍ଷ ଭାରତୀୟ ସଡ଼କଗୁଡ଼ିକରେ ୩୬ ହଜାରରୁ ଅଧିକ ସଂଖ୍ୟକ ପଦାତିକ ମୃତ୍ୟୁବରଣ କରିଥାନ୍ତି, ଅର୍ଥାତ୍ ଦିନକୁ ହାରାହାରି ୧୦୦ ଜଣ। ଏହା ଏକ ଅଗ୍ରହଣୀୟ ଏବଂ ଅକ୍ଷମଣୀୟ ତଥ୍ୟଗୁଡ଼ିକର ସମାହାର।

ଯୋଜନା ପ୍ରସ୍ତୁତକାରୀମାନଙ୍କ ମନରେ ହୁଏତ ଧାରଣାଟିଏ ବଳବତ୍ତର ରହିଛି ଯେ ଭାରତ ଏକ ଗରିବ ରାଷ୍ଟ୍ର ଭାବରେ ରହି ଆସିଛି ଏବଂ ଏହା ନିକଟରେ ନମୁନାଗୁଡ଼ିକ ନାହିଁ, ଯେତେବେଳେ କି ସେମାନେ ଅଧିକାଂଶଙ୍କ ପାଇଁ ସର୍ବନିମ୍ନକୁ ସୁନିଶ୍ଚିତ କରିବା ପାଇଁ କାମ କରନ୍ତି। ସେମାନେ ମଧ୍ୟ ଆର୍ଥିକ ପ୍ରତିବନ୍ଧକଗୁଡ଼ିକର କଥା ଉଦାହରଣ ଭାବରେ ଦର୍ଶାଇ ପାରନ୍ତି। କିନ୍ତୁ ସେଭଳି ବାହାନାଗୁଡ଼ିକ ବର୍ତ୍ତମାନ ଉପଲବ୍ଧ ନୁହେଁ। ଭାରତ ଏବେ ବିଶ୍ୱର ସର୍ବାଧିକ ପ୍ରତିପାଦନକାରୀ ଅର୍ଥନୀତିମାନଙ୍କ ମଧ୍ୟରୁ ସରକାରୀ ଭାବରେ ଗୋଟିଏ ବୋଲି ବିବେଚିତ; ଆମ ନିକଟରେ ବର୍ତ୍ତମାନ ସମଗ୍ର ବିଶ୍ୱର ରାଷ୍ଟ୍ରମାନେ କିପରି ସେମାନଙ୍କ ପଦାତିକମାନଙ୍କ ଅଧିକାରକୁ ସୁରକ୍ଷିତ ରଖନ୍ତି, ସେ ସମ୍ପର୍କିତ ନମୁନାଗୁଡ଼ିକ ରହିଛି। ଏକଥା ଉଲ୍ଲେଖ କରିବା ଗୁରୁତ୍ୱପୂର୍ଣ୍ଣ ଯେ କୋର୍ଟ ମଧ୍ୟ ମୋଟର ଯାନ ଆଇନ,୧୯୮୮ ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହାକି ପୁନଶ୍ଚ ସବୁକିଛି ଯାନବାହନ ବିଷୟରେ ଉଲ୍ଲେଖ କରେ, ମଣିଷମାନଙ୍କ ସମ୍ପର୍କରେ ନୁହେଁ। ତା'ପରେ ଆସେ କିପରି ଯାନବାହନଗୁଡ଼ିକୁ ଏବଂ ସେଥିରେ ଯାତ୍ରା କରୁଥିବା ମନୁଷ୍ୟମାନଙ୍କୁ ସୁରକ୍ଷିତ କରାଯାଇ ପାରିବ; ଯେଉଁମାନେ ପାଦରେ ଚାଲି ଚାଲି ଯାଆନ୍ତି, ସେମାନଙ୍କ ଅଧିକାର କେବେ ବି ଏହାର ଏକ ଚିନ୍ତାର ବିଷୟ ହୋଇନାହିଁ। ତେଣୁ କୋର୍ଟଙ୍କର ସାମ୍ପ୍ରତିକ ଆଦେଶ ଜନସଂଖ୍ୟାର ଏକ ବୃହତ୍ ଅଂଶଙ୍କ ଅଧିକାର ଦାବି କରୁଥିବା ଏହି ପ୍ରସଙ୍ଗ ଉପରେ ଯୋଜନା ପ୍ରସ୍ତୁତକାରୀ ଏବଂ ଆଇନ ପ୍ରଣୟନକାରୀମାନଙ୍କ ପାଇଁ ସେମାନଙ୍କ ମତରେ ସଂଶୋଧନ ଆଣିବା ନିମନ୍ତେ ଏକ ତନ୍ଦ୍ରା ଭଙ୍ଗକାରୀ ଆହ୍ୱାନ। ଏକ ବର୍ଗର ଲୋକମାନଙ୍କ ଉପରେ ଖର୍ଚ୍ଚ କରିବାକୁ ବିଶ୍ୱର କୌଣସି ରାଷ୍ଟ୍ରଙ୍କ ନିକଟରେ ଅସୀମିତ ସମ୍ବଳ ନାହିଁ; ବରଂ ତା' ପରିବର୍ତ୍ତେ ସେହି ସମ୍ବଳଗୁଡ଼ିକର ସର୍ବାଧିକ ଉପଯୁକ୍ତ ଖର୍ଚ୍ଚ କରାଯିବା ଆବଶ୍ୟକ। ଏ ବାବଦରେ ଯୋଜନା ପ୍ରସ୍ତୁତକାରୀମାନଙ୍କୁ ଘରୋଇ ପରିବହନକୁ ଅଧିକ ପ୍ରୋତ୍ସାହିତ ନ କରି ସର୍ବସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ଯାନଗୁଡ଼ିକରେ ଯାତାୟାତ କରିବାକୁ ପ୍ରୋତ୍ସାହିତ ଏବଂ ଉତ୍ସାହିତ କରିବା ନିମନ୍ତେ ଆହ୍ୱାନ ଦିଆଯାଇପାରେ। ସେମାନଙ୍କୁ ପୁରୁଣା ସଡ଼କଗୁଡ଼ିକର ପୁନଃଡିଜାଇନ୍ କରିବା ସଙ୍ଗେ ସଙ୍ଗେ ନୂଆ ସଡ଼କଗୁଡ଼ିକ ତିଆରି କରିବା ବେଳେ ସୁପ୍ରିମ୍‌କୋର୍ଟଙ୍କ ରାୟକୁ ମନରେ ରଖି କାର୍ଯ୍ୟ କରିବାକୁ ହେବ। କୋର୍ଟଙ୍କର ସାମ୍ପ୍ରତିକ ଆହ୍ୱାନ ହୁଏତ ବର୍ତ୍ତମାନ ଅଧିକ ଉଚ୍ଚାଭିଳାଷୀ ମନେ ହୋଇପାରେ, କିନ୍ତୁ ସମୟ ଉପଗତ ହୋଇଛି ଏହି ରାୟ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସାମିଲ ହେବା ଉଚିତ।

# 'ଚପେଟାଘାତ'ଟିଏ ଲୋଡ଼ା ମାତ୍ର



ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ଚମକପ୍ରଦ ଭୌତିକ, ବୈଷୟିକ ବିକାଶ ଓ ପ୍ରଗତି ଭୋଗ କରୁଥିବା ଆଜିର ତଥାକଥିତ ଅତ୍ୟାଧୁନିକ ମଣିଷ ତା'ର ଅନ୍ତଃକରଣରେ ତଥାପି ବି ରହିଛି ଅଶାନ୍ତ, ଅସନ୍ତୁଷ୍ଟ। ମନେ ହେଉଛି, ସତେ ଯେପରି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ତଥା କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ବିକାଶର ଯାନ୍ତ୍ରିକ ଏକଛନ୍ଦମୟତାରୁ ନିଷ୍କୃତି ଲୋଡୁଛି ସେ ଓ ଖୋଜି ଚାଲିଛି ନିରୋଳା ଜୈବିକ ଉତ୍ତେଜନା, ସ୍ୱାଭାବିକ ଭାବ ସମ୍ବେଦନା। ସେ ଲୋଡୁଛି ସତେଜ, ଜୀବନ୍ତ ଓ ସ୍ପନ୍ଦିତ ଅନୁଭୂତି। ସେ ଧରଣର ଅନୁଭୂତି ସେ ଯେପରି ସୁଖଦାୟୀ ଦୈହିକ ଶିହରଣରୁ ପାଇପାରେ, ସେମିତି ବି ପାଇପାରେ ଶାରୀରିକ ବା ମାନସିକ ପୀଡ଼ାରୁ ଓ ବେଦନାରୁ।

କାଳେ କାଳେ ମଣିଷ ଲୋଡ଼ି ଆସିଛି ଇନ୍ଦ୍ରିୟଗତ ତଥା ଭାବାତ୍ମକ ଉଦ୍ଦୀପନା ଓ ଉତ୍ତେଜନା। ଅନେକ ସମୟରେ ସେ ସବୁର ଉତ୍ସ ଖୁବ୍ ଅସ୍ୱାଭାବିକ, ଖୁବ୍ ଉଦ୍ଭଟ ମଧ୍ୟ। ପ୍ରାଚୀନ ଗ୍ରୀସ୍ ଓ ରୋମ୍‌ର ଅଧିବାସୀମାନଙ୍କ ପାଇଁ ଉଦ୍ଦୀପନା ଓ ଉତ୍ତେଜନା ସୃଷ୍ଟିକାରୀ ଥିଲା ମଲ୍ଲଯୋଦ୍ଧାମାନଙ୍କ ମରଣାନ୍ତକ ଲଢ଼େଇର ହିଂସ୍ର, ପାଶବିକ ଦୃଶ୍ୟ; ମଧ୍ୟଯୁଗୀୟ ୟୁରୋପ୍ ଓ ପଶ୍ଚିମ ଏସିଆର ଅଧିବାସୀମାନଙ୍କ ପାଇଁ ଅପରାଧୀମାନଙ୍କ ଫାଶୀ ଦଣ୍ଡର ଦୃଶ୍ୟ, କ୍ରୁଶବିଦ୍ଧ ବା ଜୀବନ୍ତ ଦଗ୍ଧ ହେବାର ଦୃଶ୍ୟ। ଆଜିର ତଥାକଥିତ ସଭ୍ୟ ଓ ଶିକ୍ଷିତ ମଣିଷ କେବେହେଲେ ପ୍ରତ୍ୟକ୍ଷରେ ହେଉ ବା ପରୋକ୍ଷରେ, କେବଳ ନିରୁତା ଉତ୍ତେଜକ ଉଲ୍ଲାସର ଅନୁଭବ ପାଇଁ ଚାହିଁବ ନାହିଁ କୌଣସି ପ୍ରକାରର ଉଗ୍ର, ଜଘନ୍ୟ ଓ ଅତି ଅସ୍ୱାଭାବିକ ପନ୍ଥା। କିନ୍ତୁ ସେ ବି ଚାହେଁ ନିରୋଳା ନିର୍ଦ୍ଦୋଷ ଉଦ୍ଦୀପନା; ସେ ଚାହେଁ ଯାନ୍ତ୍ରିକ, କୃତ୍ରିମ ଓ ପ୍ରାଣହୀନ ଜୀବନଧାରାରୁ ସାମୟିକ ନିଷ୍କୃତି- ଏଇ ଯେମିତି ଜାପାନ ପରି ଏକ ବିକଶିତ ଦେଶରେ ଧୀରେ ଧୀରେ ଲୋକପ୍ରିୟତା ସାଉଁଟି ଚାଲିଥିବା ଅତିଶୟ ଅଜବ ଓ ହାସ୍ୟୋଦ୍ଦୀପକ 'ସ୍ଲାପ୍ ଥେରାପି' ବା 'ଚପେଟାଘାତ ଚିକିତ୍ସା'।

ଇଣ୍ଟରନେଟ୍‌ର ସୌଜନ୍ୟରୁ ଜାଣିବାକୁ ମିଳିଛି ଯେ ଜାପାନର ଗୋଟିଏ ନାମୀଦାମୀ ରେସ୍ତୋରାଁ ଗ୍ରାହକମାନଙ୍କୁ ଆକୃଷ୍ଟ କରିବା ପାଇଁ ଆରମ୍ଭ କରି ଦେଇଛି ଏକ ଅଭିନବ ସେବା ପ୍ରଦାନର ବ୍ୟବସ୍ଥା। ଏ ସେବାର ଉପଭୋକ୍ତା ହେବା ପାଇଁ ପ୍ରତ୍ୟହ ଲମ୍ବା ଧାଡ଼ିମାନ ଲାଗି ଯାଉଛି- ବେଶ୍ ଏକ ମୋଟା ଦେୟ ଦାଖଲ କରିବାକୁ ହେଲେ ମଧ୍ୟ।



ଏ ସେବା ପ୍ରଦାନ କରୁଛନ୍ତି ଅତ୍ୟାଧୁନିକ ବେଶ ପରିପାଟୀ ଶୋଭିତା ସୁନ୍ଦରୀ ପରିଚାରିକାମାନେ। ସେଇମାନଙ୍କ କରପଲ୍ଲବରୁ ଗୋଟିଏ ଗୋଟିଏ ଶକ୍ତ ଚାପୁଡ଼ା ଖାଇ କୃତକୃତ୍ୟ ହୋଇ ଯାଉଛନ୍ତି ଗ୍ରାହକମାନେ, ବିଶେଷକରି ତରୁଣ ଜାପାନିଜ୍‌ମାନେ। ଏ ବିଶେଷ ସେବା ବ୍ୟବସ୍ଥାର ତାତ୍କାଳିକ ରୋମାଞ୍ଚକ ପ୍ରଭାବ ଓ ଫଳପ୍ରଦତା କିଏ ବା ଅସ୍ୱୀକାର କରିବ? କେଡ଼େ ସତେଜ, ଜୀବନ୍ତ ଓ ଶିହରଣ ସୃଷ୍ଟିକାରୀ ହୋଇ ନଥିବ ଏହା? ଏମନ୍ତ ଏକ ମଧୁର ଉଦ୍ଦୀପନାଠାରୁ ଆଉ ଅଧିକ ଲୋଭନୀୟ କ'ଣ ବା ଥାଇପାରେ?

ସତ କଥା ହେଉଛି- ମଣିଷ ଯେହେତୁ ରୋବଟ୍‌ଟିଏ କିମ୍ବା ଯନ୍ତ୍ରଚାଳିତ ସତ୍ତାଟିଏ ନୁହେଁ, ସେ ସବୁବେଳେ ଚାହିଁଥାଏ ସରଳ, ସୁନ୍ଦର ଓ ଗଭୀର ଭାବ, ଆବେଗ ଓ ଉଲ୍ଲାସ ଉଦ୍ଦୀପନାର ଅନୁଭବ। ସବୁ ପ୍ରକାରର ଆଟୋପ ବା ଆଚ୍ଛାଦନର ଊର୍ଦ୍ଧ୍ୱରେ ସେ ରକ୍ତ ମାଂସର ଜୀବନ୍ତ ପିଣ୍ଡୁଳାଟିଏ; କେବଳ ଚିନ୍ତନ କ୍ଷମତାଧାରୀ କୃତ୍ରିମ ବୁଦ୍ଧିମତ୍ତାର ପ୍ରବିଧିଟିଏ ନୁହେଁ। ପ୍ରାଚୀନ କାଳରେ କିଛି ମଣିଷ ସ୍ୱଇଚ୍ଛାରେ ବରଣ କରୁଥିଲେ ଅସହ୍ୟ ଶାରୀରିକ ବା ଦୈହିକ ପୀଡ଼ା ଓ ଯାତନା; ବିଶ୍ୱାସ କରୁଥିଲେ ଯେ ତୀବ୍ର ଇନ୍ଦ୍ରିୟ- ଅନୁଭବ୍ୟ ବେଦନା ହିଁ ସେମାନଙ୍କୁ ଅନ୍ତର୍ମୁଖୀ କରିପାରେ, ସେମାନଙ୍କୁ ଶୁଣାଇ ପାରେ ଅନ୍ତରାତ୍ମାର ସ୍ୱର। ତେବେ, ସୁନ୍ଦରୀ ଲଳନାଙ୍କ କୋମଳ ହାତରୁ ଶକ୍ତ ଚପେଟାଘାତ ଜାପାନର ପୁରୁଷ ପୁଙ୍ଗବମାନଙ୍କୁ ସତରେ ଯେ ଅନ୍ତର୍ମୁଖୀ କରୁଥିବ ବା ସେମାନଙ୍କୁ ଆତ୍ମାର ସ୍ୱର ଯେ ଶୁଣାଉ ଥିବ, ଏହା ନିଶ୍ଚୟ ସନ୍ଦେହାସ୍ପଦ। କିନ୍ତୁ ଏହା ନିଶ୍ଚିତ ଯେ ଗୋଟିଏ ମୁହୂର୍ତ୍ତ ପାଇଁ ହେଉ ପଛେ, ସେମାନେ ଆଶ୍ୱସ୍ତ ହୋଇ ଯାଇଥିବେ ଯେ ସେମାନେ ତଥାପି ବି ମଣିଷ ହୋଇ ରହିଛନ୍ତି, ରୋବଟ୍ ପାଲଟି ଯାଇ ନାହାନ୍ତି ଆଜିର ଅତ୍ୟାଧୁନିକ ସଭ୍ୟତାର ପ୍ରବିଧିସଂକୁଳ ଜଙ୍ଗଲରେ।

ଏ 'ସ୍ଲାପ୍ ଥେରାପି' ବା ଏ 'ଚପେଟାଘାତ ଚିକିତ୍ସା' ଉପରେ ଆଲୋକପାତ ଅନ୍ୟ ଏକ ଦୃଷ୍ଟିକୋଣରୁ କରାଯାଇପାରେ ମଧ୍ୟ। ଫ୍ରଏଡ୍ କହିଥିଲେ- ମଣିଷର ଆଚରଣ ପଛରେ ରହିଛି ତା'ର ଅବଚେତନ ମନ ଓ ତା'ର ଅବଚେତନରେ ଛପି ରହିଛି 'ଡେଥ୍ ଡ୍ରାଇଭ' ବା 'ମରଣେଚ୍ଛା' ପରି ଏକ ଦୁର୍ବୋଧ୍ୟ କାମନା, ଯେଉଁଥିପାଇଁ ସେ ସମୟେ ସମୟେ ଖୋଜିଥାଏ ତଡ଼ିତ୍ 'ଝଟ୍‌କା' ବା ଭୟଙ୍କର ବିପଦ'। ଦାର୍ଶନିକ ନିତ୍‌ସେ ବି କହିଥିଲେ- ସମସ୍ୟା ଓ ଆହ୍ୱାନ ବ୍ୟତିରେକ ଜୀବନ ଦୁର୍ବିସହ। ସହଜତା, ସ୍ୱଚ୍ଛନ୍ଦତା, ସୁବିଧାସୁଯୋଗର ଅତିରିକ୍ତତା ଜୀବନକୁ କରିଥାଏ ସ୍ୱାଦହୀନ। ମଣିଷର ସ୍ୱଭାବ ସର୍ବଦା ଏମିତି ବିରୋଧାଭାସାକ୍ରାନ୍ତ। ସେ ସୁରକ୍ଷା, ନିରାପତ୍ତା, ସହଜତା ଚାହେଁ ଓ ଚାହେଁ ବି ମୃଦୁ କିମ୍ବା ରକ୍ତଝରା ଆଘାତଟିଏ, ଉତ୍ତେଜକ ଝଟ୍‌କାଟିଏ। ସେ ଶାନ୍ତି ଚାହେଁ, ଚାହେଁ ବି ଚାଞ୍ଚଲ୍ୟ, ଶିହରଣ ଓ କିଛିଟା ଉଗ୍ର, ତୀବ୍ର ଇନ୍ଦ୍ରିୟାନୁଭବ। ସେ ବୁଦ୍ଧି, ପ୍ରଜ୍ଞା, ବିଚାରଶୀଳତାର ପକ୍ଷ ନିଏ, ତଥାପି ବି ବେଳେବେଳେ ଅଜ୍ଞାନତା, ନିର୍ବୋଧତାର ସମର୍ଥନ ବା ଗୌରବ ଗାନ କରେ। ମଣିଷ ସ୍ୱଭାବର ଏଇ ଜଟିଳ ବିରୋଧାଭାସ ପାଇଁ ସେ ବାରି ହୋଇ ଯାଇଥାଏ ଇତର ପ୍ରାଣୀମାନଙ୍କଠାରୁ। ଚର୍ଚ୍ଚିତ 'ସ୍ଲାପ୍ ଥେରାପି' ବା 'ଚପେଟାଘାତ ଚିକିତ୍ସା' ଏଇ ବିଲକ୍ଷଣଯୁକ୍ତ ମାନବୀୟ ସ୍ୱଭାବର ନିର୍ଭୁଲ ପ୍ରମାଣ ହୋଇପାରେ ଏବଂ ଏମିତି ବି କୁହାଯାଇପାରେ ଯେ ଆଜିର ବସ୍ତୁତାନ୍ତ୍ରିକ ତାମସିକତାର ଅନ୍ଧାରରେ ଶୋଇ ପଡ଼ିଥିବା ମଣିଷକୁ ଚିଆଁଇ ଦେବା ପାଇଁ ବେଳେବେଳେ 'ଚପେଟାଘାତ'ଟିଏ ଲୋଡ଼ା ମାତ୍ର।

**ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ**
**କୋଡିଆଁ ବାରଙ୍ଗ,**
**ମୋ: ୯୮୫୩୩୫୫୧୦୭**

**ଶବ୍ଦ ଛବି ଅକ୍ଷର**



ଡ. ମୃଣାଳ ଚାଟାର୍ଜୀ

# ଫୁଟବଲ୍ ବିଶ୍ୱକପ୍‌ରେ ଏସୀୟ କିମ୍ବା ଆଫ୍ରିକୀୟ ଦେଶଙ୍କ ବିଜୟ

କେବେ ଭାବିଛନ୍ତି କି, କାହିଁକି ଏ ପର୍ଯ୍ୟନ୍ତ କୌଣସି ଏସୀୟ କିମ୍ବା ଆଫ୍ରିକୀୟ ଦେଶ ଫିଫା ବିଶ୍ୱକପ୍ ଜିତି ପାରି ନାହାନ୍ତି? ପ୍ରଥମ ଫିଫା ବିଶ୍ୱକପ୍ ୧୯୩୦ ମସିହାରେ ଉରୁଗୁଏରେ ଅନୁଷ୍ଠିତ ହୋଇଥିଲା। ଫାଇନାଲରେ ଆୟୋଜକ ଉରୁଗୁଏ ଆର୍ଜେଣ୍ଟିନାକୁ ୪-୨ ଗୋଲରେ ପରାସ୍ତ କରି ପ୍ରଥମ ବିଶ୍ୱକପ୍ ଜିତିଥିଲା।

ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ବିଶ୍ୱକପ୍‌ର ଟ୍ରଫି କେବଳ ଦକ୍ଷିଣ ଆମେରିକା ଓ ୟୁରୋପର ଦେଶମାନଙ୍କ ହାତକୁ ଯାଇଛି। ବ୍ରାଜିଲ ପାଞ୍ଚ ଥର ଫୁଟବଲ୍ ବିଶ୍ୱକପ୍ ଜିତିଛି। ଜର୍ମାନୀ ଆଉ ଇଟାଲୀ ଚାରି ଥର ଲେଖାଏଁ ଫୁଟବଲ୍ ବିଶ୍ୱକପ୍ ଜିତିଛନ୍ତି। ଆର୍ଜେଣ୍ଟିନା ତିନି ଥର।

ଏସିଆର କୌଣସି ଦଳ ଏ ପର୍ଯ୍ୟନ୍ତ ସେମିଫାଇନାଲଠାରୁ ଆଗକୁ ଯାଇପାରି ନାହିଁ। ୨୦୦୨ ମସିହାରେ ଆୟୋଜକ ଦେଶ ଭାବେ ଦକ୍ଷିଣ କୋରିଆ ଐତିହାସିକ ଭାବେ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଉତ୍ତର କୋରିଆ ୧୯୬୬ ମସିହାରେ କ୍ୱାର୍ଟର ଫାଇନାଲରେ ପହଞ୍ଚିଥିଲା। ଭାରତ କେବେ ବିଶ୍ୱକପ୍ ଫୁଟବଲ୍ ଖେଳିନାହିଁ। ୧୯୫୦ ମସିହାରେ ଥରଟିଏ ଭାରତ ବିଶ୍ୱକପ୍ ଫୁଟବଲ୍ ଖେଳିବାର ଯୋଗ୍ୟତା ହାସଲ କରିଥିଲା। କିନ୍ତୁ ଆର୍ଥିକ ଏବଂ ଅନ୍ୟାନ୍ୟ କାରଣରୁ ଟୁର୍ଣ୍ଣାମେଣ୍ଟରେ ଖେଳି ନଥିଲା। ଆଫ୍ରିକୀୟ ଦେଶମାନଙ୍କ ମଧ୍ୟରେ ମରକ୍କୋ ୨୦୨୨ ମସିହାରେ କ୍ୱାତାର ବିଶ୍ୱକପ୍‌ରେ ସେମିଫାଇନାଲରେ ପହଞ୍ଚିଥିବା ପ୍ରଥମ ଦେଶ ହୋଇଥିଲା। ଏହା ପୂର୍ବରୁ କେବଳ କ୍ୟାମେରୁନ୍ (୧୯୯୦) ଓ ସେନେଗାଲ୍ (୨୦୦୨) କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇ ପାରିଥିଲେ।

ଦକ୍ଷିଣ ଆମେରିକା ଓ ୟୁରୋପ୍‌ର ଏହି ପ୍ରାଧାନ୍ୟ ପଛରେ କିଛି ଐତିହାସିକ ଓ ସାଂଗଠନିକ କାରଣ ରହିଛି।

ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ଇଂଲଣ୍ଡରେ ଆଧୁନିକ ଫୁଟବଲ୍‌ର ନିୟମାବଳୀ ଗଢ଼ି ଉଠିଥିଲା ଏବଂ ଏକ ଶତାବ୍ଦୀରୁ ଅଧିକ ସମୟ ଧରି ଏହି ଖେଳ ୟୁରୋପ୍ ଓ ଦକ୍ଷିଣ ଆମେରିକାର ସମାଜରେ ବେଶ ଜନପ୍ରିୟ ହୋଇଥିଲା। ଏହି ଅଞ୍ଚଳଗୁଡ଼ିକରେ ବହୁ ପିଢ଼ି ଧରି ଫୁଟବଲ୍ ସଂସ୍କୃତି, ତୃଣମୂଳ ସ୍ତରର ସମର୍ଥନ ଏବଂ ସୁସଂଗଠିତ ପେସାଦାର ଏକାଡେମୀ ଗଢ଼ି ଉଠିଛି। ଅନ୍ୟ ପକ୍ଷରେ, ଏସିଆ ଓ ଆଫ୍ରିକାର ଅନେକ ଦେଶର ଫୁଟବଲ୍ ସଂଘ ଏବେ ବି ଛୋଟ କ୍ଲବ୍ ଭଳି ପରିଚାଳିତ ହେଉଛି। ଫୁଟ୍‌ବଲ୍ ଖେଳ ଓ ଖେଳାଳିର ମାନ ବୃଦ୍ଧିଠୁ ଅନ୍ୟାନ୍ୟ କଥା ସେଠି ଅଧିକ ମାନ୍ୟତା ଓ ଗୁରୁତ୍ୱ ପାଏ।

ବିଶ୍ୱର ଶ୍ରେଷ୍ଠ ଘରୋଇ ଲିଗ୍‌ଗୁଡ଼ିକ- ଯେପରିକି ଇଂଲିଶ ପ୍ରିମିୟର ଲିଗ୍, ଲା ଲିଗା ଏବଂ ସେରି ଏ- ୟୁରୋପ୍‌ରେ ଅବସ୍ଥିତ। ଏସିଆ ଓ ଆଫ୍ରିକାର ଅନେକ ପ୍ରତିଭାଶାଳୀ ଖେଳାଳି ଏହି ଲିଗ୍‌ଗୁଡ଼ିକରେ ଖେଳି ନିଜକୁ ଉନ୍ନତ କରନ୍ତି ଏବଂ ବିଶ୍ୱର ଶ୍ରେଷ୍ଠ ଖେଳାଳିଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରନ୍ତି। ଫଳରେ ସର୍ବୋଚ୍ଚ ସ୍ତରର ପ୍ରତିଯୋଗିତା ଏବେ ବି ୟୁରୋପ୍‌କୈନ୍ଦ୍ରିକ ହୋଇ ରହିଛି। ବିଶେଷକରି ଆଫ୍ରିକାର ଅଧିକାଂଶ ଉଚ୍ଚ ମାନର ଖେଳାଳି ୟୁରୋପରେ ଖେଳନ୍ତି।



ଆଧୁନିକ କ୍ରୀଡ଼ାରେ ସଫଳତା ପାଇଁ ପ୍ରତିଭା ଅନ୍ୱେଷଣ, ପ୍ରଶିକ୍ଷକମାନଙ୍କ ଶିକ୍ଷା ଏବଂ ଖେଳାଳିମାନଙ୍କର ଅତ୍ୟାଧୁନିକ ପ୍ରଶିକ୍ଷଣ ବ୍ୟବସ୍ଥା ପାଇଁ ବିପୁଳ ଅର୍ଥନୈତିକ ସହାୟତା ଆବଶ୍ୟକ। ଏସିଆ ଓ ଆଫ୍ରିକାର ଅନେକ ଫୁଟ୍‌ବଲ୍ ଫେଡେରେସନ୍ ଦୀର୍ଘ ଦିନ ଧରି ଆର୍ଥିକ ସମସ୍ୟା ଓ ସାଂଗଠନିକ ଦୁର୍ବଳତାର ସମ୍ମୁଖୀନ ହୋଇ ଆସୁଛନ୍ତି। ତେଣୁ ଫୁଟ୍‌ବଲ୍ ଶକ୍ତିଶାଳୀ ଦେଶମାନଙ୍କ ଭଳି ଦୀର୍ଘମିଆଦୀ ପ୍ରତିଭା ବିକାଶ ବ୍ୟବସ୍ଥା ଗଢ଼ି ତୋଳିବା ସେମାନଙ୍କ ପାଇଁ କଷ୍ଟକର ହୋଇ ପଡ଼ିଛି।

ତେବେ ଆଶାର କଥା ହେଉଛି, ଏସିଆ ଏବଂ ଆଫ୍ରିକା ମହାଦେଶ ଧୀରେ ଧୀରେ ବ୍ୟବଧାନକୁ କମାଉଛନ୍ତି। ଅନେକ ଦଳ ଇତିହାସ ରଚନା କରି ସାରିଛନ୍ତି ଏବଂ ଆଶା କରାଯାଇପାରେ ଯେ ଏହି ବିଶ୍ୱକପ୍‌ରେ ମଧ୍ୟ ଏକ କିମ୍ବା ଦୁଇଟି ଏସୀୟ କିମ୍ବା ଆଫ୍ରିକୀୟ ଦଳ ଶେଷ ଚାରିଟି ଦଳ ମଧ୍ୟରେ ସ୍ଥାନ ପାଇବେ।

**ମୋ: ୯୪୩୭୦୨୬୧୯୪**

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

## ‘ବିକାଶର ଧାରା, ଓଡ଼ିଶା ସାରା’ କାର୍ଯ୍ୟକ୍ରମ



**ରେଢ଼ାଖୋଲ,୨୨।୬/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ‘ବିକାଶର ଧାରା, ଓଡ଼ିଶା ସାରା’ କାର୍ଯ୍ୟକ୍ରମ ବୁର୍ଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ରାଜା ପାଲ ସଭାପତିତ୍ୱ କରିଥିଲେ। ଏଥିରେ ସମନ୍ୱିତ ଶିଶୁ ବିକାଶ ଅଧିକାରୀ (ସିଡିପିଓ) ଆରତୀ ମିଶ୍ର, କୃଷି ବିଭାଗ ଅଧିକାରୀ ସସ୍ମିତା ଗଡ଼ନାଏକ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଅଲିଭା ବିଶ୍ୱାଳ, ବୁର୍ଡ଼ା ପଞ୍ଚାୟତ ସମିତିସଭ୍ୟ ସଞ୍ଜୟ ବେହେରା, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିନୟ କୁମାର ପ୍ରଧାନଙ୍କ ସମେତ ପଞ୍ଚାୟତ ଅନ୍ତର୍ଗତ ସରକାରୀ କର୍ମଚାରୀ ଓ ପଞ୍ଚାୟତବାସୀ ଉପସ୍ଥିତ ଥିଲେ। ବୁର୍ଡ଼ା ପଞ୍ଚାୟତ ଅନ୍ତର୍ଗତ ୩୮୫ ଜଣ ହିତାଧିକାରୀ ସରକାରଙ୍କ ସୁଭଦ୍ରା ଯୋଜନାରେ ସହାୟତା ପାଇଛନ୍ତି ବୋଲି ସରପଞ୍ଚ କହିଥିଲେ। ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ୫୫୪ ଜଣ ହିତାଧିକାରୀ ବର୍ତ୍ତମାନ ମୁଣ୍ଡ ପିଛା ୫ କେଜି ବଦଳରେ ୧୦ କେଜି ରାସନ ଚାଉଳ ପାଇବେ ବୋଲି ସରପଞ୍ଚ କହିଥିଲେ। ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ଯୋଜନାରୁ ସେମାନେ କିଭଳି ଉପକୃତ ହେବେ ସେନେଇ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ଆରତୀ ମିଶ୍ର ଶ୍ରୀମତୀ ମିଶ୍ର ବୁଝାଇଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ମଧୁବାବୁ ପେନସନ୍ ଯୋଜନା ଏବଂ ସୂର୍ଯ୍ୟଘର ବିଷୟରେ ପଞ୍ଚାୟତବାସୀଙ୍କୁ ଅବଗତ କରିଥିଲେ। ଯୋଗାଣ ସହାୟକ ସ୍ମାରକ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

### ୩ ମାସ ହେଲା ମିଳିନି ଦରମା

# ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ରାୟଗଡ଼ା,୨୨।୬/ଏନ୍‌ଏନ୍‌ଏସ୍:** ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଆଉଟ୍‌ସୋର୍ସିଂ ସଫେଇ କର୍ମଚାରୀମାନେ ଗଭୀର ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି। ଗତ ୩ ମାସ ଧରି ଦରମା ମିଳିନଥିବା ଅଭିଯୋଗ କରି ସୋମବାର ସଫେଇ କର୍ମଚାରୀ ଚିକିତ୍ସାଳୟରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଏନେଇ ସେମାନେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଏକ ସ୍ମାରକପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ପୂର୍ବରୁ ଜିଲ୍ଲାପାଳଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ, ଚିକିତ୍ସାଳୟରେ ନିୟୋଜିତ ଆଉଟସୋର୍ସିଂ ସଂସ୍ଥା ଅଧୀନରେ ଥିବା ସଫେଇ କର୍ମଚାରୀ ଗତ ୨୦୨୩ ନଭେମ୍ବରରୁ ଆଜିପର୍ଯ୍ୟନ୍ତ ପାରିଶ୍ରମିକ ସଠିକ୍ ସମୟରେ ପାଇନାହାନ୍ତି। ବର୍ତ୍ତମାନ ଦୀର୍ଘ ତିନି ମାସ ଧରି ଦରମା ନମିଳିବା ଦ୍ୱାରା ପରିବାର ପ୍ରତିପୋଷଣ କରିବା ଏବଂ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବା ସେମାନଙ୍କ ପକ୍ଷେ ଅସମ୍ଭବ ହୋଇପଡ଼ିଛି। ପୂର୍ବରୁ ଏନେଇ ସ୍ଥାନୀୟ ପ୍ରଶାସନ ଓ ସଂସ୍ଥାର କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଗୁହାରି କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ଶେଷରେ ନିରାଶ ହୋଇ କର୍ମଚାରୀମାନେ ପ୍ରଶାସନକୁ ଚରମବାଣୀ ଶୁଣାଇଥିଲେ। ଆଉ ଏବେ କାର୍ଯ୍ୟବନ୍ଦ କରି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ମୋଟ୍ ୫୭ ଜଣ ସଫେଇ କର୍ମଚାରୀ ଏହି ଆନ୍ଦୋଳନ କରୁଛନ୍ତି। ଫଳରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସଫେଇ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଫଳରେ ହଜାର ସଂଖ୍ୟାରେ ରୋଗୀ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି। ଏଥିସହ ମେଡିକାଲ୍ କର୍ମଚାରୀ ଓ ଡାକ୍ତର ମଧ୍ୟ ଅସୁବିଧା ଭୋଗୁଥିବା ପରିଲକ୍ଷିତ ହୋଇଛି। ତେବେ ଯଦି ସେମାନଙ୍କ ସମସ୍ତ ବାକି ଦରମା ତୁରନ୍ତ ପ୍ରଦାନ କରାନଯାଏ ସେମାନେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ପ୍ରକାଶ କରିଛନ୍ତି। ଏହି ଆନ୍ଦୋଳନକୁ ଭାରତୀୟ ମଜଦୁର୍ ସଂଘ ସମର୍ଥନ ଜଣାଇଛି। ସଫେଇ କର୍ମଚାରୀଙ୍କ ସହିତ ମିଶି ସଂଘ ରାଜ୍ୟ ସମ୍ପାଦକ ଯୋଗେଶ୍ୱର ଦାସ ଓ ଜିଲ୍ଲା ସମ୍ପାଦକ ଗଣେଶ ସାହୁ ମଧ୍ୟ ମେଡିକାଲ୍ ପରିସରରେ ନାରାବାଜି କରିଥିଲେ। ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ଲମ୍ବା ସମୟ ଚାଲିଲେ ସ୍ୱାସ୍ଥ୍ୟସେବା ଓ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବାର ଆଶଙ୍କା ପ୍ରକାଶ ପାଇଛି। ତେଣୁ ତୁରନ୍ତ ଏହାର ସମାଧାନ କରିବା ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଇଛି।



### ଜଳନ୍ଧର ଦରବାର ଉଦ୍‌ଯାପିତ

## ‘ଦୁର୍ନୀତିର ମୂଳୋତ୍ପାଟନ ନକଲେ ଲୋକଙ୍କ ବିକାଶ ଠପ୍ ହୋଇଯିବ’

**ବଲାଙ୍ଗୀର,୨୨।୬/ଏନ୍‌ଏନ୍‌ଏସ୍:** ଦେଓଗାଁ ବ୍ଲକ୍ ଅନ୍ତର୍ଗତ ମୁକୁନ୍ଦପୁର ପଞ୍ଚାୟତର ପୁରୁଣାପାଣିରେ ଆଞ୍ଚଳିକ ଶୀତଳ ଷଷ୍ଠୀ ମହୋତ୍ସବ କମିଟି ଦ୍ୱାରା ଆୟୋଜିତ ଜଳନ୍ଧର ଦରବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଯୋଗଦେଇ ଲୋକଙ୍କ ଉଦ୍ଦେଶ୍ୟରେ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଶ୍ରୀ ମିଶ୍ର କହିଥିଲେ ଯେ ଲୋକେ ସବୁବେଳେ ଶାନ୍ତି, ମୈତ୍ରୀ ଓ ପ୍ରଗତି ଚାହିଁଥାନ୍ତି। ଏହି ଉତ୍ସବ ମଧ୍ୟ ଏହି ବାର୍ତ୍ତାକୁ ଆହୁରି ପ୍ରସାର କରିବ। ଆମ ଭିତରେ ଦଳମତ ଧର୍ମ ନିର୍ବିଶେଷରେ ଏକତା ଭାବ ଉତ୍ପନ୍ନ କରିବ। ତାହା ହେଲେ ହିଁ ଏ ଅଞ୍ଚଳର ସର୍ବାଙ୍ଗୀନ ବିକାଶ ହୋଇପାରିବ। ଆଉ ଯଦି କୌଣସି ଆଶୁରିକ ଶକ୍ତି ଏ ଅଞ୍ଚଳର ବିକାଶ କ୍ଷେତ୍ରରେ ବାଧା ସୃଷ୍ଟି କରେ ତେବେ ଲୋକେ ନିଶ୍ଚିତ ଭାବେ କ୍ରାନ୍ତିର ବାଟ ଆପଣେଇବେ ବୋଲି ଶ୍ରୀ ମିଶ୍ର କହିଛନ୍ତି। ବର୍ତ୍ତମାନ ଯୁଗରେ ଅନ୍‌ଲାଇନ୍ ମାଧ୍ୟମରେ ବିଭିନ୍ନ ପ୍ରକାର ଶିକ୍ଷା ଦିଆଯାଉଥିବାବେଳେ ଏହି ଅଞ୍ଚଳରେ ଟେଲିଫୋନ୍ ନେଟ୍‌ୱାର୍କ ପ୍ରାୟତଃ ନାହିଁ କହିଲେ ଚଳେ। ତେଣୁ ଏ ଦିଗରେ କିଛି ପଦକ୍ଷେପ ଶୀଘ୍ର ନିଅନ୍ତୁ ବୋଲି ସାଧାରଣଜନତା ଶ୍ରୀ ମିଶ୍ରଙ୍କୁ ଦାବି ଜଣାଇଥିଲେ। ବ୍ଲକ୍ ହେଉ କି ପୌରପରିଷଦ ବଲାଙ୍ଗୀରରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ଏସବୁକୁ ମୂଳୋତ୍ପାଟନ ନକଲେ ଲୋକଙ୍କ ବିକାଶ ଠପ୍ ହୋଇଯିବ ବୋଲି ଶ୍ରୀ ମିଶ୍ର ଲୋକଙ୍କୁ ସଚେତନ କରିବା ସହ ଆଗାମୀ ଦିନରେ ଦୁର୍ନୀତିଖୋର୍‌ଙ୍କୁ ଉଚିତ୍ ଜବାବ ଦିଅନ୍ତୁ ବୋଲି ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥିଭାବେ ଯୁବନେତା ଅସିତ ମିଶ୍ର, ଅବସରପ୍ରାପ୍ତ ସେନା କର୍ମଚାରୀ ଚମାର ସିଂ ଭୋଇ, ସମାଜସେବୀ ବ୍ରଜ ନାଏକ, ବିଶ୍ୱଜିତ ପାତ୍ର, ରାଜିନ୍ଦ୍ର ନାଏକ, ମନବୋଧ ହରପାଲ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଓ ସୁନ୍ଦର ଗୌରହରି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ଶୀତଳ ଷଷ୍ଠୀ ମହୋତ୍ସବ କମିଟିର ସମ୍ପାଦକ ପ୍ରଧାନୀ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ସଭାପତି ଚକ୍ର ମଲ୍ଲିକ ଧନ୍ୟବାଦ ଦେଇଥିଲେ।



## ନାବାଳିକାକୁ ଅସଦାଚରଣ, ବିଧାୟକଙ୍କ ଡ୍ରାଇଭର୍ ଗିରଫ

**ରାୟଗଡ଼ା,୨୨।୬/ଏନ୍‌ଏନ୍‌ଏସ୍:** ଟ୍ରେନ୍ ଯାତ୍ରା କରୁଥିବାବେଳେ ଜଣେ ନାବାଳିକାକୁ ଅସଦାଚରଣ ଘଟଣାରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତାଙ୍କ ଡ୍ରାଇଭର୍ ଗିରଫ ହୋଇଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବିକାଶ ବାଗ (୨୪)। ଏନେଇ ରାୟଗଡ଼ା ଜିଆର୍‌ପି ଥାନାଧିକାରୀ ବିନୟ କୁମାର ମିଞ୍ଜ୍ ସୂଚନା ଦେଇଛନ୍ତି। ରବିବାର ରାତିରେ ଆର୍‌ପିଏଫ୍ ଗୁଇନ୍ଦା ବିଭାଗର ଜଣେ କର୍ମଚାରୀଙ୍କ ପରିବାର ଲୋକ କୋରପୁଟରୁ ହିରାଖଣ୍ଡ ଟ୍ରେନ୍‌ରେ ଯାତ୍ରା କରୁଥିବାବେଳେ ବିକାଶ ଲକ୍ଷ୍ମୀପୁରରେ ଟ୍ରେନ୍‌ରେ ଚଢ଼ିଥିଲା। ଏହି ସମୟରେ ସେ ନାବାଳିକାକୁ ଅସଦାଚରଣ କରିଥିଲା। ନାବାଳିକାଙ୍କ ମାଆ ବିକାଶକୁ ବିରୋଧ କରିବାରୁ ସେ ତାଙ୍କ ସହ ପାଟିତୁଣ୍ଡ କରିଥିଲା। ଏନେଇ ଟ୍ରେନ୍‌ରେ କାର୍ଯ୍ୟରତ ଥିବା ଆର୍‌ପିଏଫ୍ ପୁଲିସ୍‌କୁ ଅବଗତ କରାଇବା ପରେ ବିକାଶକୁ ଅଟକ ରଖିବା ସହ ରାୟଗଡ଼ା ଜିଆର୍‌ପି ପୁଲିସ୍‌କୁ ହସ୍ତାନ୍ତର କରିଥିଲେ। ଏନେଇ ସୋମବାର ନାବାଳିକାଙ୍କ ବାପା ଜିଆର୍‌ପି ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ପୁଲିସ୍ ବିକାଶକୁ ଗିରଫ କରିଥିଲା। ତେବେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟଚାଲାଣ କରିଥିବା ନେଇ ଜିଆର୍‌ପି ଥାନାଧିକାରୀ ବିନୟ ମିଞ୍ଜ କହିଛନ୍ତି।

## ‘ଆମ୍ବେଦକର ପଡ଼ା ବୋରିଆ’ର ନାମକରଣ କାର୍ଯ୍ୟକ୍ରମ

**ଭବାନୀପାଟଣା,୨୨।୬/ଏନ୍‌ଏନ୍‌ଏସ୍:** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍ ବୋରିଆ ପଞ୍ଚାୟତର ବୋରିଆ ଗାଁ ଦଳିତପଡ଼ାର ନାମ ପରିବର୍ତ୍ତନ କରାଯାଇ ଆମ୍ବେଦକର ପଡ଼ା ବୋରିଆ ଭାବେ ନାମିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ବୋରିଆରେ ଏକ ନାମକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସମାଜସେବୀ ରୋହିଣୀ ବିଭାର ଯୋଗଦେଇ ନୂତନ ନାମଫଳକ ଉଦ୍‌ଘାଟନ କରିଥିଲେ। ଭୀମରାଓ ଆମ୍ବେଦକରଙ୍କ ଉଦ୍ୟମ ଓ ତାଙ୍କରି ସମ୍ବିଧାନ ପ୍ରଣୟନକ୍ରମେ ଆଜି ନିଷ୍ପେସିତ ଦଳିତମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହୋଇପାରି ସାଧାରଣ ଜୀବନଯାପନ କରୁଛନ୍ତି ଏବଂ ଶିକ୍ଷା, ସ୍ୱାସ୍ଥ୍ୟ ଓ ରୋଜଗାର ଭଳି ମୌଳିକ ଅଧିକାର ପାଇପାରୁଛନ୍ତି ବୋଲି ଶ୍ରୀମତୀ ବିଭାର କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀ ଠାକୁର, ସତ୍ୟବାନ୍ ମହାନନ୍ଦ, ମଣ୍ଟୁ ଲୁହା, ଲୋକନାଥ ବେସ୍ରା, କୃଷ୍ଣଚନ୍ଦ୍ର ନାଗ, ବଳଦେବ ହରପାଲ ଓ ସୁରେନ୍ଦ୍ର ବିନିଆ ପ୍ରମୁଖଙ୍କ ସହ ବୋରିଆ ଦଳିତପଡ଼ାର ଅନେକ ପୁରୁଷ ଓ ମହିଳା ସାମିଲ୍ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ସୁନା ମଞ୍ଚ ପରିଚାଳନା କରିଥିଲେ। ପ୍ରକାଶଥାଉକି ଏହି ନାମ ପରିବର୍ତ୍ତନ କରିବା ପାଇଁ ବୋରିଆ ଦଳିତ ପଡ଼ା ଲୋକଙ୍କୁ ସ୍ଥାନୀୟ ତହସିଲଦାର୍ ଓ ଜିଲ୍ଲାପାଳଙ୍କ ଜରିଆରେ ଦୀର୍ଘ ଦିନ ପ୍ରୟାସ କରିବାକୁ ପଡ଼ିଥିଲା। ଶେଷରେ ଜିଲ୍ଲା ପ୍ରଶାସନଙ୍କ ଅନୁମତିକ୍ରମେ ଦଳିତ ପଡ଼ା ବୋରିଆ ନାମ ପରିବର୍ତ୍ତନ କରାଯାଇ ଆମ୍ବେଦକର ପଡ଼ା ବୋରିଆ ଭାବେ ନାମିତ କରାଗଲା।



## ଏସ୍‌ଆଇଆର୍ କାମରେ ଅବହେଳାରୁ ସହଶିକ୍ଷକ ନିଲମ୍ବିତ

**ଭବାନୀପାଟଣା,୨୨।୬/ଏନ୍‌ଏନ୍‌ଏସ୍:** ଏସ୍‌ଆଇଆର୍ (ସ୍ୱତନ୍ତ୍ର ସଘନ ସଂଶୋଧନ) କାର୍ଯ୍ୟକ୍ରମ କିଛି ରାଜ୍ୟରେ ଶେଷ ହୋଇଥିବାବେଳେ କିଛି ରାଜ୍ୟରେ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ମଧ୍ୟ ଚଳିତ ମାସ ୨୮ ତାରିଖ ପର୍ଯ୍ୟନ୍ତ ଏସ୍‌ଆଇଆର୍ କାର୍ଯ୍ୟକ୍ରମ ଚାଲିବ। ତେବେ ବିଏଲ୍‌ଓ ଦାୟିତ୍ୱରେ ଥିବା ଶିକ୍ଷକମାନେ ଘର ଘର ବୁଲି ଏସ୍‌ଆଇଆର୍ ପାଇଁ ଫର୍ମପୂରଣ କରୁଥିବାବେଳେ କାର୍ଯ୍ୟରେ ଅବହେଳା ଅଭିଯୋଗ ହେବାରୁ କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ଅନ୍ତର୍ଗତ ବାଲସିଂଘା ପଞ୍ଚାୟତ ବୋରିଙ୍ଗପଦର ବିଦ୍ୟାଳୟର ସହଶିକ୍ଷକ ମଧୁସୂଦନ ବେହେରାଙ୍କୁ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ନିଲମ୍ବନ କରିଥିବା ଜଣାପଡ଼ିଛି। ଏନେଇ ଭାରପ୍ରାପ୍ତ ନର୍ଲା ବ୍ଲକ୍ ଶିକ୍ଷା ଅଧିକାରୀ ପବିତ୍ର ଗଡ଼ତିଆଙ୍କୁ ପଚାରିବାରୁ ଶ୍ରୀ ବେହେରା ଉପରିସ୍ଥ ଅଧିକାରୀଙ୍କୁ ନ ଜଣେଇ କାର୍ଯ୍ୟରେ ଅନୁପସ୍ଥିତ ରହିଛନ୍ତି। ତେଣୁ ଏସ୍‌ଆଇଆର୍ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବାରୁ ମଧୁସୂଦନଙ୍କୁ ଜିଲ୍ଲାପାଳ ନିଲମ୍ବନ କରିଥିବା ଶ୍ରୀ ଗଡ଼ତିଆ ପ୍ରକାଶ କରିଛନ୍ତି।



# ଅଖଣ୍ଡ ଭାରତ, ଜାତୀୟ ଏକତା ଓ ରାଷ୍ଟ୍ର ନିର୍ମାଣର ବିଶ୍ୱକର୍ମା

### ଜନସଂଘରୁ ଭାରତୀୟ ଜନତା ପାର୍ଟି ପର୍ଯ୍ୟନ୍ତ ଐତିହାସିକ ଯାତ୍ରା



**ମନମୋହନ ସାମଲ**

ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀ ଭାରତର ସ୍ୱାଧୀନତା ପରବର୍ତ୍ତୀ ରାଜନୈତିକ ଇତିହାସରେ ତଥା ଭାରତୀୟ ରାଜନୀତି, ଶିକ୍ଷା ଓ ଜାତୀୟତାବାଦୀ ଚିନ୍ତାଧାରାର ଏକ ଉଜ୍ଜ୍ୱଳ ନକ୍ଷତ୍ର। କେବଳ ଜଣେ ରାଜନେତା ନୁହନ୍ତି ବରଂ ଜଣେ ଶିକ୍ଷାବିତ୍, ଦୂରଦର୍ଶୀ ରାଷ୍ଟ୍ରଚିନ୍ତକ, ସଂଗଠକ ଏବଂ ଦୂରଦର୍ଶୀ ରାଷ୍ଟ୍ରନାୟକ ଭାବେ ଭାରତୀୟ ଇତିହାସରେ ତାଙ୍କର ସ୍ୱତନ୍ତ୍ର ସ୍ଥାନ ରହିଛି। ଭାରତର ଏକତା, ଅଖଣ୍ଡତା ଏବଂ ସାଂସ୍କୃତିକ ଜାତୀୟତାରେ ତାଙ୍କର ଅବଦାନ ଅତୁଳନୀୟ ଓ ସ୍ୱାଧୀନ ଭାରତର ବିକଳ୍ପ ରାଜନୈତିକ ଚିନ୍ତାଧାରାର ମୂଳଦୁଆ ପକାଇବାରେ ତାଙ୍କର ଭୂମିକା ଐତିହାସିକ। ସ୍ୱାଧୀନତା ପରେ ଭାରତ ଯେତେବେଳେ ବିଭାଜନର କ୍ଷତ, ଶରଣାର୍ଥୀ ସମସ୍ୟା, ସୀମା ସଙ୍କଟ ଏବଂ ଜାତୀୟ ଏକତାର ଆହ୍ୱାନର ସମ୍ମୁଖୀନ ହେଉଥିଲା, ସେତେବେଳେ ଶ୍ୟାମା ପ୍ରସାଦ ମୁଖାର୍ଜୀ ଏକ ଶକ୍ତିଶାଳୀ ଜାତୀୟ ବିକଳ୍ପ ରାଜନୈତିକ ଧାରାର ଆବଶ୍ୟକତା ଅନୁଭବ କରିଥିଲେ। ସେହି ଚିନ୍ତାଧାରାରୁ ୧୯୫୧ ମସିହାରେ ଭାରତୀୟ ଜନ ସଂଘର ଉତ୍ପତ୍ତି ହୋଇଥିଲା, ଯାହା ପରବର୍ତ୍ତୀ ସମୟରେ ଭାରତୀୟ ଜନତା ପାର୍ଟି ରୂପେ ବିକଶିତ ହୋଇ ବିଶ୍ୱର ସର୍ବବୃହତ୍ ରାଜନୈତିକ ଶକ୍ତିର ମହାଦ୍ରୁମରେ ପରିଣତ ହୋଇଛି। ୨୩ ଜୁନ ହେଉଛି ସେହି ମହାନ ଜନନାୟକ ତଥା ଭାରତୀୟ ଜାତୀୟତାବାଦର ଅଗ୍ରଦୂତଙ୍କ ପୁଣ୍ୟତିଥି ତଥା ବଳିଦାନ ଦିବସ!

ଶ୍ୟାମା ପ୍ରସାଦ ମୁଖାର୍ଜୀ ପ୍ରଥମେ ଶିକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିଲେ ହେଁ ପରବର୍ତ୍ତୀ ସମୟରେ ଦେଶସେବାର ଉଦ୍ଦେଶ୍ୟ ନେଇ ରାଜନୀତିରେ ପ୍ରବେଶ କରିଥିଲେ। କଂଗ୍ରେସର ନୀତି ସହ ମତଭେଦ ହେତୁ ସେ ଇସ୍ତଫା ଦେଇଥିଲେ। ୧୯୪୩ ବଙ୍ଗ ଦୁର୍ଭିକ୍ଷ ସମୟରେ ସେ ବ୍ରିଟିଶ ସରକାରଙ୍କ ଉଦାସୀନତା ବିରୋଧରେ ସ୍ୱର ଉଠାଇ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ୧୯୪୭ରେ ଯେତେବେଳେ ମୁସଲିମ୍ ଲିଗ୍ ସମ୍ପୂର୍ଣ୍ଣ ବଙ୍ଗଳାକୁ ପାକିସ୍ତାନରେ ମିଶାଇବାକୁ ଚାହୁଁଥିଲା, ଶ୍ୟାମା ପ୍ରସାଦ ଦୃଢ଼ ଭାବେ ଏହାର ବିରୋଧ କରିଥିଲେ। ତାଙ୍କର ଅକ୍ଲାନ୍ତ ପରିଶ୍ରମ ଫଳରେ ଆଜିର ପଶ୍ଚିମବଙ୍ଗ, କଲିକତା ଓ ଦାର୍ଜିଲିଂ ଭାରତର ଅଂଶ ହୋଇ ରହିଛି। ଏହା ହିଁ ତାଙ୍କ ଜୀବନର ସବୁଠାରୁ ବଡ଼ ରାଜନୈତିକ ଅବଦାନ।

ସ୍ୱାଧୀନ ଭାରତର ପ୍ରଥମ ମନ୍ତ୍ରିମଣ୍ଡଳରେ ସେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ନିମନ୍ତ୍ରଣରେ ଶିଳ୍ପ ଓ ଯୋଗାଣମନ୍ତ୍ରୀ ଭାବେ କାର୍ଯ୍ୟ କରି ଦେଶର ଔଦ୍ୟୋଗିକ ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିଲେ। ତାଙ୍କ ସମୟରେ ଚିତ୍ତରଞ୍ଜନ ଲୋକୋମୋଟିଭ୍, ସିନ୍ଦ୍ରି ସାର କାରଖାନା ଓ ହିନ୍ଦୁସ୍ତାନ ଏୟାରକ୍ରାଫ୍ଟ ଭଳି ସଂସ୍ଥାର ମୂଳଦୁଆ ପଡିଥିଲା। ପଣ୍ଡିତ ନେହେରୁ ଓ ଲିଆକତ ଅଲ୍ଲୀଙ୍କ ଦେଶ ବିରୋଧୀ ନୀତି ଯୋଗୁ ସେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ପୂର୍ବ ପାକିସ୍ତାନରେ ହିନ୍ଦୁମାନଙ୍କ ଉପରେ ହେଉଥିବା ଅତ୍ୟାଚାର ପ୍ରତି, ଚୁକ୍ତିରେ ଉପଯୁକ୍ତ ସୁରକ୍ଷା ନଥିବାରୁ ସେ ଅସନ୍ତୁଷ୍ଟ ଥିଲେ।

ଡ଼. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବିଚାରଧାରା ସର୍ବଦା ଦେଶପ୍ରେମ, ସାହସ ଓ ଆଦର୍ଶବାଦ ଉପରେ ପର୍ଯ୍ୟବସିତ ଥିଲା। ଶିକ୍ଷା, ରାଜନୀତି ଓ ଜାତୀୟ ଏକତା କ୍ଷେତ୍ରରେ ତାଙ୍କ ଅବଦାନ ଆଜି ମଧ୍ୟ ପ୍ରେରଣାଦାୟକ। ଭାରତୀୟ ଲୋକତନ୍ତ୍ରରେ ବିକଳ୍ପ ରାଜନୀତିର ମୂଳଦୁଆ ପକାଇବା, ଜାତୀୟ ଏକତା ପାଇଁ ସଂଘର୍ଷ କରିବା ଏବଂ ଭାରତୀୟ ସଂସ୍କୃତିର ସୁରକ୍ଷା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିବା ଯୋଗୁଁ ସେ ସଦାସର୍ବଦା ସ୍ମରଣୀୟ ହୋଇ ରହିବେ। ତାଙ୍କର ବିଚାରଧାରାଗୁଡିକ ହେଉଛି ‘ରାଷ୍ଟ୍ର ସର୍ବୋପରି’ (ବ୍ୟକ୍ତିଗତ ସ୍ୱାର୍ଥ ଅପେକ୍ଷା ଦେଶର ସ୍ୱାର୍ଥ ବଡ଼), ‘ସାଂସ୍କୃତିକ ରାଷ୍ଟ୍ରବାଦ’ (ଭାରତର ଏକତାର ମୂଳ ହେଉଛି ଏହାର ସଂସ୍କୃତି), ‘ଶିକ୍ଷାର ଗୁରୁତ୍ୱ’ (ମାତୃଭାଷାରେ ଶିକ୍ଷା ଓ ଭାରତୀୟ ମୂଲ୍ୟବୋଧକୁ ଗୁରୁତ୍ୱ), ‘ନୀତି ପାଇଁ ଇସ୍ତଫା’ (ନିଜ ନୀତି ସହ ସାଲିସ ନକରିବାକୁ ଶ୍ୟାମାପ୍ରସାଦ ଦୁଇଥର ମନ୍ତ୍ରୀ ପଦ ତ୍ୟାଗ କରିଥିଲେ)।

୧୯୫୧ ମସିହା ଅକ୍ଟୋବର ୨୧ରେ ଶ୍ୟାମା ପ୍ରସାଦ ମୁଖାର୍ଜୀ ଭାରତୀୟ ଜନସଂଘ ପ୍ରତିଷ୍ଠା କରିଥିଲେ। ଏହା ଥିଲା ସ୍ୱାଧୀନ ଭାରତରେ ଏକ ଶକ୍ତିଶାଳୀ ଜାତୀୟତାବାଦୀ ରାଜନୈତିକ ଆନ୍ଦୋଳନର ଆରମ୍ଭ। ଏହାର ମୂଳ ଉଦ୍ଦେଶ୍ୟ ଥିଲା ଏକ ସଶକ୍ତ, ଏକତାବଦ୍ଧ ଓ ସାଂସ୍କୃତିକ ଭାରତ ଗଠନ। ସେ ସର୍ବଦା କହୁଥିଲେ, ‘ଗୋଟିଏ ଦେଶରେ ଦୁଇଟି ବିଧାନ, ଦୁଇଟି ପ୍ରଧାନ, ଦୁଇଟି ନିଶାନ ଚଳିବ ନାହିଁ’। ଦଳର ମୂଳ ଆଦର୍ଶ ଥିଲା ଭାରତୀୟ ସଂସ୍କୃତି ଆଧାରିତ ଜାତୀୟତାବାଦ, ଅଖଣ୍ଡ ଭାରତ, ସାଂସ୍କୃତିକ ଏକତା, ଲୋକତନ୍ତ୍ର ଏବଂ ଜାତୀୟ ସ୍ୱାଭିମାନ। ଜନସଂଘ ବିଶ୍ୱାସ କରୁଥିଲା ଯେ ଭାରତ କେବଳ ଏକ ଭୌଗୋଳିକ ସୀମାରେଖା ନୁହେଁ, ବରଂ ଏହା ହଜାର ବର୍ଷର ସାଂସ୍କୃତିକ, ଆଧ୍ୟାତ୍ମିକ ଓ ଐତିହାସିକ ଐକ୍ୟର ପ୍ରତୀକ। ତେଣୁ ଦେଶର ଅଖଣ୍ଡତା ଓ ସାର୍ବଭୌମତ୍ୱ ରକ୍ଷା କରିବା ଦଳର ସର୍ବୋଚ୍ଚ ପ୍ରାଥମିକତା ଥିଲା। ଜନସଂଘର ସବୁଠାରୁ ବଡ଼ ଆନ୍ଦୋଳନ ଥିଲା ଜାମ୍ମୁ-କାଶ୍ମୀରର ସମ୍ପୂର୍ଣ୍ଣ ଏକୀକରଣ। ସେତେବେଳେ ଜାମ୍ମୁ-କାଶ୍ମୀରର ନିଜସ୍ୱ ପତାକା, ଅଲଗା ସମ୍ବିଧାନ ଏବଂ ବିଶେଷ ସାମ୍ବିଧାନିକ ବ୍ୟବସ୍ଥା ଥିଲା। ସେତେବେଳେ ଜାମ୍ମୁ-କାଶ୍ମୀରରେ ପ୍ରବେଶ ପାଇଁ ଭାରତୀୟମାନଙ୍କୁ ପରମିଟ୍ ଦରକାର ହେଉଥିଲା। ଏହି ବ୍ୟବସ୍ଥାକୁ ସେ ଦୃଢ଼ ଭାବରେ ବିରୋଧ କରୁଥିଲେ। ସେ ଏହାକୁ ଦେଶର ଅଖଣ୍ଡତା ପ୍ରତି ବିପଦ ବୋଲି କହୁଥିଲେ। ତାଙ୍କର ପ୍ରସିଦ୍ଧ ସ୍ଲୋଗାନ ଥିଲା “ଏକ ଦେଶରେ ଦୁଇ ବିଧାନ, ଦୁଇ ପ୍ରଧାନ ଓ ଦୁଇ ନିଶାନ ଚାଲିବ ନାହିଁ।” ଏହି ନାରା କେବଳ ରାଜନୈତିକ ସ୍ଲୋଗାନ ନଥିଲା, ବରଂ ଭାରତର ସାର୍ବଭୌମତ୍ୱ ଓ ସମାନ ସାମ୍ବିଧାନିକ ବ୍ୟବସ୍ଥା ପ୍ରତି ତାଙ୍କର ଦୃଢ଼ ବିଶ୍ୱାସର ପ୍ରତିଫଳନ ଥିଲା।

୧୯୫୩ ମେ ୧୧ରେ ବିନା ପରମିଟରେ କାଶ୍ମୀର ପ୍ରବେଶ କରିବାରୁ ତାଙ୍କୁ ଗିରଫ କରାଗଲା। ଶ୍ରୀନଗରରେ ତାଙ୍କୁ ବନ୍ଦୀ କରି ରଖାଗଲା। କାରାବାସ ସମୟରେ ୨୩ ଜୁନ୍ ୧୯୫୩ ରେ ସନ୍ଦେହଜନକ ପରିସ୍ଥିତିରେ ବନ୍ଦୀ ଅବସ୍ଥାରେ ତାଙ୍କର ଦେହାନ୍ତ ହେଲା। ତାଙ୍କ ମୃତ୍ୟୁ ସାରା ଦେଶକୁ ଦୋହଲାଇ ଦେଇଥିଲା। ତାଙ୍କ ବଳିଦାନ ପରେ ପରମିଟ୍ ବ୍ୟବସ୍ଥା ଉଚ୍ଛେଦ ହେଲା ଏବଂ କାଶ୍ମୀର ସମ୍ପୂର୍ଣ୍ଣ ଭାବେ ଭାରତ ସହ ସଂଯୁକ୍ତ ହେବା ପ୍ରକ୍ରିୟା ଆରମ୍ଭ ହେଲା। ତାଙ୍କର ଏହି ବଳିଦାନ ଜନସଂଘର ଜାତୀୟ ଏକତା ଆନ୍ଦୋଳନକୁ ଅଧିକ ଶକ୍ତିଶାଳୀ କରିଥିଲା ସତ, କିନ୍ତୁ ଆଜି ମଧ୍ୟ ତାଙ୍କର ମୃତ୍ୟୁ ଭାରତୀୟ ରାଜନୀତିର ଏକ ଆଲୋଚିତ ଅଧ୍ୟାୟ ଭାବେ ରହିଛି।



**ବଳିଦାନ ଦିବସରେ ମହାତ୍ମା ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି**

ଜନସଂଘ ‘ଅଖଣ୍ଡ ଭାରତ’ ଧାରଣାକୁ ସମର୍ଥନ କରୁଥିଲା। ଏହାର ଅର୍ଥ ସାମରିକ ବିସ୍ତାର ନୁହେଁ, ବରଂ ଭାରତୀୟ ସଭ୍ୟତାର ସାଂସ୍କୃତିକ ଓ ଐତିହାସିକ ଏକତାର ସୁରକ୍ଷା। ଦଳ ମନେ କରୁଥିଲା ଯେ ବିଭାଜନ ଭାରତୀୟ ସମାଜର ଏକ ଦୁଃଖଦ ଅଧ୍ୟାୟ ଥିଲା ଏବଂ ଜାତୀୟ ଏକତାର ଭାବନାକୁ ସୁଦୃଢ଼ କରିବା ଆବଶ୍ୟକ। ୧୯୫୦ ଓ ୧୯୬୦ ଦଶକରେ ଜନସଂଘ ଏକ ଛୋଟ ବିରୋଧୀ ଦଳ ଭାବେ କାର୍ଯ୍ୟ କରୁଥିଲା। କିନ୍ତୁ ଏହା ଜାତୀୟ ସୁରକ୍ଷା, ସୀମା ସୁଦୃଢ଼ୀକରଣ, ସ୍ୱଦେଶୀ ଅର୍ଥନୀତି ଏବଂ ସାଂସ୍କୃତିକ ପରିଚୟ ପ୍ରଶ୍ନରେ ନିଜର ସ୍ପଷ୍ଟ ମତ ରଖିଥିଲା। ଦୀନଦୟାଲ ଉପାଧ୍ୟାୟ ‘ଏକାତ୍ମ ମାନବବାଦ’ ନୀତି ମାଧ୍ୟମରେ ଜନସଂଘର ବୈଚାରିକ ଆଧାରକୁ ଆହୁରି ସୁଦୃଢ଼ କରିଥିଲେ। ଏହି ଦର୍ଶନ ଅନୁଯାୟୀ ବିକାଶର କେନ୍ଦ୍ରବିନ୍ଦୁ ହେଉଛି ମଣିଷ ଏବଂ ସମାଜର ସର୍ବାଙ୍ଗୀଣ ଉନ୍ନତି। ୧୯୭୫ ମସିହାରେ ଦେଶରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା ହେବା ପରେ ଜନସଂଘର ନେତା ଓ କର୍ମୀମାନେ ଗଣତନ୍ତ୍ରର ସୁରକ୍ଷା ପାଇଁ ସଂଘର୍ଷ କରିଥିଲେ ଓ ଅନେକ ନେତା କାରାବରଣ କରିଥିଲେ। ଜରୁରୀକାଳ ପରେ ୧୯୭୭ ମସିହାରେ ଜନସଂଘ ଅନ୍ୟ ବିରୋଧୀ ଦଳମାନଙ୍କ ସହ ମିଶି ଜନତା ପାର୍ଟି ଗଠନ କରିଥିଲା ଏବଂ ପ୍ରଥମ ଥର ପାଇଁ କେନ୍ଦ୍ରରେ ଅଣ-କଂଗ୍ରେସ ସରକାର ଗଠନ ହୋଇଥିଲା। ଏହାପରେ ୧୯୮୦ ମସିହାରେ ଜନତା ପାର୍ଟିରେ ମତଭେଦ ହେବା ପରେ ଜନସଂଘ ପରମ୍ପରାର ନେତାମାନେ ଭାରତୀୟ ଜନତା ପାର୍ଟି ଗଠନ କରିଥିଲେ। ଅଟଳ ବିହାରୀ ବାଜପାୟୀ, ଲାଲ କୃଷ୍ଣ ଆଡ଼ଭାନୀ, ମୁରଲୀ ମନୋହର ଯୋଶୀ ପ୍ରମୁଖ ନେତାମାନେ ଏହି ଦଳକୁ ଆଗକୁ ନେଇଥିଲେ ଜାତୀୟତାବାଦ, ସୁଶାସନ, ସାଂସ୍କୃତିକ ଐତିହ୍ୟର ସୁରକ୍ଷା ଏବଂ ଅଖଣ୍ଡ ଭାରତର ଧାରଣାକୁ ଅନୁସରଣ କରି ନିଜର ରାଜନୈତିକ ଯାତ୍ରା ଜାରି ରଖିଥିଲା। ୧୯୯୮ରୁ ୨୦୦୪ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପାୟୀଙ୍କ ନେତୃତ୍ୱରେ ବିଜେପି ସରକାର ଦେଶର ଭିତ୍ତିଭୂମି ବିକାଶ, ଜାତୀୟ ରାଜପଥ ପ୍ରକଳ୍ପ, ଦୂରସଂଚାର କ୍ଷେତ୍ରର ବିକାଶ ଏବଂ ଜାତୀୟ ସୁରକ୍ଷାକୁ ସୁଦୃଢ଼ କରିବାରେ ପଦକ୍ଷେପ ନେଇଥିଲା। ୨୦୧୪ ପରଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଜେପି ସରକାର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଛି। ସମର୍ଥକଙ୍କ ମତରେ, ଜାମ୍ମୁ-କାଶ୍ମୀରର ବିଶେଷ ମାନ୍ୟତା ଅପସାରଣ, ସୀମା ଭିତ୍ତିଭୂମି ବିକାଶ, ଡିଜିଟାଲ ସେବା ବିସ୍ତାର, କଲ୍ୟାଣମୂଳକ ଯୋଜନା ଓ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ଜନସଂଘର ଦୀର୍ଘଦିନର କିଛି ଲକ୍ଷ୍ୟ ସହ ସମ୍ପର୍କିତ ପଦକ୍ଷେପ ଭାବେ ଦେଖାଯାଏ। ସେହି ସମୟରେ, ଏହି ପଦକ୍ଷେପଗୁଡ଼ିକୁ ନେଇ ଭାରତୀୟ ରାଜନୀତିରେ ବିଭିନ୍ନ ମତ ଓ ଆଲୋଚନା ମଧ୍ୟ ରହିଛି। ଆଜି ଭାରତୀୟ ଜନତା ପାର୍ଟି ନିଜକୁ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଚିନ୍ତାଧାରାର ଉତ୍ତରାଧିକାରୀ ଭାବେ ଉପସ୍ଥାପନ କରେ। ଜାତୀୟ ଏକତା, ସାଂସ୍କୃତିକ ଗୌରବ, ଆତ୍ମନିର୍ଭରତା, ସୁଶାସନ ଓ ବିକଶିତ ଭାରତର ସଂକଳ୍ପକୁ ଦଳ ତାହାର ପ୍ରମୁଖ ଲକ୍ଷ୍ୟ ଭାବେ ବର୍ଣ୍ଣନା କରିଥାଏ।

ଭାରତୀୟ ଜନସଂଘର ସ୍ଥାପନାରୁ ଆରମ୍ଭ କରି ଭାରତୀୟ ଜନତା ପାର୍ଟିର ବିକାଶ ପର୍ଯ୍ୟନ୍ତର ଯାତ୍ରା ଭାରତୀୟ ଗଣତନ୍ତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ। ପଣ୍ଡିତ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଦ୍ୱାରା ରୋପିତ ଜାତୀୟ ଏକତା, ଅଖଣ୍ଡତା ଓ ସାଂସ୍କୃତିକ ଜାତୀୟତାର ଏହି ବୀଜ ଆଜି ଏକ ବୃହତ୍ ରାଜନୈତିକ ଦ୍ରୁମରେ ପରିଣତ ହୋଇଛି। ଇତିହାସ ସାକ୍ଷୀ ଯେ, ଛୋଟ ଏକ ରାଜନୈତିକ ଆନ୍ଦୋଳନ ଭାବେ ଆରମ୍ଭ ହୋଇଥିବା ଜନସଂଘ କାଳକ୍ରମେ ଦେଶର ରାଜନୀତିର ଏକ ପ୍ରମୁଖ ଶକ୍ତିରେ ପରିଣତ ହୋଇଛି। ଏହି ଯାତ୍ରାର କେନ୍ଦ୍ରବିନ୍ଦୁରେ ରହିଛି ଜାତୀୟ ଏକତା, ଲୋକତାନ୍ତ୍ରିକ ମୂଲ୍ୟବୋଧ ଓ ଭାରତକୁ ଏକ ଶକ୍ତିଶାଳୀ, ସମୃଦ୍ଧ ଓ ଆତ୍ମବିଶ୍ୱାସୀ ରାଷ୍ଟ୍ର ଭାବେ ଗଢ଼ି ତୋଳିବାର ଆକାଂକ୍ଷା। ଏହି ଆକାଂକ୍ଷାର ପ୍ରତିଷ୍ଠାତା ପଣ୍ଡିତ ଶ୍ୟାମା ପ୍ରସାଦ ମୁଖାର୍ଜୀ କେବଳ ଜଣେ ରାଜନେତା ନଥିଲେ ବରଂ ସେ ଜଣେ ଯୁଗଦ୍ରଷ୍ଟା ନେତା ଥିଲେ ଯିଏ ଭାରତର ଏକତା, ଅଖଣ୍ଡତା ଓ ଗୌରବ ପାଇଁ ଆଜୀବନ ସଂଘର୍ଷ କରିଥିଲେ। ତାଙ୍କର ଚିନ୍ତାଧାରା, ଆଦର୍ଶ ଓ ବଳିଦାନ ଆଜି ମଧ୍ୟ କୋଟି କୋଟି ଭାରତବାସୀଙ୍କୁ ପ୍ରେରଣା ଯୋଗାଉଛି। ତାଙ୍କ ଆଦର୍ଶ ଆମକୁ ଶିଖାଏ ଯେ ଜାତୀୟ ସ୍ୱାର୍ଥ, ଦୃଢ଼ ସଙ୍କଳ୍ପ ଓ ନିଷ୍ଠା ମାଧ୍ୟମରେ ଜଣେ ବ୍ୟକ୍ତି ଇତିହାସର ଗତିପଥକୁ ପରିବର୍ତ୍ତନ କରିପାରେ। ତାଙ୍କର ‘ଏକ ଦେଶ, ଏକ ବିଧାନ’ ର ସ୍ୱପ୍ନ ୨୦୧୯ରେ ଧାରା ୩୭୦ ଉଚ୍ଛେଦ ପରେ ସାକାର ହୋଇଛି। ସେହି କାରଣରୁ ପଣ୍ଡିତ ଶ୍ୟାମା ପ୍ରସାଦ ମୁଖାର୍ଜୀ ଭାରତର ଇତିହାସରେ ଏକ ଅମର ନାମ ହୋଇ ରହିବେ।

ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କର ତିରୋଧାନ ଦିବସ ୨୩ ଜୁନ୍‌କୁ ଦେଶବାସୀ ‘ବଳିଦାନ ଦିବସ’ ଭାବେ ପାଳନ କରୁଛନ୍ତି। ଏହି ଅବସରରେ ରାଜ୍ୟ ବିଜେପି ତରଫରୁ ସମସ୍ତ ଜିଲ୍ଲାରେ ଜିଲ୍ଲାକାର୍ଯ୍ୟକର୍ତ୍ତା ସମ୍ମିଳନୀ ଆୟୋଜନ କରାଯାଇ ଡ଼. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଦେଶ ପାଇଁ ଅବଦାନ, କେନ୍ଦ୍ରମନ୍ତ୍ରୀ ଭାବେ ତାଙ୍କର ଭୂମିକା ଓ ଭାରତୀୟ ଜନସଂଘର ପ୍ରତିଷ୍ଠାତା ସଭାପତି ଭାବେ ତାଙ୍କର ବଳିଦାନ ଆଦିକୁ ନେଇ ଆଲୋଚନା କରାଯିବା ସହିତ ସମସ୍ତ ଶୈକ୍ଷଣିକ କ୍ଷେତ୍ରରେ ସ୍ମାରକୀ ସମ୍ମିଳନୀ ଆୟୋଜନ କରାଯାଉଛି।

**ରାଜ୍ୟ ସଭାପତି**
**ଭାରତୀୟ ଜନତା ପାର୍ଟି, ଓଡ଼ିଶା**

# ଗ୍ରାମାଞ୍ଚଳରେ ଯୁବକସଂଘ ଓ ୟୁଥ୍ କ୍ଲବ୍‌ର ପୁନଃଉଦ୍ଧାର ହେବ

**ଚରିଛକ,୨୨।୬/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ନିମାପଡା ବ୍ଲକ ଅନ୍ତର୍ଗତ ଚରିଛକ ନିକଟସ୍ଥ ବାହାରଣା ପଞ୍ଚାୟତ ହ୍ୟୁମ୍ୟାନ ଡେଭେଲପମେଣ୍ଟ୍ ଅର୍ଗାନାଇଜେସନ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠାନର ସଭାପତି ମୋହନ କୁମାର ବାଘଙ୍କ ଅଧ୍ୟକ୍ଷତାରେ ଯୁବକ ସଂଘ ଗୁଡିକର ପୁନଃଉଦ୍ଧାର ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ଯୁବ ଓ କ୍ରୀଡା ମନ୍ତ୍ରାଳୟ ଦ୍ୱାରା ପରିଚାଳିତ 'ମାଇଁ ଭାରତ' ଓ 'ହ୍ୟୁମ୍ୟାନ ଡେଭଲମେଂଟ ଅର୍ଗାନାଇଜେସନ' ମିଳିତ ସହଯୋଗରେ ଆୟୋଜିତ ବୈଠକରେ ଗ୍ରାମାଞ୍ଚଳରେ ହଜିଯାଇଥିବା ବା ସ୍ଥାଣୁ ପାଲଟିଥିବା ଯୁବକ ସଂଘ ଓ ୟୁଥ୍ କ୍ଲବର ପୁର୍ନଉଦ୍ଧାର କାର୍ଯ୍ୟକ୍ରମ କରିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା। ଆଜିର କାର୍ଯ୍ୟକ୍ରମକୁ ଅତିଥିଭାବେ ଯୋଗଦେଇ ପୁର୍ବତନ ସରପଂଚ କୃଷ୍ଣଚନ୍ଦ୍ର ସ୍ୱାଇଁ ପତାକା ଦେଖାଇ ଉଦଘାଟନ କରିଥିଲେ। ପୁରୀ ଜିଲ୍ଲାର ତିନୋଟି ବ୍ଲକ ନିମାପଡା, ଅସ୍ତରଙ୍ଗ ଓ କାକଟପୁର ବ୍ଲକର ପ୍ରତ୍ୟେକ ଗ୍ରାମାଞ୍ଚଳରେ ଯୁବକ ସଂଘ ଗୁଡିକର ପୁର୍ନଉଦ୍ଧାର ପାଇଁ ତୁଷାର ରଂଜନ ରାଉତଙ୍କ ନେତୃତ୍ୱରେ ଏକ ୬ଜଣିଆ ଟିମ ଗଠନ କରାଯାଇ ପ୍ରତ୍ୟେକ ଗ୍ରାମକୁ ଯାଇ ଯୁବକମାନଙ୍କ ସହିତ ଆଲୋଚନା କରି ଯୁବକ ସଂଘ ଗୁଡିକର ପୁର୍ନଉଦ୍ଧାର ପାଇଁ ପ୍ରୟାସ ଜାରୀ ରଖିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ପୁର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ସ୍ୱାଇଁ, ପ୍ରଧାନଶିକ୍ଷକ ପ୍ରମେଶ କୁମାର ରାଉତ, ଓ୍ୱାର୍ଡସଭ୍ୟ ସରୋଜ ମହାନ୍ତି, ସମାଜସେବୀ ସୁରେନ୍ଦ୍ର ପଡିଆରୀ, ଦିଲ୍ଲୀପ କୁମାର ମହାନ୍ତି, ବିଭୂତି ଭୁଷଣ ଜେନା, ମନୋଜ ମୁଦୁଲି, ବାଦଲ ଭୋଇ, ପଞ୍ଚାୟତ ବିଜେପି ସଭାପତି ବ୍ରଜ କିଶୋର ନାୟକ, ଜୀବନଜ୍ୟୋତି ବାରିକ, ସଂଜୟ ଦାସ, ସାଇଶୁଭମ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ...

ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏକ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଘଟଣାରେ ସେ ଅତ୍ୟନ୍ତ ମର୍ମାହତ। ଏହି ଦୁଃଖଦ ଘଟଣାରେ ପ୍ରାଣ ହରାଇଥିବା ଶ୍ରମିକମାନଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସେ ଗଭୀର ସମବେଦନା ଜଣାଇବା ସହ ଆହତ ଓଡ଼ିଆ ଶ୍ରମିକମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ପ୍ରତ୍ୟେକ ମୃତ ଶ୍ରମିକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି(ସିଏମ୍ଆର୍ଏଫ)ରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ ଯେ ଦୁର୍ଘଟଣାଗ୍ରସ୍ତ ଶ୍ରମିକମାନଙ୍କ ସହାୟତା ପାଇଁ ଓଡ଼ିଶା ସରକାର ନିରନ୍ତର ତାମିଲନାଡୁ ପ୍ରଶାସନ ସହ ଯୋଗାଯୋଗରେ ଅଛନ୍ତି। ରବିବାର ଓଡ଼ିଶାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ତାମିଲନାଡୁର ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା କରି ଯେପରି ଓଡ଼ିଆ ଶ୍ରମିକ ମାନଙ୍କ ଉପଯୁକ୍ତ ଚିକିତ୍ସା ହୋଇ ପାରିବ ଏବଂ ଅନ୍ୟାନ୍ୟ ସହାୟତା ଠିକ୍ ଭାବରେ ମିଳି ପାରିବ, ସେ ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଓଡ଼ିଶା ସରକାରଙ୍କ ତିନି ଜଣ ବରିଷ୍ଠ ଅଧିକାରୀ ତାମିଲନାଡୁର ତିରୁଭଲ୍ଲୁରେ ପହଞ୍ଚି ତାମିଲନାଡୁ ଅଧିକାରୀ ମାନଙ୍କ ସହିତ ସମନ୍ୱୟ ରକ୍ଷାକରି ଆହତ ଶ୍ରମିକ ମାନଙ୍କ ଚିକିତ୍ସା ଏବଂ ଅନ୍ୟାନ୍ୟ ବ୍ୟବସ୍ଥା ସମ୍ପର୍କରେ ସହାୟତା ଜାରି ରଖିଛନ୍ତି।

### ଜଳିଗଲେ ଦମ୍ପତି ...

ଅନିତାଙ୍କ ବାପଘର ଲୋକେ ଝିଅକୁ ହତ୍ୟା କରାଯାଇଥିବା ନେଇ ଖଲ୍ଲିକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପାରିବାରିକ କଳହକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା କହିଛନ୍ତି। ଅଭିଯୋଗ ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ୧୨ ଭାରତୀୟଙ୍କ ...

ବିସ୍ଫୋରଣ ଯୋଗୁଁ ହୋଇଥିବା କ୍ଷୟକ୍ଷତିର ପ୍ରକୃତ ପରିମାଣ ମଧ୍ୟ ପ୍ରକାଶ କରାଯାଇ ନାହିଁ। ପ୍ରକାଶ, ବିସ୍ଫୋରଣ ଘଟିଥିବା ବରଜାନ୍ ପ୍ଲାଣ୍ଟର ଦୈନିକ ପ୍ରାୟ ୧.୪ ବିଲିୟନ ମାନକ କ୍ୟୁବିକ୍ ଫୁଟ୍ ବିକ୍ରୟ ଗ୍ୟାସ୍ ଉତ୍ପାଦନ କ୍ଷମତା ଥିଲା। ଏହି ଗ୍ୟାସକୁ କତାର ମୁଖ୍ୟତଃ ସ୍ଥାନୀୟ ବିଦ୍ୟୁତ ଉତ୍ପାଦନ ଏବଂ ଆରବୀୟ ଦ୍ୱୀପକଳ୍ପର ମରୁଭୂମି ଅଞ୍ଚଳରେ ଥିବା ଏହାର ଗୁରୁତ୍ୱପୂର୍ଣ୍ଣ ଜଳ ବିଶୋଧନ ପ୍ଲାଣ୍ଟଗୁଡ଼ିକୁ ଚଳାଇବା ପାଇଁ ବ୍ୟବହାର କରୁଥିଲା। ସୂଚନାଯୋଗ୍ୟ ମାର୍ଚ୍ଚ ମାସରେ ମଧ୍ୟ ରାସ୍ ଲାଫାନ୍ ଉପରେ ଆକ୍ରମଣ ହୋଇଥିଲା, ଯେତେବେଳେ ଏକ ଇରାନୀ ମିସାଇଲ୍ ଏହି ପ୍ରତିଷ୍ଠାନରେ ମାଡ଼ ହୋଇ ଏକ ଅଗ୍ନିକାଣ୍ଡ ସୃଷ୍ଟି କରିଥିଲା, ଯାହା ଦ୍ୱାରା 'ବ୍ୟାପକ' କ୍ଷୟକ୍ଷତି ହୋଇଥିଲା।

### ଏଲ୍ ନିନୋ ମୁକାବିଲା ...

କରି ମୁଖ୍ୟମନ୍ତ୍ରୀ ଓଡ଼ିଶାର ଦକ୍ଷ ବିପର୍ଯ୍ୟୟ ପରିଚାଳନା ଉପରେ ଆଲୋକପାତ କରିଛନ୍ତି। ଓଡ଼ିଶାର ଏହି ସଫଳ 'ଜିରୋ କାଜୁଆଲ୍‌ଟି'(ଶୂନ୍ୟ ମୃତ୍ୟୁହାର) ନୀତି ଆଜି ବିଶ୍ୱବ୍ୟାପୀ ଆଦୃତ ହୋଇଛି। ନିକଟରେ ପୁରୀଠାରେ ଅନୁଷ୍ଠିତ ବ୍ରିକ୍ସ ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟଗୋଷ୍ଠୀର ବୈଷୟିକ ବୈଠକରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟ ରାଜ୍ୟର ଏହି ଦୀର୍ଘକାଳୀନ ବିପର୍ଯ୍ୟୟ ପ୍ରଶମନ ଓ ନିରାକରଣ ବ୍ୟବସ୍ଥାକୁ ଭୂୟସୀ ପ୍ରଶଂସା କରିଛନ୍ତି। ଗତ ଅକ୍ଟୋବର ମାସରେ ଓଡ଼ିଶା ଉପକୂଳ ଅତିକ୍ରମ କରିଥିବା ସାମୁଦ୍ରିକ ବାତ୍ୟା 'ମୋନ୍ଥା' ଏବଂ ପୂର୍ବରୁ 'ଦାନା' ବାତ୍ୟା ସମୟରେ ରାଜ୍ୟର ଦକ୍ଷ ପରିଚାଳନା ଦେଖିବାକୁ ମିଳିଥିଲା। 'ମୋନ୍ଥା' ଦ୍ୱାରା ରାଜ୍ୟର ୧୧ଟି ଜିଲ୍ଲା ପ୍ରଭାବିତ ହୋଇଥିବା ବେଳେ ସରକାରଙ୍କ ସମୟୋଚିତ ପଦକ୍ଷେପ ଯୋଗୁଁ ସମ୍ବେଦନଶୀଳ ଅଞ୍ଚଳରୁ ପ୍ରାୟ ୩୮ ହଜାର ଲୋକଙ୍କୁ ସୁରକ୍ଷିତ ଭାବେ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଯୁଦ୍ଧକାଳୀନ ଉଦ୍ଧାର କାର୍ଯ୍ୟରେ ୩୩ଟି ଓଡ୍ରାଫ୍, ୫ଟି ଏନ୍‌ଡିଆର୍‌ଏଫ୍ ଏବଂ ୧୨୩ଟି ଅଗ୍ନିଶମ ବାହିନୀ ନିୟୋଜିତ ହୋଇ ରେକର୍ଡ଼ ସମୟ ମଧ୍ୟରେ ସ୍ଥିତି ସ୍ୱାଭାବିକ। ଭିତ୍ତିଭୂମି ପ୍ରସ୍ତୁତି କ୍ରମରେ ରାଜ୍ୟରେ ଥିବା ୯୧୧ଟି ବହୁମୁଖୀ ଆଶ୍ରୟସ୍ଥଳୀର ବାର୍ଷିକ ରକ୍ଷଣାବେକ୍ଷଣ ପାଇଁ ଆଶ୍ରୟସ୍ଥଳୀ ପିଛା ୬ ଲକ୍ଷ ଟଙ୍କା ଲେଖାଏଁ ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯାଇଛି, ଯେଉଁଠାରେ ପାନୀୟ ଜଳ, ଆଲୋକ ଓ ରନ୍ଧାଖାଦ୍ୟର ବ୍ୟବସ୍ଥା ପ୍ରାକ୍-ପ୍ରସ୍ତୁତି ସମୟରେ ହିଁ ସୁନିଶ୍ଚିତ କରାଯିବ। ଜାତୀୟ ସ୍ତରର କମନ ଆଲର୍ଟିଂ ପ୍ରୋଟୋକଲ ମାଧ୍ୟମରେ ଏସ୍‌ଏମ୍‌ଏସ୍ ପ୍ରେରଣ ବ୍ୟବସ୍ଥା, ୨୪ ଘଣ୍ଟିଆ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ ଏବଂ ୧୧୨ ହେଲ୍ପଲାଇନ ସମ୍ପୂର୍ଣ୍ଣ ସକ୍ରିୟ ରହିଛି। ବିପର୍ଯ୍ୟୟ ସମୟରେ ଗୁଜବ ରୋକିବା ପାଇଁ ଟେଲିଭିଜନ ସହିତ ସୋସିଆଲ ମିଡିଆ ମାଧ୍ୟମରେ ମୋବାଇଲ୍‌ରେ ଲୋକଙ୍କୁ ସଠିକ୍ ଓ ନିର୍ଭୁଲ ସୂଚନା ଦେବାକୁ ମୁଖ୍ୟମନ୍ତ୍ରୀ ବିଶେଷ ପରାମର୍ଶ ଦେଇଛନ୍ତି। ବର୍ତ୍ତମାନର ୨୦ଟି ଓଡ୍ରାଫ୍ ଟିମ୍ ଏବଂ ୩୪୭ଟି ଅଗ୍ନିଶମ କେନ୍ଦ୍ର ଅତ୍ୟାଧୁନିକ ସରଞ୍ଜାମ ସହ ପ୍ରସ୍ତୁତ ଥିବାବେଳେ, ରାଜ୍ୟରେ ଆଉ ୧୦ଟି ନୂତନ ଓଡ୍ରାଫ୍ ବାହିନୀ ଗଠନ ପ୍ରକ୍ରିୟା ଜାରି ରହିଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶାର ସ୍ୱତନ୍ତ୍ରତାକୁ ବଜାୟ ରଖିବା ପାଇଁ ସରକାର ଓ ଜନସାଧାରଣଙ୍କ ମିଳିତ ପ୍ରୟାସ ଏକାନ୍ତ ଆବଶ୍ୟକ ଏବଂ ସମସ୍ତ ବିଭାଗ ସମନ୍ୱୟ ରକ୍ଷା କରି ଓଡ଼ିଶାବାସୀଙ୍କ ଜୀବନ ଓ ଜୀବିକାର ସୁରକ୍ଷା ପାଇଁ ସଙ୍କଳ୍ପବଦ୍ଧ ହୋଇ କାର୍ଯ୍ୟ କରିବେ। ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଦର୍ଶାଇଥିଲେ ଯେ, ଓଡ଼ିଶା କିଭଳି ବିଗତ ଦିନରେ ପ୍ରାକୃତିକ ସଂକଟଗୁଡ଼ିକର ସଫଳତାର ସହ ମୁକାବିଲା କରି ସାରା ବିଶ୍ୱରେ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିପାରିଛି। ବିଶେଷ କରି ସରକାରଙ୍କ ସୁଚିନ୍ତିତ ପ୍ରାକ୍-ପ୍ରସ୍ତୁତି ଏବଂ ସମୟୋଚିତ ଉଦ୍ଧାର କାର୍ଯ୍ୟ ଯୋଗୁଁ ରାଜ୍ୟ 'ଜିରୋ କାଜୁଆଲ୍‌ଟି'ନୀତିକୁ ସଫଳତାର ସହ ପାଳନ କରିବାରେ ସମର୍ଥ ହୋଇଛି। ରାଜ୍ୟର ବିପର୍ଯ୍ୟୟ ପରିଚାଳନା ପାଇଁ ଆବଶ୍ୟକୀୟ ଆର୍ଥିକ ଅନୁଦାନ ଓ ଭିତ୍ତିଭୂମିର ସମୀକ୍ଷା କରିବା ସହ ରାଜ୍ୟ ବିପର୍ଯ୍ୟୟ ସହାୟତା ପାଣ୍ଠିର ସଠିକ୍ ବିନିଯୋଗ ଉପରେ ଗୁରୁତ୍ୱ ଦିଆଯାଇଛି। ବିଗତ ବନ୍ୟା ଓ ବାତ୍ୟା ସମୟରେ ଉତ୍ତର ଓଡ଼ିଶା ଏବଂ ଆକସ୍ମିକ ବନ୍ୟା ପ୍ରଭାବିତ ଜିଲ୍ଲାଗୁଡ଼ିକୁ କୋଟି କୋଟି ଟଙ୍କାର ତୁରନ୍ତ ରିଲିଫ୍ ଓ ସାଧାରଣ ସମ୍ପତ୍ତିର ସାମୟିକ ମରାମତି ସହାୟତା ଯୋଗାଇ ଦିଆଯାଇଛି। ବୈଠକରେ ଉପସ୍ଥିତ ବିଧାୟକବୃନ୍ଦ ଏବଂ ସାଂସଦଗଣ ନିଜ ନିଜ ନିର୍ବାଚନ ମଣ୍ଡଳୀର ବାସ୍ତବ କ୍ଷେତ୍ରସ୍ତରୀୟ ସ୍ଥିତିକୁ ଆଧାର କରି ଅନେକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଉପସ୍ଥାପନ କରିଥିଲେ। ଏହି ଅବସରରେ ରାଜ୍ୟ ମନ୍ତ୍ରୀମଣ୍ଡଳର ସଦସ୍ୟବୃନ୍ଦ, ସାଂସଦ, ବିଧାୟକ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ଓ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ପ୍ରଧାନମନ୍ତ୍ରୀ ପଦରୁ ...

ପରବର୍ତ୍ତୀ ଅଧିବେଶନ ପୂର୍ବରୁ ଯେପରି ନୂତନ ନେତା ଚୟନ ପ୍ରକ୍ରିୟା ଶେଷ ହେବ, ସେଥିପାଇଁ ସେ ଲେବର ନ୍ୟାସନାଲ ଏକ୍‌ଜିକ୍ୟୁଟିଭ୍‌କୁ ସମୟସୂଚୀ ପ୍ରସ୍ତୁତ କରିବାକୁ ଅନୁରୋଧ କରିବେ। ଏବେ ସେ ନିଜ ପରିବାରକୁ ସମୟ ଦେଇପାରିବେ ବୋଲି ଷ୍ଟାର୍ମର ଭାବବିହ୍ୱଳ ହୋଇ କହିଛନ୍ତି। ନିଜ ପତ୍ନୀ ତଥା ପରିବାର ସଦସ୍ୟଙ୍କୁ ସେମାନଙ୍କ ସମର୍ଥନ ପାଇଁ ସେ ଆଭାର ବ୍ୟକ୍ତ କରିଛନ୍ତି। ବ୍ରିଟେନ୍‌ର ନୂଆ ପ୍ରଧାନମନ୍ତ୍ରୀ ଚୟନ ପ୍ରକିୟା ଆସନ୍ତା ୯ ଜୁଲାଇରୁ ଆରମ୍ଭ ହେବ ଅର୍ଥାତ୍ ନୂତନ ନେତା ଚୟନ ପାଇଁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହେବ ଏବଂ ୧୭ ଜୁଲାଇ ସୁଦ୍ଧା ଶପଥ ଗ୍ରହଣ ସମାରୋହ ମଧ୍ୟ ଶେଷ ହେବ। ଅନୁମାନ କରାଯାଉଛି ଷ୍ଟାର୍ମରଙ୍କ ପ୍ରତିବଦଳରେ ଲେବର ପାର୍ଟି ସମର୍ଥିତ ତଥା ଗ୍ରେଟର ମାଞ୍ଚେଷ୍ଟରର ମେୟର ଆଣ୍ଡି ବର୍ନହାମଙ୍କୁ ପ୍ରଧାନମନ୍ତ୍ରୀ ପଦ ପାଇଁ ସବୁଠାରୁ ସମ୍ଭାବ୍ୟ ଦାବିଦାର ଭାବରେ ଦେଖାଯାଉଛି। ଆଶା କରାଯାଉଛି ଯେ ବର୍ନହାମ ଜୁଲାଇ ୧୭ ସୁଦ୍ଧା ବ୍ରିଟେନର ନୂତନ ପ୍ରଧାନମନ୍ତ୍ରୀ ହେବେ। ସେ ସୋମବାର ସାଂସଦ ଭାବେ ଶପଥ ଗ୍ରହଣ କରିବେ। ମୋଟାମୋଟି ଆସନ୍ତା ସେପ୍ଟେମ୍ବରରେ ସଂସଦ ପୁନର୍ବାର ଆରମ୍ଭ ହେବା ବେଳକୁ ବ୍ରିଟେନକୁ ଏକ ନୂଆ ଲେବର ନେତା ତଥା ପ୍ରଧାନମନ୍ତ୍ରୀ ମିଳିସାରିଥିବେ।

## ରାଉତପଡ଼ା-ଡିମିରିଆ ମହାନଦୀ ବ୍ୟାରେଜ୍ ନିର୍ମାଣ

# କ୍ୟାବିନେଟ୍ ମଞ୍ଜୁରୀ ପାଇଁ ସାମ୍ବାଦିକ ସଂଘର ଦାବି



**ନୟାଗଡ଼,୨୨।୬/ଏନ୍ଏନ୍ଏସ୍:** ନୟାଗଡ ଜିଲ୍ଲା ଗଣିଆ ବ୍ଲକ ନିକଟ ରାଉତପଡାଠାରେ ବହୁ ପ୍ରତିକ୍ଷିତ ମହାନଦୀ ବ୍ୟାରେଜ ନିର୍ମାଣ ପାଇଁ ବହୁ ବର୍ଷ ହେଲା ଦାବି ହୋଇଆସୁଛି। ଆଜି ନୟାଗଡ ଜିଲ୍ଲା ସାମ୍ବାଦିକ ସଂଘର ୧୫ଜଣିଆ ଟିମ ରାଉତପଡା ଗସ୍ତ କରି ଏହି ପ୍ରସ୍ତାବିତ ମହାନଦୀ ବ୍ୟାରେଜସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ବଡ କଥା ହେଲା ଏହି ବ୍ୟାରେଜ ପାଇଁ ଆର୍ଥିକ ଅନୁଦାନ ଆସିଥିଲେ ବି କ୍ୟାବିନେଟ ମଞ୍ଜୁରୀ ନମିଳିବାରୁ ଏହା ହୋଇପାରୁନାହିଁ। ତେଣୁ କ୍ୟାବିନେଟ ମଞ୍ଜୁରୀ ତୁରନ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ସଂଘ ଦାବି କରିଛି। ନୟାଗଡ ଜିଲ୍ଲା ଏକ କୃଷି ପ୍ରଧାନ ଅଞ୍ଚଳ। ଧାନ ଓ ଆଖୁ ଏଠାକାର ପ୍ରମୁଖ କୃଷି ଜାତ ଦ୍ରବ୍ୟ ହୋଇଥିଲେ ବି ଅନ୍ୟାନ୍ୟ ପରିବା ଚାଷରେ ଏହି ଜିଲ୍ଲା ଅଗ୍ରଣୀ ଲାଭ କରିଛି। କିନ୍ତୁ ଜିଲ୍ଲାରେ ବହୁ ବଡ ବଡ ନଦୀ ପ୍ରବାହିତ ହେଉଥିଲେ ବି ଜଳସେଚନର ସେଭଳି ସୁବିଧା ନାହିଁ। ବିଶେଷ କରି ଓଡ଼ିଶାର ବଡନଦୀ ମହାନଦୀ ଏହି ଜିଲ୍ଲା ଦେଇ ପ୍ରବାହିତ ହେଉଥିଲେ ବି ମହାନଦୀର ପାଣି ଉପଯୋଗ କରିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ମହାନଦୀରେ ଜଳଥାଇ ମଧ୍ୟ କୃଷି ପ୍ରଧାନ ନୟାଗଡ ଜିଲ୍ଲା ଜଳସେଚନରୁ ବଂଚିତ ହୋଇଛି। ପୂର୍ବରୁ ମଣିଭଦ୍ରା ବ୍ୟାରେଜ ଓ ପଦ୍ମାବତୀ ବ୍ୟାରେଜ ମହାନଦୀରେ ହେବାପାଇଁ ପ୍ରସ୍ତାବ ଥିଲା। କିନ୍ତୁ ସରକାର ପରେ ସରକାର ବଦଳୁଥିଲେ ମଧ୍ୟ ଏହି ପ୍ରସ୍ତାବଗୁଡିକ ୬୦ ବର୍ଷ ଧରି କେବଳ ପ୍ରସ୍ତାବରେ ହିଁ ରହି ଆସିଛି। ରାଉତପଡା, ସୁବଳୟା ଓ ଡିମିରିଆ ମହାନଦୀ ବ୍ୟାରେଜ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ପତ୍ରାଙ୍କ ଅନୁସାରେ ୧୫୧୬ କୋଟି ୪୩ ଲକ୍ଷ ଟଙ୍କା ଅର୍ଥ ବିଭାଗ ଅନୁମୋଦନ କରିଛନ୍ତି। ରାଉତପଡା ବଡକଳା ନିକଟରେ ଥିବା ପାହାଡ଼ରୁ କଟକ ଜିଲ୍ଲାନରସିଂହପୁର ଡିମିରିଆ ନିକଟ ପାହାଡକୁ ସଂଯୋଗ କରି ଏହି ବ୍ୟାରେଜ ନିର୍ମାଣ କରାଯିବ । ଏହି ବ୍ୟାରେଜ ନିର୍ମାଣ କରାଗଲେ ନୟାଗଡ ଓ କଟକ ଉଭୟ ଜିଲ୍ଲାର ଜମି ଜଳସେଚିତ ହୋଇପାରିବ। ମୁଖ୍ୟତଃ ନୟାଗଡ ଜିଲ୍ଲାର ୮ବ୍ଲକ ଜଳସେଚିତ ହେବା ସହିତ ମହାନଦୀର ପାଣି ସଂରକ୍ଷଣ କ୍ଷମତା ବୃଦ୍ଧି ପାଇବ। ମହାନଦୀର ପାଣିକୁ ଅଟକାଇ ଜିଲ୍ଲାର ବିଭିନ୍ନ ବ୍ଲକକୁ ଜଳସେଚିତ କରାଯିବା ସହିତ ପାନୀୟ ଜଳ ଅଭାବରେ ପେଶି ହୋଇଯାଉଥିବା ନୟାଗଡରୁ ପାନୀୟ ଜଳ ସଂକଟକ ଦୂର ହୋଇପାରିବ। ଏହି ବ୍ୟାରେଜ ନିର୍ମାଣ ଦ୍ୱାରା ସାମଗ୍ରୀକ ଭାବେ ନୟାଗଡ ଜିଲ୍ଲାର କୃଷି କ୍ଷେତ୍ରରେ ଏକ ବୈପ୍ଳବିକ ଉନ୍ନତି ହୋଇପାରିବ। ବିଶେଷ ଭାବରେ ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ଦଶପଲ୍ଲାଠାରେ ବୃଉଙ୍ଗ ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଉଥିବାବେଳେ ଗଣିଆ ବ୍ଲକର ରାଉତପଡାଠାରେ ଏହି ମହାନଦୀ ବ୍ୟାରେଜ ନିର୍ମାଣ ହେବ। ଏହା ଦ୍ୱାରା ଗଣିଆ ବ୍ଲକର ଅଭୂତପୂର୍ବ ଉନ୍ନତି ହୋଇପାରିବ। ଜିଲ୍ଲାର ସବୁଠାରୁ ଅବହେଳିତ ବ୍ଲକ ଭାବରେ ଗଣିଆ ପରିଗଣିତ। ଜିଲ୍ଲାର ଗଣିଆ ବ୍ଲକ ଏକ କୃଷି ପ୍ରଧାନ ଅଞ୍ଚଳ। କିନ୍ତୁ ଏଠାରେ ମହାନଦୀ ଭଳି ବଡ ନଦୀ ବହି ଯାଉଥିଲେ ବି କୌଣସି ଉପକାରରେ ଲାଗୁନି। ତେଣୁ ଏହି ବ୍ୟାରେଜ ନିର୍ମାଣ କରାଗଲେ ବ୍ୟାପକ ବିକାଶ ଘଟିବ ବୋଲି କୁହାଯାଉଛି। ରାଜ୍ୟ ସରକାର ଏହି ରାଉତପଡା-ଡିମିରିଆ ବ୍ୟାରେଜ ନିର୍ମାଣ ଉପରେ ଗୁରୁତ୍ୱ ଦେଇଥିବାରୁ ଜିଲ୍ଲା ସାମ୍ବାଦିକ ସଂଘ ଓ ଜିଲ୍ଲାର ଜନସାଧାରଣଙ୍କ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଯଥାଶୀଘ୍ର ଏହି ବ୍ୟାରେଜ ନିର୍ମାଣ ପାଇଁ କ୍ୟାବିନେଟ ମଂଜୁର ଏବଂ ଶିଳାନ୍ୟାସ କରିବା ପାଇଁ ନୟାଗଡ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ପ୍ରମୋଦ ପଟ୍ଟନାୟକ ଦାବି କରିଛନ୍ତି। ସଂଘର ଏହି ୧୫ ଜଣିଆ ଟିମରେ ସଭାପତିଙ୍କ ସହ ସାଧାରଣ ସମ୍ପାଦକ ସୁବାଷ ଚନ୍ଦ୍ର ମହାପାତ୍ର, ସାମ୍ବାଦିକ ଲୋକନାଥ ମିଶ୍ର, ସାମ୍ବାଦିକ ପ୍ରଭାସିନୀ ନନ୍ଦ, ଗୋକୁଳ ଷଡଙ୍ଗୀ, ବିଭୂତି ପଟ୍ଟନାୟକ, ପୁରୁଷୋତ୍ତମ ମହାପାତ୍ର, ବିଶ୍ୱ ରଂଜନ ସେଠୀ, ଅଖିଳ ପାଣିଗ୍ରାହୀ, କମଳଲୋଚନ ଦଳେଇ, ବିକ୍ରମ ସ୍ୱାଇଁ, ସମାଜସେବୀ ତଥା ବିଜେପି ନେତା ସନ୍ତୋଷ ପ୍ରଧାନ, ସମାଜସେବୀ ତଥା ବରିଷ୍ଠ କଂଗ୍ରେସ ନେତା ମନୋଜ କୁମାର ସାହୁ ପ୍ରମୁଖ ଗସ୍ତ କରିଥିଲେ। ନୟାଗଡ ଜଳସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ବୈକୁଣ୍ଠନାଥ ଦଳେଇଙ୍କୁ ଏ ସଂକ୍ରାନ୍ତରେ ପଚାରିବାରେ ସେ କହିଥିଲେ ଯେ, ରାଜ୍ୟ ସରକାର ରାଉତପଡା ଏବଂ ଡିମିରିଆକୁ ସଂଯୋଗ କରି ଏହି ବ୍ୟାରେଜ ନିର୍ମାଣ କରିବା ପାଇଁ ଉପରୋକ୍ତ ଅର୍ଥ ମଂଜୁର ହୋଇଛି। କିନ୍ତୁ କ୍ୟାବିନେଟ ମଞ୍ଜୁର ହେଲେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। କିନ୍ତୁ ଏହା ଜଳସମ୍ପଦ ବିଭାଗ କରିବ ନା ଆଉ କେଉଁ ବିଭାଗ କରିବ ତାହା ସ୍ପଷ୍ଟ ହୋଇନାହିଁ। ଏହି ବ୍ୟାରେଜ କରାଗଲେ କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଘଟିବ ବୋଲି ସେ ସୂଚନା ଦେଇଥିଲେ।

# ପଞ୍ଚାୟତରେ 'ପଲ୍ଲୀରେ ପ୍ରଶାସନ'



**ବୋଲଗଡ଼,୨୨।୬/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଓ ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱବଧାନରେ ବୋଲଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ବୋଲଗଡ଼ ଗ୍ରାମ ପଂଚାୟତ 'ପଲ୍ଲୀରେ ପ୍ରସାଶନ' ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ପାଇଁ ସରକାରଙ୍କ ଦ୍ୱାରା ଆହୂତ ବିଭିର୍ଣ୍ଣ କଲ୍ୟାଣ ଯୋଜନାର କାର୍ଯ୍ୟକାରିତା ଓ ସଚେତନତା ସହ ଆବେଦନ ଓ ଅଭିଯୋଗ ଶୁଣାଣି ନେଇ ଆୟୋଜନ ହୋଇଥିଲା। ବୋଲଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନ ସୁଧା କୁଣ୍ଡୁ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଲୋକମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଶୁଣି ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ବୋଲଗଡ଼ ଅତିରିକ୍ତ ତହସିଲଦାର ରାଜକିଶୋର ଜେନାଙ୍କ ସମେତ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ମିଳିତ ଭାବେ ଲୋକଙ୍କୁ ବିଭାଗୀୟ କାର୍ଯ୍ୟଧାରା, ଯୋଜନା କାର୍ଯ୍ୟକାରିତା ସମ୍ପର୍କରେ ଅବଗତ କରାଇଥିଲେ। ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତିସଭ୍ୟା ନିର୍ମଳା ପ୍ରଧାନ, ପଞ୍ଚାୟତ ନିର୍ବାହୀ ଅଧିକାରୀ କରୁଣାକର ସୁବୁଦ୍ଧି ପ୍ରମୁଖ ସହାୟତା ସହ ସମସ୍ତ ଅଭିଯୋଗର ଆଧାରିତକୁ ନେଇ ସମାଧାନରେ ସହଯୋଗ କରିଥିଲେ। ଗ୍ରାମୀଣ ଗୃହ ବାବଦରେ ୨୩ଗୋଟି ଅଭିଯୋଗ ଆସିଥିବା ବେଳେ କୃଷି ବାବଦ ୭ଗୋଟି, ଗୋ ସୁଗମ ବାବଦରେ ୧୩ଗୋଟି, ଅଟଳ ପେନସନ ଯୋଜନାରେ ୨ଗୋଟି, ପ୍ରଧାନମନ୍ତ୍ରୀ ମୁଦ୍ରା ୧, ଆଧାର ସଂଶୋଧନ ବାବଦରେ ୮ଗୋଟି, ଭତ୍ତା ବାବଦରେ ୭ଗୋଟି, ଶ୍ରମିକ ବିଭାଗ ବାବଦରେ ୪ଗୋଟି, ପିଡ଼ିଏସ ବାବଦରେ ୧୫ଗୋଟି ଓ ସୁଭଦ୍ରା ଯୋଜନା ବାବଦରେ ୨ଗୋଟି ଅଭିଯୋଗ ରହି ଏହିପରି ବିଭିନ୍ନ ବିଭାଗୀୟ ଶିବିରରେ ମୋଟ ୮୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ତେବେ ତନ୍ମଧ୍ୟରୁ ୩୮ଗୋଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ବଳକା ୪୪ ଗୋଟିର ତଦନ୍ତ ପରେ ପଦକ୍ଷେପ ନିଆଯିବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। କାର୍ଯ୍ୟକ୍ରମରେ ରାଜସ୍ୱ, ସ୍ୱାସ୍ଥ୍ୟ, ଜଙ୍ଗଲ,ଶିକ୍ଷା, ଜଳସେଚନ, ଜଳ ଓ ପରିମଳ, ମହିଳା ଓ ଶିଶୁ ବିକାଶ, କୃଷି, ଉଦ୍ୟାନ, ପଶୁ ଚିକିତ୍ସା, କୌଶଳ ବିକାଶ, ସାମାଜିକ ସୁରକ୍ଷା, ମତ୍ସ୍ୟ ଓ ପଶୁପାଳନ, ମିଶନ ଶକ୍ତି ଆଦି ବିଭାଗ ଅଂଶଗ୍ରହଣ କରିଥିଲେ। ବ୍ଲକ ମୁଖ୍ୟକିରାଣି ଆଲୋକ ଜେନାଙ୍କ ତତ୍ତ୍ୱାବଧାନରେ ସମସ୍ତ ବିଭାଗ କର୍ମଚାରୀ ପରିଚାଳନା କରିଥିଲେ।

# ବିଜେପି ନେତାଙ୍କ ଦ୍ୱାରା ବିଶେଷ ଜନସମ୍ପର୍କ କାର୍ଯ୍ୟକ୍ରମ ଆରମ୍ଭ



**ଟାଙ୍ଗୀ,୨୨।୬/ଏନ୍ଏନ୍ଏସ୍:** ମୋଦୀ ସରକାରଙ୍କ ୧୨ବର୍ଷ ଓ ମୋହନ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ଟାଙ୍ଗୀ-ସାଲେପୁର ନିର୍ବାଚନମଣ୍ଡଳୀର କୋଟସାହି ପଞ୍ଚାୟତରେ ବିଶେଷ ଜନସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ସାଲେପୁର ବିଜେପି ନେତା ତଥା କଟକ ଜିଲ୍ଲା ଗ୍ରାମୀଣ ଉପସଭାପତି ହିମାଂଶୁ ମହାନ୍ତି ଟାଙ୍ଗୀ ଚୌଦ୍ୱାର ବ୍ଲକ କୋଟସାହି ପଞ୍ଚାୟତର କନ୍ଦରକଣା ସ୍ଥିତ ଶିକ୍ଷକ-ଟ୍ରେନର ତଥା ରିସୋର୍ସ ପର୍ସନ୍ (ଆରପି) ଏବଂ ପୂର୍ବତନ ଆଞ୍ଚଳିକ ପ୍ରାଥମିକ ଶିକ୍ଷକ ସଂଘର ଉପସଭାପତି ପ୍ରତିମା ବେହେରାଙ୍କ ବାସଭବନରେ ପହଞ୍ଚି ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା, ଶିକ୍ଷା କ୍ଷେତ୍ରର ବିକାଶ ଓ ଲୋକହିତକର ପଦକ୍ଷେପ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସରକାର ଗ୍ରାମାଞ୍ଚଳର ସାଧାରଣ ଲୋକଙ୍କ ଉନ୍ନତି, ଶିକ୍ଷାର ଗୁଣୋନ୍ନତି ଓ ସମାଜର ସବୁ ଶ୍ରେଣୀର ଲୋକଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା ରୂପାୟଣ କରୁଛନ୍ତି। ଏହି ସମସ୍ତ ଯୋଜନା ଓ ସରକାରଙ୍କ ଉଦ୍ୟମ ସମ୍ପର୍କରେ ସମାଜର ବୁଦ୍ଧିଜୀବୀ ଓ ଶିକ୍ଷକମାନଙ୍କ ମତାମତ ଗୁରୁତ୍ୱପୂର୍ଣ୍ଣ ବୋଲି ମହାନ୍ତି ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତ ବିଜେପି ସଭାପତି ସମରେନ୍ଦ୍ର ଷଡ଼ଙ୍ଗୀ, ଯୁବ ସଂଗଠକ ଶଶୀକାନ୍ତ ମହାନ୍ତି, ଅନନ୍ତ ପାତ୍ର ସମେତ ବହୁ ବିଜେପି କର୍ମୀ ଯୋଗ ଦେଇଥିଲେ।

# ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ



**କଣ୍ଠାପଡ଼ା,୨୨।୬/ଏନ୍ଏନ୍ଏସ୍:** କଣ୍ଠାପଡା ବ୍ଲକରେ ଆଜି ବହୁ ଆକାଂକ୍ଷିତ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ ନିଆଳୀ ବିଧାୟକ ତଥା କଟକ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଛବି ମଲିକଙ୍କ ଦ୍ୱାରା ଉଦ୍ଘାଟିତ ହୋଇଯାଇଛି। କଣ୍ଠାପଡ଼ା ବ୍ଲକରେ ଏହି ଯୋଜନାରେ ସମୁଦାୟ ୧୮,୯୪୨ପରିବାର ତଥା ୫୭,୫୫୩ଜଣ ହିତାଧିକାରୀ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ମାଧ୍ୟମରେ ମୁଣ୍ଡପିଛା ୫କେଜି ଚାଉଳ ମାଗଣା ପାଇଥିଲାବେଳେ ରାଜ୍ୟ ସରକାରଙ୍କ ନିଜସ୍ୱ ଯୋଜନା ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ଅତିରିକ୍ତ ଆଉ ୫କେଜି ମାଗଣା ଚାଉଳ ପାଇବାକୁ ମିଳିବ। ସର୍ବମୋଟ ୫୭୫୫୩ଜଣ ହିତାଧିକାରୀ ମୁଣ୍ଡପିଛା ୧୦କେଜି ଚାଉଳ ପିଛିଲା ଭାବେ ଏପ୍ରିଲ ମାସ ଠାରୁ ପାଇବାକୁ ଥିବାରୁ ଲାଭାର୍ଥୀମାନେ ଅତ୍ୟନ୍ତ ଖୁସିଥିବା ଦେଖିବାକୁ ମିଳିଥିଲା। ବ୍ଲକସ୍ତରୀୟ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମରେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱପ୍ନିତା ନାୟକ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୁବି ତପସ୍ୱିନୀ ଦାସ, ଯୋଗାଣ ନିରୀକ୍ଷକ ମୋଚିରାମ ଦାସ, ଆମ୍ମା ଅଧ୍ୟକ୍ଷ ପ୍ରଦୀପ୍ତ ପାତ୍ର, ଯୁବ ସରପଞ୍ଚ ନିର୍ମଳ କୁମାର ସାହୁ, ଡିମିରି ସରପଞ୍ଚ ଅଭିଷେକ ମହାପାତ୍ର, ମଣ୍ଡଳ ସଭାପତି ଲଲାଟେନ୍ଦୁ ପାତ୍ର, ସାଂସଦଙ୍କ ପ୍ରତିନିଧି ସଂଗ୍ରାମ ପଟ୍ଟନାୟକ, ନାରୀନେତ୍ରୀ ମଧୁସ୍ମିତା ମହାନ୍ତି, ଯୁବ ବିଜେପି ନେତା ରଂଜନ କୁମାର ଦାସ, ସୁଦର୍ଶନ ଜେନା, ସୁରେନ୍ଦ୍ର ପାତ୍ର, ଯୁବନେତା ତଥା ସମାଜସେବୀ ବିପିନ କୁମାର ବେହେରାଙ୍କ ସମେତ ସ୍ୱୟଂ ସହାୟକ ମହିଳା ଓ ହିତାଧିକାରୀମାନେ ଉପସ୍ଥିତ ଥିଲେ।

# ନାଟ୍ୟ ନିର୍ଦ୍ଦେଶକ ସମ୍ବର୍ଦ୍ଧିତ

**ଫୁଲନଖରା,୨୨।୬/ଏନ୍ଏନ୍ଏସ୍:** ବରିଷ୍ଠ ସାମ୍ବାଦିକ ତଥା ନାଟ୍ୟ ନିର୍ଦ୍ଦେଶକ ଲୋକପ୍ରିୟ ମଞ୍ଚ ଅଭିନେତା ସର୍ବେଶ୍ୱର ମିଶ୍ରଙ୍କୁକଳା, ସାହିତ୍ୟ, ସଂସ୍କୃତି, ସାମ୍ବାଦିକତା, ସମାଜସେବା ଆଦି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନେଇ କିଶୋରନଗର ହାଟ ତୋଟା ଠାରେ କଟକ ସଦର ରଜ ମହୋତ୍ସବ - ୨୦୨୬ ପକ୍ଷରୁ ଆୟୋଜିତ ଚାରି ଦିନିଆ ରଜ ମହୋତ୍ସବ ପାଳନ ଅବସରରେ ସମ୍ବର୍ଦ୍ଧିତ କରାଯାଇଛି। କଳାର ପୂଜାରୀ ଶ୍ରୀ ମିଶ୍ର ଏହି ମର୍ଯ୍ୟାଦାଜନକ ସମ୍ବର୍ଦ୍ଧନା କଟକ ସଦର ବିଧାୟକ ସ୍ତମ୍ଭକାର ଇଂ. ପ୍ରକାଶ ଚନ୍ଦ୍ର ସେଠୀଙ୍କଠାରୁ ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ ଏହି ଖ୍ୟାତିସମ୍ପନ୍ନ ନାଟ୍ୟନିର୍ଦ୍ଦେଶକ, ଲୋକପ୍ରିୟ ମଞ୍ଚ ଅଭିନେତା ତଥା ବରିଷ୍ଠ ସାମ୍ବାଦିକ ସର୍ବେଶ୍ୱର ମିଶ୍ର ତିନି ଦଶନ୍ଧି ଧରି ସାମ୍ବାଦିକତା କରିବା ସହ ଦୀର୍ଘ ପଚିଶ ବର୍ଷ ହେବ ଯାତ୍ରା ବା ଡ୍ରାମା ଜଗତରେ ଏକ ଶହରୁ ଉର୍ଦ୍ଧ୍ୱ ନାଟକରେ ଅଭିନୟ କରିବା ଓ ଚାଳିଶରୁ ଅଧିକ ନାଟକରେ ନିର୍ଦ୍ଦେଶନା ଦେଇ ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ସାରସ୍ୱତ ସାଧକ ପଣ୍ଡିତ ଶ୍ରୀ ମିଶ୍ରଙ୍କୁ ସମଗ୍ର କଟକ ସଦର ଅଞ୍ଚଳ ସହ ଆରାଧ୍ୟା କଲଚରାଲ ଏକାଡେମୀ (ଏସିଏ) ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଉଛି।

# ଇୟୁପିଏସ୍ ପେନ୍‌ସନ୍ ଅପେକ୍ଷାରେ ବହୁ ଅବସରପ୍ରାପ୍ତ କର୍ମଚାରୀ

**ସାଲେପୁର,୨୨।୬/ଏନ୍ଏନ୍ଏସ୍:** ସାଲେପୁର ଶିକ୍ଷା ମଣ୍ଡଳ ଅଧିନ ବହୁ ଅବସରପ୍ରାପ୍ତ ଶିକ୍ଷକ ମାନେ ଦୀର୍ଘଦିନ ହେବ ପେନସନ ପାଇଁ ଆବେଦନ କରି ଅଫିସ ଓ ଟ୍ରେଜେରୀ ଦୌଡ଼ି ଦୌଡ଼ି ହତାଶ ହୋଇ କାଳାତିପାତ କରୁଛନ୍ତି। ସବୁଠାରୁ ବଡ କଥା ହେଲା ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ହାତରେ ଖୋଦ ବିଭାଗ ଅର୍ଥ ବିଭାଗ ଥାଇ ମଧ୍ୟ ଅର୍ଥ ବିଭାଗର ୨୧ ମାର୍ଚ୍ଚ ୨୦୨୫ ରେ ହୋଇଥିବା ନୋଟିଫିକେସନ ଚିଠି ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ପାରୁନାହିଁ। ସୂଚନା ଅନୁଯାୟୀ ଜାତୀୟ ପେନସନ ଯୋଜନା ଅଧୀନରେ ଥିବା ରାଜ୍ୟ ସରକାରୀ କର୍ମଚାରୀ ମାନେ ଅବସର ନେବା ପରେ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ୟୁନିଫାଏଡ଼ ପେନସନ ଯୋଜନା ଦ୍ୱାରା ପେନସନ ନେବା ପାଇଁ ଦରଖାସ୍ତ କରିଛନ୍ତି। ବର୍ଷାଧିକ କାଳ ଚାହିଁ ବସିଥିବା ଅବସରପ୍ରାପ୍ତ କର୍ମଚାରୀମାନେ ଏପର୍ଯ୍ୟନ୍ତ ପେନସନ ପାଇ ପାରୁ ନାହାଁନ୍ତି। ଅଫିସ, ଟ୍ରେଜେରୀ ଦୌଡ଼ି ଦୌଡ଼ି ନିରୁପାୟ ହୋଇ ବସିଛନ୍ତି କେତେବେଳେ ସରକାର ତାଙ୍କ କଥା ଶୁଣିବେ। ଆର୍ଥିକ ଦୁରାବସ୍ଥା ମଧ୍ୟରେ ବରିଷ୍ଠ ନାଗରିକ ମାନେ ବଡ ମନସ୍ତାପ ମଧ୍ୟରେ ଗତି କରୁଛନ୍ତି। ଏହି ନୂତନ ଇୟୁପିଏସ ପେନସନ କିପରି ସେମାନେ ପାଇ ପାରିବେ ରାଜ୍ୟ ସରକାର ଯଥାଶୀଘ୍ର ବ୍ୟବସ୍ଥା କଲେ ବର୍ଷାଧିକ କାଳ ପେନସନ ନ ପାଇ ଚାହିଁ ବସିଥିବା ଅବସରପ୍ରାପ୍ତ କର୍ମଚାରୀମାନେ ଉପକୃତ ହୋଇ ପାରନ୍ତେ। ସାଲେପୁର ଶିକ୍ଷା ମଣ୍ଡଳ ଅଧୀନ ଅବସରପ୍ରାପ୍ତ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର କର, ପ୍ରହଲ୍ଲାଦ ଖଟୋଇ, ପ୍ରଫୁଲ୍ଲ କୁମାର ଲେଙ୍କା, କମଳା କାନ୍ତ ମିଶ୍ର, ହୃଷିକେଶ ପରିଡ଼ା, ବିରଞ୍ଚି ନାରାୟଣ ନାୟକ, ପ୍ରମିଳା ପଣ୍ଡାଙ୍କ ସମେତ ବହୁ ଅବସରପ୍ରାପ୍ତ କର୍ମଚାରୀ ଆବେଦନ କରି ନିରାଶ ହୋଇଛନ୍ତି। ରାଜ୍ୟ ସରକାର ଏ ଦିଗରେ ଦୃଷ୍ଟିଦେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହେଉଛି।

# ନିଜସ୍ୱ ଉଦ୍ୟମରେ ପଙ୍କ ଉଦ୍ଧାର ଓ ସଫେଇ କରି ପ୍ରଶଂସିତ



**କଣ୍ଟିଲୋ,୨୨।୬/ଏନ୍ଏନ୍ଏସ୍:** ବହୁ ବର୍ଷ ହେଲା କଣ୍ଟିଲୋ ଗ୍ରାମ ପଞ୍ଚାୟତ ଅଧୀନ ଖୁଦ ବେହେରା ପାଟଣାରେ ସର୍ବ ସାଧାରଣଙ୍କୁ ବ୍ୟବହାର ପାଇଁ ଥିବା ଦୁଇଟି ଜାକ କୂଅ ସଫା ନ ହୋଇ ବହୁ ଅପରିଷ୍କାର ଭାବେ ରହି ଥିବା ହେତୁ, ଅବଗତ ସତ୍ତ୍ୱେ ପ୍ରଶାସନ କୌଣସି ପ୍ରତିକାର କରି ନଥିବାରୁ ସ୍ଥାନୀୟ ଯୁବକ ଓ ବରିଷ୍ଠ ବ୍ୟକ୍ତି ମାନେ ନିଜସ୍ୱ ଉଦ୍ୟମରେ ଦୁଇଟି ଯାକ କୂଅ ସଫା କରି ସର୍ବ ସାଧାରଣରେ ପ୍ରଶଂସିତ ହୋଇଛନ୍ତି। ସୂଚନାରୁ ଜଣାପଡିଛି ଯେ, ଏହି ସାହିରେ ସର୍ବ ସାଧାରଣଙ୍କ ବ୍ୟବହାର ପାଇଁ ଥିବା ଦୁଇଟି ଯାକ କୂଅକୁ ସଫା କରିବା ନିହାତି ଆବଶ୍ୟକ ଥିବାରୁ, ସାହି ବାସିନ୍ଦା ମାନଙ୍କ ତରଫରୁ ବହୁବାର ପ୍ରଶାସନ ନିକଟରେ ଲିଖିତ ଓ ମୌଖିକ ଭାବେ ଅନୁରୋଧ ଓ ଆପତ୍ତି ଅଭିଯୋଗ କରାଯାଇଥିଲ। କିନ୍ତୁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଗଲା ନାହିଁ କି ସରକାରୀ ସହାୟତା ମଧ୍ୟ ଯୋଗାଇ ଦିଆ ଯାଇ ନଥିବାରୁ, ଉକ୍ତ ପ୍ରଶାସନିକ ସହାୟତାକୁ ଖୁଦ ବେହେରା ପାଟଣା ବାସିନ୍ଦା ମାନେ ଅପେକ୍ଷା ନକରି ନିଜସ୍ୱ ଉଦ୍ୟମରେ ସାହି ମଧ୍ୟରେ ଥିବା ଦୁଇଟି ଯାକ କୂଅରୁ ପଙ୍କୋଦ୍ଧାର ଓ ସଫା କରି ବହୁ ପ୍ରଶଂସିତ ହୋଇଛନ୍ତି। ଦୁଇଟିଯାକ କୂଅରୁ ସମ୍ପୂର୍ଣ୍ଣ ଭାବେ ପଙ୍କ ଉଦ୍ଧାର କରିବା ସହ ଅପରିଷ୍କାର ପାଣି ବାହାର କରିବା ପରେ ବ୍ଲିଚିଙ୍ଗ, ଆଲମ ପକାଇ ବିଶୋଧନ କରିଛନ୍ତି। ନଦୀ ବଢ଼ି ସମୟରେ ଏବଂ ପ୍ରକଳ୍ପରୁ ଜଳ ଯୋଗାଣ ବନ୍ଦ ବେଳେ, ଉକ୍ତ କୂଅ ଦୁଇଟି ସାହି ବାସିନ୍ଦା ଓ ପାଖ ସାହିର ବାସିନ୍ଦା ମାନଙ୍କର ବ୍ୟବହାର ପାଇଁ ଭଗବାନଙ୍କ ବରଦାନ ସଦୃଶ ପାଲଟିଥାଏ। ଦୀର୍ଘ ବର୍ଷ ପରେ ଗ୍ରାମର ଯୁବକ ଚିତ୍ତ, ପପିନ, ଶାନ୍ତନୁ, ପିତାମ୍ବର, ନିଲୁ, କୁଳମଣି, ମନୋଜ, ମାନ, ଅଶୋକ, ଜିତୁଙ୍କ ସମେତ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ପଙ୍କୋଦ୍ଧାର ଓ ସଫା କାର୍ଯ୍ୟକୁ ନେଇ ପ୍ରଶଂସା କରାଯାଇଛି।

## ସୁରକ୍ଷା ପ୍ରତି ଉତ୍କୃଷ୍ଟ ସତର୍କତା

# ଟ୍ରାକ୍ ମେଣ୍ଟେନରଙ୍କୁ ସମ୍ମାନିତ କଲା ପୂର୍ବତଟ ରେଳପଥ



**ଭୁବନେଶ୍ୱର,୨୨।୬/ଏନ୍‌ଏନ୍‌ଏସ୍:** ସୁରକ୍ଷିତ ରେଳ ଚଳାଚଳ ସୁନିଶ୍ଚିତ କରିବା ଦିଗରେ ଅସାଧାରଣ ସତର୍କତା ଏବଂ ନିଷ୍ଠା ପ୍ରଦର୍ଶନ ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ସମ୍ବଲପୁର ଡିଭିଜନ ଅନ୍ତର୍ଗତ ଡୁରେକେଲା ରୋଡର ଟ୍ରାକ୍ ମେଣ୍ଟେନର-୪ ରାମଦେବ ମଣ୍ଡଳଙ୍କୁ 'ସୁରକ୍ଷା ପୁରସ୍କାର'ରେ ସମ୍ମାନିତ କରାଯାଇଛି। ଗତ ୨୫ ମେ ୨୦୨୬ ଗ୍ରୀଷ୍ମକାଳୀନ ପାଟ୍ରୋଲିଂ କାର୍ଯ୍ୟ କରୁଥିବା ସମୟରେ ଶ୍ରୀ ମଣ୍ଡଳ ଡୁରେକେଲା ରୋଡ୍ ୟାର୍ଡର ଡାଉନ୍ ଲାଇନରେ କିଲୋମିଟର ୧୫୪/୩୦-୩୨ ଠାରେ ଏସଇଜେ ଟଙ୍ଗ୍ ରେଲରେ ଏକ ଫାଟ ଥିବା ଚିହ୍ନଟ କରିଥିଲେ। ସେ ସଙ୍ଗେ ସଙ୍ଗେ ଆବଶ୍ୟକୀୟ ସୁରକ୍ଷା ପଦକ୍ଷେପ ଗ୍ରହଣ କରି ଟ୍ରେନ୍ ନମ୍ବର ୫୮୫୨୮ ବିଶାଖାପାଟଣା-ରାୟପୁର ପାସେଞ୍ଜରକୁ ଅଟକାଇଥିଲେ ଏବଂ ଠିକ୍ ସମୟରେ ନିଜ ସୁପରଭାଇଜରଙ୍କୁ ସୂଚନା ଦେଇଥିଲେ, ଯାହା ଫଳରେ ଏକ ସମ୍ଭାବ୍ୟ ସୁରକ୍ଷା ବିପଦକୁ ଟାଳିବାରେ ସଫଳ ହୋଇଥିଲେ। ପୂର୍ବତଟ ରେଳପଥ ତାଙ୍କର ଏହି ସତର୍କତା ଏବଂ ସୁରକ୍ଷା ପ୍ରତି ଥିବା ପ୍ରତିବଦ୍ଧତାକୁ ଉଚ୍ଚ ପ୍ରଶଂସା କରୁଛି, ଯାହା ସୁରକ୍ଷିତ ରେଳ ଚଳାଚଳ ସୁନିଶ୍ଚିତ କରିବା ଦିଗରେ ରେଳ କର୍ମଚାରୀଙ୍କ ଦୃଢ଼ ସୁରକ୍ଷା ନିୟମର ଅନୁପାଳନ ଏବଂ ନିଷ୍ଠାକୁ ପ୍ରତିଫଳିତ କରେ।

## ଶେଷ ପର୍ଯ୍ୟାୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା

# ୨୮ ଶେଷ ତାରିଖ, ୮୬.୧୨% ଡିଜିଟାଇଜେସନ ସମ୍ପୂର୍ଣ୍ଣ

**ଭୁବନେଶ୍ୱର,୨୨।୬/ଏନ୍‌ଏନ୍‌ଏସ୍:** ରାଜ୍ୟବ୍ୟାପୀ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ବର୍ତ୍ତମାନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ବୃହତ୍ ଅଭିଯାନ ସମାପ୍ତ ହେବାକୁ ଆଉ ମାତ୍ର ୬ ଦିନ ବାକି ରହିଥିବାବେଳେ, ଆସନ୍ତା ୨୮ ଜୁନ ଏହାର ଶେଷ ତାରିଖ। ଅବଶିଷ୍ଟ କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବା ପାଇଁ ସମସ୍ତ ଜିଲ୍ଲାରେ କାର୍ଯ୍ୟକଳାପକୁ ଅଧିକ ତ୍ୱରାନ୍ୱିତ କରାଯାଇଛି। ଆଜି ସୁଦ୍ଧା ରାଜ୍ୟର ୯୯.୮୬ ପ୍ରତିଶତ ଭୋଟରଙ୍କ ନିକଟରେ ପରିଗଣନା ଫର୍ମ ପହଞ୍ଚାଇ ଦିଆଯାଇଛି। ସଂଖ୍ୟା ଦୃଷ୍ଟିରୁ ଏହା ୩ କୋଟି ୩୩ ଲକ୍ଷ ୫୧ହଜାର ୯୬୬ ଜଣ ଭୋଟରଙ୍କୁ ଫର୍ମ ବଣ୍ଟନ କରାଯାଇଛି। ଶତପ୍ରତିଶତ ବଣ୍ଟନ ଲକ୍ଷ୍ୟ ହାସଲ କରିବା ପାଇଁ ବୁଥ୍ ସ୍ତରୀୟ ଅଧିକାରୀ ମାନେ ଅବଶିଷ୍ଟ ଭୋଟରଙ୍କ ସହ ନିରନ୍ତର ସମ୍ପର୍କ ରକ୍ଷା କରି ଫର୍ମ ବଣ୍ଟନ କାର୍ଯ୍ୟ ଜାରି ରଖିଛନ୍ତି।ଏହି ସଂଶୋଧନ ପ୍ରକ୍ରିୟାରେ ଡାଟାର ସଠିକତା, ସ୍ୱଚ୍ଛତା ଏବଂ ଦ୍ରୁତ ପ୍ରକ୍ରିୟାକରଣ ପାଇଁ ଡିଜିଟାଇଜେସନକୁ ସର୍ବାଧିକ ପ୍ରାଥମିକତା ଦିଆଯାଇଛି। ଆଜି ସୁଦ୍ଧା ୮୬.୧୨ ପ୍ରତିଶତ ଫର୍ମର ଡିଜିଟାଇଜେସନ ସମ୍ପୂର୍ଣ୍ଣ ହୋଇଛି। ଅର୍ଥାତ୍ ୨ କୋଟି ୮୭ଲକ୍ଷ ୬୩ହଜାର ୪୧୭ ଜଣ ଭୋଟରଙ୍କ ସୂଚନା ସଫଳତାର ସହ ଡିଜିଟାଇଜ କରାଯାଇଛି ଅବଶିଷ୍ଟ ଫର୍ମଗୁଡ଼ିକର ଡିଜିଟାଲ୍ ଏଣ୍ଟ୍ରି କାର୍ଯ୍ୟ ମଧ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ଏହି ସ୍ୱତନ୍ତ୍ର ସଘନ ସଂଶୋଧନ ମାଧ୍ୟମରେ ସଂଗୃହୀତ ତଥ୍ୟ ଆଧାରରେ ରାଜ୍ୟ ପାଇଁ ଏକ ଅଧିକ ସ୍ୱଚ୍ଛ, ନିର୍ଭୁଲ ଓ ଅଦ୍ୟତନ ମତଦାତା ସୂଚୀ ପ୍ରସ୍ତୁତ କରାଯିବ। ଅବଶିଷ୍ଟ ୬ ଦିନ ମଧ୍ୟରେ ଶତପ୍ରତିଶତ ଫର୍ମ ସଂଗ୍ରହ ଓ ଡିଜିଟାଇଜେସନ ସମ୍ପୂର୍ଣ୍ଣ କରିବା ପାଇଁ ସମସ୍ତ ଜିଲ୍ଲା ପ୍ରଶାସନ, ନିର୍ବାଚକ ପଞ୍ଜୀକରଣ ଅଧିକାରୀ , ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ଏବଂ ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଛି।

ଯଦି କେହି ଭୋଟର ଏପର୍ଯ୍ୟନ୍ତ ପରିଗଣନା ଫର୍ମ ଦାଖଲ କରିନାହାନ୍ତି, ତେବେ ଜୁନ୍ ୨୮ ପୂର୍ବରୁ ନିଜ ବୁଥ୍ ସ୍ତରୀୟ ଅଧିକାରୀଙ୍କୁ ଫର୍ମ ପ୍ରଦାନ କରିବା କିମ୍ବା ଇସିଆଇଏନଇଟି ମାଧ୍ୟମରେ ଅନଲାଇନରେ ଦାଖଲ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଅନୁରୋଧ କରିଛନ୍ତି।

## ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ

# 'ଯୋଗ କେବଳ ଅଭ୍ୟାସ ନୁହେଁ, ଜୀବନର ଏକ ଉପାୟ'

### ଜେଏସଡବ୍ଲ୍ୟୁ ଓଡ଼ିଶା ଖଣି ବିଭାଗ




**ବଡ଼ବିଲ,୨୨।୬/ଏନ୍‌ଏନ୍‌ଏସ୍:** ଜେଏସଡବ୍ଲ୍ୟୁ ଷ୍ଟିଲ୍, ଓଡ଼ିଶା ଖଣି ବିଭାଗ ଏହାର ଖଣି ସ୍ଥାନଗୁଡ଼ିକରେ ଅନ୍ତର୍ଜାତୀୟ ଯୋଗ ଦିବସକୁ ଅତ୍ୟନ୍ତ ଉତ୍ସାହ ଏବଂ ସାମୂହିକ ଭାବନା ସହିତ ପାଳନ କରିଛି। ଉତ୍ସବରେ ପ୍ରଶିକ୍ଷିତ ପ୍ରଶିକ୍ଷକମାନଙ୍କ ନେତୃତ୍ୱରେ ମାର୍ଗଦର୍ଶିତ ଯୋଗ ପ୍ରଦର୍ଶନ କରାଯାଇଥିଲା। ଯୋଗ ଅଧିବେଶନଗୁଡ଼ିକ ନାରାୟଣପୋଷି ଖଣି, ନୁଗାଁଓ ଖଣି, ଗଣୁଆ ଖଣି, ଜେଏସଡବ୍ଲ୍ୟୁ କୋଇଡା କଲୋନୀ ଏବଂ ଜେଏସଡବ୍ଲ୍ୟୁ ବଡ଼ବିଲ ଆବାସିକ କମ୍ପ୍ଲେକ୍ସରେ ଆୟୋଜିତ ହୋଇଥିଲା। ପ୍ରତିଯୋଗୀମାନେ ସୁସ୍ଥ ଜୀବନଶୈଳୀକୁ ଉତ୍ସାହିତ କରିବା ପାଇଁ ଡିଜାଇନ୍ କରାଯାଇଥିବା ଆସନ, ପ୍ରାଣାୟାମ ଏବଂ ଧ୍ୟାନ କୌଶଳଗୁଡ଼ିକୁ ଅନ୍ତର୍ଭୁକ୍ତ କରି ପ୍ରମାଣିତ ପ୍ରଶିକ୍ଷକମାନଙ୍କ ନେତୃତ୍ୱରେ ମାର୍ଗଦର୍ଶିତ ଯୋଗ ଅଧିବେଶନରେ ସାମିଲ ହୋଇଥିଲେ।

ଏହି ଅବସରରେ ଓଡ଼ିଶା ଖଣି ବିଭାଗର ଜେଏସଡବ୍ଲ୍ୟୁ ଷ୍ଟିଲର ମାନବ ସମ୍ବଳ ମୁଖ୍ୟ ଚିତ୍ତରଞ୍ଜନ ବାହିନୀପତି ଗୁରୁତ୍ୱାରୋପ କରିଥିଲେ ଯେ ଯୋଗ କେବଳ ଏକ ଅଭ୍ୟାସ ନୁହେଁ ବରଂ ଜୀବନର ଏକ ଉପାୟ, ଯାହା ଶରୀର, ମନ ଏବଂ ଆତ୍ମା ମଧ୍ୟରେ ଏକତାକୁ ପ୍ରୋତ୍ସାହିତ କରେ। ତାଙ୍କର କଥା ଅଂଶଗ୍ରହଣକାରୀମାନଙ୍କ ସହିତ ପ୍ରତିଧ୍ୱନିତ ହୋଇଥିଲା, ସାମଗ୍ରିକ ସୁସ୍ଥତାକୁ ପ୍ରୋତ୍ସାହିତ କରିବାରେ ଯୋଗର କାଳଜୟୀ ପ୍ରାସଙ୍ଗିକତାକୁ ଦୃଢ଼ କରିଥିଲା। ଏହି କାର୍ଯ୍ୟକ୍ରମ ଜେଏସଡବ୍ଲ୍ୟୁ ଷ୍ଟିଲର କର୍ମଚାରୀ ସୁସ୍ଥତା ଏବଂ ସାମୁଦାୟିକ ନିୟୋଜିତତା ପ୍ରତି ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରିଥିଲା, ଯାହା ସମନ୍ୱୟ ଏବଂ ଶାନ୍ତି ପାଇଁ ଯୋଗର ବିଶ୍ୱ ଦୃଷ୍ଟିକୋଣ ସହିତ ସମନ୍ୱୟ ରଖିଥିଲା।

### ଓପିଟିସିଏଲ୍



**ଭୁବନେଶ୍ୱର,୨୨।୬/ଏନ୍‌ଏନ୍‌ଏସ୍:** ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିମିଟେଡ୍ (ଓପିଟିସିଏଲ୍) ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଭୋଇନଗରସ୍ଥିତ ପାୱାର କମ୍ୟୁନିଟି ସେଣ୍ଟର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓପିଟିସିଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାସ୍କର ଶର୍ମା, ଭା.ପ୍ର.ସେ ଯୋଗଦେଇ ଯୋଗାଭ୍ୟାସ କରିଥିଲେ। ଯୋଗ ତାଲିମଦାତା ଜିତେନ୍ଦ୍ର କୁମାର ଚମ୍ପତିଙ୍କ ତତ୍ତ୍ୱାବଧାନରେ ଏହି ଯୋଗ ଶିବିର ପରିଚାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଶ୍ରୀକାନ୍ତ ସାହୁ, ନିର୍ଦ୍ଦେଶକ (ଅର୍ଥ) ଏବଂ ଅନିତା ମହାପାତ୍ର, ମୁଖ୍ୟମହାପ୍ରବନ୍ଧକ (ମାନବ ସମ୍ବଳ) ଉପସ୍ଥିତ ରହିଥିଲେ। ଏହି ଅବସରରେ ସଂସ୍ଥାର ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ଯୋଗାଭ୍ୟାସ ଶିବିରରେ ସାମିଲ ହୋଇଥିଲେ। ଏହି ଅବସରରେ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଶର୍ମା କର୍ମଚାରୀମାନଙ୍କ ସୁସ୍ଥତା ପାଇଁ ପାୱାର କମ୍ୟୁନିଟି ସେଣ୍ଟରଠାରେ ଦୈନନ୍ଦିନ ଯୋଗାଭ୍ୟାସ ଜାରି ରଖିବା ପାଇଁ ଘୋଷଣା କରିଥିଲେ। ନିଜର ଦୈନନ୍ଦିନ କାର୍ଯ୍ୟଧାରାରେ ଯୋଗକୁ ସାମିଲ କରି ଶାରୀରିକ ଓ ମାନସିକ ସୁସ୍ଥତା ବଜାୟ ରଖିବା ପାଇଁ ଏହି ଅବସରରେ ଆହ୍ୱାନ ଦିଆଯାଇଥିଲା।

### ପୂର୍ବତଟ ରେଳପଥ



**ଭୁବନେଶ୍ୱର,୨୨।୬/ଏନ୍‌ଏନ୍‌ଏସ୍:** ପୂର୍ବତଟ ରେଳପଥ ପକ୍ଷରୁ ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥିତ ରେଳବାଇ ଇନଡୋର ଷ୍ଟାଡିୟମଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ପୂର୍ବତଟ ରେଳପଥର ମହାପ୍ରବନ୍ଧକଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଏବଂ ଏଥିରେ ବରିଷ୍ଠ ଅଧିକାରୀ, ରେଳ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟ ଅଂଶଗ୍ରହଣ କରିଥିଲେ।

ପୂର୍ବତଟ ରେଳପଥର ମହାପ୍ରବନ୍ଧକଙ୍କ ପ୍ରାରମ୍ଭିକ ଅଭିଭାଷଣ ସହିତ ଯୋଗ ଅଧିବେଶନ ଆରମ୍ଭ ହୋଇଥିଲା, ଯେଉଁଥିରେ ସେ ଶାରୀରିକ ସ୍ୱାସ୍ଥ୍ୟ, ମାନସିକ ସୁସ୍ଥତା ଏବଂ ଏକ ସନ୍ତୁଳିତ ଜୀବନଶୈଳୀ ବଜାୟ ରଖିବାରେ ଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ ମହାପ୍ରବନ୍ଧକ , ପ୍ରମୁଖ ବିଭାଗୀୟ ମୁଖ୍ୟ ଏବଂ ପୂର୍ବତଟ ରେଳପଥ ମୁଖ୍ୟାଳୟର ଅଧିକାରୀଙ୍କ ସମେତ ବରିଷ୍ଠ ଅଧିକାରୀମାନେ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ସହ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀମାନେ ଦୈନନ୍ଦିନ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ଯୋଗକୁ ଆପଣାଇବା ପାଇଁ ନିଜର ପ୍ରତିବଦ୍ଧତାକୁ ଦୋହରାଇ ଯୋଗ ପ୍ରୋଟୋକଲ୍ ସଙ୍କଳ୍ପ ମଧ୍ୟ ନେଇଥିଲେ। ପୂର୍ବତଟ ରେଳପଥ ନିଜର କର୍ମଚାରୀମାନଙ୍କ ମଧ୍ୟରେ ସୁସ୍ଥତା, ଫିଟନେସ୍ ଏବଂ ସଚେତନତାକୁ ପ୍ରୋତ୍ସାହିତ କରିବା ଜାରି ରଖିଛି, ଯାହା ଏକ ସୁସ୍ଥ, ସକାରାତ୍ମକ ଏବଂ ଉତ୍ପାଦନକ୍ଷମ କାର୍ଯ୍ୟ ସଂସ୍କୃତିକୁ ବୃଦ୍ଧି କରୁଛି।

### ସୋଆ




**ଭୁବନେଶ୍ୱର,୨୨।୬/ଏନ୍‌ଏନ୍‌ଏସ୍:** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ କଳିଙ୍ଗ ନଗର କ୍ୟାମ୍ପସ୍‌ରେ ନୂତନ ଷ୍ଟାଡିୟମରେ ରବିବାର ଦ୍ୱାଦଶ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। ଏହି ଅବସରରେ ବିଶିଷ୍ଟ ନ୍ୟୁରୋସର୍ଜନ ତଥା ସୋଆର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର (ସ୍ୱାସ୍ଥ୍ୟ ବିଜ୍ଞାନ) ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗ ଅଭ୍ୟାସ କିପରି ଶାରୀରିକ, ମାନସିକ, ସାମାଜିକ ଏବଂ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟକୁ ପରିବର୍ତ୍ତିତ କରିପାରିବ ସେ ବିଷୟରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସୋଆର ଇଣ୍ଟରନ୍ୟାସନାଲ ରିଲେସନ୍ସ ଆଣ୍ଡ ୟୁନିଭର୍ସିଟି ଆଉଟରିଚ ପ୍ରୋଗ୍ରାମର ନିର୍ଦ୍ଦେଶକ ପ୍ରଫେସର (ଡଃ) ନଚିକେତା ଶର୍ମା, ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଏବଂ ସୋଆ ଏନ.ଏସ.ଏସ. କାର୍ଯ୍ୟକ୍ରମ ସଂଯୋଜକ ଡଃ କମଳ ଲୋଚନ ମହାନ୍ତ ମଧ୍ୟ ଉପସ୍ଥିତ ଥିଲେ। ଯୋଗ ଶିକ୍ଷକ ଅଖିଳ ଚନ୍ଦ୍ର ରଣା ଅନ୍ୟ ଯୋଗ ପ୍ରଶିକ୍ଷକମାନଙ୍କ ସହାୟତାରେ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଯୋଗାସନ ଏବଂ ପ୍ରାଣାୟମ ଅଭ୍ୟାସ କରିବାରେ ସାହାଯ୍ୟ କରିଥିଲେ। ସ୍ୱାସ୍ଥ୍ୟ ଓ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମ ସୋଆର ଏନ.ଏସ.ଏସ. କାର୍ଯ୍ୟକ୍ରମ ଅଧିକାରୀ ଡଃ ସରୋଜ କୁମାର ମହାନ୍ତି, ଡଃ ନୀତିଶ କୁମାର ଜେନା, ଡଃ ମାନସ କୁମାର ପଟେଲ, ଡଃ ଭୀମସେନ ଭୋଳ, ଡଃ କନକଲତା ଓଝା, ପଦ୍ମଜା ପଟେଲ, ଏନ.ଏସ.ଏସ. ସ୍ୱେଚ୍ଛାସେବୀମାନଙ୍କ ଉପସ୍ଥିତିରେ ସଫଳତାର ସହିତ ସମାପ୍ତ ହୋଇଥିଲେ।

# ବିଶ୍ୱ ସଙ୍ଗୀତ ଓ ଯୋଗ ଦିବସ




**ଭୁବନେଶ୍ୱର,୨୨।୬/ଏନ୍‌ଏନ୍‌ଏସ୍:** ଧ୍ରୁପଦ ମ୍ୟୁଜିକ ଫାଉଣ୍ଡେସନ ପକ୍ଷରୁ ବିଶ୍ୱ ସଂଗୀତ ଓ ଯୋଗ ଦିବସ ଭୁବନେଶ୍ୱରର ଉତ୍କଳ ରଙ୍ଗମଞ୍ଚ ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଶ୍ୟାମାମଣି ପଟ୍ଟନାୟକ, ଡ଼ଃ ଧନଦାକାନ୍ତ ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ଖିରୋଦ ପଟ୍ଟନାୟକ ଯୋଗଦେଇଥିଲେ। ଏହି ଅବସରରେ ଧ୍ରୁବପଦ ମ୍ୟୁଜିକି ଅନୁଷ୍ଠାନର ଶିଷ୍ୟମାନଙ୍କ ଦ୍ୱାରା ବୃନ୍ଦଧ୍ରୁପଦ ଗାୟନ ପରିବେଷିତ ହୋଇଥିଲା। ଓଡ଼ିଶାର ଏକମାତ୍ର ଧ୍ରୁପଦ ଶିଳ୍ପୀ ମୁକୁନ୍ଦ ଦେବ ସାହୁଙ୍କ ଦ୍ୱାରା ପ୍ରସ୍ତୁତ "ଧ୍ରୁପଦ ନାଦ ବ୍ରହ୍ମ ଯୋଗ"ପରିବେଷିତ ହୋଇଥିଲା। 'ନାଦ ବ୍ରହ୍ମ'ଦର୍ଶନ ଉପରେ ଆଧାରିତ ଏହି ପ୍ରସ୍ତୁତିରେ ସେ ଦେବ ବାଣୀ ଧ୍ରୁପଦ ପରମ୍ପରାର ଆଧାତ୍ମିକ ଓ ସାଙ୍ଗୀତିକ ଦର୍ଶନକୁ ଉପସ୍ଥାପନା କରିଥିଲେ।

ଏହି ଅବସରରେ ପଣ୍ଡିତ ଅରୁଣ କଶଲକରଙ୍କୁ 'ଓଡ଼ିଶା ଧ୍ରୁବ ପଦ ରତ୍ନ ଜ୍ୟୋତି ସମ୍ମାନ'ରେ ସମ୍ମାନିତ କରାଯାଇଥିବାବେଳେ ଦେବ ବାଣୀଧୃପଦ ଆରାଧନା ସମ୍ମାନ ଅଭିନବ କୁମାର, ଚିନ୍ତନ ପ୍ରଜାପତି 'ଲିଟିଲ୍ ଧୃପଦ ସିଙ୍ଗର୍ ସମ୍ମାନ ଭାବ୍ୟା ଆରୋରାଙ୍କୁ ପ୍ରଦାନ କରାଯାଇଥିଲା। ଶେଷରେ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ବିଶିଷ୍ଟ ଗାୟକ ପଣ୍ଡିତ ଅରୁଣ କଶାକଲକର ପରିବେଷଣ କରି ଶ୍ରୋତାଙ୍କୁ ବିମୋହିତ କରିଥିଲେ। ପଣ୍ଡିତ ବିଶାଳ ମୋଘେ, ପଣ୍ଡିତ ଡ଼ ତାପସ ପାଲ, ବିଦ୍ୟାଧର ଶତପଥୀ, ମିଥୁନ ଚକ୍ରବର୍ତ୍ତୀ ଓ ପ୍ରବଳ ନାଥ ବାଦ୍ୟଯନ୍ତରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅଞ୍ଜୁ ତାପପଡିଆ, ଡ଼ ଶ୍ରେୟା ପାଢ଼ୀ। ଏହି ମହୋତ୍ସବ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ବିଭିନ୍ନ ସାଂସ୍କୃତିକ ଓ ବିଭିନ୍ନ କର୍ପୋରେଟ୍ ଅନୁଷ୍ଠାନର ସହଯୋଗରେ ଆୟୋଜିତ ହେଉଛି।

## ବିଏସ୍‌ସିଏଲ୍ ନୂଆ ସୌନ୍ଦର୍ଯ୍ୟକରଣ ଅଭିଯାନ

# ସବୁଜ ସଜ୍ଜାରେ ନୂଆ ରୂପ ପାଇବ ଜନପଥ

**ଭୁବନେଶ୍ୱର,୨୨।୬/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସସିଏଲ୍) ସହରର ଅନ୍ୟତମ ପ୍ରମୁଖ ଓ ବ୍ୟସ୍ତବହୁଳ ରାସ୍ତା ଜନପଥରେ ଏକ ବଡ଼ ସୌନ୍ଦର୍ଯ୍ୟକରଣ ଓ ସବୁଜ ସଜା ପ୍ରକଳ୍ପ ଆରମ୍ଭ କରିଛି। ଏହି ପ୍ରକଳ୍ପ ମାଧ୍ୟମରେ ଜନପଥକୁ ଏକ ସବୁଜ, ସୁନ୍ଦର ଓ ଆକର୍ଷଣୀୟ ସାର୍ବଜନୀନ ସ୍ଥାନରେ ପରିଣତ କରିବା ଲକ୍ଷ୍ୟ ରଖାଯାଇଛି। ପ୍ରକଳ୍ପ ଅଧୀନରେ ରାସ୍ତାର ସବୁଜ ସଜାର ସୌନ୍ଦର୍ଯ୍ୟ ବଢ଼ାଇବା ସହିତ ପରିବେଶର ଉନ୍ନତି ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛ ବୋଲି ବିଏସସିଏଲର ପରିଚାଳନା ନିର୍ଦ୍ଦେଶକ ଚଞ୍ଚଳ ରାଣା କହିଛନ୍ତି। ସେ କହିଛନ୍ତି, "ଏହି ପ୍ରକଳ୍ପ ସହରର ସବୁଜ ଆଚ୍ଛାଦନକୁ ଯଥେଷ୍ଟ ବୃଦ୍ଧି କରିବ। ତାପ ହ୍ରାସ କରିବାରେ ସାହାଯ୍ୟ କରିବା ସହିତ, ଗଛ ଏବଂ ଗଛଲତା ବାୟୁ ଗୁଣବତ୍ତା ଉନ୍ନତ କରିବ, ସହରାଞ୍ଚଳ ଜୈବ ବିବିଧତାକୁ ସମର୍ଥନ କରିବ ଏବଂ ଭୂମିରେ ବର୍ଷାଜଳକୁ ଭଲ ଭାବରେ ସଂରକ୍ଷଣ କରିବ। ଏହି ପ୍ରକଳ୍ପ ବାସିନ୍ଦା ଓ ପରିଦର୍ଶକଙ୍କ ପାଇଁ ଜନପଥକୁ ଏକ ଆଦର୍ଶ ସ୍ଥାନ କରିବ ବୋଲି ଆଶା କରାଯାଉଛି। ସହରର ସୌନ୍ଦର୍ଯ୍ୟ ବଢ଼ାଇବା ଏବଂ ନାଗରିକଙ୍କୁ ଏକ ସବୁଜ, ରଙ୍ଗୀନ ପରିବେଶ ପ୍ରଦାନ କରିବା ଲକ୍ଷ୍ୟରେ ବିଏସସିଏଲ ଏକ ପ୍ରମୁଖ ପ୍ରକଳ୍ପ ହାତକୁ ନେଇଛି। ଏହି ପ୍ରକଳ୍ପର ଏକ ପ୍ରମୁଖ ଆକର୍ଷଣ ହେବ ଟାବେବୁଆ ରୋଜିଆ ଗଛର ଧାଡ଼ି, ଯାହା ଏହାର ସୁନ୍ଦର ଗୋଲାପୀ ଫୁଲ ପାଇଁ ଜଣାଶୁଣା। ଏହି ଫୁଲ ଗଛଗୁଡ଼ିକ ମନୋରମ ମୌସୁମୀ ଦୃଶ୍ୟ ସୃଷ୍ଟି କରିବ ଏବଂ ଏକ ଲୋକପ୍ରିୟ ଆକର୍ଷଣ ପାଲଟିବ । ବିଏସସିଏଲ୍ ଅନୁସାରେ, ଏହି ଗଛ ରୋପଣ କେବଳ ସୌନ୍ଦର୍ଯ୍ୟ ବଢ଼ାଇବ ନାହିଁ, ବରଂ ସ୍ଥାନୀୟ ଲୋକଙ୍କ ପାଇଁ ଏକ ପ୍ରମୁଖ ଆକର୍ଷଣ କେନ୍ଦ୍ର ହୋଇ ଉଠିବ। ଲୋକମାନେ ଏଠାରେ ପରିବାର ସହିତ ବୁଲିବା, ଫଟୋ ଉଠାଇବା ଏବଂ ପ୍ରକୃତିର ମନୋରମ ଦୃଶ୍ୟ ଉପଭୋଗ କରିବା ପାଇଁ ଆସିବେ ବୋଲି ଆଶା ରଖାଯାଇଛି। ଏହା ସହରର ସବୁଜ ଆବରଣ ବଢ଼ାଇବା ସହିତ ପରିବେଶ ସନ୍ତୁଳନ ଏବଂ ଜଳବାୟୁ ପରିବର୍ତ୍ତନର ପ୍ରଭାବ କମ୍ କରିବାରେ ମଧ୍ୟ ସହାୟକ ହେବ। ରାଜଧାନୀର ଏହି ଜନପଥ ରାସ୍ତାକୁ ଆହୁରି ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ ଏକ ବଡ଼ ପ୍ରକଳ୍ପ ମଧ୍ୟ ଚାଲିଛି। ଏଥିରେ ଏକାମ୍ରକ୍ଷେତ୍ର, ମାଷ୍ଟର କ୍ୟାଣ୍ଟିନ୍ ଟ୍ରାଫିକ୍ ଅଞ୍ଚଳ , ରାଜମହଲ ଫ୍ଲାଏଓଭର ତଳ ଭାଗ, ଇଡ଼କୋ ଟାୱାର ଏବଂ ଓପିଟିସିଏଲ୍ ସମ୍ମୁଖ ଭାଗ ସମେତ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ୧୦ଟି ପ୍ଲାଜା ତିଆରି ହେବ। ଓଡ଼ିଶାର ସଂସ୍କୃତି ଓ ପରମ୍ପରା ଦ୍ୱାରା ଅନୁପ୍ରାଣିତ ହୋଇ ଏହି ସାର୍ବଜନୀନ ସ୍ଥାନଗୁଡ଼ିକ ନିର୍ମିତ ହେବ। ଏଥିରେ ପଥ ଉତ୍ସବ ଭଳି ସାମୂହିକ କାର୍ଯ୍ୟକଳାପ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ ସମାଜିକ ଅନୁଷ୍ଠାନ ଆୟୋଜନ କରାଯିବ। ଅଗଷ୍ଟ ମାସ ସୁଦ୍ଧା ସମସ୍ତ ସୌନ୍ଦର୍ଯ୍ୟକରଣ କାମ ସରିବା ନେଇ ଯୋଜନା ରହିଛି ।

# 'ମଇଳା ଚଦର'ର ସ୍ୱତନ୍ତ୍ର ସ୍କ୍ରିନିଂ, ସମ୍ବର୍ଦ୍ଧିତ ହେଲେ କଳାକାର



**ଭୁବନେଶ୍ୱର,୨୨।୬/ଏନ୍‌ଏନ୍‌ଏସ୍:** ଏକ ଆବେଗପୂର୍ଣ୍ଣ ମୁହୂର୍ତ୍ତରେ 'ନବ ଆର୍ଟ ହାଉସ୍' ପକ୍ଷରୁ ଓଡ଼ିଆ ସ୍ୱାଧୀନ ଚଳଚ୍ଚିତ୍ର 'ମଇଳା ଚଦର'ର ପ୍ରଥମ ସାଧାରଣ ପ୍ରଦର୍ଶନୀ (ସ୍କ୍ରିନିଂ) ଅନୁଷ୍ଠିତ ହୋଇଯାଇଛି। ଏହା ହେଉଛି ଦୁଇ ପିଢ଼ିର ଏକ ନିଚ୍ଛକ କାହାଣୀ, ଯାହାକୁ ମାଆ ସସ୍ମିତା ସାହୁ ରଚନା କରିଥିବା ବେଳେ ତାଙ୍କ ଝିଅ ତଥା ଯୁବ ନିର୍ଦ୍ଦେଶିକା ଅଭିପ୍ସା ସାହୁ ନିଜ ନିପୁଣ ଦୂରଦୃଷ୍ଟି ଦ୍ୱାରା ପରଦାରେ ଜୀବନ୍ତ କରିଛନ୍ତି। ଏହି ଚଳଚ୍ଚିତ୍ର ମାଧ୍ୟମରେ ଅନେକ ନୂତନ କଳାକାର ପ୍ରଥମ ଥର ପାଇଁ ପରଦାକୁ ଆସିଛନ୍ତି। ଏହି ସ୍ମରଣୀୟ ସନ୍ଧ୍ୟାରେ ସିନେମା, ସାହିତ୍ୟ, ସମାଜସେବା, ଶିକ୍ଷା ଓ କଳା କ୍ଷେତ୍ରର ଅନେକ ବିଶିଷ୍ଟ ବ୍ୟକ୍ତି ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଗୌରବାନ୍ୱିତ କରିଥିଲେ। ସେମାନଙ୍କ ମଧ୍ୟରେ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ପୂର୍ବତନ ଅଧିକାରୀ ତଥା ଅବସରପ୍ରାପ୍ତ ଓଡ଼ିଶା ଅର୍ଥ ସେବା ଅଧିକାରୀ ବୀରେନ୍ଦ୍ର ମୋହନ ବେବର୍ତ୍ତା ପଟ୍ଟନାୟକ, ଅବସରପ୍ରାପ୍ତ ଶିକ୍ଷାବିତ୍ ତଥା ବିଶିଷ୍ଟ ଓଡ଼ିଆ ଲେଖିକା ମମତା ବେବର୍ତ୍ତା ପଟ୍ଟନାୟକ, 'ରୂପାୟନ ଟ୍ରଷ୍ଟ'ର ପ୍ରତିଷ୍ଠାତା ତଥା ସମାଜସେବୀ ଡକ୍ଟର ଶ୍ରଦ୍ଧାଞ୍ଜଳି ରାୟ, ସୃଜନଶୀଳ ନିର୍ଦ୍ଦେଶକ, ଦୃଶ୍ୟ କଳାକାର ଓ ସାହିତ୍ୟିକ ସଞ୍ଜୟ ଭଟ୍ଟ, ସୁନାମଧନ୍ୟ ଚଳଚ୍ଚିତ୍ର ନିର୍ମାତା ଓ ଗାୟକ ଅଜୟ ମହାନ୍ତି ଏବଂ ଜଣାଶୁଣା ଟେଲିଭିଜନ ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରଦୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ।ଏହି ଅବସରରେ ଚଳଚ୍ଚିତ୍ରର ଏକମାତ୍ର ଗୀତର ସ୍ୱର ସଂଯୋଜନା କରି କାହାଣୀରେ ଆବେଗିକ ସ୍ପର୍ଶ ଦେଇଥିବା ବିଶିଷ୍ଟ ଓଡ଼ିଆ ସଙ୍ଗୀତ ନିର୍ଦ୍ଦେଶକ ଓମ୍ ପ୍ରକାଶ ମହାନ୍ତି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏଥିସହ ଫିଲ୍ମର ମୁଖ୍ୟ ଅଭିନେତ୍ରୀ ବିଜୟଲକ୍ଷ୍ମୀ ପ୍ରହରାଜ, ଜୟନ୍ତୀ ମହାରାଣାଙ୍କ ସମେତ ଅରବିନ୍ଦ ନାୟକ, କାଶୀନାଥ ସାହୁ ଏବଂ ଶିଶୁ କଳାକାର ସମ୍ପ୍ରଦା ରାଉତ ଓ ସାଇଲି ମହାନ୍ତିଙ୍କ ସମେତ ସମସ୍ତ କଳାକାରଙ୍କୁ ସମାରୋହରେ ଆନୁଷ୍ଠାନିକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରକାଶଥାଉ କି, 'ମଇଳା ଚଦର' ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବଗୁଡ଼ିକରେ ମଧ୍ୟ ବେଶ୍ ସଫଳତା ହାସଲ କରିସାରିଛି। ଚଳଚ୍ଚିତ୍ରଟି ସ୍ୱିଡିଶ୍ ଇଣ୍ଟରନ୍ୟାସନାଲ୍ ଫିଲ୍ମ ଫେଷ୍ଟିଭାଲ୍, ସିସିଲିର ମାଡୋନି ଫିଲ୍ମ ଫେଷ୍ଟିଭାଲ୍, ବର୍ଲିନ ଇଣ୍ଡି ଫିଲ୍ମ ଫେଷ୍ଟିଭାଲ୍, ଲଣ୍ଡନ ଇଣ୍ଟରନ୍ୟାସନାଲ୍ ଫିଲ୍ମମେକର ଫେଷ୍ଟିଭାଲ୍ ଏବଂ ପ୍ରତିଷ୍ଠିତ ଦାଦାସାହେବ ଫାଲ୍‌କେ ଫିଲ୍ମ ଫେଷ୍ଟିଭାଲ୍ ଭଳି ଅନ୍ତର୍ଜାତୀୟ ମଞ୍ଚରେ ପୁରସ୍କାର, ସମ୍ମାନ ଏବଂ ସରକାରୀ ମନୋନୟନ ଲାଭ କରି ଓଡ଼ିଶା ପାଇଁ ଗୌରବ ଆଣିଦେଇଛି।

# ସଂସ୍କୃତି ଭବନରେ ଶ୍ରୁତି ନାଟକ ଉତ୍ସବ



**ଭୁବନେଶ୍ୱର,୨୨।୬/ଏନ୍‌ଏନ୍‌ଏସ୍:** ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଂଘର ମିଳିତ ସହଯୋଗରେ ନାଟ୍ୟକାର ଡକ୍ଟର ବିଜୟ ମିଶ୍ରଙ୍କ ରଚିତ ନାଟକକୁ ନେଇ ଏକ ଶ୍ରୁତି ନାଟକ ଉତ୍ସବ ରବିବାର ସଂସ୍କୃତି ଭବନ ପ୍ରେକ୍ଷାଳୟ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡକ୍ଟର ଚନ୍ଦ୍ର ଶେଖର ହୋତାଙ୍କ ଆବାହକତ୍ୱରେ ତଥା ଓଡ଼ିଶା ନାଟ୍ୟ ସଂଘର ସଭାପତି ମିହିର କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବ ପ୍ରସାଦ ଦାଶ, ସ୍ୱତନ୍ତ୍ର ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ତରୁଣକାନ୍ତି ରାଉତ ଏବଂ ଡକ୍ଟର ବିଜୟ ଚୌଧୁରୀ ପ୍ରମୁଖ ଯୋଗ ଦେଇଥିଲେ। ସଭାକାର୍ଯ୍ୟ ପରିଚାଳନା କରିଥିଲେ ନାଟ୍ୟ ସଂଘର ସାଧାରଣ ସମ୍ପାଦକ ସୁଧାଂଶୁ ମୋହନ ଦ୍ୱିବେଦୀ। ଏହି ଉତ୍ସବରେ ବିଜୟ ମିଶ୍ରଙ୍କ ରଚିତ ୪ଟି ନାଟକ ଓଡ଼ିଶା ନାଟ୍ୟ ସଂଘର ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣ ଚାରିଟି ମଣ୍ଡଳ ଯଥା ପୂର୍ବାଞ୍ଚଳ ଜୋନରୁ କାନମାସ୍ , ପାରାଦୀପ ଦ୍ୱାରା ଶ୍ରୀମନ୍ ନାରାୟଣ ମିଶ୍ରଙ୍କ ନିର୍ଦ୍ଦେଶିତ ନାଟକ 'ତା ରି ଲାଗି' ପଶ୍ଚିମାଞ୍ଚଳ ଜୋନରୁ ସ୍ୱର, ସମ୍ବଲପୁର ଦ୍ୱାରା ମାନସ ରଞ୍ଜନ ମିଶ୍ରଙ୍କ ନିର୍ଦ୍ଦେଶିତ ନାଟକ 'ଏକଦା ଲାବଣ୍ୟ' ଉତ୍ତରାଞ୍ଚଳ ଜୋନରୁ 'ଶୋଭା ଓ କଳାକାର, ବାଲେଶ୍ୱର ଦ୍ୱାରା 'ଲାଷ୍ଟ ଟ୍ରେନ' ଏବଂ ଦକ୍ଷିଣାଞ୍ଚଳ ଜୋନରୁ 'ଦମୟନ୍ତୀ କଳା ପରିଷଦ' କୋଟପାଡ, କୋରାପୁଟ ଦ୍ୱାରା ପ୍ରସ୍ତୁତ ପ୍ରକାଶ ମହାନ୍ତିଙ୍କ ନିର୍ଦ୍ଦେଶିତ ନାଟକ 'ଯନ୍ତ୍ରା' ପରିବେଶିତ ହୋଇଥିଲା। ଏହି ଅବସରରେ ନାଟ୍ୟକାର ବିଜୟ ମିଶ୍ରଙ୍କ ସୁପୁତ୍ର ଅରିନ୍ଦମ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନାଟ୍ୟ ସଂଘର କୋଷାଧ୍ୟକ୍ଷ ଅବିନାଶ ଦଣ୍ଡପାଟ ଧନ୍ୟବାଦ ଦେଇଥିଲେ।

## ଆଜିର ଇତିହାସ

- ୧୮୧୦-ବମ୍ବେର ଡଙ୍କନ୍ ଡକ୍‌ର ନିର୍ମାଣ ପୂରା ହୋଇଥିଲା।
- ୧୯୩୦-ସାଇମନ୍ ଆୟୋଗ ଏକ ସଂଘୀୟ ଭାରତ ଓ ବର୍ମା ପୃଥକ୍ ହେବା ପାଇଁ ସୁପାରିସ୍ କରିଥିଲେ।
- ୧୯୮୫-ଏୟାର୍ ଇଣ୍ଡିଆର ଏକ ଯାତ୍ରୀ ବିମାନ ଆୟର୍ଲ୍ୟାଣ୍ଡ ଠାରେ ଦୁର୍ଘଟଣାଗ୍ରସ୍ତ ହୋଇ ୩୨୯ ଜଣ ଯାତ୍ରୀ ମୃତ୍ୟୁବରଣ କରିଥିଲେ।
- ୨୦୦୮- ପ୍ରସିଦ୍ଧ ବଙ୍ଗାଳୀ ଅଭିନେତା ସୌମିତ୍ର ଚାଟାର୍ଜୀଙ୍କୁ ଦାଦା ସାହେବ ଫାଲ୍‌କେ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।
- ୨୦୧୪-ଗୁଜରାଟର ରାନୀ କି ଭାଭ୍ ଓ ହିମାଚଳର ଗ୍ରେଟ୍ ହିମାଲୟନ୍ ନ୍ୟାସନାଲ୍ ପାର୍କକୁ ବିଶ୍ୱ ଐତିହ୍ୟ ସ୍ଥଳର ସୂଚୀରେ ସାମିଲ କରାଯାଇଥିଲା।

## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** - ପୁରୁଣା କରଜରୁ ମୁକ୍ତ ହେବେ। ଶୁଭ ଗ୍ରହ ପାଇଁ କିଛି ନୂଆ ଗ୍ରାହକ ଯୋଡ଼ି ହେବେ। ମାନ-ସମ୍ମାନ ବୃଦ୍ଧି ହେବ। କାର୍ଯ୍ୟସ୍ଥଳରେ ମନ ଲାଗିବ। ଚାକିରି କରୁଥିବା ଲୋକମାନେ ସମାଜରେ ସମ୍ମାନିତ ହେବେ।

**ବୃଷ** - ସନ୍ତାନ ସୁଖ କିମ୍ବା ତା' ସହିତ ଜଡ଼ିତ କିଛି ଖୁସି ଖବର ପାଇବେ। ବ୍ୟବସାୟିକ ମାମଲାରୁ ମୁକ୍ତ ହେବେ। ଅନାବଶ୍ୟକ ଖର୍ଚ୍ଚ ବୃଦ୍ଧି ହେବ। ଆର୍ଥିକ ସ୍ଥିତି ମଜଭୁତ ହେବ। ପ୍ରମୋଶନର ଦ୍ୱାର ଖୋଲିପାରେ।

**ମିଥୁନ** - ପୁରୁଣା ପାରିବାରିକ ସମସ୍ୟା ଦେଖା ଦେଇପାରେ। ମନ ବିଚଳିତ ରହିବ। ବଡ଼ ବ୍ୟାପାରୀମାନେ ମାନ୍ଦାବସ୍ଥାର ସମ୍ମୁଖୀନ ହୋଇପାରନ୍ତି। କୌଣସି ବଡ଼ କର୍ପୋରେଟ୍ ସମସ୍ୟା ଦେଖାଦେଇପାରେ।

**କର୍କଟ** - ନିର୍ଣ୍ଣୟ ନେବାରେ ସାହସୀ ହେବେ। ପୂର୍ଣ୍ଣ ସହଯୋଗ ପାଇବେ। ବିତ୍ତୀୟ ସାହାଯ୍ୟ ପାଇଁ ଆଗକୁ ବଢ଼ିବେ। ଆର୍ଥିକ ସ୍ତରରେ ସକ୍ଷମ ଓ ମଜଭୁତ ରହିବେ। ଧାର୍ମିକ କାର୍ଯ୍ୟ ସହିତ ଜଡ଼ିତ ହୋଇପାରନ୍ତି।

**ସିଂହ** - ନିବେଶ ମାମଲାରେ ବଡ଼ ଆର୍ଥିକ ଲାଭ ପାଇବେ। ନୂଆ ଅବସରର ସଦୁପଯୋଗ କରିବେ। ବ୍ୟବସାୟୀଙ୍କ ଦୈନିକ ଆୟ ବୃଦ୍ଧି ହେବ। ବଡ଼ ଜବ୍ ଅଫର୍ ମିଳିପାରେ। କାର୍ଯ୍ୟକୁଶଳତା ଭବିଷ୍ୟତର ଦ୍ୱାର ଖୋଲିବ।

**କନ୍ୟା** - ମନ ପ୍ରଫୁଲ୍ଲିତ, ସକାରାତ୍ମକ ରହିବ। ବମ୍ପର ଲାଭ ହାତରେ ଲାଗିପାରେ। କିଛି ପୁରୁଣା ନେଣଦେଣ ହୋଇପାରେ। ଅଧିକ ସର୍ଟ-ଟର୍ମ ଲାଭର ଲୋଭ ମନକୁ ଆସିପାରେ। ବ୍ୟକ୍ତିଗତ ଭ୍ରମଣ ଯୋଗ ରହିଛି।

**ତୁଳା** - ନକାରାତ୍ମକ ସ୍ଥିତି ରହିବ। କ୍ୟାରିୟର୍‌କୁ ନେଇ ସତର୍କ ରହିବେ। ଅଫିସ୍‌ରେ ବିବାଦର କାରଣ ହୋଇପାରନ୍ତି। ବ୍ୟାପାରୀଙ୍କ ପାଇଁ ଦିନଟି ସାମାନ୍ୟ। ଡାଟା ଲିକ୍ ହେବାର ଆଶଙ୍କା ରହିଛି।

**ବିଛା** - କୌଣସି ବୟସ୍କଙ୍କ ଠାରୁ ଖୁସି ଖବର ମିଳିପାରେ। ଅପ୍ରତ୍ୟାଶିତ ସହଯୋଗ ପାଇପାରନ୍ତି। ବଜାରରେ ବ୍ୟବସାୟିକ ସମ୍ପର୍କ ମଜଭୁତ ହେବ। ଭାରୀ ଆର୍ଥିକ ଲାଭ ହେବ। ଦିନଟି ସର୍ବୋତ୍ତମ ଅଟେ।

**ଧନୁ** - ଜବ୍‌ରେ ବଡ଼ ଓ ସକାରାତ୍ମକ ପରିବର୍ତ୍ତନ ଆସିପାରେ। ପଦ ବୃଦ୍ଧିର ସମ୍ଭାବନା ରହିଛି। ଘରୋଇ କଥାଗୁଡ଼ିକ ଉପରେ କମ୍ ଧ୍ୟାନ ଦେଇପାରନ୍ତି। କୌଣସି ବଡ଼ ଧାର୍ମିକ ବା ଆଧ୍ୟାତ୍ମିକ ଯାତ୍ରାରେ ଯାଇପାରନ୍ତି।

**ମକର** - ଶୁଭ ଓ ମାଙ୍ଗଳିକ କାର୍ଯ୍ୟରେ ସଫଳତା ମିଳିପାରେ। ପୁରୁଣା ସମସ୍ୟା ଦୂର ହେବ। ଡିଜିଟାଲ୍ ପ୍ରଚାର-ପ୍ରସାର କରିଲେ ବମ୍ପର ଲାଭ ପାଇବେ। ଆୟ ଓ ବ୍ୟୟ ସମାନ ଭାବରେ ରହିବ। କାମ ଓ ବ୍ୟସ୍ତତା ମଧ୍ୟରେ ରହିବେ।

**କୁମ୍ଭ** - ବିତ୍ତୀୟ ମାମଲାରେ ଅଚାନକ ନୂଆ ସମସ୍ୟା ଆସିବ। ମାନସିକ ଚିନ୍ତା ବୃଦ୍ଧି ହେବ। ପାର୍ଟି ଅର୍ଗାନାଇଜରଙ୍କୁ ନୂଆ ଅର୍ଡର ମିଳିପାରେ। କିଛି ନକାରାତ୍ମକ ଲୋକଙ୍କ ସହିତ ସାକ୍ଷାତ ହେବାର ସମ୍ଭାବନା ରହିଛି।

**ମୀନ** - ନୂଆ ଉତ୍ପାଦରେ ବମ୍ପର ଲାଭ ଉଠେଇବେ। କ୍ୟାରିୟରରେ ସ୍ଥାୟିତ୍ୱ ଆସିବ। ଧନ ସମ୍ବନ୍ଧୀୟ ଶୁଭ ସମାଚାର ପାଇବେ। ଅଫିସିଆଲ୍ ଟ୍ରାଭେଲ୍ ଖୁସି ଖବର ଦେବ। ପୁରୁଣା କଥାକୁ ରିପିଟ୍ ନକଲେ ଭଲ।



**ନିୟତଂ ସଙ୍ଗରହିତମରାଗଦ୍ୱେଷତଃ କୃତମ୍।
ଅଫଳପ୍ରେପ୍ସୁନା କର୍ମ ଯତ୍ତତ୍‌ସାତ୍ତ୍ୱିକମୁଚ୍ୟତେ। (୧୮/୨୩)**

ଫଳକାମନାଶୂନ୍ୟ ବ୍ୟକ୍ତି ଅନୁରାଗ ଓ ଦ୍ୱେଷବର୍ଜିତ ହୋଇ କର୍ତ୍ତବ୍ୟ ଦୃଷ୍ଟିରେ ତାକୁ ଦିଆଯାଇଥିବା କର୍ମ ସମ୍ପାଦନ କଲେ, ସେହି କର୍ମକୁ ସାତ୍ତ୍ୱିକ କର୍ମ କୁହାଯାଏ। ଏହି ସାତ୍ତ୍ୱିକ କର୍ମ ହିଁ ନିଷ୍କାମ କର୍ମ।

ଶ୍ରୀ ରାମକୃଷ୍ଣ କହନ୍ତି - ସାତ୍ତ୍ୱିକ ମଣିଷ ନିଜର ଆଧ୍ୟାତ୍ମିକ ସାଧନା ବିଷୟରେ କାହାକୁ କହେ ନାହିଁ। ସେ ତା'ର ପବିତ୍ର କର୍ମ ଲୋକ ଆଢୁଆଳରେ ଯଥା ସମ୍ଭବ କରିବାକୁ ଚେଷ୍ଟା କରେ। ରାତି ଅଧରେ ଯେତେବେଳେ ପ୍ରାୟ ଲୋକ ଶୋଇଥାନ୍ତି ସେତେବେଳେ ସେ ନିଦ୍ରାରୁ ଉଠି ଚୁପ୍‌ଚାପ ମଶାରି ଭିତରେ ବସି ଧ୍ୟାନ କରେ।

# ମୟୂର ଏକ ସୁନ୍ଦର ପକ୍ଷୀ



ନ୍ୟୁଟ୍ରିସନର ମାତ୍ରା। ଏକ ଛୋଟ ସାପକୁ ଖାଇଲେ ମୟୂର ଦୁଇ ଦିନ ପର୍ଯ୍ୟନ୍ତ ଆରାମରେ ରହିପାରେ। ବିଶେଷଜ୍ଞମାନଙ୍କ ଅନୁସାରେ ମୟୂର ଏକ ସୁନ୍ଦର ପକ୍ଷୀ ଯାହାକୁ ପ୍ରତି ଲୋକ ପସନ୍ଦ କରନ୍ତି। ମୟୂର ସର୍ବାହାରୀ। ଛୋଟ ସାପମାନଙ୍କୁ ଅଧିକ ଖାଇବାକୁ ପସନ୍ଦ କରିବାର କାରଣ ଏମାନଙ୍କ ଭିତରେ ବିଷ କମ୍ ଥାଏ। ବଡ଼ ଓ ବିଷାକ୍ତ ସାପମାନଙ୍କୁ ମୟୂର ଖାଇବାକୁ ପସନ୍ଦ କରେ ନାହିଁ। ସାପ ଛୁଆମାନଙ୍କୁ ମୟୂର ସହଜରେ ଦେଖିପାରୁଥିବାରୁ ସେମାନଙ୍କ ଉପରେ ସିଧା ଆକ୍ରମଣ କରିଦିଏ। ଏହା ବ୍ୟତୀତ ମୟୂର ସବୁ ସମୟରେ ସତର୍କ ରହେ। ଏମାନଙ୍କର ଦୃଷ୍ଟି ଓ ଶୁଣିବାର କ୍ଷମତା ବହୁତ ଦ୍ରୁତତର ହୋଇଥିବାରୁ ବିପଦକୁ ସହଜରେ ଏମାନେ ଜାଣିପାରନ୍ତି। ଜଙ୍ଗଲୀ ପଶୁମାନଙ୍କ ଆକ୍ରମଣରୁ ନିଜକୁ ରକ୍ଷା କରିବା ପାଇଁ ଏମାନେ ରାତିରେ ଗଛ ଉପରେ ଶୁଅନ୍ତି।

ବର୍ଷାଋତୁରେ ମୟୂର ରଙ୍ଗବେରଙ୍ଗ ଓ ଆକର୍ଷଣୀୟ ପଙ୍ଖ ସହିତ ନାଚିବାର ଦେଖିବାକୁ ମିଳେ। ଏହା ବ୍ୟତୀତ ଜଙ୍ଗଲ ଓ ପାହାଡ଼ିଆ ସ୍ଥାନରେ ଥିବା ଖେତ ଓ ନଦୀ କୂଳ, ପୋଖରୀଗୁଡ଼ିକର ଆଖପାଖରେ ମଧ୍ୟ ମୟୂରମାନଙ୍କୁ ଦେଖିବାକୁ ମିଳେ। ପ୍ରଜନନ ସମୟ ହେଲେ ନର ମୟୂର ଆକର୍ଷିତ କରିବା ପାଇଁ ନୃତ୍ୟ କରେ। କେବଳ ଏତିକି ନୁହେଁ, ପ୍ରତିବର୍ଷ ଏମାନଙ୍କର ପୁରୁଣା ପଙ୍ଖ ଝଡ଼ିଯାଏ ଓ ନୂଆ ପଙ୍ଖ ବାହାରିଥାଏ। ଖେତର ଆଖପାଖରେ ଦେଖିବାକୁ ମିଳୁଥିବା ମୟୂର, କୃଷକମାନଙ୍କର ମିତ୍ର ଭାବରେ କାମ କରନ୍ତି। କାରଣ ଖେତରେ ଥିବା ହାନିକାରକ କୀଟ ପତଙ୍ଗଙ୍କୁ ମୟୂରମାନେ ଖାଇ ସଫା କରିଦିଅନ୍ତି। ଏହି କୀଟପତଙ୍ଗ ଆଦିକୁ ଖାଇବାକୁ ପସନ୍ଦ କରୁଥିଲେ ମଧ୍ୟ ସାପକୁ ମୟୂର ଖାଇବାକୁ ପସନ୍ଦ କରେ। ସାପମାନଙ୍କ ମଧ୍ୟରେ ଭରପୂର ମାତ୍ରାରେ ଥାଏ ପ୍ରୋଟିନ୍ ଓ ଅନ୍ୟ

# ରାଘବଙ୍କ ଭୟଙ୍କର ଲୁକ୍

ଏକ ସମୟ ଥିଲା ଯେତେବେଳେ ରାଘବ ଜୁୟାଲ୍ ନିଜର ଅନୋଖା ଡ୍ୟାନ୍ସ ଷ୍ଟାଇଲ୍ ଓ ମଜାଦାର ଅନ୍ଦାଜ ପାଇଁ ଜଣାଶୁଣା ଥିଲେ। କିନ୍ତୁ ବଡ଼ ପରଦାରେ ରାଘବ ପୂରା ଅଲଗା ଅନ୍ଦାଜରେ ନଜର ଆସୁଛନ୍ତି। ନିକଟରେ ସେ ନିଜକୁ ପ୍ରମାଣିତ କରିଛନ୍ତି ଯେ ସେ କେବଳ ଜଣେ ଅଭିଜ୍ଞ ଡ୍ୟାନ୍ସର ନୁହନ୍ତି ସେ ଜଣେ ଦମ୍‌ଦାର ଅଭିନେତା ମଧ୍ୟ। ଏବେ ସୋସିଆଲ୍ ମିଡିଆ ଜରିଆରେ ତାଙ୍କର ନୂଆ ଲୁକ୍ ସାମ୍ନାକୁ ଆସିଛି ଯାହାକୁ ଦେଖିବା ପରେ ଦର୍ଶକ ମହଲରେ ହଇଚଇ ସୃଷ୍ଟି ହୋଇଛି। ଫିଲ୍ମରେ ରାଘବ ବିକ୍ରମ ମଲିକ ନାମରେ ଏକ ବିପଦଜନକ ଓ ଭୟଙ୍କର ଚରିତ୍ରରେ ନଜର ଆସିବେ। ରାଘବଙ୍କ ଏହି ଅବତାର ଦେଖିବା ପରେ ଉତ୍ସାହ ଦୁଇ ଗୁଣ ବୃଦ୍ଧି ପାଇଛି। ଦକ୍ଷିଣ ଭାରତୀୟ ଷ୍ଟାର ନାନୀଙ୍କ ଏହି ବହୁପ୍ରତୀକ୍ଷିତ ଫିଲ୍ମଟିରେ ରାଘବଙ୍କ ଚରିତ୍ରର ଆଧିକାରିକ ଘୋଷଣା କରାଯାଇଛି। ତାଙ୍କ ଚରିତ୍ରଟି କାହାଣୀର ସବୁଠାରୁ ମୁଖ୍ୟ ଓ ଶକ୍ତିଶାଳୀ ଚରିତ୍ରଗୁଡ଼ିକ ମଧ୍ୟରୁ ଅନ୍ୟତମ। ନିର୍ମାତାମାନେ ଏକ ଭିଡିଓ ସେୟାର୍ କରି ଲେଖିଛନ୍ତି- 'ଦୀର୍ଘ ଦିନର ଅପେକ୍ଷା ପରେ ପେଶ୍ ହେଉଛନ୍ତି ବିକ୍ରମ ମଲିକ।' ତେବେ ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ଶ୍ରୀକାନ୍ତ ଓଡେଲା। ଏବେ ରାଘବ ଜୁୟାଲଙ୍କ ଏଣ୍ଟ୍ରି ଦର୍ଶକମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରେଇ ଦେଇଛି। ରାଘବଙ୍କ ଏହି ପରିବର୍ତ୍ତନକୁ ଦେଖିବା ପରେ ଦର୍ଶକମାନେ ଖୁବ୍ ପ୍ରଶଂସା କରିଛନ୍ତି। ଫିଲ୍ମର କଥା କହିଲେ 'ଦ ପାରାଡାଇଜ୍' ଆଠଟି ଭାଷାରେ ରିଲିଜ ହେବ। ଫିଲ୍ମ 'କିଲ୍'ରେ ନକାରାତ୍ମକ ଭୂମିକା ଦ୍ୱାରା ଦର୍ଶକମାନଙ୍କୁ ପ୍ରଭାବିତ କରିବା ପରେ ଏବେ ରାଘବ ପୁଣି ଥରେ ବିପଦଜନକ ଚରିତ୍ରରେ ଦର୍ଶକମାନଙ୍କୁ ବାନ୍ଧି ରଖିବାରେ ସଫଳ ହେବେ। ଫିଲ୍ମରେ ନାନୀ ମୁଖ୍ୟ ଭୂମିକାରେ ନଜର ଆସିବେ। ଏକ ସଂଘର୍ଷଶୀଳ ସମୁଦାୟର ଅଧିକାରକୁ ନେଇ ହୋଇଥିବା ଲଢ଼େଇର କାହାଣୀ ଫିଲ୍ମରେ ଦେଖିବାକୁ ପାଇବେ।



# ରାଜଯୋଗ ମେଡିଟେସନ୍

**ପ୍ରତି ଆତ୍ମା ମୂଳ ରୂପରେ ଶାନ୍ତ ସ୍ୱରୂପ ଓ ଦିବ୍ୟ ଅଟେ।**

**ଲୋକମାନଙ୍କର ଗୁଣ, ସ୍ୱଭାବ ଓ ଅଭ୍ୟାସରେ ଯେଉଁ ପାର୍ଥକ୍ୟ ଥାଏ ତାହା ସେମାନଙ୍କର ସଂସ୍କାରଗୁଡ଼ିକ କାରଣରୁ ହୋଇଥାଏ।**

**ଯୋଗର ଅର୍ଥ ସମ୍ବନ୍ଧ-** ଏହା ଏପରି ସମ୍ବନ୍ଧ ଯାହା ଆତ୍ମା ଓ ପରମାତ୍ମା ମଧ୍ୟରେ ମଧୁର ସମ୍ବନ୍ଧ ଆଣିଥାଏ, ଆମକୁ ଭିତରୁ ଶାନ୍ତି, ଶକ୍ତି ଓ ସ୍ଥିରତାର ଅନୁଭବ ଦେଇଥାଏ। କିନ୍ତୁ ରାଜଯୋଗ ମେଡିଟେସନ୍ ଆମକୁ ଯୋଗର ଏହି ଗଭୀର ଅନୁଭବ ସହିତ ଯୋଡ଼ିଥାଏ। ଏହା ଆମକୁ ଜାଗୃତି ଦେଇଥାଏ ଯେ ମୁଁ ଶରୀର ନୁହେଁ, ଏକ ଶାନ୍ତ ସ୍ୱରୂପ ଆତ୍ମା। ଯେତେବେଳେ ଆତ୍ମା ପରମ ଶାନ୍ତି ଓ ଶକ୍ତିର ସୋର୍ସ ପରମାତ୍ମା ସହିତ ପ୍ରେମପୂର୍ବକ ସମ୍ବନ୍ଧ ଯୋଡ଼େ ମନରେ ଶାନ୍ତି, ଭାବନାରେ ସନ୍ତୁଳନ ଓ ଜୀବନରେ ସ୍ୱଷ୍ଟତା ଆସେ। ମେଡିଟେସନ୍ ବା ଧ୍ୟାନ କରିବାର କୌଣସି ସଠିକ୍ ସମୟ ନଥାଏ। ଏହା ସମ୍ପୂର୍ଣ୍ଣ ଭାବରେ ବ୍ୟକ୍ତିର ଆଭ୍ୟନ୍ତରୀଣ ପ୍ରସ୍ତୁତି, ବୁଝାମଣା ଓ ସଚେତନତା ଉପରେ ନିର୍ଭର କରେ।



**ମନୁଷ୍ୟ ମୂଳ ରୂପରେ ଏକ ଆତ୍ମା ଅଟେ-** ଅମର ଚେତନାର ଏପରି ଏକ ବିନ୍ଦୁ ଯିଏ ଅବିନାଶୀ ଓ ଯାହାଙ୍କର ଅସଲ ସ୍ୱଭାବ ଶାନ୍ତି, ପ୍ରେମ ଓ ଆନନ୍ଦରେ ଭରପୂର ଥାଏ। ଆତ୍ମା ଏହି ଭୌତିକ ଶରୀର ଠାରୁ ଅଲଗା ଓ ଏହାର ନିଜର ବିଶେଷତା ଓ ଶକ୍ତି ଥାଏ। ମେଡିଟେସନ୍ ଓ ଯୋଗ ନିଜ ଆତ୍ମାକୁ ଏହାର ବାସ୍ତବିକ ଗୁଣ ଓ ପରମାତ୍ମାଙ୍କ ସହିତ ପୁଣି ଥରେ ଯୋଡ଼ିବାର ଏକ ମାଧ୍ୟମ।

**କିପରି ଆରମ୍ଭ କରିବେ-** ପିଲାମାନଙ୍କୁ ଛୋଟ ବେଳରୁ ଧ୍ୟାନ ଓ ଆଧ୍ୟାତ୍ମିକତା କଥା ବିଷୟରେ ଶିଖାଯାଏ। ଏହା ପଛରେ ଏହି ବିଶ୍ୱାସ ରହିଛି ଯେ ପିଲାମାନେ ସ୍ୱଭାବରେ ସମ୍ପୂର୍ଣ୍ଣ ଭାବରେ ପରିଷ୍କାର ହୃଦୟର ହୋଇଥାନ୍ତି ବା ସେମାନଙ୍କ ଭିତରେ ଖରାପ ସଂସ୍କାର କମ୍ ଥାଏ। ତେଣୁ ପିଲାମାନେ ଆଧ୍ୟାତ୍ମିକ କଥାଗୁଡ଼ିକୁ ଖୁବ୍ ଶୀଘ୍ର ବୁଝିଯାଆନ୍ତି। ତାଙ୍କ ମନ ଶାନ୍ତି ଓ ନିରବତାକୁ ଅନୁଭବ କରିବା ପାଇଁ ଖୋଲା ରହିଥାଏ।

# ଖେଳର ମହାକୁମ୍ଭ: ଅଲିମ୍ପିକ



ଖେଳର ମହାକୁମ୍ଭ-ଅଲିମ୍ପିକ ଗେମ୍ସ। ପ୍ରତି ଚାରି ବର୍ଷରେ ଥରେ ଆୟୋଜନ କରାଯାଉଥିବା ଦୁନିଆର ସବୁଠାରୁ ଏହି ବଡ଼ ଖେଳ ପ୍ରତିଯୋଗିତାରେ ୨୦୦ରୁ ଅଧିକ ଦେଶର ଆଥ୍‌ଲେଟ୍‌ମାନେ ଭାଗ ନିଅନ୍ତି। ଖେଳ, ସ୍ୱାସ୍ଥ୍ୟ ଓ ଏକଜୁଟତାକୁ ସେଲିବ୍ରେଟ୍ କରିବା ପାଇଁ ପ୍ରତ୍ୟେକ ବର୍ଷ ଆଜିର ଦିନରେ ବିଶ୍ୱ ସ୍ତରରେ ପାଳନ କରାଯାଏ ଅଲିମ୍ପିକ ଦିବସ। ପୂରା ଦୁନିଆର ଯୁବ ଓ ବୟସ୍କମାନେ ଖେଳକୁଦର ଏହି ଗତିବିଧିଗୁଡ଼ିକୁ ସେଲିବ୍ରେଟ୍ କରିଥାନ୍ତି। ୧୯୪୮ ମସିହାରେ ପ୍ରଥମ ଥର ପାଇଁ ଏହି ଦିବସକୁ ପାଳନ କରାଯାଇଥିଲା।

ପ୍ରତି ଚାରି ବର୍ଷରେ ଥରେ ଦୁନିଆର ବଡ଼ ଅନ୍ତଃରାଷ୍ଟ୍ରୀୟ ବହୁ-ଖେଳ ଅଲିମ୍ପିକର ଆୟୋଜନ କରାଯାଏ। ବିଶ୍ୱର ବିଭିନ୍ନ ଦେଶରୁ ହଜାର ହଜାର ଆଥ୍‌ଲେଟିକ୍ ବିଭିନ୍ନ ଖେଳ ପାଇଁ ଏଥିରେ ଭାଗ ନିଅନ୍ତି। ଖ୍ରୀ.ପୂ ଅଷ୍ଟମ ଶତାବ୍ଦୀରୁ ଅଲିମ୍ପିଆରେ ଆୟୋଜିତ ହେଉଥିବା ଗ୍ରୀକ୍‌ର ପ୍ରାଚୀନ ଅଲିମ୍ପିକ୍ ଖେଳ ଦ୍ୱାରା ପ୍ରେରିତ ହୋଇ ଆଧୁନିକ ଅଲିମ୍ପିକ ଖେଳର ଆରମ୍ଭ ହୋଇଥିଲା। ଚତୁର୍ଥ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରଥମ ଆଧୁନିକ ଗ୍ରୀଷ୍ମକାଳୀନ ଅଲିମ୍ପିକ ଖେଳ ୧୮୯୬ରେ ଏଥେନ୍ସ, ଗ୍ରୀସ୍‌ରେ ଆୟୋଜିତ ହେଉଥିଲା। ଏହାର ସ୍ଥାପନା ପରଠାରୁ ଅନ୍ତଃରାଷ୍ଟ୍ରୀୟ ଅଲିମ୍ପିକ ଦିବସର ଦର୍ଶକଙ୍କ ସଂଖ୍ୟା ବୃଦ୍ଧି ହେବା ସହିତ ସ୍ଥାନୀୟ ବିଶିଷ୍ଟତାଗୁଡ଼ିକୁ ଆପଣାଯାଇଥିଲା। ଆମ ଜୀବନରେ ଏହିସବୁ ଖେଳଗୁଡ଼ିକର ମହତ୍ତ୍ୱକୁ ବୁଝିବା ଓ ବୟସ, ଲିଙ୍ଗ, ଜାତି, ଧର୍ମ ଥିବା ସତ୍ତ୍ୱେ ପୂରା ଦୁନିଆର ଖେଳଗୁଡ଼ିକର ଭାଗୀଦାରୀକୁ ପ୍ରୋତ୍ସାହନ ଦେବା ପାଇଁ ଅନ୍ତଃରାଷ୍ଟ୍ରୀୟ ଅଲିମ୍ପିକ ଦିବସ ପାଳନ କରାଯାଏ। ଏହି ଦିବସର ଇତିହାସରୁ ଜଣାପଡ଼େ ଯେ ଅଷ୍ଟମ ଶତାବ୍ଦୀ ପୂର୍ବରୁ ପୂର୍ବ ୟୁନାନ୍‌ରେ ଅଲିମ୍ପିକ ଖେଳ ଦେଖିବାକୁ ମିଳିଥିଲା। ବେରୋନ୍ ପିୟରେ ଡି କୋବର୍ଟିନ୍ ପ୍ରାଚୀନ ଅଲିମ୍ପିକ ଖେଳ ଦ୍ୱାରା ପ୍ରେରିତ ହୋଇଥିଲେ। ପରେ ଏହାର ପରିଣାମସ୍ୱରୂପ ଅନ୍ତଃରାଷ୍ଟ୍ରୀୟ ଅଲିମ୍ପିକ ସମିତିର ନିର୍ମାଣ ହୋଇଥିଲା ଓ ସମିତି ପ୍ରଥମ ଆଧୁନିକ ଅଲିମ୍ପିକ ଖେଳଗୁଡ଼ିକର ଆୟୋଜନ କରିଥିଲା।

# ଅନ୍ତର୍ଜାତୀୟ ବିଧବା ଦିବସ



ଜୀବନସାଥୀକୁ ହରେଇବାର କଷ୍ଟ ଓ ଯନ୍ତ୍ରଣା କୌଣସି ଲୋକକୁ ଦୁର୍ବଳ କରିଦିଏ। ବିଶେଷ କରି ମହିଳାମାନେ ନିଜ ପତିଙ୍କୁ ହରାଇବା ପରେ ବହୁତ ବେସାହାରା ଅନୁଭବ କରନ୍ତି। ଏଥିପାଇଁ ପୂରା ଦୁନିଆର ବିଧବାମାନେ ଗରିବୀ, ଭେଦଭାବ ଓ ସାମାଜିକ ବହିଷ୍କାରର ସମ୍ମୁଖୀନ ହୋଇଥାନ୍ତି। ଏମାନଙ୍କୁ ସମାଜର ମୁଖ୍ୟ ଧାରାକୁ ଆଣିବା ସହିତ ସମ୍ମାନ ଦେବା ପାଇଁ ପୂରା ଦୁନିଆରେ ଆଜି ପାଳନ କରାଯାଉଛି ବିଧବା ଦିବସ। ବିଶ୍ୱସ୍ତରରେ ବିଧବାମାନଙ୍କୁ ସଶକ୍ତ କରିବା ସହିତ ସେମାନଙ୍କର ମହତ୍ତ୍ୱକୁ ଗୁରୁତ୍ୱ ଦେବା ଏହି ଦିବସର ଉଦ୍ଦେଶ୍ୟ। ବିଧବାମାନେ ସମ୍ମୁଖୀନ ହେଉଥିବା କଠିନ ପରିସ୍ଥିତି, ଅଧିକାର ଓ ସେମାନଙ୍କର କଲ୍ୟାଣ କରିବା ଉଦ୍ଦେଶ୍ୟରେ ଏହି ଦିବସକୁ ପାଳନ କରାଯାଏ। ବିଭିନ୍ନ ସଂଗଠନ ଯେଉଁଥିରେ ଲୁମ୍ବା ଫାଉଣ୍ଡେସନ୍ ସାମିଲ ଥିଲା ସେମାନଙ୍କର ପ୍ରୟାସର ଫଳାଫଳ ହେଉଛି ଏହି ଦିବସ। ଲୁମ୍ବା ଫାଉଣ୍ଡେସନ୍ ବିଧବାମାନଙ୍କ ପ୍ରତି ଲୋକମାନଙ୍କୁ ସଚେତନ କରିବାର ଅଭିଯାନ ଚଲାଇଥିଲା। ସେମାନେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକୁ ଦୂର କରିବା ପାଇଁ ଅଥକ ପ୍ରୟାସ କରିଛି ଏହି ଫାଉଣ୍ଡେସନ୍। ବିଧବାମାନଙ୍କ ପ୍ରତି ଲୋକମାନଙ୍କର ଚିନ୍ତାଧାରା, ସମାଜରେ ସେମାନଙ୍କ ପ୍ରତି ହେଉଥିବା ଭେଦଭାବ ପ୍ରତି ସଚେତନ କରେଇବା ପାଇଁ ଲୁମ୍ବା ଫାଉଣ୍ଡେସନ୍ ଏହି ଦିବସର ଆରମ୍ଭ କରିଥିଲା। ପ୍ରଥମ ବିଧବା ଦିବସ ପାଳନ ହୋଇଥିଲା ୨୩ ଜୁନ୍, ୨୦୧୧ରେ ଯାହାକୁ ମାନ୍ୟତା ଦେଇଥିଲା ମିଳିତ ଜାତିସଂଘ। ମିଳିତ ଜାତିସଂଘ ଏହାକୁ ସ୍ୱୀକାର କରିବା ପୂର୍ବରୁ ଲୁମ୍ବା ଫାଉଣ୍ଡେସନ୍ ୨୦୦୫ରୁ ହିଁ ଏହି ଦିବସ ପାଳନ କରିବା ଆରମ୍ଭ କରିଥିଲା। ଲଣ୍ଡନର ହାଉସ୍ ଅଫ୍ ଲର୍ଡସ୍‌ର ସଦସ୍ୟ ରାଜିନ୍ଦର ପଲ୍ ଲୁମ୍ବା ବିକାଶଶୀଳ ଦେଶଗୁଡ଼ିକରେ ବିଧବାମାନଙ୍କର ସମସ୍ୟାଗୁଡ଼ିକର ସମାଧାନ କରିବା ପାଇଁ ଏହି ଫାଉଣ୍ଡେସନ୍‌ର ସ୍ଥାପନା କରିଥିଲେ। ତେବେ ପୂରା ଦୁନିଆର ବିଧବାମାନଙ୍କର ଜୀବନକୁ ଆହୁରି ଉନ୍ନତମାନର କରିବା ସହିତ ସେମାନଙ୍କର ପୂରା ଅଧିକାରଗୁଡ଼ିକୁ ପ୍ରାପ୍ତ କରେଇବା ବିଧବା ଦିବସର ଉଦ୍ଦେଶ୍ୟ।

# ଚାଇନା ସକ୍ ୨.୦



ଆଜିକାଲି ପଶ୍ଚିମୀ ଦେଶଗୁଡ଼ିକରେ ଚାଇନା ସକ୍ ୨.୦ର ଖୁବ୍ ବ୍ୟବହାର କରାଯାଉଛି। ଏହା ଜରିଆରେ ତର୍କ ଦିଆଯାଉଛି ଯେ ଇଲେକ୍ଟ୍ରିକ ଗାଡ଼ି, ବ୍ୟାଟେରି, ସୋଲାର ପ୍ୟାନେଲ୍ ଓ ଉନ୍ନତ ଔଦ୍ୟୋଗିକ ଉତ୍ପାଦଗୁଡ଼ିକ ଦୁନିଆର ବଜାରକୁ ବହୁତ ଶସ୍ତା ଦାମ୍‌ରେ ଆସୁଛି। ଏହାଦ୍ୱାରା ଅନ୍ୟ ଦେଶଗୁଡ଼ିକରେ ଉଦ୍ୟୋଗ ବ୍ୟବସ୍ଥା ଓ ଚାକିରିର ସମସ୍ୟା ସୃଷ୍ଟି ହେଉଛି। ତେବେ ଏହି ତର୍କ ନୂଆ ନୁହେଁ। ୧୯୮୦ ଦଶକରେ ଜାପାନ ସମ୍ପର୍କରେ ମଧ୍ୟ ଏହି କଥା କୁହାଯାଉଥିଲା। ସେତେବେଳେ ବି କୁହାଯାଉଥିଲା ଯେ ସରକାରୀ ସାହାଯ୍ୟ, ଶସ୍ତା ଦାମ୍ ଓ ଆକ୍ରମକ ଔଦ୍ୟୋଗିକ ନୀତି କାରଣରୁ ଜାପାନ ଦୁନିଆର ଉଦ୍ୟୋଗଗୁଡ଼ିକୁ କ୍ଷତି ପହଞ୍ଚାଉଛି। ତେବେ କିଛି ପରିମାଣରେ ଏହି ଚିନ୍ତା ଠିକ୍ ଥିଲା କିନ୍ତୁ ପରେ ଅନେକ ଆଶଙ୍କା ଭୁଲ୍ ପ୍ରମାଣିତ ହୋଇଥିଲା। ଚାଇନା ସକ୍ ୨.୦ର ତର୍କ ୨୦୧୩ରେ ପ୍ରକାଶିତ ଏକ ଆମେରିକା ଅଧ୍ୟୟନ ଉପରେ ଆଧାରିତ ଥିଲା। ଏହି ଅଧ୍ୟୟନରେ କୁହାଯାଇଥିଲା ଯେ ୨୦୦୧-୨୦୧୦ ମଧ୍ୟରେ ଆମେରିକାରେ ଚୀନୀ ଆମଦାନୀ ବଢ଼ିବା ଦ୍ୱାରା କିଛି କ୍ଷେତ୍ରରେ ବେରୋଜଗାରୀ ବୃଦ୍ଧି ପାଇଥିଲା। କିନ୍ତୁ ଏହି ନିଷ୍କର୍ଷକୁ ବଢ଼େଇ ଚଢ଼େଇ ପେଶ୍ କରାଯାଇଥିଲା। ଅଧ୍ୟୟନର ଅର୍ଥ ନୁହେଁ ଯେ ଚୀନ୍ ସହିତ ବ୍ୟାପାର ସମ୍ପୂର୍ଣ୍ଣ ଭାବରେ କ୍ଷତିକାରକ କିନ୍ତୁ କିଛି ସ୍ଥାନୀୟ ଉଦ୍ୟୋଗ ଓ ଶ୍ରମିକମାନଙ୍କ ଉପରେ ଏହାର ପ୍ରଭାବ ପଡ଼ିଥିଲା। ଆଜିର ସ୍ଥିତି ପୂର୍ବାପେକ୍ଷା ଅଲଗା ଅଛି। ଏବେ ମାମଲା କେବଳ ଶସ୍ତା ଖେଳଣା ବା କପଡ଼ାର ନୁହେଁ। ଚର୍ଚ୍ଚା କେବଳ ହେଉଛି ସେହି କ୍ଷେତ୍ରଗୁଡ଼ିକର ଯେଉଁଗୁଡ଼ିକ ଆଧୁନିକ ଟେକ୍‌ନିକ୍, ହରିତ୍ ଉର୍ଜା ଓ ଜଟିଳ ଔଦ୍ୟୋଗିକ ଉତ୍ପାଦନ ସହିତ ଜଡ଼ିତ ଅଛନ୍ତି। ଦୁନିଆର ସ୍ୱଚ୍ଛ ଉର୍ଜା ଆଡ଼କୁ ନେଉଥିବା ଶସ୍ତା ବ୍ୟାଟେରି, ସୋଲାର ପ୍ୟାନେଲ୍ ଓ ଇଲେକ୍ଟ୍ରିକ୍ ବାହନଗୁଡ଼ିକର ଭୂମିକା ମଧ୍ୟ ଏଥିରେ ରହିଛି।

ନିତିଦିନ NITIDIN

## ଏଫ୍‌ଆଇଏଚ୍ ପ୍ରୋ-ଲିଗ୍

# ଆଜି ଭାରତ-ପାକିସ୍ତାନ ମୁକାବିଲା



**ନୂଆଦିଲ୍ଲୀ, ଇସଲାମାବାଦ୍, ୨୨।୬/ଏଜେନ୍ସି:** ଭାରତୀୟ ପୁରୁଷ ହକି ଦଳ ମଙ୍ଗଳବାର ଦିନ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଲଣ୍ଡନ ଲେଗ୍‌ର ନିଜର ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନ ବିପକ୍ଷରେ ଖେଳିବ। ଏହି ମୁକାବିଲା ଲଣ୍ଡନର ଲି ଭ୍ୟାଲି ହକି ସେଣ୍ଟରରେ ଭାରତୀୟ ସମୟ ଅନୁସାରେ ସନ୍ଧ୍ୟା ୭ଟାରେ ଆରମ୍ଭ ହେବ। ଉଭୟ ଦଳ ପ୍ରାୟ ଦୁଇ ବର୍ଷ ପରେ ପରସ୍ପରର ସମ୍ମୁଖୀନ ହେଉଛନ୍ତି। ଉଭୟ ଦଳ ମଧ୍ୟରେ ଶେଷଥର ପାଇଁ ୨୦୨୪ ଏସିଆନ୍ ଚାମ୍ପିଅନ୍ସ ଟ୍ରଫିରେ ଖେଳାଯାଇଥିଲା। ସେତେବେଳେ ଭାରତ ଅଧିନାୟକ ହରମନପ୍ରୀତ ସିଂହଙ୍କ ୨ଟି ଗୋଲ୍ ବଳରେ ୨-୧ ରେ ବିଜୟ ହାସଲ କରିଥିଲା।

ହକି ଖେଳ କ୍ଷେତ୍ରରେ ଭାରତର ପଲ୍ଲା ପାକିସ୍ତାନ ତୁଳନାରେ ସମାନ୍ତରାଳ ସ୍ତରରେ ରହିଛି। ୯ଟି ଦଳର ପଏଣ୍ଟସ୍ ଟେବୁଲ୍‌ରେ ଭାରତୀୟ ଦଳ ୮ମ ସ୍ଥାନରେ ରହିଛି। ଅନ୍ୟପଟେ, ପାକିସ୍ତାନ ଦଳ ଭାରତ ଠାରୁ ଠିକ୍ ଗୋଟିଏ ସ୍ଥାନ ତଳେ ଅର୍ଥାତ୍ ୯ମ ସ୍ଥାନରେ ଅଛି ଏବଂ ତାକୁ ଏପର୍ଯ୍ୟନ୍ତ ଟୁର୍ଣ୍ଣାମେଣ୍ଟରେ ନିଜର ପ୍ରଥମ ପଏଣ୍ଟ ହାସଲ କରିବା ବାକି ଅଛି। ଟୁର୍ଣ୍ଣାମେଣ୍ଟର ହୋମ୍ ଲେଗ୍‌ରେ ଭାରତର ପ୍ରଦର୍ଶନ ଅତ୍ୟନ୍ତ ନିରାଶାଜନକ ଥିଲା, ଯେଉଁଠାରେ ଦଳ ୪ଟି ମ୍ୟାଚ୍ ମଧ୍ୟରୁ ଗୋଟିଏ ହେଲେ ବି ମ୍ୟାଚ୍ ଜିତିପାରି ନଥିଲା ଏବଂ ମୋଟ୍ ୧୯ଟି ଗୋଲ୍ ଖାଇଥିଲା। ଅବଶ୍ୟ ଭାରତୀୟ ଦଳ ରଟରଡ୍ୟାମ୍‌ରେ ଖେଳିଥିବା ନିଜର ଗତ ଲେଗ୍‌ରେ ୪ଟି ମ୍ୟାଚ୍ ମଧ୍ୟରୁ ୨ଟି ଜିତିଥିଲା। ଭାରତ ବିଶ୍ୱର ୨ ନମ୍ବର ଏବଂ ତିନି ଥରର ଚାମ୍ପିଅନ୍ ନେଦରଲାଣ୍ଡକୁ ୩-୨ ରେ ହରାଇଥିଲା। ଏହା ସହିତ ଭାରତୀୟ ଦଳ ଜର୍ମାନୀ ବିପକ୍ଷରେ ୩-୧ ରେ ବିଜୟ ହାସଲ କରିଥିଲା। ଏହି ଲେଗ୍‌ରେ ଭାରତୀୟ ଦଳ ଏହି ଦୁଇ ଦଳଠାରୁ ୧-୧ ମ୍ୟାଚ୍ ମଧ୍ୟ ପରାସ୍ତ ହୋଇଥିଲା। ଲଣ୍ଡନ ଲେଗ୍ ପୂର୍ବରୁ ପାକିସ୍ତାନ ଦଳ ଅତ୍ୟନ୍ତ ଖରାପ ସମୟ ଦେଇ ଗତି କରୁଛି। ଦଳ ଜର୍ମାନୀ, ନେଦରଲ୍ୟାଣ୍ଡସ୍, ବେଲଜିୟମ୍ ଏବଂ ସ୍ପେନ୍ ବିପକ୍ଷରେ ନିଜର ସମସ୍ତ ୧୨ଟି ପ୍ରୋ ଲିଗ୍ ମ୍ୟାଚ୍ ହାରି ସାରିଛି ଏବଂ ତା' ଉପରେ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିବାର (ରେଲିଗେସନ୍) ବିପଦ ମାଡ଼ି ଆସୁଛି। ସୂଚନାଯୋଗ୍ୟ, ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଏହା ହେଉଛି ସପ୍ତମ ସିଜନ୍। ୨୦୨୫-୨୬ ସିଜନ୍‌ରେ ମୋଟ ୧୩ଟି ଷ୍ଟେଜ୍ (ଲେଗ୍) ଖେଳାଯାଉଛି, ଯାହା ୧୦ଟି ଦେଶରେ ଆୟୋଜିତ ହେଉଛି। ଏହି ଟୁର୍ଣ୍ଣାମେଣ୍ଟ ୯ ଡିସେମ୍ବର ୨୦୨୫ ରୁ ଆରମ୍ଭ ହୋଇଥିଲା ଏବଂ ୨୮ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଚାଲିବ। ଏହି ସିଜନ୍‌ରେ ପୁରୁଷ ଏବଂ ମହିଳା ବର୍ଗରେ ୯-୯ ଟି ଦଳ ଭାଗ ନେଉଛନ୍ତି। ପ୍ରତ୍ୟେକ ଦଳ ୧୬ଟି ଲେଖାଏଁ ମ୍ୟାଚ୍ ଖେଳନ୍ତି ଏବଂ ମୁକାବିଲାଗୁଡ଼ିକ ଭିନ୍ନ ଭିନ୍ନ ଷ୍ଟେଜ୍‌ରେ ଖେଳାଯାଏ, ଯେଉଁଠାରେ ଅନେକ ଦଳ ଗୋଟିଏ ଭେନ୍ୟୁରେ ଏକାଠି ହୋଇ ଦୁଇ-ଦୁଇଟି ମ୍ୟାଚ୍ ଖେଳନ୍ତି।

### ଫିଫା ୱାର୍ଲ୍ଡ କପ୍

# ଅଷ୍ଟ୍ରିଆ ବିପକ୍ଷରେ ଆର୍ଜେଣ୍ଟିନା ୧-୦ରେ ଅଗ୍ରଣୀ



**ଡାଲାସ୍, ୨୨।୬/ଏଜେନ୍ସି:** ଆର୍ଜେଣ୍ଟିନା ଅଧିନାୟକ ଲିଓନେଲ୍ ମେସି ଫୁଟବଲ୍ ୱାର୍ଲ୍ଡ କପ୍ ଇତିହାସରେ ସର୍ବାଧିକ ଗୋଲ୍ କରିଥିବା ଖେଳାଳି ହୋଇପାରିଛନ୍ତି। ଅଷ୍ଟ୍ରିଆ ବିପକ୍ଷରେ ମେସି ନିଜର ୧୭ତମ ଗୋଲ୍ ସ୍କୋର କରି ଜର୍ମାନୀର ମିରୋସ୍ଲାଭ୍ କ୍ଲୋଜେ (୧୬ ଗୋଲ୍)ଙ୍କ ରେକର୍ଡ ଭାଙ୍ଗିଛନ୍ତି। କ୍ଲୋଜେଙ୍କ ପଛକୁ ୧୫ ଗୋଲ୍ ସହ ବ୍ରାଜିଲ୍‌ର ଫୁଟବଲର ରୋନାଲ୍‌ଡୋ ଅଛନ୍ତି। ସୋମବାର ଡାଲାସ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଆଜିର ଏହି ମ୍ୟାଚରେ ୪୦ତମ ମିନିଟ୍‌ରେ ମେସି ଏକ ଫିଲ୍ଡ ଗୋଲ୍ ଦେଇ ଇତିହାସ ରଚିଛନ୍ତି। ଆର୍ଜେଣ୍ଟିନାର ଆଟାକ୍‌କୁ ମେସି ଚମତ୍କାର ଭାବେ ଫିନିଶ୍ କରି ବଲ୍‌କୁ ଜାଲର ତଳ କୋଣକୁ ପଠାଇ ଦେଇଥିଲେ। ମେସି ଗତ ମ୍ୟାଚ୍‌ରେ ଆଲଜେରିଆ ବିପକ୍ଷରେ ହ୍ୟାଟ୍ରିକ୍ ଗୋଲ୍ କରିଥିଲେ। ଫିଫା ୱାର୍ଲ୍ଡ କପ୍ ୨୦୨୬ରେ ତାଙ୍କର ମୋଟ ୪ଟି ଗୋଲ୍ ହୋଇସାରିଛି। ମେସିଙ୍କ ପାଖରେ ୯ମ ମିନିଟ୍‌ରେ ହିଁ ରେକର୍ଡ କରିବାର ସୁଯୋଗ ଥିଲା। ଲାଉଟାରୋ ମାର୍ଟିନେଜ୍‌ଙ୍କ ଉପରେ ଅଷ୍ଟ୍ରିଆର ଡିଫେଣ୍ଡରମାନେ ଫାଉଲ୍ କରିବା ପରେ ଆର୍ଜେଣ୍ଟିନାକୁ ପେନାଲ୍ଟି ମିଳିଥିଲା, କିନ୍ତୁ ମେସି ସଟ୍‌କୁ ପୋଷ୍ଟ ବାହାରକୁ ମାରିଥିଲେ। ଏହା ସହିତ ସେ ୱାର୍ଲ୍ଡ କପ୍ ଇତିହାସରେ ସବୁଠାରୁ ଅଧିକ ତିନୋଟି ପେନାଲ୍ଟି ମିସ୍ କରିଥିବା ଖେଳାଳି ମଧ୍ୟ ହୋଇଯାଇଛନ୍ତି। ଏହା ପୂର୍ବରୁ ଘାନାର ଆସାମୋଆ ଜ୍ଞାନ ଦୁଇଟି ପେନାଲ୍ଟି ମିସ୍ କରିଥିଲେ। ପେନାଲ୍ଟି ହରାଇବା ପରେ ୧୮ତମ ମିନିଟ୍‌ରେ ମେସିଙ୍କୁ ଆଉ ଏକ ସୁଯୋଗ ମିଳିଥିଲା, କିନ୍ତୁ ଅଷ୍ଟ୍ରିଆର ଡିଫେଣ୍ଡରମାନେ ସଟ୍‌କୁ ବ୍ଲକ୍ କରିଦେଇଥିଲେ। ଅଷ୍ଟ୍ରିଆର ଗୋଲକିପର ଡେଭିଡ୍ ଆଲାବା ମଧ୍ୟ ଗୋଟିଏ ସୁଯୋଗରେ ଗୋଲ୍‌ଲାଇନ୍ ପାଖରେ ଚମତ୍କାର ରକ୍ଷଣାତ୍ମକ ପ୍ରଦର୍ଶନ କରିଥିଲେ। ରିପୋର୍ଟ ଲେଖାହେବା ବେଳକୁ ଖେଳ ୫୫:୦୪ ତମ ମିନିଟ୍ ଥିବା ବେଳେ ଆର୍ଜେଣ୍ଟିନା ୧-୦ ଗୋଲ୍‌ରେ ଅଗ୍ରଣୀ ରହିଥିଲା।



### ସିନ୍ଧୁ ଜଳ ଚୁକ୍ତି ସ୍ଥଗିତ ରଖାଯିବା ପ୍ରସଙ୍ଗ: ଭାରତକୁ ପୁଣି ଧମକ ଦେଲା ପାକିସ୍ତାନ

# 'ଜଳ ସୁରକ୍ଷା ପ୍ରତି ବିପଦ ହେଲେ ଯୁଦ୍ଧ ଆରମ୍ଭ କରିବୁ'





**ନୂଆଦିଲ୍ଲୀ, ଇସଲାମାବାଦ୍, ୨୨।୬/ଏଜେନ୍ସି:** ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍, ସିନ୍ଧୁ ଜଳ ସନ୍ଧି ସ୍ଥଗିତ ରହିବାକୁ ନେଇ ଭାରତକୁ ପୁଣିଥରେ ଧମକ ଦେଇଛନ୍ତି। ପାକିସ୍ତାନୀ ଚ୍ୟାନେଲ୍ ଏଆର୍‌ୱାଇ ନ୍ୟୁଜ୍ ସହ ଆଲୋଚନା କାଳରେ ଆସିଫ୍ କହିଛନ୍ତି ଯେ ଯଦି ପାକିସ୍ତାନୁ ଅନୁଭବ ହୁଏ ଯେ, ଏହାର ଜଳ ସୁରକ୍ଷାକୁ ନେଇ ଭାରତ ପଟୁ ବିପଦ ସୃଷ୍ଟି ହେବାର ସାମାନ୍ୟତମ ସମ୍ଭାବନା ମଧ୍ୟ ଅଛି, ତେବେ ପାକିସ୍ତାନ ଭାରତ ବିରୋଧରେ ଯୁଦ୍ଧ ଘୋଷଣା କରିଦେବ। ସେ ଅଭିଯୋଗ କରିଛନ୍ତି ଯେ ଭାରତ, ପାକିସ୍ତାନ ଭାଗର ପାଣି ପ୍ରବାହରେ ହସ୍ତକ୍ଷେପ କରୁଛି ଏବଂ ଏହାକୁ ଏକ ରଣନୀତିକ ଅସ୍ତ୍ର ଭାବରେ ବ୍ୟବହାର କରୁଛି। ଯଦିଓ ସେ ଏହା ମଧ୍ୟ ସ୍ୱୀକାର କରିଛନ୍ତି ଯେ ଗତ ଏକ ବର୍ଷ ମଧ୍ୟରେ ଏହି ମାମଲାରେ କ'ଣ ସବୁ ନୂଆ ଘଟଣାକ୍ରମ ଘଟିଛି, ସେ ବିଷୟରେ ତାଙ୍କ ପାଖରେ ସମ୍ପୂର୍ଣ୍ଣ ସୂଚନା ନାହିଁ।

ଏପ୍ରିଲ ୨୦୨୫ରେ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ପରେ ଭାରତ, ୧୯୬୦ର ସିନ୍ଧୁ ଜଳ ଚୁକ୍ତିକୁ ନିଲମ୍ବିତ କରିଦେଇଥିଲା। ଭାରତ କହିଛି ଯେ ଯେପର୍ଯ୍ୟନ୍ତ ପାକିସ୍ତାନ ସୀମାପାର ଆତଙ୍କବାଦ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିଛି, ସେପର୍ଯ୍ୟନ୍ତ ଏହି ଚୁକ୍ତିନାମାକୁ ପୁନଃ କାର୍ଯ୍ୟକାରୀ କରାଯିବ ନାହିଁ। ପ୍ରକାଶ, ଭାରତ ପକ୍ଷରୁ ଏହି ସିନ୍ଧୁ ଜଳ ଚୁକ୍ତିକୁ ନିଲମ୍ବନ କରାଯିବା ପର ଠାରୁ ପାକିସ୍ତାନରେ ଭୟଙ୍କର ଭାବେ ଜଳସଂକଟ ଉତ୍ପନ୍ନ ହୋଇଛି। ବିଶେଷ କରି ସିନ୍ଧ ଏବଂ ବଲୁଚିସ୍ତାନରେ ପାଣିର ଅଭାବ କ୍ରମାଗତ ଭାବେ ବଢିବାରେ ଲାଗିଛି। ସିନ୍ଧର ଜଳସେଚନ ବିଭାଗର ତଥ୍ୟ ଅନୁଯାୟୀ- ନର୍ଥ ୱେଷ୍ଟ କେନାଲ୍‌ରେ ଏବେ ୬୪.୧% ପାଣିର ଅଭାବ ରହିଛି। ସେହିପରି ରାଇସ୍ କେନାଲ୍‌ରେ ୩୮% ଏବଂ ଦାଦୁ କେନାଲ୍‌ରେ ୮୨% ପର୍ଯ୍ୟନ୍ତ ଜଳ ହ୍ରାସ ରେକର୍ଡ କରାଯାଇଛି। ପାକିସ୍ତାନରେ ଚାଷ ଜମିର ୯୦% ଅର୍ଥାତ୍ ୪.୭ କୋଟି ଏକର ଅଞ୍ଚଳରେ ଜଳସେଚନ ପାଇଁ ପାଣି ସିନ୍ଧୁ ନଦୀ ପ୍ରଣାଳୀରୁ ମିଳିଥାଏ। ପାକିସ୍ତାନର ଜାତୀୟ ଆୟରେ କୃଷି କ୍ଷେତ୍ରର ଅଂଶ ୨୩% ଏବଂ ଏହା ଦ୍ୱାରା ୬୮% ଗ୍ରାମୀଣ ପାକିସ୍ତାନୀଙ୍କ ଜୀବିକା ଚାଲିଥାଏ। ଏଭଳି ପରିସ୍ଥିତିରେ ପାକିସ୍ତାନର ସାଧାରଣ ଲୋକଙ୍କ ସହିତ ସେଠାକାର ବିପର୍ଯ୍ୟସ୍ତ ଅର୍ଥବ୍ୟବସ୍ଥା ଆହୁରି ଅଧିକ ଖରାପ ହେବାକୁ ଲାଗିଛି। କେବଳ ସେତିକି ନୁହେଁ, ପାକିସ୍ତାନର ମଙ୍ଗଳା ଏବଂ ତାରବେଲା ହାଇଡ୍ରୋପାୱାର୍ ଡ୍ୟାମକୁ ପାଣି ମିଳିପାରୁ ନାହିଁ। ଏହାଦ୍ୱାରା ପାକିସ୍ତାନର ବିଦ୍ୟୁତ୍ ଉତ୍ପାଦନରେ ୩୦% ରୁ ୫୦% ପର୍ଯ୍ୟନ୍ତ ହ୍ରାସ ଘଟିପାରେ। ଏହା ସହିତ ଶିଳ୍ପ ଉତ୍ପାଦନ ଏବଂ ରୋଜଗାର ଉପରେ ମଧ୍ୟ ପ୍ରଭାବ ପଡ଼ିବ।

**ଭାରତ-ପାକିସ୍ତାନ ମଧ୍ୟରେ ଥିବା ସିନ୍ଧୁ ଜଳ ଚୁକ୍ତି କ'ଣ ?**

ସିନ୍ଧୁ ନଦୀ ପ୍ରଣାଳୀରେ ମୋଟ୍ ୬ଟି ନଦୀ ରହିଛି- ସିନ୍ଧୁ, ଝେଲମ୍, ଚେନାବ, ରାଭି, ବ୍ୟାସ ଏବଂ ସୁତଲେଜ୍। ଏଗୁଡ଼ିକର କୂଳବର୍ତ୍ତୀ ଅଞ୍ଚଳ ପ୍ରାୟ ୧୧.୨ ଲକ୍ଷ ବର୍ଗ କିଲୋମିଟର ପର୍ଯ୍ୟନ୍ତ ବ୍ୟାପିଛି। ଏଥିମଧ୍ୟରୁ ୪୭% ଜମି ପାକିସ୍ତାନ, ୩୯% ଜମି ଭାରତ, ୮% ଜମି ଚୀନ୍ ଏବଂ ୬% ଜମି ଆଫଗାନିସ୍ତାନରେ ଅଛି। ଏହି ସବୁ ଦେଶର ପ୍ରାୟ ୩୦ କୋଟି ଲୋକ ଏହି ଅଞ୍ଚଳଗୁଡ଼ିକରେ ବାସ କରନ୍ତି। ୧୯୪୭ ମସିହାରେ ଭାରତ ଏବଂ ପାକିସ୍ତାନର ବିଭାଜନ ପୂର୍ବରୁ ହିଁ ଭାରତର ପଞ୍ଜାବ ଏବଂ ପାକିସ୍ତାନର ସିନ୍ଧ ପ୍ରଦେଶ ମଧ୍ୟରେ ନଦୀ ଜଳ ବଣ୍ଟନକୁ ନେଇ ବିବାଦ ଆରମ୍ଭ ହୋଇଯାଇଥିଲା। ୧୯୪୭ରେ ଭାରତ ଏବଂ ପାକିସ୍ତାନର ଇଞ୍ଜିନିୟରମାନଙ୍କ ମଧ୍ୟରେ 'ଷ୍ଟାଣ୍ଡଷ୍ଟିଲ୍ ଚୁକ୍ତି' ହୋଇଥିଲା। ଏହା ଅଧୀନରେ ଦୁଇଟି ମୁଖ୍ୟ କେନାଲ୍ ଜରିଆରେ ପାକିସ୍ତାନକୁ ପାଣି ମିଳୁଥିଲା। ଏହି ଚୁକ୍ତିନାମା ୩୧ ମାର୍ଚ୍ଚ ୧୯୪୮ ପର୍ଯ୍ୟନ୍ତ ଚାଲିଥିଲା। ତେବେ ୧ ଅପ୍ରେଲ ୧୯୪୮ରେ ଯେତେବେଳେ ଚୁକ୍ତିନାମା ଲାଗୁ ରହିଲା ନାହିଁ, ଭାରତ ଦୁଇଟି ଯାକ କେନାଲର ପାଣି ବନ୍ଦ କରିଦେଇଥିଲା। ଏହାଦ୍ୱାରା ପାକିସ୍ତାନର ପଞ୍ଜାବ ପ୍ରଦେଶର ୧୭ ଲକ୍ଷ ଏକର ଜମିରେ ଚାଷ କାମ ନଷ୍ଟ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ହୋଇଥିବା ଚୁକ୍ତିରେ ଭାରତ ପୁଣିଥରେ ପାଣି ଦେବା ପାଇଁ ରାଜି ହୋଇଥିଲା। ଏହାପରେ ୧୯୫୧ ରୁ ୧୯୬୦ ପର୍ଯ୍ୟନ୍ତ ୱାର୍ଲ୍ଡ ବ୍ୟାଙ୍କର ମଧ୍ୟସ୍ଥତାରେ ଭାରତ ଓ ପାକିସ୍ତାନ ମଧ୍ୟରେ ଜଳ ବଣ୍ଟନକୁ ନେଇ ଆଲୋଚନା ଚାଲିଥିଲା ଏବଂ ଶେଷରେ ୧୯ ସେପ୍ଟେମ୍ବର ୧୯୬୦ରେ କରାଚୀଠାରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ନେହେରୁ ଏବଂ ପାକିସ୍ତାନର ରାଷ୍ଟ୍ରପତି ଆୟୁବ ଖାନଙ୍କ ମଧ୍ୟରେ ସ୍ୱାକ୍ଷର ହୋଇଥିଲା। ଏହାକୁ ଇଣ୍ଡସ ୱାଟର ଟ୍ରିଟି ବା ସିନ୍ଧୁ ଜଳ ଚୁକ୍ତି ବୋଲି କୁହାଯାଏ।

### ରାମ ମନ୍ଦିର ଦାନ ଅର୍ଥ ହେରଫେର ଘଟଣା

# ଆଜି ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ହସ୍ତାନ୍ତର କରିବ ଏସ୍‌ଆଇଟି



**ଲକ୍ଷ୍ନୌ, ୨୨।୬/ଏଜେନ୍ସି:** ଅଯୋଧ୍ୟା ରାମ ମନ୍ଦିରରେ ଦାନ ଅର୍ଥକୁ ଚୋରି ଘଟଣାରେ ଜାରି ରହିଥିବା ଏସ୍‌ଆଇଟି ତଦନ୍ତରୁ ଏକ ବଡ଼ ତଥ୍ୟ ସାମ୍ନାକୁ ଆସିଛି। ଏସ୍‌ଆଇଟିରେ ସାମିଲ ଥିବା ଜଣେ ଅଧିକାରୀ ନିଜ ନାମ ଗୋପନ ରଖିବା ସୂତ୍ରରେ ସୂଚନା ଦେଇ କହିଛନ୍ତି ଯେ, ଏସ୍‌ଆଇଟିକୁ ନିର୍ମାଣ ଏବଂ ଜମି କିଣାରେ ମଧ୍ୟ ଅନିୟମିତତା ମିଳିଛି। ରାମ ମନ୍ଦିରର ଟ୍ରଷ୍ଟରେ ସାମିଲ ଥିବା ପ୍ରାୟ ଅଧିକାଂଶ ଟ୍ରଷ୍ଟିମାନଙ୍କ ସମ୍ପର୍କୀୟମାନେ ମନ୍ଦିରର ଦାନ ଅର୍ଥରେ ନିଜସ୍ୱ ସ୍ୱାର୍ଥ ସାଧନ କରିବାରେ ଲିପ୍ତ ଥିଲେ। ଏସ୍‌ଆଇଟିର ଏହି ଅଧିକାରୀ ଦର୍ଶାଇଛନ୍ତି ଯେ, ଦାନ ଗଣତିଠାରୁ ଆରମ୍ଭ କରି ମନ୍ଦିରର ସମ୍ପୂର୍ଣ୍ଣ ପରିଚାଳନା ପର୍ଯ୍ୟନ୍ତ ଚମ୍ପତ ରାୟ, ଡାକ୍ତର ଅନିଲ ମିଶ୍ର ଏବଂ ଗୋପାଳ ରାଓଙ୍କ ପୁତୁରା/ଭଣଜା ଓ ସମ୍ପର୍କୀୟମାନେ ନିଜର କାୟା ବିସ୍ତାର କରି ରଖିଥିଲେ। ବିଶେଷକରି ଯେଉଁ ସମୟରେ ମନ୍ଦିର ପାଇଁ ଜମି କିଣା ପ୍ରକ୍ରିୟା ଆରମ୍ଭ ହେଲା ସେତେବେଳେ ଏମାନେ ପ୍ରକୃତ ଜମି ମାଲିକଙ୍କୁ ଅଧିକ ଟଙ୍କାର ଲୋଭ ଦେଖାଇଥିଲେ ଏବଂ ସେମାନଙ୍କ ଠାରୁ ମୋଟା ଅଙ୍କର ଅର୍ଥ (ନିଜ ପାଇଁ) ଗ୍ରହଣ କରିଥିଲେ। ଏସ୍‌ଆଇଟି ତଦନ୍ତରୁ ସର୍କଲ୍ ରେଟ୍‌ଠାରୁ ୧୭ଗୁଣ ଅଧିକ ମୂଲ୍ୟରେ ଜମି କିଣିବା ଏବଂ ନିର୍ମାଣ ସାମଗ୍ରୀ କିଣାକିଣିରେ ୪୦% କମିଶନ ନେବା କଥା ମଧ୍ୟ ସାମ୍ନାକୁ ଆସିଛି। ଆଶା ସୋମବାର ଦିନ ଏସ୍‌ଆଇଟି ନିଜର ପ୍ରାଥମିକ ରିପୋର୍ଟ ଯୋଗୀଙ୍କୁ ହସ୍ତାନ୍ତର କରିପାରେ। ଏହାଦ୍ୱାରା ରାମ ମନ୍ଦିର ଟ୍ରଷ୍ଟକୁ ଭଙ୍ଗ କରି ଏହାକୁ ନୂଆ କରି ଗଠନ କରିବାର ସମ୍ଭାବନା ରହିଛି।

# ଅଧ୍ୟକ୍ଷ ପଦରୁ ମମତାଙ୍କୁ ବିଦାକଲେ ବିଦ୍ରୋହୀ

### ଅରୂପ ରାୟ ଦଳର ନୂଆ ସଭାପତି ନିର୍ବାଚିତ



**କୋଲକାତା, ନୂଆଦିଲ୍ଲୀ, ୨୨।୬/ଏଜେନ୍ସି:** ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ବିଦ୍ରୋହୀ ଗୋଷ୍ଠୀ ଏବେ ଦଳର ସୁପ୍ରିମୋ ତଥା ପ୍ରତିଷ୍ଠାତା ମମତା ବାନାର୍ଜୀଙ୍କୁ ଦଳର ଅଧ୍ୟକ୍ଷ ପଦରୁ 'ହଟାଇ ଦିଆଯାଇଛି' ବୋଲି ଘୋଷଣା କରିଛି। ଏତଦ୍‌ବ୍ୟତୀତ ଦଳରେ ଏକ ସମାନ୍ତରାଳ ନେତୃତ୍ୱଗତ ଢ଼ାଞ୍ଚାକୁ ଲାଗୁ କରିଥିବା ସୂଚନା ଦେଇଛି। ରିପୋର୍ଟ ଅନୁସାରେ ରତବ୍ରତ ବାନାର୍ଜୀଙ୍କ ନେତୃତ୍ୱରେ ଗଠିତ ଏହି ବିଦ୍ରୋହୀ ଗୋଷ୍ଠୀ ଦାବି କରିଛନ୍ତି ଯେ, ଦଳର ଏକ ବଡ଼ ସଂଖ୍ୟକ ବିଧାୟକ ଏବଂ ପଦାଧିକାରୀଙ୍କ ସମର୍ଥନ ସେମାନଙ୍କ ପାଖରେ ରହିଛି। ଏହି ଦାବିଗୁଡ଼ିକ ମଧ୍ୟରେ କୋଲକାତାର ପୂର୍ବତନ ମେୟର ଫିରହାଦ୍ ହାକିମଙ୍କ ସମେତ ମମତା ବାନାର୍ଜୀଙ୍କର ଅନେକ ନିକଟତମ ସହଯୋଗୀ ବିଦ୍ରୋହୀ ଶିବିରରେ ଯୋଗ ଦେଇଛନ୍ତି ବୋଲି ଏହି ଗୋଷ୍ଠୀ ଦାବି କରୁଛି। ପଶ୍ଚିମବଙ୍ଗ ବିଧାନସଭାରେ ନବଗଠିତ ବିଜେପି ସରକାର ନିଜର ପ୍ରଥମ ବଜେଟ୍ ଉପସ୍ଥାପନ କରିଥିବା ଦିନ ଅର୍ଥାତ୍ ସୋମବାର ଦିନ ହିଁ ଏହି ସମସ୍ତ ଘଟଣାକ୍ରମ ସାମ୍ନାକୁ ଆସିଛି। ଏହାର କିଛି ସମୟ ପରେ, ବିଦ୍ରୋହୀ ତୃଣମୂଳ ବିଧାୟକମାନେ କୋଲକାତାର ନ୍ୟୁ ଟାଉନ୍ ଅଞ୍ଚଳରେ ଥିବା ଏକ ପାଞ୍ଚତାରକା ହୋଟେଲରେ ଏକ ବୈଠକ କରିଥିଲେ। ବିଦ୍ରୋହୀ ଗୋଷ୍ଠୀର କହିବା ଅନୁଯାୟୀ, କୋଲକାତାର ପ୍ରାୟ ୬୦ ଜଣ ବିଧାୟକ ଏବଂ ପାଖାପାଖି ୭୦ ଜଣ ପୂର୍ବତନ କାଉନସିଲର ଏହି ବୈଠକରେ ଯୋଗ ଦେଇଥିଲେ। ଏବଂ ସମର୍ଥନ ଜଣାଇଥିଲେ। ବୈଠକରେ ବିଦ୍ରୋହୀମାନେ ଏକ ୩୦ ଜଣିଆ କମିଟି ଗଠନ କରିବାକୁ ଘୋଷଣା କରିଥିଲେ ଏବଂ ଏହାକୁ ସେମାନଙ୍କ ଦ୍ୱାରା ଅଭିହିତ 'ପ୍ରକୃତ' ତୃଣମୂଳ କଂଗ୍ରେସର ବୈଧ ସାଂଗଠନିକ ମୂଳ ଭାବରେ ଉପସ୍ଥାପନ କରିଥିଲେ। ୧୯୯୮ ମସିହାରେ ମମତା ବାନାର୍ଜୀଙ୍କ ଦ୍ୱାରା ପ୍ରତିଷ୍ଠିତ ଦଳର ନିୟନ୍ତ୍ରଣ ନିଜ ହାତକୁ ନେବାର ପ୍ରୟାସ ହିଁ ଏହି ବିଦ୍ରୋହର ମୂଳ କାରଣ ଅଟେ। ବିଦ୍ରୋହୀ ଗୋଷ୍ଠୀ ମୌଖିକ ଭୋଟ୍ ମାଧ୍ୟମରେ ବିଧାୟକ ଅରୂପ ରାୟଙ୍କୁ ଦଳର ଅଧ୍ୟକ୍ଷ ଭାବରେ ନିର୍ବାଚିତ କରିଛନ୍ତି। ସେହିପରି ନବଗଠିତ ଏହି ନୂଆ ସମାନ୍ତରାଳ ଢ଼ାଞ୍ଚାରେ ଉପଅଧ୍ୟକ୍ଷ ଭାବେ ଫିରହାଦ୍ ହାକିମ, ଅରୂପ ବିଶ୍ୱାସ, ରଥିନ୍ ଘୋଷ ଏବଂ ସବିନା ୟସମିନ୍‌ଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ସାଧାରଣ ସମ୍ପାଦକ ଭାବେ ରତବ୍ରତ ବାନାର୍ଜୀ, ଜାଭେଦ୍ ଖାନ୍ ଏବଂ ସନ୍ଦୀପନ ଶାହ ରହିଛନ୍ତି। ଆଖରୁଜ୍ଜାମାନ ଅନସାରୀ କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇବେ ବୋଲି ସୂଚନା ମିଳିଛି।

### ଆପ୍, ଟିଏମ୍‌ସି ପରେ ଏବେ ଉଦ୍ଧବ କ୍ୟାମ୍ପ୍‌ରେ ବଡ଼ ଫାଟ

# ଶିନ୍ଦେଙ୍କ ଗୋଷ୍ଠୀରେ ମିଶିଲେ ୬ ୟୁବିଟି ସାଂସଦ



**ମୁମ୍ବାଇ, ୨୨।୬/ଏଜେନ୍ସି :** ଉଦ୍ଧବ ଠାକ୍‌ରେଙ୍କ ଗୋଷ୍ଠୀ (ୟୁବିଟି)କୁ ଆଜି ଦିନରେ ଏକ ଶକ୍ତ ଝଟ୍‌କା ଲାଗିଛି। ୟୁବିଟିର ମୋଟ୍ ୯ ଲୋକସଭା ସାଂସଦଙ୍କ ମଧ୍ୟରୁ ୬ ସାଂସଦ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ଗୋଷ୍ଠୀରେ ବିଧିବଦ୍ଧ ଭାବେ ସାମିଲ ହୋଇଛନ୍ତି। ଏହି ୬ ସାଂସଦ ସୋମବାର ମୁମ୍ବାଇରେ ଶୀନ୍ଦେଙ୍କ ସହ ପ୍ରେସ କନଫରେନ୍ସ କରି ଦଳ ବଦଳାଇବା ନେଇ ଘୋଷଣା କରିଛନ୍ତି। ଫଳରେ ଯେଉଁଠି ୟୁବିଟିର ସାଂସଦ ସଂଖ୍ୟା ଏବେ ୩କୁ ଖସିଆସିଛି ସେତେବେଳେ ଶିନ୍ଦେ ଗୋଷ୍ଠୀର ସାଂସଦ ସଂଖ୍ୟା ୭ରୁ ୧୩କୁ ବୃଦ୍ଧି ପାଇଛି।

ଆଜିର ଏହି ଗୋଷ୍ଠ ବଦଳ ପ୍ରକ୍ରିୟା ଶେଷ ହେବା ପରେ ପରେ ଏକନାଥ ଶିନ୍ଦେ ନିଜ ପ୍ରତିକ୍ରିୟାରେ କହିଛନ୍ତି, "ସେ ଯେଉଁ 'ଅପରେସନ୍ ଟାଇଗର' ନାମରେ ଏକ ଅଭିଯାନ ଚଳାଇଥିଲେ ଆଜି ତାହା ସଫଳତାର ସହ ସମ୍ପନ୍ନ ହୋଇଛି। ଦୀର୍ଘ ୪ ବର୍ଷ ତଳେ ଅର୍ଥାତ୍ ୨୦୨୨ରେ ଆମେ ଦଳ ଏବଂ ଧନୁ-ତୀର (ଧନୁଷ-ବାଣ) ବଞ୍ଚାଇବା ପାଇଁ ବିଦ୍ରୋହ କରିଥିଲୁ, ସେତେବେଳେ ୪୦ ଜଣ ବିଧାୟକ ଥିଲେ ଏବଂ ଏବେ ଆମେ ୬ ସାଂସଦଙ୍କ ସହ ଛକ୍କା ମାରିଛୁ।

ଆମର ଲଢ଼େଇ ବାଲାସାହେବଙ୍କ ବିଚାରଧାରାକୁ ବଞ୍ଚାଇବା ପାଇଁ, ସେଥିପାଇଁ ଆଜି ଏହି ୬ ସାଂସଦ ବାଲାସାହେବଙ୍କ ପ୍ରକୃତ ଶିବସେନାରେ ସାମିଲ ହୋଇଛନ୍ତି।"

ୟୁବିଟିର ରାଜ୍ୟସଭା ସାଂସଦ ସଞ୍ଜୟ ରାଉତ , ଉଦ୍ଧବଙ୍କ ପୁଅ ଆଦିତ୍ୟ ଠାକ୍‌ରେ ଆଜିର ଏହି ଘଟଣା ପରେ ପ୍ରତିକ୍ରିୟା ରଖିଛନ୍ତି। ଆଦିତ୍ୟ ଏକ୍ସ'ରେ ଲେଖିଛନ୍ତି, କ୍ଷଦଳ ଛାଡ଼ିଥିବା ସାଂସଦମାନେ ପ୍ରମାଣ କରିଦେଇଛନ୍ତି ଯେ ସେମାନଙ୍କର ବଫାଦାରୀ ବିକାଉ ଅଟେ। କମ୍ ସେ କମ୍ ସେମାନେ ସ୍ୱୀକାର କରିନିଅନ୍ତୁ ଯେ ଲୋଭ ଯୋଗୁଁ ସେମାନେ ରାତାରାତି ବିନା କୌଣସି ଲାଜରେ ଏସବୁ ଛାଡ଼ିଦେଲେ।' ଶିବସେନା ପୂର୍ବରୁ ଟିଏମ୍‌ସି, ଆମ୍ ଆଦ୍‌ମୀ ପାର୍ଟି (ଆପ୍) ମଧ୍ୟ ଏପ୍ରକାର ଦଳଗତ ବିଦ୍ରୋହର ସମ୍ମୁଖୀନ ହୋଇ ଅନେକ ବିଧାୟକ ତଥା ସାଂସଦ ହରାଇସାରିଲେଣି।

# ହର୍ମୁଜ୍ ଅତିକ୍ରମ କଲା ୪ ସାର ବୋଝେଇ ଜାହାଜ

### ଖରିଫ୍ ୨୦୨୬ ପାଇଁ ଆସିଲା ୟୁରିଆ, ଡିଏପି ଏବଂ ସଲ୍‌ଫର୍

**ନୂଆଦିଲ୍ଲୀ, ୨୨।୬/ଏଜେନ୍ସି:** ଗତ ସପ୍ତାହରେ ୪ଟି ସାର ବୋଝେଇ ଜାହାଜ ହର୍ମୁଜ୍ ପ୍ରଣାଳୀ ପାର୍ ହୋଇ ଭାରତ ଉପକୂଳ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଏହା ଭାରତର ସାର ସୁରକ୍ଷା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି। ପଶ୍ଚିମ ଏସିଆ ସଂଘର୍ଷ କାରଣରୁ ଉତ୍ପନ୍ନ ବିଶ୍ୱ ବାଣିଜ୍ୟିକ ଆହ୍ୱାନ ସତ୍ତ୍ୱେ ଏହି ଜାହାଜଗୁଡ଼ିକ ୟୁରିଆ, ଡିଏପି ଏବଂ ସଲଫର ସାର ନେଇ ଭାରତ ଉପକୂଳରେ ଖୁବ୍‌ଶୀଘ୍ର ପହଞ୍ଚିବେ। ଏସବୁ ଜାହାଜ ପାରାଦୀପ, କ୍ରିଷ୍ଣାପଟନମ୍, କାକିନାଡା ଏବଂ ମୁନ୍ଦ୍ରା ବନ୍ଦରରେ ପହଞ୍ଚିବାକୁ ଯାଉଛି। ଫଳରେ ଖରିଫ୍ ଋତୁ ୨୦୨୬ ପାଇଁ ସାର ଯୋଗାଣ ଶୃଙ୍ଖଳ ସୁଦୃଢ଼ ହେବ। ଭାରତରେ ବର୍ତ୍ତମାନ ୧୯୬.୦୮ ଲକ୍ଷ ଟନ୍ ସାର ମହଜୁଦ୍ ରହିଛି। ଏହା ପୂର୍ବବର୍ଷର ଷ୍ଟକ୍ ୧୬୮.୬୭ ଲକ୍ଷ ଟନ୍ ଠାରୁ ଅଧିକ। ଦେଶରେ ବର୍ତ୍ତମାନ ୮୧.୪୪ ଲକ୍ଷ ଟନ୍ ୟୁରିୟା, ୨୦.୯୨ ଲକ୍ଷ ଟନ୍ ଡିଏପି, ୫୫.୯୧ ଲକ୍ଷ ଟନ୍ ଏନ୍‌ପିକେ, ୧୨.୬୮ ଲକ୍ଷ ଟନ୍ ଏମ୍‌ଓପି, ୨୫.୧୩ ଲକ୍ଷ ଟନ୍ ଏସ୍‌ଏସ୍‌ପି ସାର ଗଚ୍ଛିତ ରହିଛି।

କୃଷି କାର୍ଯ୍ୟକଳାପ ମଧ୍ୟ ଦ୍ରୁତଗତିରେ ଜାରି ରହିଛି। ସଂକଟ ପରେ ମାର୍ଚ୍ଚ ୧ରୁ ଜୁନ୍ ୨୧ ତାରିଖ ମଧ୍ୟରେ ୧୫୩.୪ ଲକ୍ଷ ଟନ୍ ସାର ବିକ୍ରି ହୋଇଛି ଯାହା ଗତବର୍ଷ ତୁଳନାରେ ୧୩.୨ ଲକ୍ଷ ଟନ୍ ଅଧିକ। ଦେଶର ଚାଷୀଙ୍କୁ



ଅସ୍ଥିର ବିଶ୍ୱ ବଜାର ଠାରୁ ସୁରକ୍ଷିତ ରଖିବା ଲାଗି ଆମଦାନୀ ବ୍ୟତୀତ ଘରୋଇ ଉତ୍ପାଦନ ପ୍ରତି ମଧ୍ୟ ସରକାର ଧ୍ୟାନ ଦେଉଛନ୍ତି। ଚଳିତ ବର୍ଷ ଦେଶରେ ୧୩୩.୧୨ ଲକ୍ଷ ମେଟ୍ରିକ୍ ଟନ୍ ସାର ଉତ୍ପାଦନ କରାଯାଇଛି। ଭାରତ ବିଶ୍ୱ ବଜାରରୁ ୯୦ ଲକ୍ଷ ମେଟ୍ରିକ୍ ଟନ୍ ଅତିରିକ୍ତ ୟୁରିଆ ଏବଂ ପିଏଣ୍ଡକେ ସାର ଯୋଗାଣ ସୁନିଶ୍ଚିତ କରିଛି। ୨୮ଟି ଭାରତୀୟ ବାଣିଜ୍ୟିକ ଦୂତାବାସ ଜରିଆରେ ଏକ ବ୍ୟାପକ କ୍ରୟ ରଣନୀତି ଅନ୍ତର୍ଗତ ବିଭିନ୍ନ ଅନ୍ତର୍ଜାତୀୟ ମାର୍ଗରୁ ସାର ଆମଦାନୀ ଉତ୍ସ ବିକଶିତ କରାଯାଇଛି। ଓମାନ୍, ମାଲେସିଆ, ଭିଏତନାମ୍, ଜର୍ଜିଆ, ନାଇଜେରିଆ, ରୁଷିଆ, ଫିନ୍‌ଲ୍ୟାଣ୍ଡ, ଇଜିପ୍ଟ, ଆଲଜେରିଆ, ତୁର୍କୀ ଏବଂ ନେଦରଲ୍ୟାଣ୍ଡରୁ ୟୁରିଆ ଆମଦାନୀ କରାଯାଇଛି। ସେହିପରି ରୁଷ୍, ମରକ୍କୋ, ଇଜିପ୍ଟ, ଆମେରିକା, ଜୋର୍ଡାନ୍, ଦକ୍ଷିଣ କୋରିଆ, ଟ୍ୟୁନିସିଆ ଏବଂ ସାଉଦିଆରବରୁ ଡିଏପି/ଏନ୍‌ପିକେ ସାର ଆମଦାନୀ କରାଯାଇଛି। ଭାରତର ସାର ସୁରକ୍ଷା ସୁଦୃଢ଼, ସ୍ଥିର ଏବଂ ସୁପରିଚାଳିତ ହେବା ନିଶ୍ଚିତ କରିବା ପାଇଁ ସାର ବିଭାଗ ରାଜ୍ୟ ସରକାର, ବଣ୍ଟନ ସଂସ୍ଥା ଏବଂ ସମବାୟ ସମାଜ ସହିତ ମିଳିତ ଭାବରେ ନିରନ୍ତର କାର୍ଯ୍ୟ କରୁଛି।

# ଇରାନ୍‌ର ତେଲ ବିକ୍ରି ଉପରୁ ହଟିଲା ପ୍ରତିବନ୍ଧକ




**ଆସନ୍ତା ୬୦ ଦିନ ପର୍ଯ୍ୟନ୍ତ ଭାରତ ମଧ ଲାଭ ଉଠାଇପାରିବ**

**ତେହରାନ, ୱାଶିଂଟନ, ୨୨।୬/ଏଜେନ୍ସି:** ଆମେରିକା ଇରାନର ତେଲ ଏବଂ ପେଟ୍ରୋକେମିକାଲ୍ ଉତ୍ପାଦ ବିକ୍ରି ଉପରେ ଲାଗିଥିବା କଟକଣାରେ ୬୦ ଦିନର କୋହଳ କରିଛି। ସ୍ୱିଜରଲ୍ୟାଣ୍ଡରେ ଦୁଇ ଦେଶ ମଧ୍ୟରେ ହୋଇଥିବା ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଆମେରିକାର ଅର୍ଥ ମନ୍ତ୍ରାଳୟ ଇରାନୀ ମୂଳର ଅଶୋଧିତ ତେଲ, ପେଟ୍ରୋଲିୟମ୍ ଏବଂ ପେଟ୍ରୋକେମିକାଲ୍ ଉତ୍ପାଦର ଉତ୍ପାଦନ, ବିତରଣ ଏବଂ ବିକ୍ରି ପାଇଁ ଏକ ଅସ୍ଥାୟୀ ସାଧାରଣ ଲାଇସେନ୍ସ ଜାରି କରିଛି। ଏହି ରିହାତି ୨୧ ଅଗଷ୍ଟ ପର୍ଯ୍ୟନ୍ତ ଲାଗୁ ରହିବ। ଏହାଦ୍ୱାରା ଭାରତ ସମେତ ଅନେକ ଦେଶ ପୁଣିଥରେ ଅନ୍ତତଃ ୬୦ ଦିନ ପର୍ଯ୍ୟନ୍ତ ଇରାନରୁ ତେଲ କିଣିବାକୁ ସକ୍ଷମ ହେବେ।

ଆମେରିକା ଅର୍ଥମନ୍ତ୍ରୀ ସ୍କଟ୍ ବେସେଣ୍ଟ କହିଛନ୍ତି ଯେ ସ୍ୱିଜରଲ୍ୟାଣ୍ଡରେ ହୋଇଥିବା ଆଲୋଚନା ବେଳେ ଇରାନ ହର୍ମୁଜ ପ୍ରଣାଳୀରେ ବିନା ବାଧାରେ ଯାତାୟାତ ବଜାୟ ରଖିବାକୁ ପ୍ରତିଶ୍ରୁତି ଦେଇଛି। ଏହା ସହିତ ଇରାନ ଜାତିସଂଘ (ୟୁଏନ୍)ର ଆଣବିକ ଏଜେନ୍ସି 'ଆଇଏଇଏ'ର ପରିଦର୍ଶକମାନଙ୍କୁ ପୁଣିଥରେ ଦେଶରେ କାମ କରିବାକୁ ଅନୁମତି ଦେବା ପାଇଁ ମଧ୍ୟ ସହମତି ପ୍ରକାଶ କରିଛି। ଆମେରିକାର ଉପ-ରାଷ୍ଟ୍ରପତି ଜେଡି ଭାନ୍ସ କହିଛନ୍ତି ଯେ ଆମେରିକାର ପ୍ରୟାସ ହେଉଛି ଇରାନ ସହିତ ଏକ ସ୍ଥାୟୀ ଚୁକ୍ତିରେ ପହଞ୍ଚିବା ଏବଂ ଏପର୍ଯ୍ୟନ୍ତ ହୋଇଥିବା ଆଲୋଚନା ବେଶ୍ ଭଲ ଭାବେ ଆଗେଇ ଚାଲିଛି। ଭାନ୍ସଙ୍କ କହିବାନୁସାରେ ଆଲୋଚନା ବେଳେ ଇରାନୀ ପ୍ରତିନିଧି ଦଳର ୱାକଆଉଟ୍ (ଆଲୋଚନା ଛାଡ଼ି ଚାଲିଯିବା) ନେଇ ଅନୁମାନ କରାଯାଉଥିଲା, କିନ୍ତୁ ଏଭଳି କିଛି ଘଟିନାହିଁ। ତାଙ୍କ କହିବା ଅନୁଯାୟୀ, ଆଲୋଚନା ରାତି ଗୋଟାଏ ପରେ ମଧ୍ୟ ଚାଲିଥିଲା ଏବଂ ଦୁଇ ଦେଶର ବୈଷୟିକ (ଟେକ୍ନିକାଲ୍) ଟିମ୍ ଏବେ ବି ବୁର୍ଗେନଷ୍ଟକଠାରେ ଉପସ୍ଥିତ ଅଛନ୍ତି।

ଅନ୍ୟ ଏକ ରିପୋର୍ଟ ଅନୁସାରେ ହର୍ମୁଜ ପ୍ରଣାଳୀ ଦେଇ ଏବେ ଜାହାଜଗୁଡ଼ିକର ସଂଖ୍ୟା ଧୀରେ ଧୀରେ ବଢ଼ିବାରେ ଲାଗିଛି। ଏସବୁ ଜାହାଜଗୁଡ଼ିକ ଏଲ୍‌ପିଜି ସହ ଅଶୋଧିତ ତୈଳ ବୋଝେଇ କଣ୍ଟେନର ରହିଛି। କିଛି ବଡ଼ ଟ୍ୟାଙ୍କର ଏହି ରାସ୍ତା ଦେଇ ଅତିକ୍ରମ କରିସାରିଛନ୍ତି, କିନ୍ତୁ ଜାହାଜଗୁଡ଼ିକର ସଂଖ୍ୟା ଏବେ ବି ଯୁଦ୍ଧ ପୂର୍ବ ସ୍ଥିତି ତୁଳନାରେ ଯଥେଷ୍ଟ କମ୍ ରହିଛି। ସିପ୍ ଟ୍ରାକିଂ ତଥ୍ୟ ଅନୁଯାୟୀ, ପ୍ରାୟ ୨୦ ଲକ୍ଷ ବ୍ୟାରେଲ୍ ତେଲ ନେଇ ଦୁଇଟି ବଡ଼ ଜାହାଜ ହର୍ମୁଜ ପ୍ରଣାଳୀ ପାର କରିସାରିଛନ୍ତି। ଏହା ବ୍ୟତୀତ ଆଉ ଦୁଇଟି ସୁପରଟ୍ୟାଙ୍କର ମଧ୍ୟ ଉପସାଗରୀୟ ଅଞ୍ଚଳରେ ପହଞ୍ଚିଛନ୍ତି। ତେବେ ଏହାରି ମଧ୍ୟରେ ଇରାନ କହିଛି ଯେ, ଆମେରିକା ସହ ଆଲୋଚନା ମଧ୍ୟରେ ବି ଏହାର ସେନା ଆଲର୍ଟ ମୋଡ୍‌ରେ ରହିଛି ଏବଂ ଯେକୌଣସି ସମ୍ଭାବ୍ୟ ବିପଦର ଜବାବ ଦେବା ପାଇଁ ପ୍ରସ୍ତୁତ ଅଛି। ଇରାନର କହିବା କଥା ଯେ ବିଗତ ଏକ ବର୍ଷ ମଧ୍ୟରେ ଶାନ୍ତି ଆଲୋଚନା ସମୟରେ ଆମେରିକା ଏବଂ ଇସ୍ରାଏଲ ଦୁଇଥର ତା' ଉପରେ ଆକ୍ରମଣ କରିସାରିଛନ୍ତି, ତେଣୁ ସେ ସେମାନଙ୍କୁ ସମ୍ପୂର୍ଣ୍ଣ ଭାବେ ବିଶ୍ୱାସ କରେନାହିଁ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra